ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଡିସେମ୍ବର ୨୦୨୨



ଓଡିଆ ସାହିତ୍ୟର ନବ ଦିଗନ୍ତ

Vol-1 • Issue-10 • December 2022 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୧ • ସଂଖ୍ୟା-୧୦ • ଡିସେମ୍ବର ୨୦୨୨ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

# ।। ସୂଚୀ ।।


ପାଠକଙ୍କ ମତାମତ : ୦୨
ପୁସ୍ତକ ପ୍ରକାଶନର ମହାତ୍ୱାକାଂକ୍ଷା (ସଂପାଦକୀୟ) ୦୩
ପ୍ରୟାସର ଅନ୍ୟ ନାମ ପ୍ରବନ୍ଧ (ପ୍ରବନ୍ଧ): ବୈଷ୍ଣବ ଚରଣ ମହାନ୍ତି ୦୫
ସୁନାଚୁଡ଼ି (ଗଳ୍ପ) : ହରେକୃଷ୍ଣ ସାହୁ ୧୦
ଗାଣିତିକ ଜଗନ୍ନାଥ (କବିତା) : ପଦ୍ମନାଭ ମିଶ୍ର ୧୪
ସାହିତ୍ୟ ପୁରସ୍କାରରେ ମାଫିଆଗିରି (ପ୍ରବନ୍ଧ) : ସୌମେନ୍ଦ୍ର ଜେନା ୧୫
ନିଖିଳ ଉତ୍କଳ ହାତୀମେଳା (ରମ୍ୟରଚନା) : ଡ. କୁଳାଙ୍ଗାର ୨୦
ମୋର ପ୍ରଥମ ସିନେମା ଦେଖା (ଅନୁଭୂତି) : ଆନଂଦ ଚଂଦ୍ର ପହି ୨୪
ଆଶା ଓ ଆଶଙ୍କା (ଗଳ୍ପ) : ମନୋଜ କୁମାର ଜେନା ୨୭
ଉତ୍ତରାଧୁନିକ ସଂସ୍କୃତ କବିତାରେ ଓଡ଼ିଶା (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ମିଶ୍ର ୩୦
ସହଯାତ୍ରୀ (ଅନୁବାଦ ଗଳ୍ପ) : କନକ ମଂଜରୀ ସାହୁ ୩୩
ପ୍ରବୀଣ କଥାକାର ତରୁଣକାନ୍ତି ମିଶ୍ରଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) ୩୬
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଲୋକଗୀତ (ପ୍ରବନ୍ଧ): ରାକେଶ କୁମାର ବିଶି ୪୦
ଓଡ଼ିଆ ବ୍ୟାକରଣରେ ବାକ୍ୟ ଚର୍ଚ୍ଚା (ପ୍ରବନ୍ଧ) : ବିଜୟଲକ୍ଷ୍ମୀ ମହାନ୍ତି ୪୫
ନିଆଁ (କବିତା): ନୀଳକଣ୍ଠ ସାହୁ ୪୯
ଚଗଲା ଜହ୍ନ (ଗଳ୍ପ) : ଆରାଧନା ମିଶ୍ର ୫୦
ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ' (ପ୍ରବନ୍ଧ) : ଅଶୋକ ପଣ୍ଡା ୫୨
ଘଣ୍ଟୁ ସାର୍‌ଙ୍କ ଜ୍ଞାନ ସଟର (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୫୬
ଉତ୍ତର ଓଡ଼ିଶାର ଆଦିବାସୀ ଗୀତରେ ପ୍ରକୃତି (ପ୍ରବନ୍ଧ):ବିମ୍ବାଧର ବେହେରା ୫୯
ଠୁସି ଚଢ଼େଇ ଓ ସ୍ଥଳପଦ୍ମ (ଶିଶୁ ଗଳ୍ପ): ରବୀନ୍ଦ୍ରନାଥ ମାଝୀ ୬୪
ବୋଉ ହଜିଲା ଓ ମିଳିଲା (ପୁସ୍ତକ ସମୀକ୍ଷା): ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ରତ୍ନୋଦଧି (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

ସାହିତ୍ୟ ଚର୍ଚ୍ଚା, ନଭେମ୍ବର ସଂଖ୍ୟାର ପ୍ରବନ୍ଧ ସବୁ ଗବେଷଣାମୂଳକ ତଥ୍ୟରେ ଭରପୁର।

ଆମ ସାହିତ୍ୟରେ ସିଦ୍ଧ ସାହିତ୍ୟ ତଥା ଚର୍ଯ୍ୟାଗୀତିଗୁଡିକର ଅପେକ୍ଷାକୃତ ସ୍ୱଳ୍ପ ଆଲୋଚନା ମିଳିଥାଏ। ଚର୍ଯ୍ୟାଗୀତିଗୁଡିକ ଆମ ଭାଷାର ମୂଳ ସ୍ରୋତ। ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ ସେ ସଂପର୍କରେ ଗଭୀର ଅନୁଶୀଳନ ପୂର୍ବକ ତାଙ୍କ ଲେଖାଟି ଉପସ୍ଥାପନ କରିଛନ୍ତି। ଏହା ଅତ୍ୟନ୍ତ ଉପଯୋଗୀ ତଥା ଶିକ୍ଷଣୀୟ। ସେହିଭଳି ଡ. ନିଖିଳାନନ୍ଦ ପାଣିଗ୍ରାହୀଙ୍କର 'ପ୍ରବନ୍ଧ' ସଂପର୍କରେ ଲେଖାଟି ଅତ୍ୟନ୍ତ ହୃଦୟସ୍ପର୍ଶୀ। ପ୍ରବନ୍ଧ ହେଉଛି ସାହିତ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଡ. ବାସୁଦେବ ଦାସଙ୍କ ପ୍ରବନ୍ଧଟି ମଧ୍ୟ ଏକ ଜଟିଳ ସାଂପ୍ରତିକ ସମସ୍ୟା ଆଧାରିତ ଓ ଆମର ସାଂସ୍କୃତିକ ତଥା ସାମାଜିକ ଅବକ୍ଷୟକୁ ଦର୍ଶାଇବା ସହ ସୁସ୍ଥ ସମାଜ ଗଠନ ପାଇଁ ଏକ ଚେତାବନୀ ସ୍ୱରୂପ।

**ପ୍ରବୀର କୁମାର ପଟ୍ଟନାୟକ**
prabir.k.pattnaik@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ସାହିତ୍ୟ ଚର୍ଚ୍ଚାର ନଭେମ୍ବର ୨୦୨୨ ସଂଖ୍ୟାଟି ପଢି ପ୍ରୀତ ହେଲି। 'ଜେଲର ସୁଖ' ଗପଟି କ୍ଷୁଦ୍ର, ଅର୍ଥ ବ୍ୟାପକ। ପ୍ଲଟ୍ ର ଗତି ଉତ୍କଣ୍ଠାମୟ। ଲେଖାର ଶୈଳୀ ବହୁତ ଭଲ ଲାଗିଲା। 'କବିଟିଏ ମରିଗଲା ପରେ', କବିତାଟି ସତ୍ୟ ଓ ଭାବମୟୀ ହୋଇଛି। ବର୍ଷୀୟାନ୍ ଲେଖକ ଶ୍ରୀ ଅଚ୍ୟୁତାନନ୍ଦ ପତିଙ୍କ ଲଳିତ ନିବନ୍ଧ, 'ହୁଁ ଏବଂ ମୁଁ' ଏକ ସଳିତା ପରି ଅନ୍ଧାର ଘରେ ଆଲୋକ ଦେଉଛି। 'ଗୋଟିଏ କୋଭିଡ ଭାଇରସର ଆତ୍ମକାହାଣୀ', ପଢିବାକୁ ଭଲ ଲାଗିଲା। ଏହା କିନ୍ତୁ ଗଳ୍ପ ନୁହେଁ, ରମ୍ୟ ରଚନା ଭଳି ଲାଗୁଛି।

**ସୁରେନ୍ଦ୍ର ନାଥ ମହାପାତ୍ର**
mahapatrasurendranath@gmail.com

ନଭେମ୍ବର ସଂଖ୍ୟାର ସମ୍ପାଦକୀୟ 'ନିଜ ପାଇଁ କବିତା' ସମୟୋପଯୋଗୀ। ନିଜ ଭାବାବେଗର ସ୍ୱତଃସ୍ଫୁର୍ତ୍ତ ଉଦବେଳନ ହେଲେ ହେଁ କବିତାର ଏକ ସାର୍ବଜନୀନ, ସର୍ବକାଳୀନ ଆବେଦନ ରହିଛି। ଚିନ୍ତକ, ସୁସାହିତ୍ୟିକ ହରପ୍ରସାଦ ଦାସଙ୍କ ସହ ଆଳାପରେ ଦୁଇଟି କଥା ପ୍ରଣିଧାନଯୋଗ୍ୟ - (୧) ମଣିଷର ସବୁ ଦୁଃଖ, ଯାତନାର ମଲମ ବିଜ୍ଞାନ ପାଖେ ନୁହେଁ, କଳାର ହିଁ ଅଛି। ବିଜ୍ଞାନ ପାଦ ଦୁଇଟିକୁ ଚାଲିବା ଯୋଗ୍ୟ କରିପାରେ, ହେଲେ 'କଳା' ର ଅନ୍ତର୍ନିହିତ ଶକ୍ତି ଚାଲିବାର ପ୍ରେରଣା ଦିଏ।(୨) ଭାରତୀୟ ସଂସ୍କୃତିରେ ଦାମ୍ପତ୍ୟ ପ୍ରେମ ଅବ୍ୟକ୍ତ ଅଥଚ ଶାଶ୍ୱତ।

**ପ୍ରତାପ ନାୟକ**
pratap.kumar.nayak60@gmail.com

ନଭେମ୍ବର ୨୨ର 'ସାହିତ୍ୟ ଚର୍ଚ୍ଚା'ରେ ଶ୍ରୀଯୁକ୍ତ ଅଲେଖ ଚନ୍ଦ୍ର ପଡ଼ିଆରୀ ମହାଶୟଙ୍କ ପ୍ରାଚୀନ ଚର୍ଯ୍ୟାଗୀତର ଓଡ଼ିଆତ୍ୱ' ବିଷୟଟି ପ୍ରଣିଧାନଯୋଗ୍ୟ। ଏହା ଓଡ଼ିଆ ସାହିତ୍ୟ ଯେ କେତେ ପୁରାତନ ତାହା ସୂଚାଇ ଦିଏ। 'ହୁଁ ଏବଂ ମୁଁ' ଟି ପୁରାତନ ପିଢ଼ିର କଥା ବୁଢ଼ୀ ମା' କଥା କହୁଥିବା ବେଳେ ଆମେ ସବୁ ପାଖରେ ବସି ହୁଁ ମାରୁଥିବୁ, ସେଥିରୁ ତାର ଆଗ୍ରହ ବଢ଼େ। ବର୍ତ୍ତମାନ ସେ ଯୁଗ ନାହିଁ, ଯୌଥ ପରିବାର ଭାଙ୍ଗି ଦେଲା ଏ ବିଦେଶୀ ସଭ୍ୟତା। 'ଶାରଳା ଦାସଙ୍କ ନବଗୁଞ୍ଜର' ମନରେ ବହୁ ଆନନ୍ଦ ଦେଲା। ଏ ବିଷୟ ମୋ ଜ୍ଞାନର ବାହାରେ ଥିଲା। 'ମେକୁ' ଅନୁବାଦ ଗଳ୍ପଟି ମାତାଲ ଓ ମଦଭାଟିର ଲୋକଙ୍କ ପାଇଁ ଏକ ଚେତନା ନେଇଛି। ଯଦି ଲୋକ ଚେତିବେ ନିଶା ପ୍ରସାରଣ ହେବନି ଏବଂ ନିଶା ନିବାରଣର ଏହା ଉତ୍ତମ ପ୍ରଚେଷ୍ଟା ମାତ୍ର। ସରୋଜିନୀ ସାହୁଙ୍କର 'ସହାବସ୍ଥାନ' ଅତି ଉଚ୍ଚକୋଟୀର।

**ଆଦିତ୍ୟ ପ୍ରସାଦ ମହାପାତ୍ର**
aditya69@gmail.com

ସଂପାଦକୀୟ

# ପୁସ୍ତକ ପ୍ରକାଶନର ମହାତ୍ୱାକାଂକ୍ଷା

ଏହାକୁ ଯଥାର୍ଥରେ 'ମହାତ୍ୱାକାଂକ୍ଷା' ବୋଲି କହିହେବ କି ନାହିଁ ସେ ବିଷୟରେ ଆମର ସନ୍ଦେହ ଅଛି। ତେବେ ଇଂରାଜୀ ଭାଷାର 'ଭ୍ୟାନିଟି' ଶବ୍ଦଟିର ଅର୍ଥ ଏହାର ପାଖାପାଖି। ଏହି ଶବ୍ଦଟି ଆସିଛି ମୂଳ 'ଭେନ୍'ରୁ, ଯାହାର ଆକ୍ଷରିକ ଅର୍ଥ ହେଉଛି ବ୍ୟର୍ଥତା ବା ନୈରାଶ୍ୟ। ଆମ ପୁସ୍ତକ ପ୍ରକାଶନ ଶିଳ୍ପରେ ଏବେ ପ୍ରବଳ ମୁଣ୍ଡ ଟେକିଛି 'ଭ୍ୟାନିଟି ପବ୍ଲିସିଂ' ବା ମହାତ୍ୱାକାଂକ୍ଷା ଜନିତ ପ୍ରକାଶନର ଧାରା। ପ୍ରକାଶକମାନଙ୍କର ମହାତ୍ୱାକାଂକ୍ଷା ସହିତ ଏହାର କୌଣସି ସମ୍ପର୍କ ନାହିଁ, ବରଂ ଅଛି ତଥାକଥିତ ଲେଖକମାନଙ୍କର ନିରାଶାରୁ ଜାତ ମହାତ୍ୱାକାଂକ୍ଷା ସହିତ। ସିଧା ଭାଷାରେ କହିଲେ, ଏହା ଲେଖକମାନଙ୍କ ଦ୍ୱାରା କିଛି ନିର୍ଦ୍ଦିଷ୍ଟ ପ୍ରକାଶକଙ୍କୁ ଟଙ୍କା ଦେଇ ନିଜର ବହି ପ୍ରକାଶ କରାଇବାର କ୍ରିୟାଟିକୁ ବୁଝାଏ।




କିନ୍ତୁ ଭ୍ୟାନିଟି ପବ୍ଲିସିଂ ଏକ ଗର୍ହିତ କାର୍ଯ୍ୟ ନୁହେଁ। କେଉଁ କାଳରୁ ଏହା ପୁସ୍ତକ ପ୍ରକାଶନର ଅନ୍ୟତମ ସ୍ୱୀକୃତ ପନ୍ଥା ଭାବରେ ତିଷ୍ଠିଆସିଛି, କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ। ଅବଶ୍ୟ ଏହି ଧରଣର ପ୍ରକାଶନକୁ ସ୍ୱୟଂ-ପ୍ରକାଶନ ବା 'ସେଲ୍ଫ-ପବ୍ଲିସିଂ' ଭଳି ଏକ ଶିଷ୍ଟୋକ୍ତି (ଇଉଫେମିଜମ୍) ମାଧ୍ୟମରେ ଅଧିକ ଭାବରେ ବ୍ୟକ୍ତ କରାଯାଇଥାଏ। ଆମ ଦେଶରେ ଅନେକ ପ୍ରକାଶନ ସଂସ୍ଥା ଅଛନ୍ତି ଯେଉଁ ମାନେ ନିଜକୁ ସେଲ୍ଫ-ପବ୍ଲିସିଂ ସଂସ୍ଥା ଭାବରେ ଖୋଲାଖୋଲି ଘୋଷଣା କରନ୍ତି। ଅର୍ଥାତ୍ ସେମାନେ ସ୍ୱୀକାର କରନ୍ତି ଯେ ଲେଖକମାନଙ୍କଠାରୁ ପଇସା ନେଇ ସେମାନଙ୍କର ବହି ପ୍ରକାଶ କରିବା ହେଉଛି ସେମାନଙ୍କର ମୁଖ୍ୟ ବ୍ୟବସାୟ। ବଡ ବଡ଼ ଓ ସମ୍ଭ୍ରାନ୍ତ ପ୍ରକାଶକମାନଙ୍କ ଦ୍ୱାରା ଅବହେଳିତ ହୋଇ ନୈରାଶ୍ୟରେ ଜର୍ଜରିତ, ଅଥଚ ଏଥି ଉଦ୍ଦେଶ୍ୟରେ କିଛି ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ଲେଖକମାନଙ୍କ ପାଇଁ ଏମାନେ ଏକ ଆଶା-ବାଡି ଭଳି କାର୍ଯ୍ୟ କରନ୍ତି। ତେବେ ଏହି ଧାରାର ଦୋଷଯୁକ୍ତ ଦିଗଟି ହେଲା ଯେ ଏହିଭଳି ପ୍ରକାଶକମାନେ ବହିଟିଏ ଛପାଇବା ପୂର୍ବରୁ ତାହାର ମାନ ନିର୍ଦ୍ଧାରଣ କରିନଥା'ନ୍ତି।

ଏବେ ଆସିବା ଏହି ପ୍ରସଙ୍ଗରେ ଆମ ଓଡିଶାର ପରିଦୃଶ୍ୟକୁ। ଉପରକୁ ସିନା କିଛି ଦିଶେନାହିଁ, କିନ୍ତୁ ତଳେଇକରି ଦେଖିଲେ, ଏହା ଆମ ରାଜ୍ୟରେ ଏବେ ବ୍ୟାପିରହିଛି ମାଳ ମାଳ। ଆମେ ପୂର୍ବରୁ କହିଛୁ, ଏଥିରେ ଗର୍ହିତ ବୋଲି କିଛି ନାହିଁ। କିନ୍ତୁ ସମସ୍ୟାଟି ହେଲା ଯେ ଓଡିଶାର ସେଲ୍ଫ-ପବ୍ଲିସିଂ କର୍ମରେ ଲିପ୍ତ ଥିବା ପ୍ରକାଶକମାନେ ଏହା ଖୋଲାଖୋଲି ଘୋଷଣା ବା ସ୍ୱୀକାର କରନ୍ତିନାହିଁ। ଭାରତରେ ଏହି ଧରଣର ପୁସ୍ତକ ପ୍ରକାଶନର ଜନକ ବୋଲି ସ୍ୱୀକୃତ କଲିକତାର ପ୍ରଫେସର ପି ଲାଲ ନିଜକୁ 'ସେଲ୍ଫ-ପବ୍ଲିସର୍ସ' ବୋଲି ଖୋଲାଖୋଲି ଘୋଷଣା କରୁଥିଲେ। 'ପେନଗୁଇନ୍' ଭଳି ଲଣ୍ଡନର ସ୍ୱନାମଧନ୍ୟ ପ୍ରକାଶନ ସଂସ୍ଥା ମଧ୍ୟ ଏଭଳି ଏକ ନିରୁତା ବ୍ୟାବସାୟିକ ପ୍ରକାଶନର ପନ୍ଥା ଆଦରି ନେଇଛି; କିନ୍ତୁ ଲୁଚାଛପାରେ ନୁହେଁ, ବରଂ 'ବୁକ୍ କଣ୍ଟ୍ରି' ନାମରେ ନିଜର ଏକ ନୂତନ ସବ୍‌ସିଡିଆରି ଗଠନ କରି। ଆମେ ମଧ୍ୟ ଓଡ଼ିଶାର ଜଣେ ବିଶିଷ୍ଟ ପ୍ରକାଶକଙ୍କୁ ଜାଣୁ, ଯେ ନିଜର ସ୍ୱନାମଧନ୍ୟ ପ୍ରକାଶନ ସଂସ୍ଥାର ବ୍ୟାନରରେ ଏଭଳି ଲେଖକମାନଙ୍କର ସ୍ୱବିତ୍ତପୋଷିତ ବହିମାନ ନ ଛାପି ସେଥିପାଇଁ ଅଲଗା ସଂସ୍ଥାଟିଏ ଗଢ଼ିଛନ୍ତି। ଏହା ଏକ ସଚ୍ଚୋଟ ପନ୍ଥା, କାରଣ ଏପରି ସ୍ଥଳେ ପ୍ରକାଶନ ସଂସ୍ଥାର ନାମରୁ ହିଁ ପୁସ୍ତକର ଗ୍ରାହକ ବା ପାଠକମାନେ ଜାଣିପାରିଥା'ନ୍ତି ଯେ ସେମାନେ କିଣୁଥିବା ପୁସ୍ତକଟି ନିଜର ପ୍ରକୃତ ମାନର ଆଧାରରେ ପ୍ରକାଶିତ ହୋଇଛି ନା ସଂପୃକ୍ତ ଲେଖକଙ୍କ ଅର୍ଥ ବ୍ୟୟ କରିବାର କ୍ଷମତା ଆଧାରରେ।

ଆମ ଭାଷାର ପ୍ରକାଶନ ଶିଳ୍ପରେ ଏଭଳି ପାରଦର୍ଶିତା କେବେ ଆସିବ, ଦେଖିବାକୁ ବାକି ରହିଲା।

*- ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ମହାପାତ୍ର




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# ପ୍ରୟାସର ଅନ୍ୟ ନାମ ପ୍ରବନ୍ଧ



ବୈଷ୍ଣବ ଚରଣ ମହାନ୍ତି

ପ୍ରୟାସରୁ ପ୍ରବନ୍ଧର ଜନ୍ମ। ଆମେ ଏହାକୁ ବର୍ତ୍ତମାନ ଓଡ଼ିଆରେ 'ପ୍ରବନ୍ଧ' କହୁଛୁ, ଯାହାକୁ ଇଙ୍ଗ୍ରାଜିରେ କହୁଛୁ 'ଏସେ'(Essay)। ଏହି ଶବ୍ଦଟା ମୂଳ ଫରାସୀ ଶବ୍ଦ 'ଏସାଇ' (Essai) ରୁ ଆସିଛି। Essai ଶବ୍ଦର ଇଙ୍ଗ୍ରାଜି ଅର୍ଥ 'ଆନ୍ ଆଟେମ୍ପଟ୍'(an attempt) ଏବଂ ଓଡ଼ିଆରେ ଆମେ ତାକୁ 'ପ୍ରୟାସ' ବୋଲି କହିପାରିବା। ୧୫୮୦ ମସିହାର କଥା; ପୁସ୍ତକଟିଏ ପ୍ରକାଶ ପାଇଥିଲା ଫରାସୀ ଭାଷାରେ। ପୁସ୍ତକର ନାଆଁ ଥିଲା 'ଏସାଇ' (Essai), ଆଉ ତାକୁ ଲେଖିଥିଲେ ମାଇକେଲ ସିଉର୍ ଦା ମଣ୍ଟିଆନ୍ ନାମକ ଜଣେ ଫରାସୀ ଭଦ୍ରଲୋକ। ନିଜ ପଲ୍ଲୀ ଅବସ୍ଥାନ ଅବକାଶରେ ଆପଣାର ଚିନ୍ତା ଆଉ ଭାବନାଗୁଡ଼ାକୁ ସେ ଲିପିବଦ୍ଧ କରିଥିଲେ; ତା' ସାଙ୍ଗକୁ ନିଜର କିଛି ମତ ଓ ମନ୍ତବ୍ୟ ସେଥିରେ ଯୋଡ଼ିବାକୁ ପ୍ରୟାସ(Essai) କରିଥିଲେ। ତାଙ୍କର ସେଇ 'ପ୍ରୟାସ'ସବୁର ସଂକଳିତ ରୂପ ଥିଲା ସେଇ ପୁସ୍ତକ ଏବଂ ସେଇଥିପାଇଁ ସେ ପୁସ୍ତକର ନାଆଁ ରଖିଥିଲେ 'ଏସାଇସ୍' (Essais)।

> **ବର୍ତ୍ତମାନ ସେମିତି ପ୍ରକାରର ପ୍ରୟାସ ଅଛି କି ଆମ ସାହିତ୍ୟ-ଶାର୍ଦ୍ଦୁଳମାନଙ୍କର ? ଚିନ୍ତା କରିବାକୁ ଆବେଗ, ଆଗ୍ରହ ଅଛି କି ? ଆନ୍ତରିକତା ଅଛି କି ପ୍ରବନ୍ଧ ପ୍ରତି ?**


ଏଣୁ ଏମନ୍ତ ପ୍ରକାରେ ଆଜିକୁ ୪୪୨ ବର୍ଷ ତଳେ ପ୍ରୟାସ(Essai)ରୁ ପ୍ରବନ୍ଧ(Essay) ଜନ୍ମ ଲଭିଥିଲା। ବର୍ତ୍ତମାନ ସେମିତି ପ୍ରକାରର ପ୍ରୟାସ ଅଛି କି ଆମ ସାହିତ୍ୟସାର୍ଦ୍ଦୁଳମାନଙ୍କର ? ଚିନ୍ତା କରିବାକୁ ଆବେଗ, ଆଗ୍ରହ ଅଛି କି ? ଆନ୍ତରିକତା ଅଛି କି ପ୍ରବନ୍ଧ ପ୍ରତି ? ପ୍ରବନ୍ଧ ଉପରେ, ଏମିତି କି ଆପଣାର ଅଭିରୁଚି ଆଉ ଅନୁଭବ ଉପରେ ମତ ଓ ମନ୍ତବ୍ୟ ଦେବାକୁ ସାହସ ଓ ସାମର୍ଥ୍ୟ ଅଛି କି? ଖାସ୍ ଏଇଥିପାଇଁ, ଏଇସବୁ କାରଣରୁ ସାମ୍ପ୍ରତିକ ସାହିତ୍ୟ ସାହିର ପ୍ରବନ୍ଧ ପାଟଣାଗୁଡ଼ାକ ବେଛପରି, ବେଦସ୍ତରି, ବେନାସ୍ତି। ସାହିତ୍ୟ ସାହିର ପ୍ରବନ୍ଧ ପାଟକମାନଙ୍କ ଖଞ୍ଜାଘରଗୁଡ଼ାକ ଆଜି ପରିତ୍ୟକ୍ତ। ପ୍ରବନ୍ଧଘରର ଛପର ଉଡ଼ିଗଲାଣି, ରୁଅ ଦଲମଗୁଡ଼ାକ ଖସିପଡ଼ିଲାଣି, କାନ୍ଥଗୁଡ଼ାକ ଭୁଶୁଡ଼ି ପଡ଼ିଲାଣି। ପ୍ରବନ୍ଧ ଡିହରେ ଏବେ ବାଇଗଣ ରୁଆ ହେଲାଣି, ବିଲୁଆ ଡେଇଁଲେଣି।

**ଜରାଗ୍ରସ୍ତ ପ୍ରବନ୍ଧ**

ଆଜିକାଲି ଆମ ଓଡ଼ିଶାରେ ସାହିତ୍ୟିକ ଓ ସାହିତ୍ୟ ପତ୍ରିକାମାନଙ୍କ ସଂଖ୍ୟାବୃଦ୍ଧି ଆମ ପାଇଁ ଅବଶ୍ୟ ଏକ ବଡ଼ ସାରସ୍ୱତ ସୁଖ, ସୌଭାଗ୍ୟ, ସାନ୍ତ୍ୱନା ଆଉ ସୂଚନାର କଥା। ଆମ ପତ୍ରିକାମାନେ ମାସିକିଆ ମନ୍ଦୋଦରୀ ହୋଇ ଆସିବାକୁ କଥାଦେଇ ଯଦିଓ ବର୍ଷକିଆ ବୃକୋଦରୀ ହୋଇ କେବଳ ପୂଜା ବଜାରକୁ ବୁଲିଆସୁଛନ୍ତି, ତଥାପି ଅଧିକାଂଶ ଓଡ଼ିଆ ପତ୍ରିକାର ଶ୍ରୀ, ସମ୍ଭାର, ସ୍ୱାସ୍ଥ୍ୟ ଆଉ ସାମ୍ରାଜ୍ୟ ଦେଖିଲେ ମନରେ ଗର୍ବ ଆସେ। ବର୍ତ୍ତମାନ ଆମ ଓଡ଼ିଆ ପତ୍ରିକାର ପୃଷ୍ଠାରେ ପୃଷ୍ଠାରେ ଆଧୁନିକ କବିତାମାନଙ୍କ ଛଟକ, ଗପମାନଙ୍କ ଜମକ, ନାଟକମାନଙ୍କର ନବଜ ପାଠକମାନଙ୍କୁ ପୁଲକିତ କରୁଛି। ଆଜିକାଲି ପତ୍ରିକାର ପାଟ ଅଗଣାମାନଙ୍କରେ କିନ୍ତୁ ପ୍ରବନ୍ଧ ହେଉଛି ସଂଖ୍ୟାଲଘୁ ସମ୍ପ୍ରଦାୟର। ପ୍ରବନ୍ଧ ଆଜି ପ୍ରକୃତରେ ଅବହେଳିତ, ଅନାହାରପୀଡ଼ିତ, ଅକାଳ ଜରାଗ୍ରସ୍ତ ବୃଦ୍ଧ। ଏ ପ୍ରସଙ୍ଗରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ-

"କବିମାନେ ତ ଘରେ ପଶୁପଶୁ ନିଃସଙ୍ଗ ଅନୁଭବ କଲେଣି, ଛାନିଆ ହେଲେଣି। ଆମ ଗଳ୍ପ ଲେଖକ ଓ ଉପନ୍ୟାସକାରମାନେ ବି ସତେଅବା ପିଲାଙ୍କ ପରି ସେହି ପୁରୁଣା କୁଲେଇଗୁଡ଼ାକୁ ଧରି ଖେଳିବାରେ ଲାଗିଛନ୍ତି। ମିଛିମିଛିକା ପିଲା ହେବାଟାକୁ ହିଁ ଅନେକ ପରୀକ୍ଷା ଓ ନିରୀକ୍ଷା ବୋଲି କହୁଛନ୍ତି। ନାଟକମାନେ ବି କୋଉଠି କୋଉ

ଚମ୍ପାଫୁଲଟାଏ ଶୁଙ୍ଘି ଆସିଥିବା ପରି, କବିବରଙ୍କ କାବ୍ୟଗୁଡ଼ାକ ପରି ଆଉ ଜଙ୍ଗଲମାନଙ୍କରେ ପାରିଧି କରି ପଳାଇଲେଣି। ଶବ୍ଦସଂଳାପ, ରଙ୍ଗମଞ୍ଚ ଓ ଆଉ ବାହାରିଆ କେତେଟା ଠାଣି ବଦଳାଇଦେଲେ ନାଟକଟା ଅଲବତ ବଦଳି ଯିବ ବୋଲି କେଡ଼େ ଦମ୍ଭରେ କହୁଛନ୍ତି। ଏହି ସବୁକିଛିକୁ ସେମାନଙ୍କ ପ୍ରସ୍ଥଗୁଡ଼ିକ ସହିତ ପରିଚିତ କରାଇଦେବା ପାଇଁ ଆମ ସମୀକ୍ଷାରେ ଯଥେଷ୍ଟ ବଳ ରହିଥିବା ଦରକାର। ଆମ କବିମାନେ ଓ ଗଳ୍ପକାରମାନେ କେଡ଼େ ଆତ୍ମସନ୍ତୋଷର ସହିତ କହି ପକାଉଛନ୍ତି ଯେ, ସେମାନେ ବହୁତ ଉନ୍ନତି କଲେଣି, ବଜାରରେ ପ୍ରତିଯୋଗୀମାନଙ୍କ ତୁଳନାରେ ସମକକ୍ଷ ଓ ବେଳେବେଳେ ଅଧିକ ଦକ୍ଷ ହୋଇ ଦେଖାଗଲେଣି ଏବଂ ସେମାନଙ୍କର ଭାରି ଦୁଃଖ ଯେ ପ୍ରବନ୍ଧ ନାମକ ସେମାନଙ୍କ ଧଡ଼ିଆ ସାନଭାଇଟି ସେମାନଙ୍କ ସହିତ ପାଦକୁ ପାଦ ମିଳାଇ ମୋଟେ ଆସିପାରୁନାହିଁ। ଯୋଉଠି ସମୀକ୍ଷା ଓ ପ୍ରବନ୍ଧ ନଥାଏ ଅଥଚ କବିତା, ଗଳ୍ପ ଉପନ୍ୟାସମାନେ ସାଆନ୍ତମାନଙ୍କ ପରି ଦାଣ୍ଡଯାକର କୁଟାକୁ ଭର୍ତ୍ତି କରି ରଖିଥାନ୍ତି, ସେଠି ନିଶ୍ଚୟ କୋଉଠି କ'ଣ ଅସୁସ୍ଥତା ଅବଶ୍ୟ ରହିଛି ବୋଲି ଖୁବ୍ ସନ୍ଦେହ କରାଯାଇ ପାରିବ। ସେତେବେଳେ ପ୍ରବନ୍ଧ ଓ ସମୀକ୍ଷା ନେଉଳଭାଇଟି ପରି ଚାଲିଥାଉ ବୋଲି ବିଧାତା ଆଦେଶ ଦିଅନ୍ତି ଏବଂ ତାହାରି ଦ୍ୱାରା ହିଁ ପରିତ୍ରାଣ ମିଳେ, ବ୍ୟାଧି ଦୂର ହୁଏ।" ("ପ୍ରବନ୍ଧର ପିତାମାତା"- ଝଙ୍କାର, ଶାରଦୀୟ ସଂଖ୍ୟା, ୧୯୯୭)।



## ମାଳମାଳ ବହି

ବ୍ୟାଧି ଦୂର ହେବ କ'ଣ, ବ୍ୟାଧି ବଢୁଛି ଦିନକୁ ଦିନ; ୧୫ ନଭେମ୍ବର,୨୦୨୨,ଫେସ୍‌ବୁକ୍‌ରେ ସାହିତ୍ୟିକ ନାରୁମହାନ୍ତି ଲେଖିଛନ୍ତି ପରା- "ଗୁଡ଼ାଏ ଆବୁରୁଜାବୁରୁ ଲେଖି କେହି ସାହିତ୍ୟିକ ହୁଏନାହିଁ। ସେମାନଙ୍କୁ କୁହାଯାଏ 'ଚଷ୍ଟୁକୁଟା ସାହିତ୍ୟିକ' - କୁଟନ୍ତି, କୁଟି ଚାଲୁଥାନ୍ତି। ଆରମ୍ଭରୁ ଯାହା, ଶେଷରେ ସେଇଆ- ଚଷ୍ଟୁ।

କ'ଣ ହବ ମାଳମାଳ ବହି ଛପେଇ ଗଦେଇ ରଖିଲେ? ଚଷ୍ଟୁ ତ !"

ଓଡ଼ିଆ ସାହିତ୍ୟର ଏଇ ବର୍ଷୀୟାନ୍ ସ୍ପଷ୍ଟବାଦୀ ସାହିତ୍ୟିକ ଯାହା କହିଲେ- 'ମାଳମାଳ ବହି ଛପେଇବା କଥା', ତାହା ଠିକ୍; ସତରେ ମାଳମାଳ ବହି ଛପାଯାଉଛି ଆଜିକାଲି। କିନ୍ତୁ 'ଗଦେଇ ରଖିବା କଥାଟା' ଯାହା କହିଲେ ତାହା ଠିକ୍ ନୁହେଁ। ବୟସାଧିକ୍ୟ ଯୋଗୁଁ ସେ ହୁଏତ ସାମ୍ପ୍ରତିକ ପ୍ରଦୂଷିତ ପୁସ୍ତକ ପ୍ରକାଶନପରମ୍ପରାର ପାଲ ଭିତରେ ପଶିନାହାନ୍ତି। ତାଙ୍କ ବେଳେ ପ୍ରକାଶକଙ୍କ ପାଖରୁ ଲେଖକ ରୟାଲିଟି ପାଉଥିଲେ, ଏବେ ପରା ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା; ଓଲଟି ବହି ଛପା ହେବା ପୂର୍ବରୁ ଲେଖକ 'ଫୟାଲିଟି' ଗଣୁଛନ୍ତି ପ୍ରକାଶକଙ୍କୁ। ଚଷ୍ଟୁ କୁଟିବା ପାଇଁ ଢିଙ୍କିଟାମାନ ପକେଇ ବହୁ ଢିଙ୍କିଶାଳିଆ ପ୍ରକାଶକ ପୁସ୍ତକ କରିବା ପାଇଁ କୁଲା, ମୁଣ୍ଡିଛାଞ୍ଚୁଣି ଧରି ଉରାଣ୍ଡି ମେଲେଇ ବସିଛନ୍ତି। ତାଙ୍କର ଘୁମ କାହିଁ ଯେ ଚାଉଳ ରଖିବା ପାଇଁ? ଭାତଠାରୁ ତ ଲୋକେ ଆଜିକାଲି ବେଶି ରୁଟି, ପିଜା, ବର୍ଗର, ଚାଉମିନ୍ ଖାଇଲେଣି। ଅଛାଡ଼ି ପାଛୁଡ଼ି କୁଲାରେ କୁଲାଏ ଚଷ୍ଟୁ ହେଲେ କୁଆଡ଼େ କ'ଣ! ସେଥିପାଇଁ ଆଜିକାଲି କେତେ ସଂଖ୍ୟାରେ ଛପା ହେଉଛି ଯେ ବହି ଗଦା ହେବ? ସାହିତ୍ୟିକର ପରିଚିତି ପାଇଁ ପ୍ରୟୋଜନ ପ୍ରକାଶିତ ପୁସ୍ତକ ଏବଂ ଯୋଉ ପୁଳାଏ ପଇସା ଲୋଡ଼ା ପ୍ରକାଶନ ପାଇଁ ତା'ର ଅଭାବ ନାହିଁ ପରିଚିତିପ୍ରୟାସୀ ବାବୁ ଓ ବାବୁଆଣୀମାନଙ୍କ ପାଖରେ। ସେମାନେ ଲେଖୁଛନ୍ତି କବିତା, ଆଧୁନିକ ଅବୋଧ ଗଦ୍ୟକବିତା। ଏହା ସେମାନଙ୍କ ପାଇଁ ସହଜ ସାଧନ ପାଲଟିଛି। ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ 'ଶେଷ କବିତା'ର 'ଧୋବା ହିସାବ' କବିତା ଭଳି ତାଳିର ତୋଫାନ ସମନ୍ୱିତ ଆବୃତ୍ତି ଓ ସମାଲୋଚନା ଭିତରେ ଏପରି 'ଧୋବା ହିସାବ'ଜାତୀୟ କବିତା ପାଣିଚିଆ ପ୍ରଶଂସାରେ ପଚପଚ ହେଇଉଠୁଛି।

'କହିକମଳୀ ମାଲିଆଣୀ କବିତା' କିନ୍ତୁ ଆଜିକାଲି ଆଛା ଆଛା ଅସୂର୍ଯ୍ୟଂପଶ୍ୟ ଅମଲା ଅଧିକାରୀଙ୍କୁ କୁଆଡ଼େ କାନିରେ ବାନ୍ଧି ବୁଲୁଛି। ଆପଣା ପ୍ରେମପାଲରେ ପଟେଇ ରଖିଛି ବହୁ ପ୍ରଶାସନିକ ପ୍ରାଧିକାରୀଙ୍କୁ, ବହୁ ପାଟଅମଲାଙ୍କୁ, ସରକାରୀ ସାର୍ଦ୍ଦୁଳଙ୍କୁ, ନଥିପତିଙ୍କୁ, ଧଳାହାତୀଙ୍କୁ। ଏହୁଁଏହୁଁ ଦପ୍ତରଚର

ଭେଣ୍ଡାଙ୍କୁ ମନ୍ଥୁରା ଫୁଲ ଶୁଙ୍ଘେଇ ମେଣ୍ଢା କରି ବାନ୍ଧି ରଖିଛି ଆପଣା ବାରିପିଣ୍ଡା ଖୁଣ୍ଟରେ। ଆଜିକାଲି ସାହିତ୍ୟ ସୀମାନ୍ତରେ ଯେତେ ସବୁ ମାଇଲି ଖୁଣ୍ଟ, କିଲୋମିଟର ଖୁଣ୍ଟ ପୋତାହେଉଛି, ଏଇ ମେଣ୍ଢାମାନେ କୁଆଡ଼େ ରାତିରେ ଭେଣ୍ଡା ହେଇ ଅଧିକାଂଶ ଖୁଣ୍ଟ ପୋତୁଛନ୍ତି। ପୁରସ୍କାରର ପାଟକନା ଓ ପେଡ଼ିସଜଗୁଡ଼ାକୁ ଏମାନେ କୁଆଡ଼େ କୋଉ ଖଞ୍ଜାରେ ଉଠେଇ ଆଣି କବିତାର କଣଘର ସିନ୍ଦୁକରେ ସାଇତି ଦଉଛନ୍ତି। କବିତାର କଣ ଆଉ କନ୍ଦିଘରମାନଙ୍କରେ କବିମାନେ ବଡ଼ ସରାଗରେ କବିତାକୁ କୁଣ୍ଢଉଛନ୍ତି। କୋଳରେ ବସେଇ ଥେଇକି ନାଟ କରୁଛନ୍ତି। କେତେ ରଙ୍ଗରେ କୁତୁକୁତୁ କରୁଛନ୍ତି। ପଦକୁ ପଦ ଲହରେଇ ଦୋହରେଇ କଅଁଳେଇ କୁହାଟୁଛନ୍ତି। ଅତି ଅଲିଅଳରେ କବିତାକୁ ଆଉଁଶୁଛନ୍ତି। ଘଷାମୋଡ଼ା କରୁଛନ୍ତି। କବିତା କନ୍ଦିରୁ ଯାଇ ସାହିତ୍ୟ ସନ୍ଧିରେ ପଶୁଛନ୍ତି। ସାହିତ୍ୟ ସନ୍ଧିମାନ କରୁଛନ୍ତି। କିନ୍ତୁ ପ୍ରବନ୍ଧ ପଡ଼ିରହୁଛି ଅପୁଛା ଆଲୋଡ଼ା ହେଇ, ଅଲେଖା ଅପଢ଼ା ହେଇ। କବିତା ପାଇଁ କୋଠା ଓ କୋଠରିମାନ ନିର୍ମାଣିସାରି ଏମାନେ କୁଆଡ଼େ ଏବେ କୋଣାର୍କଟାଏ ନିର୍ମାଣୁଛନ୍ତି। ଆହା! ଏମାନେ ବିଚରା ପ୍ରବନ୍ଧ ପାଇଁ କୋଉଦିନ ଇନ୍ଦିରା ଆବାସଟାଏ କରେଇ ଦିଅନ୍ତେନି? କେଜାଣି, କୋଉଦିନ ମା' ସରସ୍ୱତୀ ଯା'ଙ୍କ କଣ୍ଠରେ ବିଜେ ହଉଛନ୍ତି ଦେଖାଯାଉ।

> **କବିତା ପାଇଁ ଏମାନେ କୁଆଡ଼େ ଏବେ କୋଣାର୍କଟାଏ ନିର୍ମାଣୁଛନ୍ତି। ଆହା! ଏମାନେ ବିଚରା ପ୍ରବନ୍ଧ ପାଇଁ କୋଉଦିନ ଇନ୍ଦିରା ଆବାସଟାଏ କରେଇ ଦିଅନ୍ତେନି?**

### କବିତା ବିହନରେ ଗଜା

କବିତା କେହି ଲେଖି ଶିଖାଏ ନାହିଁ। କୌଣସି ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ 'କବିତା ଲିଖନ' ବୋଲି ଏକ ବିଷୟ ନାହିଁ। ତେବେ ଓଳିଆ ଫିଟେଇଲା ବେଳକୁ କବିତା ବିହନରେ ଏତେ ଗଜା କୋଉଠୁ ଆସୁଛି? କେତେକ ଅନୁଭବୀ କହନ୍ତି, କୌଣସି ସୁନ୍ଦରୀକି ଦେଖି ଛାତିରେ ଯନ୍ତ୍ରଣା ହେଲେ କୁଆଡ଼େ କବିତା ବିନା ଜଳ, ବାୟୁ ଓ ଉତ୍ତାପରେ ସୁଦ୍ଧା ଓଳିଆ ଫୁଟେଇ ଗଜୁରି ଉଠେ। ଆଉ କେତେକ କହନ୍ତି, କବିତା କୁଆଡ଼େ ହୃଦୟରୁ ସ୍ଫୁରେ, ବେଳେବେଳେ ତଳମୁହାଁ ହେଇ ଭିଡ଼େଇଦେଲେ କବିତା କୁଆଡେ ନାହିମୁଣ୍ଡାରୁ ବି ଉଠେ।"('ପାଠକପ୍ରିୟ ପ୍ରବନ୍ଧ'- 'ବିଧବା ବେଶ ବିରୋଧରେ' ପୁସ୍ତକ)

ପୁସ୍ତକ ପ୍ରକାଶନର ପାଟଅଗଣାରେ ପଇସା ଦେଇ ପୁସ୍ତକ ପ୍ରକାଶ କରିବାର ପ୍ରଦୂଷିତ ପରମ୍ପରା ପ୍ରଥମେ ପୂରେଇଛନ୍ତି କିଛି ପାଟଅମଲା, କିଛି ଅତିବଡ଼ୀ ସରାକାରୀ ଦାସ, କିଛି ଅମଲା କୁଳଚନ୍ଦ୍ରମା, ଦପ୍ତରଚର ମହାବଳ। ଏମାନେ ହାତରୁ ପଇସା ଦିଅନ୍ତିନି; କେହି ଅନୁଗୃହୀତଙ୍କ ମାଧ୍ୟମରେ ଏମାନେ ପ୍ରକାଶକାୟ ସ୍ୱାହା କରନ୍ତି। ମହାବଳୋ ଯେନ ଗତଃ ସଃ ପନ୍ଥା ନ୍ୟାୟରେ ମାଧ ମାହାନ୍ତିଙ୍କ କନିଆ ସାଙ୍ଗେ ଚନ୍ଦୁରୀ ନାନୀ ବାଇ, ସେ ସୁନା ଗଡୁ ଧରି ଗଲେ, ଏ ମାଟି ଗଡୁ ଧରି ଯାଇ। 'ଦେବ, ଦିଆଇବ'ର ଦଇଟା କଥାରୁ ମାଧମାହାନ୍ତିଙ୍କ କନିଆମାନେ ଦିଆଉଥିବା ବେଳେ ଚନ୍ଦୁରୀନାନୀମାନେ ଦିଅନ୍ତି, ଦେଇକି ବହି ଛପେଇ ନିଜକୁ ସାହିତ୍ୟିକା ବୋଲାନ୍ତି।

ଅତିବଡ଼ୀ ସରକାରୀ ଦାସମାନେ ଭଲଭାବେ ଜାଣନ୍ତି ତାଙ୍କ ବେକରୁ ସରକାରୀ ପଦପଦବୀର ଘଣ୍ଟିଘାଗୁଡ଼ି କାଢ଼ି ଥୋଇଦେଇ ଉପାଧି ଆଧିପତ୍ୟର ଅଗଣାରୁ ଅବସର ନେଲେ, ଏମାନଙ୍କୁ କେହି ଆଉ ବାସି ମୁହଁରେ ବି ପଚାରିବେ ନାହିଁ। ନଖ ଦାନ୍ତ ଝଡିଯାଇଥିବା ସର୍କସର ବୁଢ଼ାବାଘକୁ ଖୁଆଡ଼ ଭିତରୁ ଖାମିଦ ବାହାର କରିଦେଲେ କଇଁଥା ବାଇଗଣ ଭଳି ଦିଶୁଥିବା ଚମଛଡ଼ା ଧେଡ଼ିଙ୍ଗୀ କୁତ୍ତୀ ବି ତାକୁ ଭାଉଭାଉ ହେଇ ଗୋଡ଼େଇ ଗୋଡ଼େଇ ତଡ଼ିବ। ସେଥିପାଇଁ 'ବେଳ ଥାଉଁ ବନ୍ଧ ବାନ୍ଧରେ କୁମର' ନ୍ୟାୟରେ ଏଇ ନଥିଚାଷୀମାନେ ସାହିତ୍ୟଚାଷୀ ବନିଯାଉଛନ୍ତି। ପ୍ରକୃଷ୍ଟ ଭାବେ ବନ୍ଧ ବାନ୍ଧି ପ୍ରବନ୍ଧ ଚାଷ କରିବାର ପୌରୁଷ ଏମାନଙ୍କର ନାହିଁ। ସେଇଥିପାଇଁ ବୃତ୍ତିରୁ ବିଦା ହେବା ପୂର୍ବରୁ କୃତିକୁ କୁଣ୍ଢେଇବାକୁ ଯାଇ ଏମାନେ କବିତା ସହ କେଳି କରିବାକୁ ସହଜ ମଣୁଛନ୍ତି। ଚପଳଛନ୍ଦା ଛନ୍ଦମୟୀ କଳାବତୀ କବିତାକୁ କୋଳେଇବାକୁ କାଢ଼ ନାହିଁ ଯାଙ୍କର। କିନ୍ତୁ 'କବି ହେବା ପାଇଁ ବାସନା ମୋର ପ୍ରବଳ ଭାରି ରେ ପ୍ରବଳ ଭାରି' ଯୋଗୁଁ ଏମାନଙ୍କ କବିତା କିଆରିରେ 'ଦିନରେ ବସନ୍ତ ଆମେ ରାତିରେ ବାସନ୍ତୀ' ମାର୍କା କବିତାମାନ କଢ଼ାମେଲନ୍ତି।

## ସାର୍ ଲେଖିଛନ୍ତି

‘ରାଣୀ ପାଢ଼ିଛନ୍ତି’ କହିଲେ ସବୁ ଗନ୍ଧ ପାଡ଼ଗୁଡ଼ାକ ମହମହ ବାସ୍ନାରେ ମହକି ଉଠିବା ଭଳି ‘ସାର୍ ଲେଖିଛନ୍ତି’ କହି ବହୁ ପଦୋନ୍ନତି ପ୍ରୟାସୀ, ବଦଳିବକଳ ସମାଲୋଚକ ପଙ୍କରୁ କୋଚିଆ ପକଡ଼ିବା ପରି ସେ କବିତା ଭିତରୁ ଏମିତି ସବୁ ସିମିଲି, ମେଟାଫର୍ ଭଳି ମୂଳାଗୁଡ଼ାକୁ ପକଡ଼ିକି ଚୋବାନ୍ତି ଯେ ସାଧାରଣ ପାଠକପଲ କାଲ ମିତି ଅନେଇଥାନ୍ତି । ସାହିତ୍ୟର ଦାଣ୍ଡ ମଝିଟାରେ ସାଧାରଣ ପାଠକ ଜଳକା ହେଇ ଚାହିଁଥାନ୍ତି ଆଉ ଏଇ ମହାବଳ ମହାପାତ୍ରମାନେ ସବୁ ମାରିନେଇ ଯାଉଥାଆନ୍ତି । ସିଜରିଆନ୍ ହେଇ ମହାବଳଙ୍କ ଗର୍ଭରୁ ଜନ୍ମ ନେଉଥିବା ଅଣ୍ଡିରିଚଣ୍ଡୀ କବିତାର ପଞ୍ଜୁଆତି ବା ଉଠିଆରି ନ ଯାଉଣୁ ତୋଷାମୋଦିର ତେଲହଳଦୀ ମାଲସ କରି ବଦଳିବିକଳ ସମାଲୋଚକମାନେ ତା’ ଜାତକ ନାଆଁ ରଖନ୍ତି– ‘ଗଦ୍ୟ କବିତା’ । ହୟୋ ବାବୁ ! କବିତା ତ କବିତା, ଗଦ୍ୟ ତ ଗଦ୍ୟ, ପୁଣି ‘ଗଦ୍ୟ କବିତା’ ହେଲା କେମିତି ? ତମେ ଆଜି ଯଦି ‘ଗଦ୍ୟ କବିତା’ କହିଲଣି, କାଲିକି ତମେ ‘ଅଣ୍ଡିରା ଗାଈ’ ନ କହିବ କାହିଁକି ? କୁହ ପଛେ, କିନ୍ତୁ “କବିତା ହୁଏନି ବନ୍ଧୁ ପଦ ସଙ୍ଗେ ଯୋଡ଼ିଦେଲେ ପଦ; କବିତା ହୁଏନି ବନ୍ଧୁ ସୁର୍ ଧରି ବୋଲିଦେଲେ ଛନ୍ଦ ।”

**କବିତା ତ କବିତା, ଗଦ୍ୟ ତ ଗଦ୍ୟ, ପୁଣି ‘ଗଦ୍ୟ କବିତା’ ହେଲା କେମିତି ? ତମେ ଆଜି ଯଦି ‘ଗଦ୍ୟ କବିତା’ କହିଲଣି, କାଲି ‘ଅଣ୍ଡିରା ଗାଈ’ ନ କହିବ କାହିଁକି ?**

‘କବିତା ହୁଏନି’ କାହିଁକି, କବିତା ହେଉଛି ନା, ନହେଲେ ମାଲମାଲ କବିତା ବହି ବାହାରନ୍ତା କେମିତି, ନିଇତି କବିତା ପାଠୋତ୍ସବମାନ ହୁଅନ୍ତା କେମିତି, କବିଙ୍କ ଗହଳିରେ ସଭାସ୍ଥଳ ଗହଗହ ଲାଗନ୍ତା କେମିତି ? ସାଂସ୍କୃତିକ ଜାଗରଣର ସ୍ଲୋଗାନ ଦେଉଥିବା କବିତା ସାହିତ୍ୟ ସାହିକି ଗୋଟାସୁଦ୍ଧା ଅବଶ୍ୟ ଅଧିକାର କରିନି । ପ୍ରାବନ୍ଧିକ ଶରତ କୁମାର ମହାନ୍ତିଙ୍କ ଆକଳନରେ “ଶତକଡ଼ା ସତୁରୀ ଜଣ ସାହିତ୍ୟିକ କବିତା ଲେଖିବା କ’ଣ ସାଂସ୍କୃତିକ ଜାଗରଣର ଲକ୍ଷଣ ?” (‘ରୋମନ୍ଥନ’– କ୍ୟାରିଅରିଷ୍ଟ ସାହିତ୍ୟ ଚାଷ ପ୍ରସଙ୍ଗ) । ତେବେ ବାଦ୍‌ବାକି ଶତକଡ଼ା ତିରିଶିରୁ ଗପ, ନାଟକ, ଉପନ୍ୟାସର ଭାଗ କେତେ ଓ ପ୍ରବନ୍ଧର ଭାଗ କେତେ ? କେତେକ ଯଶବାନା ଉଡ଼ାଉଥିବା ସାହିତ୍ୟିକ ସଙ୍କର ଜାତୀୟ ଅଧିକ ଅମଳକ୍ଷମ କବିତା ଏବଂ ନାଟକର ବିଦେଶୀ ବିହନ ଆଣି କୃତ୍ରିମ ପ୍ରଜନନ କରି ପରୀକ୍ଷାମୂଳକ ଭାବେ ଯୋଉ ଅବୋଧ ଗଦ୍ୟକବିତା ଏବଂ ଉଭଟ ନାଟକ ଉପୁଜେଇଲେ, ସେ ‘ପରୀକ୍ଷାମୂଳକ’ରୁ ପାଠକେ ‘ପରୀକ୍ଷା’କୁ ତ ଆପଣେଇଲେନି, ‘ମୂଳକ’ଟିଏମାନ ଯାହା ପାଇଲେ । ପରବର୍ତ୍ତୀ କାଳରେ ଅଜୟ ସ୍ୱାଇଁ, ରମାକାନ୍ତ ମିଶ୍ର, ସରୋଜ ବଳ, ଜାକିର୍ ଖାଁ ଭଳି କେତେଟା ଟୋକା କବିତାର ଅଣ୍ଡିରାତ୍ୱ ବଜାୟ ରଖି ତାକୁ ବୋଧ୍ୟ ବୋଧନ କରି ପାଠକଙ୍କ ପାଖକୁ ଫେରାଇ ଆଣିଛନ୍ତି । ଉଭଟତାର ଉତ୍ପାତରୁ ମଞ୍ଚରେ ମରିଯାଉଥିବା ନାଟକକୁ ରତି ମିଶ୍ର, ବିଜୟ ମିଶ୍ର, ଆନନ୍ଦ ପହି, ନାରାୟଣ ସାହୁ, ବୀରେନ୍ଦ୍ର ବେବର୍ତ୍ତାପଟ୍ଟନାୟକ, ଚନ୍ଦ୍ରଶେଖର ନନ୍ଦ, ଗୋପାଳ ପଟ୍ଟନାୟକ ଏବଂ ଦିଲ୍ଲୀଶ୍ୱର ମହାରଣା ଆଦି ରକ୍ଷାକରି ପୁନର୍ଜୀବନ ଦେଇଛନ୍ତି । ଗଳ୍ପରେ ଗଳିପଡ଼ି କୋଉଠି କେମିତି କ’ଣ ହେଇଛି ସିନା, ଗଳ୍ପ ଉପରେ ପରୀକ୍ଷାର ପ୍ରତ୍ୟକ୍ଷ ପାହାର ପଡ଼ିନି । ସେଇଥି ପାଇଁ ଅବଶିଷ୍ଟ ତିରିଶି ଭାଗ ଭିତରୁ ଗପର ଗୁରୁତ୍ୱ ଓ ଗରିଷ୍ଠତା ଅଧିକ; ଆଦର ଅଧିକାର ବି ଅଧିକ । ତେଣୁ ଅବଶିଷ୍ଟ ତିରିଶି ଭାଗରୁ ଗଳ୍ପର ସିଂହ ଭାଗ ଥୁଆ । ସେ ଟୁପୁସିମୁହାଁ ବଳପଶୀ ଅଣ୍ଡିରିଚଣ୍ଡୀ କବିତା ସିନା ଜବରଦଖଲ କରି ବେଶି ଜାଗା ମାଡ଼ି ବସିଛି, ହେଲେ ନ୍ୟାୟତଃ ଗଳ୍ପର ବେଶି ଭାଗ ପଡ଼ିବା କଥା । ଖୁଦମଲୁଖି ହେଇ ଯାହା ବି ରହିବ ସେଥିରୁ ପ୍ରବନ୍ଧ ପାଇଁ ଶତକଡ଼ା ଏକ ଭାଗ ପଡ଼ିବ କି ନାହିଁ ସନ୍ଦେହ ।

## ପ୍ରବନ୍ଧର ଭଗାରିଭାଇ

ପ୍ରବନ୍ଧ ଭାଗ୍ୟରେ ଯୋଉ ଏକ ଭାଗ ବି ପଡ଼ିବ, ସେଥିରେ ପୁଣି ମୌଳିକ ପ୍ରବନ୍ଧର ଭଗାରିଭାଇ ଓଡ଼ିଆ ସାହିତ୍ୟରେ ଏକ କରୁଥିବା ପ୍ରବନ୍ଧଗୁଡ଼ାଙ୍କର ତିନିପା ଭାଗ । କିଏ କେଜାଣି କୋଉଦିନ ଏ ସବୁ ଏ ପ୍ରବନ୍ଧସବୁକୁ ଏକ କରିବାରୁ ଆରମ୍ଭ କରିଥିଲା ଯେ ଏବେ ବି ସେଇ ଏକରୁ ଆରମ୍ଭ କରୁଛନ୍ତି ଅନେକେ– ମାନସିଂହ ସାହିତ୍ୟରେ ଆମ୍ବଗଛ, ଏକ ବିହଙ୍ଗ ଦୃଷ୍ଟି; ଓଡ଼ିଆ ସାହିତ୍ୟରେ କରକଙ୍କଣ, ଏକ ପରିମାପ; ଓଡ଼ିଆ ଲୋକସାହିତ୍ୟରେ ଏଣ୍ଡୁରିପିଠା, ଏକ ଆସ୍ୱାଦନ; ରାଧାନାଥଙ୍କ ଚିଲିକାରେ ଚୁଙ୍ଗୁଡ଼ିଆ ଦଳ, ଏକ ପରିଷ୍କରଣ; ଫକୀରମୋହନ

ସାହିତ୍ୟରେ ଅବଧାନ, ଏକ ଅବଲୋକନ ଇତ୍ୟାଦି । ଏଇ ବୃତ୍ତିବାଧ୍ୟ ପ୍ରବନ୍ଧସବୁ କେବଳ ପିଏଚ୍.ଡ଼ି. ପ୍ରଦାୟକ, ଦରମା ପ୍ରବର୍ଦ୍ଧକ, ପଦୋନ୍ନତ୍ତିପ୍ରବୋଧକ, କିନ୍ତୁ ଏ ସବୁ ପ୍ରବନ୍ଧକୁ ପାଠକ ମଙ୍ଗନ୍ତି ନାହିଁ । ଭୁବନେଶ୍ୱର କୋରାଖଇ ଆଉ ଧନୁମୁଆଁ ଭଳି ଅତ୍ୟଧିକ ଉପସର୍ଗ ଓ ପ୍ରତ୍ୟୟ ଦେଇ ଶବ୍ଦଗୁଡ଼ାକୁ ଏମିତି ନିଘନ କରି ବାନ୍ଧିଥାଆନ୍ତି ଯେ ସାଧାରଣ ପାଠକର ଦାନ୍ତ ଭାଙ୍ଗିଯିବ । ଓଡ଼ିଆ ସାହିତ୍ୟରେ ଏତେସବୁ ଗବେଷଣା ହେଉଛି, ବିଶ୍ୱବିଦ୍ୟାଳୟ ବାରିପିଣ୍ଡାମାନଙ୍କରେ ଗଡୁଥିବା ଏମିତି ନିପାଣିଆ ନିବନ୍ଧ ସବୁର ସାରସ୍ୱତ ମୂଲ୍ୟ, ସାମାଜିକ ଉପଯୋଗ କେତେ ଗୋଟାଏ ଗବେଷଣା କେହି କଲେ ହୁଅନ୍ତାନି ?

ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ପ୍ରବନ୍ଧ ଲିଖନ' କିନ୍ତୁ ପାଠ୍ୟଖସଡ଼ାରେ ପଟ୍ଟା ପାଇ ପାଉତି କାଟୁଥିବା ଏକ ସ୍ଥିତିବାନ୍ ପାଠ୍ୟ । ଏଥିପାଇଁ ନମ୍ବର ଦିଆଯାଏ, ଏଥିପାଇଁ ନମ୍ବର ବି କଟାଯାଏ । ପ୍ରବନ୍ଧର ସ୍ଥାପତ୍ୟ ଶିଖଉଥିବା ଆମର ମାଷ୍ଟ୍ରମହାଶୟମାନେ ପ୍ରବନ୍ଧର ଦାଣ୍ଡଦୁଆର କେମିତି ହବ, ମଝିଖଞ୍ଜା କେମିତି ହବ ଓ ବାଡ଼ିଦୁଆର କେମିତି ହବ- ଏଇ ତିନିଟା କଥାକୁ ଛାତ୍ରଜୀବନଟା ସାରା ଘୋରିବାଟି ପିଲାଙ୍କୁ ପିଆଇଥାନ୍ତି । ଏବେ ମଧ୍ୟ କିଛି ସାହିତ୍ୟସାର୍ଦ୍ଦୁଳ, କିଛି ଗଦ୍ୟଗନ୍ତାଇତ ବୁଢ଼ା ବୟସରେ ପ୍ରବନ୍ଧ ଲେଖିବାକୁ ଯାଇ ଏଡ଼େଏଡ଼େ ଅକ୍ଷରରେ ଆରମ୍ଭ କରନ୍ତି 'ଉପକ୍ରମ'ରୁ ଏବଂ ଶେଷ କରନ୍ତି 'ଉପସଂହାର'ରେ । 'ଉପକ୍ରମ' ଆଉ 'ଉପସଂହାର'- ଏଇ ଶବ୍ଦ ଦି'ଟା ନ ଲେଖିଲେ ନିଶ୍ଚିତ ନମ୍ବର କଟିଯିବ ବୋଲି ହୁଏତ ଏବେ ବି ଏମାନଙ୍କର ଭୟ । ଜଟାଧାରୀ ମାଷ୍ଟ୍ରେ ରଚନା ଓ ପତ୍ରଲିଖନ ଶିଖାଇବା ବେଳେ ଯାହା ଶିଖେଇଯାଇଛନ୍ତି, ସେଥିରୁ ମାତ୍ରାଏ ବି ଏପଟ ସେପଟ କରନ୍ତି ନାହିଁ ଏଇ ବରାଙ୍ଗୀମାନେ । ଏଣୁ ପ୍ରବନ୍ଧରେ ପରିବର୍ତ୍ତନ ଆସିବ କୁଆଡୁ ?





**ଅଳପ କହିବ**

ପ୍ରବନ୍ଧ ଦାନ୍ତଚିପି ଅଳପ କଥା କହିବ । ସାଧୁଭାଷା ନକହିଲେ ପ୍ରବନ୍ଧ ଅସାଧୁ ହେଇଯିବ, ଅଜାତିଆ ହେଇଯିବ । ପ୍ରବନ୍ଧକୁ ସାବାଡ଼ କରିବା ସକାଶେ ପଣ୍ଡିତମାନେ ବହୁ କାଇଦା କଟକଣାମାନ କରିଛନ୍ତି, ପ୍ରବନ୍ଧ ପଳେଇଯିବ ବୋଲି ବହୁ ବନ୍ଧ ଓ ବାଡ଼ମାନ ପକେଇଛନ୍ତି, ବହୁ ଖମା ଓ ଖାଇମାନ ଖୋଳିଛନ୍ତି । ତା' ପାଇଁ ବହୁ ଅଜାତି, ବିଜାତି, ଉପଜାତିର ଭିଆଣ କରିଛନ୍ତି । କଥା କହୁ କହୁ ଯଦି ପ୍ରବନ୍ଧ ଟିକିଏ ଦାନ୍ତ ନିକୁଟିଦେଲା, ଟିକିଏ ହସିଦେଲା, ପଣ୍ଡିତମାନେ ତାକୁ ଜାତିରୁ ବାଛନ୍ଦ କରି ତଡ଼ିଦେବେ - "ଯା.. ଯା... ଏଇଟା କରଣ ମାହାନ୍ତି ନୁହଁ, ଏଇଟା ଚଷା ମାହାନ୍ତି; ଏଇଟା ଶାସେନୀ ବ୍ରାହ୍ମଣ ନୁହଁ, ଏଇଟା ହଳୁ ବ୍ରାହ୍ମଣଟାଏ । ଇଏ ଜାତି ମାରାକଲା । ଏଇଟାକୁ ରମ୍ୟରଚନା ରାଇଜକୁ ଦେଶାନ୍ତରୀ କରିଦିଅ ।" କଥା କହୁ କହୁ ପ୍ରବନ୍ଧ ଯଦି କୋଉଠି କାହାକୁ ଚୁମୁଟିଦେଲା, ତେବେ ପଣ୍ଡିତେ କହିବେ- "ଏଇଟା ସୁଦୁ ଖବିସା ଖେଚଡ଼ଟାଏ ହୋ ! ଏଇଟାକୁ ବ୍ୟଙ୍ଗବସ୍ତିକୁ ପଠେଇ ଦିଅ ।" ଯଦି ପ୍ରବନ୍ଧ ବେଶି ଗପିଲା, ପଣ୍ଡିତେ କହିବେ - "ଏଇଟା ଗପୁଡ଼ିଟାଏ ତ ! ଯାକୁ ନେଇ ଗଳ୍ପଗଳିରେ ଛାଡ଼ିଆସ, ସେଇଠି ବସି ଗପୁଥାଉ ।" ପ୍ରବନ୍ଧ ଯଦି ଅଧିକ ଆଳାପ କଲା, ବିଳାପ କଲା, ସଂଳାପ କଲା, ପଣ୍ଡିତେ କହିବେ- "ଇରେ ଏଇଟା ତୁଚ୍ଛା ନାଟୁଆଟାଏ ହେ ! ଏଇଟାକୁ ନାଟ୍ୟନଗରୀକୁ ଜଲ୍‌ଦି ଚଲାଣ କର ।" ପ୍ରବନ୍ଧ ଯଦି ଟିକିଏ ଗହୀରକୁ ଗଲା, ପଣ୍ଡିତେ ପାଟିକରିବେ- "ଏଇଟା ଗବେଷଣିଆଟାଏ ହୋ ! ଏଇଟାକୁ ଗବେଷଣା ଗୁହାଳରେ ଗଡ଼େଇଦିଅ, ସେଇଠି ବସି ଗୋ ଏଷଣା କରୁଥାଉ ।" ପ୍ରବନ୍ଧ ଲେଖୁ ଲେଖୁ, ଲେଖା ଯଦି ହାଲୁକା ହେଇଗଲା, ଲେଖାର ଏଇ ଲଗାରିମାନେ କହିବେ- "ଏଇଟା ଲହକା ଲକଲକିଆଟାଏ । ଏଇଟାକୁ ଲଘୁରଚନାର ଲଙ୍କମୁହିଁରେ ନେଇ ବସେଇ ଦିଅ ।"

ପ୍ରବନ୍ଧକୁ ଯାହା ଦେଇଥିଲ ସବୁ ତ ନେଲଣି ଆଉ କିସ ଅଛି ଛଡ଼ାଇବ ହେ ? ? ? ପ୍ରବନ୍ଧର ହାତ ନେଲ, ଗୋଡ଼ ନେଲ, ଆଖି, କାନ, ନାକ ନେଲ, ପାଟି ନେଲ; ଆଉ ତେବେ ରହିଲା କ'ଣ ? କୋଉଟାକୁ ଏବେ ପ୍ରବନ୍ଧ କହିବା ? ପୁଳାଏ ଶୁଖିଲା ଶବ୍ଦକୁ ଗଣ୍ଠିଲି କରି ଗରିଣ୍ଡା ଭଳି ଗଡୁଥିବା ଏଇ ଗଦ୍ୟମାଦଳକୁ ?

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com

ଗଳ୍ପ



# ସୁନାଚୁଡ଼ି

ହରେକୃଷ୍ଣ ସାହୁ

କନକନାନୀର ପଟେ ସୁନାଚୁଡ଼ି ହଜିଗଲା। ବହୁତ ଖୋଜାଖୋଜି ପରେ ବି ମିଳିଲା ନାହିଁ। ତା' ପରଦିନ ବାବୁଭାଇ, ସପନୀଖୁଡ଼ୀ ଘର ପାଖକୁ ଯାଇ ଖୋଜାଖୋଜି କଲେ। ସେଇଠି କନକନାନୀ ଚୁଡ଼ି ହଜେଇଥିଲା। ହେଲେ ମିଳିଲା ନାହିଁ। ଚୁଡ଼ିଟା ନ ମିଳିବାରୁ ବାବୁଭାଇ ମନେ ମନେ ଭାରି ଖୁସି ହେଲେ। ଭାବିଲେ ଚୁଡ଼ି ପଟେ କିଣିଆଣି ତା' ହାତରେ ଧରେଇଦେଲେ ଭଲ ହୁଅନ୍ତା। ଫଳରେ କନକ ସାଙ୍ଗରେ ସମ୍ପର୍କ ବଢ଼ାଇବାର ଉପାୟ ମିଳି ଯାଆନ୍ତା।



ହେଲେ ସୁନାଚୁଡ଼ି ଗୋଟାକ ଦାମ କ'ଣ କମ୍ ହୋଇଛି ଯେ କିଣି ଆଣିବେ? ପଇସା ବି ତା'ଙ୍କ ପାଖରେ ନ ଥାଏ। କିନ୍ତୁ ମଝିରେ ମଝିରେ ବାବୁଭାଇଙ୍କର କନକନାନୀ ସହିତ ଦେଖାହେଲେ ପଚାରି ଦିଅନ୍ତି, କନକ, ତୋ ସୁନାଚୁଡ଼ି ମିଳିଲା?

କନକନାନୀ ସବୁଥର ଉତ୍ତର ଦିଏ, ନା।

ନା ଶବ୍ଦଟା ଶୁଣିଲେ ବାବୁଭାଇ ଖୁସି ହୋଇ ଯାଆନ୍ତି। ସୁନାଚୁଡ଼ିଟା ଅଦୌ ନ ମିଳୁ । ମୁଁ ନିଶ୍ଚୟ ଦିନେ ତାକୁ ଗୋଟେ ସୁନାଚୁଡ଼ି କିଣି ଦେବି।

ପ୍ରାୟ ବର୍ଷେ କେଇମାସ ବିତିଲା ପରେ ବାବୁଭାଇ ଆମ ଗାଁ ସ୍କୁଲରେ ମାଷ୍ଟର ଚାକିରି ପାଇଲେ। ପ୍ରଥମ ମାସ ଦରମାରେ ଗୋଟେ ସୁନାଚୁଡ଼ି କିଣି କନକନାନୀ ପାଖରେ ପହଞ୍ଚିଲେ। କହିଲେ, କନକ, ହେଇ ଦେଖ୍, ତୋ ଚୁଡ଼ି ମିଳିଗଲା। ସପନୀଖୁଡ଼ୀ ଗଡ଼ିଆରୁ ପଙ୍କ ଆଣୁଥିଲେ ଗଛ ମୂଳରେ ଦେବା ପାଇଁ, ସେଇଥିରୁ ବାହାରିଲା। ତୁ ହଜେଇବା ପରେ ବୋଧହୁଏ ମାଟିରେ ପୋତି ହୋଇଯାଇଥିଲା। ତା'ପରେ ଯେତେବେଳେ ବର୍ଷା ହେଲା ସେ ଜାଗାରୁ ବର୍ଷା ପାଣି ସହିତ ବୋହିଯାଇ ଗଡ଼ିଆରେ ପଡ଼ିଥିଲା।

କନକନାନୀ ଚୁଡ଼ିଟା ହାତରେ ଧରି ଓଲଟପାଲଟ କରି ଦେଖିଲା। ତା'ପରେ ବାବୁଭାଇ ହାତକୁ ବଢ଼େଇଦେଇ କହିଲା, ଏଇଟା ସେ ଚୁଡ଼ି ନୁହେଁ। ଏଇଟା ପରା କାଲି ପଅରିଦିନ ତିଆରି ହେଲାଭଳି ଦେଖାଯାଉଛି। ପୂରା ନୂଆ। ମୋ ଚୁଡ଼ି ପୁରୁଣା, ମାଟିରେ ପୋତିହୋଇ ଖଣ୍ଡିଆଖାବଡ଼ା ହୋଇଯାଇଥିବ। ତା'ପରେ ବାବୁଭାଇ ସହିତ ଥରେ ଆଖି ମିଶେଇ ଘର ଭିତରକୁ ପଳେଇଲା।

କନକନାନୀ କଥା ଶୁଣି ବାବୁଭାଇଙ୍କୁ ଭାରି ଲାଜ ମାଡ଼ିଲା। ତାଙ୍କ ଉଦ୍ଦେଶ୍ୟଟା କନକ ଜାଣି ପାରିଲା ଏବଂ ଅଗ୍ରାହ୍ୟ କରିଦେଲା ମଧ୍ୟ। ବାବୁଭାଇ ଚୁଡ଼ିଟା ଧରି ଫେରି ଆସିଲେ। ତାଙ୍କ ମନଟା ପୂରା ଭାଙ୍ଗିଗଲା। ସବୁକିଛି ବୁଝିବା ପାଇଁ ସେତେବେଳେ ଏତିକ କଥା ଯଥେଷ୍ଟ ଥିଲା। ସେହି ଚାହାଣିଟା ପର୍ଯ୍ୟାପ୍ତ ଥିଲା, ଅକୁହା କଥା ସବୁ ବୁଝିଯିବା ପାଇଁ। ସିଏ କେଇଦିନ ପାଇଁ ଲାଜରେ ଆଉ ଘରୁ ବାହାରିଲେ ନାହିଁ। ଚୁପଚାପ ସ୍କୁଲକୁ ଗଲେ ଓ ସେଠୁ ଫେରି ଚୁପଚାପ ଘରେ ରହିଲେ। ତାଙ୍କୁ ଲାଗୁଥିଲା ଯେମିତି ଗାଁ ସାରା ସବୁଲୋକ ଏ କଥାଟା ଜାଣିସାରିଛନ୍ତି ଓ ତାଙ୍କୁ ଖରାପ ଭାବୁଛନ୍ତି।

ଏମିତି ଏମିତି ମାସେ ଦେଢ଼ମାସ ବିତିଗଲା। ମନରୁ ଲଜ୍ଜାର ଆବେଶଟା କଟିଯାଇଥିଲା। କିନ୍ତୁ କନକନାନୀ ଆଗକୁ ଯିବା ପାଇଁ ବାବୁଭାଇଙ୍କର ସାହସ ନ ଥିଲା। ହେଲେ ସେଦିନରୁ ଆଜିଯାଏ ବାବୁଭାଇ କେବେ ବି କନକନାନୀକୁ ଭୁଲିପାରି ନ ଥିଲେ।

ବାବୁଭାଇ ସେହି ସମୟରେ ମୃଦଙ୍ଗ ବଜାଇବା ଶିଖୁଥିଲେ। ଆମ ଗାଁର ପୁରୁଣା ମୃଦଙ୍ଗ ବଜାଳିମାନେ ବୁଢ଼ା ହୋଇଯାଇଥିଲେ। ସେଥିପାଇଁ ଟୋକା ଟୋକା ତିନିଜଣଙ୍କୁ

ମୃଦଙ୍ଗ ଶିଖାଉଥିଲେ। ତିନିଜଣଙ୍କ ଭିତରୁ ବାବୁଭାଇ ଭଲ ବଜାଉଥିଲେ। କାରଣ ତାଙ୍କର ଆଗ୍ରହ ଥିଲା, ଅଧ୍ୟବସାୟ ବି ଥିଲା। ସଞ୍ଜବେଳେ ପୁରୁଣା ବଜାଳିଙ୍କ ସାଙ୍ଗରେ ବଜାଉଥିଲେ। ଆଉ ବେକାର ଥିବା ବେଳେ ଏଣେତେଣେ ବୁଲିବା ବଦଳରେ ଦି' ପ୍ରହରରେ ମନ୍ଦିର ପିଣ୍ଡାରେ ବସି ଅଭ୍ୟାସ କରୁଥିଲେ। ତା'ସହିତ ଗୀତ ବି ଗାଉଥିଲେ। ତେଣୁ ଲୋକଙ୍କର ତାଙ୍କ ଉପରେ ଭରସା ଥିଲା। ସୁନାଚୁଡ଼ି ଘଟଣା ପରେ ବାବୁଭାଇ ଯେମିତି ମାସେଖଣ୍ଡ ଠାକୁର ପିଣ୍ଡାକୁ ନ ଆସିଲେ ତାଙ୍କୁ ଡକେଇ ପଠେଇ ଲୋକେ କହିଲେ, କିରେ ବାବୁ, ତୁ କି ମାଷ୍ଟର ଚାକିରି କଲୁ ଯେ ଠାକୁର ସେବା ପୂରା ଭୁଲିଗଲୁ। ଏବେ ତ ଖରାଦିନ ଛୁଟି ହେଲାଣି। ଦିନସାରା ଘରେ ବସିଥିବୁ। ଘଡ଼ିଏ ଘଡ଼ିଏ ଆସି ମୃଦଙ୍ଗ ବଜାଉନୁ।

ସେହି ଦିନରୁ ବାବୁଭାଇ ଠାକୁର ପିଣ୍ଡାକୁ ପୁଣି ଆସିଲେ। ବାବୁଭାଇ ଘରୁ ଠାକୁର ଘରକୁ ଆସିବା ବାଟରେ ପଡ଼େ କନକନାନୀ ଘର। ତା'ପରେ ଦି'ଟା ଘର। ତା'ପରେ ଠାକୁର ଘର। ପିଣ୍ଡାରେ ବସିଲେ କନକନାନୀ ଘର ଦେଖାଯାଏ। ସେଇଥିପାଇଁ ବାବୁଭାଇ ଲାଜରେ ଆସୁ ନ ଥିଲେ, କାଳେ କନକନାନୀ ସହିତ ମୁହାଁମୁହିଁ ହୋଇଯିବେ। ଗାଁ ଲୋକଙ୍କ ଡାକରେ ଆସିଲା ବେଳକୁ ଅନେକ ଦିନ ବିତିଯାଇଥିଲା। ବାବୁଭାଇ ସେ ଲାଜକୁ ବି ଭୁଲିସାରିଥିଲେ। ଓଲଟା ତାଙ୍କର ମନ ହେଉଥିଲା କନକନାନୀକୁ ଦେଖିବା ପାଇଁ।


**ମୁଁ ଗୀତ ଗାଇବା ବେଳେ କନକନାନୀ ବେଳେ ବେଳେ ଦୁଆରକୁ ବାହାରି ଆସି ଠାକୁର ପିଣ୍ଡାକୁ ଚାହେଁ ଓ ଅଳ୍ପ ସମୟ ପରେ ଭିତରକୁ ପଶିଯାଏ।**

ମୁଁ ସପ୍ତମ ପରୀକ୍ଷା ଦେଇ ଗ୍ରୀଷ୍ମ ଛୁଟିରେ ଘରେ ଥାଏ। ବାବୁଭାଇ ଦି' ପ୍ରହର ସମୟରେ ମୃଦଙ୍ଗ ବଜାଇ ଗୀତ ଗାଇବା ଆରମ୍ଭ କରିଦେଲେ ଆମ ଘର ପର୍ଯ୍ୟନ୍ତ ଶୁଭେ। ମତେ ତାଙ୍କ ଗୀତ ଭାରି ଭଲ ଲାଗେ। ମୁଁ ଆଉ ସମ୍ଭାଳିହୋଇ ରହି ପାରେନି। ଠାକୁର ପିଣ୍ଡାକୁ ଦୌଡ଼େ। ଲାଗେ ଯେମିତି ବାବୁଭାଇ ମତେ ଡାକ ଦେଲେଣି। କିନ୍ତୁ ବାବୁଭାଇ ଗାଉଥାନ୍ତି କନକନାନୀ ପାଇଁ। ଯେମିତି ତାଙ୍କ ଘର ପର୍ଯ୍ୟନ୍ତ ଶୁଭିବ। କନକନାନୀ ଘର ଭିତରେ ଯେଉଁଠି ଥିବ ତା' କାନରେ ପଡ଼ିବ।

ମୁଁ ଏସବୁ କଥା କିଛି ଜାଣି ନ ଥାଏ। ବାବୁଭାଇ ଆମ ସ୍କୁଲର ସାର୍‌କୁ ମୁଁ ଛାତ୍ର। ସେ କହିବେ କେମିତି ନା ମୁଁ ଜାଣିବି କେମିତି। ବାବୁଭାଇଙ୍କୁ ସ୍କୁଲରେ ସାର୍ ଆଉ ଆପଣ ଡାକେ କିନ୍ତୁ ଗାଁରେ ବାବୁଭାଇ ଓ ତୁମେ। ମୋର ଗୀତ ଗାଇବାକୁ ଭାରି ଇଚ୍ଛା ଥାଏ। ବାବୁଭାଇଙ୍କ ପାଖରେ ବସିଲେ ସେ ଇଚ୍ଛାଟା ପୂର୍ଣ୍ଣ ହେବ ବୋଲି ଆଶା ଥାଏ। ଦି' ପ୍ରହରରେ ଯାଇ ବାବୁଭାଇଙ୍କ ପାଖରେ ବସିଲି। ଟିକିଏ ପୁରୁଣା ହେବାରୁ ମୋ ମନକଥା କହିଲି। ବାବୁଭାଇ ବିରକ୍ତ ହେବା ବା ଚିଡ଼ିବା ବଦଳରେ ଖୁସି ହୋଇଗଲେ। କହିଲେ କ'ଣ ଶିଖିଛୁ ଗାଇଲୁ। ମୁଁ ମୋଟେ ଦି'ଟା ଗୀତ ଶିଖିଥାଏ। 'ତୁହି ମା ଜନମ ଭୂମି' ଆଉ 'କାତଧରି ଧୀରେ ନାଉରି।' ସେଇଥିରୁ ଗୋଟେ ଗାଇଲି। ଆରମ୍ଭ ଠିକ ସୁରରେ କଲି। ପଦେ ଦି' ପଦ ପରେ ସ୍ୱର ଭୁଲି ଦ୍ରୁତ ଗତିରେ ଗାଇଲି, ଯେମିତି ସ୍କୁଲରେ ଗାଇଥାଉ। ସୁରରେ ଗାଇବା ପାଇଁ ଆମର ଧୈର୍ଯ୍ୟ ନ ଥାଏ କି ସାର୍‌ଙ୍କର ଇଚ୍ଛା ନ ଥାଏ। ସାର୍ କେବଳ ଜାଣିବାକୁ ଚାହାନ୍ତି ପିଲାଟା ଠିକ ଉଚ୍ଚାରଣ କରି ପଢ଼ିପାରୁଛି କି ନାହିଁ। ସେହି ଅଭ୍ୟାସଟା ମୋର ରହିଯାଇଥାଏ। ମୁଁ ଯେତେଥର ଗାଏ ଫଳ ହୁଏ ଗୋଟିଏ ପ୍ରକାରର। ଆରମ୍ଭ ସୁମଧୁର, ତା'ପରେ ତରତର। ବାବୁଭାଇ କହିବେ, ପ୍ରଥମ ପଦଟା ଯେମିତି ଗାଉଥିଲୁ ପୂରା ଗୀତଟା ସେମିତି ଗା'। ପୂରା ସେହି ସ୍ୱରରେ, ଧୀରେ ଧୀରେ। ମୋ ଗୀତ ଧୀରେ ଧୀରେ ସୁର ଧରୁଥିଲା। ବାବୁଭାଇ ମୋ ଗୀତ ସ୍ୱରରେ ମୃଦଙ୍ଗ ବଜାଇବା ଆରମ୍ଭ କରୁଥିଲେ। ମୁଁ ଗୀତ ଗାଇବା ବେଳେ କନକନାନୀ ବେଳେ ବେଳେ ଦୁଆରକୁ ବାହାରି ଆସି ଠାକୁର ପିଣ୍ଡାକୁ ଚାହେଁ ଓ ଅଳ୍ପ ସମୟ ପରେ ଭିତରକୁ ପଶିଯାଏ।

ମୁଁ ବାବୁଭାଇଙ୍କ ମୁହଁକୁ ଚାହିଁ ଗୀତ ଗାଉଥାଏ। ଭଲ ହେଉଛି କି ନାହିଁ ଜାଣିବା ପାଇଁ। ଠାରରେ କ'ଣ ନିର୍ଦ୍ଦେଶ ଦେବେ ଦେଖିବା ପାଇଁ। ବାବୁଭାଇ ବି ମତେ ଚାହିଁଥାନ୍ତି। ଭଲ ହେଉଛି ବୋଲି ମୁଣ୍ଡ ହଲାଇ ଉତ୍ସାହିତ କରୁଥାନ୍ତି। ବେଳେ ବେଳେ ଦେଖେ ବାବୁଭାଇ ମତେ ନ ଚାହିଁ ଆଉ କୁଆଡ଼େ ଚାହିଁଛନ୍ତି। ଏମିତି କେଇଥର ଦେଖିଲା ପରେ ମୁଁ ତାଙ୍କ ଦୃଷ୍ଟିକୁ ଅନୁସରଣ କଲି। କନକନାନୀକୁ କାରଣ ହିସାବରେ ପାଇଲି। ଆଉ କିଛିଦିନ ନଜର କରିବା ପରେ ଆହୁରି ଅଧିକ କଥା

ଜାଣିଲି। ମତେ ଲାଗିଲା ଯେମିତି ବାବୁଭାଇ କନକନାନୀକୁ ଦେଖିବା ପାଇଁ ଠାକୁର ପିଣ୍ଡାରେ ବସି ଏତେ ସାଧନା କରୁଛନ୍ତି। ଆମେ ଦୁହେଁ ସାଙ୍ଗହୋଇ ଯେତେବେଳେ ଘରକୁ ଫେରୁ ବାବୁଭାଇ ଦୈନିକ ଗୋଟେ ଗୀତ ଗାଇ ଗାଇ ଯାଆନ୍ତି। ଠିକ କନକନାନୀ ଘର ପାର୍ ହେଲାପରେ ଧୀରେ ଧୀରେ ଗୀତଟା ବନ୍ଦ ହୋଇଯାଏ। ବାବୁଭାଇ ସେମିତି କିଛି ଆଧୁନିକ ଗୀତ, ରେଡିଓ କି ମାଇକ୍ ଗୀତ ଗାଆନ୍ତିନି। ସେହି କୀର୍ତ୍ତନ ଗୀତ। କିନ୍ତୁ ମୁଁ ଅନୁଭବ କରୁଥାଏ ବାବୁଭାଇ କନକନାନୀ ପାଇଁ ହିଁ ଗାଉଛନ୍ତି। ଏଥିରେ ସିଧାସଳଖ କନକନାନୀ ପାଇଁ ଆହ୍ୱାନ ନ ଥାଇପାରେ, କିନ୍ତୁ କନକନାନୀକୁ ଶୁଣେଇବାର ଉଦ୍ଦେଶ୍ୟ ଥାଏ। ଏହା ସହିତ ବାବୁଭାଇ ନିଶ୍ଚୟ ଠାକୁରଙ୍କୁ ମନେ ମନେ କହୁଥିବେ କନକ ମୋର ଦରକାର। ମତେ ଦେଇଦିଅ। କୀର୍ତ୍ତନଗୁଡ଼ା ପ୍ରାର୍ଥନା, ଭଜନ ବା ଜଣାଣ ସହିତ ସମାନ ନୁହେଁ କି ? ତା' ଜରିଆରେ ବି ପ୍ରେମ ମାଗି ହେବ।



ଆମେ ସବୁଦିନେ ଖରାବେଳେ ବସୁ। ଗୀତ, ବାଦ୍ୟରେ ମଗ୍ନଥାଉ। କିନ୍ତୁ ନଜର ଥାଏ କନକନାନୀର ଦୁଆର ଉପରେ। ବାବୁଭାଇ ଦେଖନ୍ତି, ମୁଁ ଦେଖେ, ଚୁପଚାପ। ଥରେ କ'ଣ ହୋଇଛିନା ମୁଁ ଗୋଟେ ଗୀତ ଗାଉଥିଲି। ବାବୁଭାଇ ମୃଦଙ୍ଗ ବଜାଉଥିଲେ। ଖୁବ ମନଧ୍ୟାନ ଦେଇ ବଜାଉଥିଲେ। ବେଳେ ବେଳେ ଆଖି ବୁଜି ପକାଉଥିଲେ। ଏତିକି ବେଳେ କନକନାନୀ ବାହାରି ଆସିଲା। ହେଲେ ବାବୁଭାଇ ସେଆଡ଼େ ଚାହୁଁ ନ ଥିଲେ। ମଜ୍ଜି ଯାଇଥିଲେ ବଜାଇବାରେ। କନକନାନୀ ତ ଅଳ୍ପ ସମୟ ପାଇଁ ବାହାରକୁ ଆସେ, କାଳେ ଭିତରକୁ ପଳେଇବ, ମୋ ପାଟିରୁ ଗୀତ ବଦଳରେ ବାହାରି ଗଲା 'କନକନାନୀ ଆସିଲା।'

ବାବୁଭାଇ କନକନାନୀକୁ ଚାହିଁଲେ। କନକନାନୀ ବି ଥରେ ଆମ ଆଡ଼େ ଚାହିଁ ଦେଇ ଚାଲିଗଲା। ବାବୁଭାଇ ମୃଦଙ୍ଗ ବଜାଇବା ବନ୍ଦକରି ମତେ ଚାହିଁଲେ। ମୁଁ ଲାଜରେ ପୂରା ଜଡ଼ସଡ଼। ବୁଝିପାରୁ ନ ଥିଲି ମୁଁ କାହିଁକି କନକନାନୀ ଆସିବା କଥା କହିଲି ! ମୋ ମନ ଭିତରର ସନ୍ଦେହ କେମିତି ମୋ ପାଟିବାଟେ ବାହାରି ପଡ଼ିଲା !

ତା' ପରଦିନ ଦି' ପ୍ରହରରେ ବାବୁଭାଇ ଆଗକୁ ଯିବା ପାଇଁ ମତେ ଲାଜ ଲାଗିଲା। ମୁଁ ଠାକୁର ପିଣ୍ଡାକୁ ଗଲିନାହିଁ। ଦି' ଦିନପରେ ଉପର ଓଳି ସମୟରେ ବାବୁଭାଇ ଆସି ଆମ ଘରେ ପହଞ୍ଚିଲେ। ମତେ ଡାକିନେଲେ ଠାକୁର ପିଣ୍ଡାକୁ। ସେତେବେଳେ ଗାଇବା ବଜାଇବା କାମ ନ ଥାଏ। ଆମେ ଚୁପଚାପ ବସିଲୁ। ମୁଁ ମନ୍ଦିର ଭିତରକୁ ଚାହିଁଥାଏ। ବାବୁଭାଇ ଚାହିଁଥା'ନ୍ତି ଆଉ କୁଆଡ଼େ। କେହି କାହା ମୁହଁକୁ ଚାହୁଁ ନ ଥାଉ। ବାବୁଭାଇ କଥା ଆରମ୍ଭ କଲେ। ସୁନାଚୁଡ଼ି କଥା ଆରମ୍ଭରୁ ଶେଷଯାଏ କହିଲେ। ମୁଁ ନୂଆ କଥାଟିଏ ଜାଣିଲି। ତା'ପରେ ଚୁପ ହୋଇଗଲେ। ମୁଁ ଉଦାସ ହୋଇ ତାଙ୍କ ମୁହଁକୁ ଚାହିଁଲି। ବାବୁଭାଇ କହିଲେ, ଏବେ ଆଉ କିଛି ନାହିଁ।

ଏହାର କେଇଦିନ ପରେ ପାଠ ପଢ଼ିବା ପାଇଁ ବାପାଙ୍କ ପାଖକୁ ଚାଲିଗଲି। ହଷ୍ଟେଲରେ ରହିଲି। ହାଇସ୍କୁଲ ସରିଲା, କଲେଜ ସରିଲା। ପୋଷ୍ଟ ଗ୍ରାଜୁଏସନ୍ ପରେ ଚାକିରି କଲି। ଶହ ଶହ ପ୍ରେମ କାହାଣୀ ପଢ଼ିଲି। ସାଙ୍ଗସାଥୀଙ୍କ ପ୍ରେମ ଦେଖିଲି। ତା' ଆଗରେ ଗୁରୁତ୍ୱହୀନ ଦିଶୁଥିବା ବାବୁଭାଇଙ୍କ ପ୍ରେମକଥା ଓ ଆମ ଗାଁକୁ ଭୁଲିଗଲି। ସମୟଗୁଡ଼ା କୁଆଡ଼େ ପଳେଇଲା ଜଣା ପଡ଼ିଲା ନାହିଁ। ଓଡ଼ିଶା ସାରା ବୁଲି ବୁଲି ଅବଶେଷରେ ଟ୍ରାନ୍ସଫର ହୋଇ ଆସିଲି ଭୁବନେଶ୍ୱର। ଗାଁରୁ ଟିକେ ପାଖ। ଥରେ ଗାଁକୁ ଯାଇଥିଲି। ଦେଖା ହେଲେ ବାବୁଭାଇ। ବୁଢ଼ା ପ୍ରାୟ ଦିଶୁଥିଲେ। ମୋର ପୂର୍ବତନ ଶିକ୍ଷକ। ପାଦଛୁଇଁ ନମସ୍କାର କଲି। ବାବୁଭାଇ କହିଲେ, ଯା ଭିତରେ ତିରିଶ ବର୍ଷ ବିତି ଗଲାଣି। ଏଡ଼େ ଟିକେ, ଏଗାର ବର୍ଷର ଥିଲୁ, ଗାଁରୁ ଯାଇଛୁ। ତୋ ଛୁଆ ରୂପଟା କୁଆଡ଼େ ହଜିଗଲା। ନିଶ, ବାଳ ପାଚିଲାଣି। ଦରବୁଢ଼ା ଭଳି ଦିଶୁଛୁ। ଗାଁର ଏତେ ପାଖକୁ ଆସିଲୁଣି। ଗାଁକୁ ବେଳେ ବେଳେ ଆସୁନୁ।

କହିଲି, ଏଥର ନିଶ୍ଚୟ ଆସିବି। ସବୁ ଶନିବାର ଆସି ସୋମବାର ସକାଳୁ ଫେରିବି। ବାବୁଭାଇ, ତୁମର ଛୁଆପିଲା କେତୋଟି ? ଭାଉଜଙ୍କ ଘର କେଉଁଠି ?

ବାବୁଭାଇ ହସିଲେ। କହିଲେ, ମୁଁ ଭାବିଥିଲି ତୁ ଆଉ କିଛି ପଚାରିବୁ। ହେଲେ ସେହି ପୁରୁଣା କଥା ପଚାରୁଛୁ, ସମସ୍ତେ ଯାହା ପଚାରନ୍ତି ।

ତିରିଶ ବର୍ଷ ତଳୁ ଆମେ ଅଲଗା ହୋଇଛୁ। ସେଇଠୁ କଥା ଆରମ୍ଭ କରିବା ଉଚିତ। ବାବୁଭାଇଙ୍କ କଥାର ଅର୍ଥ ଏୟା, ମୁଁ ବୁଝି ପାରିଲି। ପଚାରିଲି, ବାବୁଭାଇ, ସେ ସୁନାଚୁଡ଼ିଟା କ'ଣ ହେଲା ?

ବାବୁଭାଇ ଭାରି ଆଗ୍ରହରେ କହିଲେ, ଦେଖିବୁ ?

ଚୁଡ଼ି ଘଟଣା ପରେ ମୁଁ ବାବୁଭାଇଙ୍କ ସହିତ ଅନେକ ଦିନଧରି ମିଶିଥିଲେ ବି ଚୁଡ଼ିଟା ଦେଖିପାରି ନ ଥିଲି। ବାବୁଭାଇ ଦେଖାଇ ନ ଥିଲେ। କାରଣ ମୋର ବୟସ ହୋଇ ନ ଥିଲା।

ବାବୁଭାଇ କହିଲେ, ଆଜି ସଞ୍ଜରେ ଆଣିବି ଦେଖିବୁ।

ସଞ୍ଜବେଳେ ବାବୁଭାଇ ଆସିଲେ। ପକେଟରୁ ଚୁଡ଼ିଟା ବାହାର କରି ମୋ ହାତରେ ଦେଲେ। ମୁଁ ଦେଖିଲି ପୂରା ନୂଆ ଅଛି। ପଚାରିଲି, ଏଇଟାକୁ କ'ଣ ସବୁଦିନେ ଏମିତି ରଖିଥିବ ?

- ଆଉ କ'ଣ କରିବି। କନକ ହାତ ବ୍ୟତୀତ ଆଉ କାହା ହାତର ଯୋଗ୍ୟତା ନାହିଁ ଏ ଚୁଡ଼ି ପିନ୍ଧିବାକୁ।

**ଆଉ କ'ଣ କରିବି। କନକ ହାତ ବ୍ୟତୀତ ଆଉ କାହା ହାତର ଯୋଗ୍ୟତା ନାହିଁ ଏ ଚୁଡ଼ି ପିନ୍ଧିବାକୁ।**

- ଭାଙ୍ଗିଦେଇ ଆଉ କିଛି କଲନି ?

- ଏଥିରେ କନକ ଅଛି ପା'। ତତେ ଦେଖା ହେଲାନି କି ?

ମୋ ନଜର ଚାଲିଗଲା କନକନାନୀଙ୍କ ଦୁଆରକୁ। ଶାଢ଼ିଟେ ଶୁଖୁଥିଲା। କନକନାନୀ ଏମିତି ଶାଢ଼ି ଶୁଖାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

---




**ମୂଲ୍ୟ : ଟ. ୧୨୦/-**

## ପ୍ରକାଶ ପାଇଲା

# ଅଭୟାନନ୍ଦ ଉବାଚ

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।




କବିତା

# ଗାଣିତିକ ଜଗନ୍ନାଥ

ପଦ୍ମନାଭ ମିଶ୍ର

ଅଖଣ୍ଡ ତୁମେ ଅବ୍ୟୟ ତୁମେ
ମୌଳିକ ବ୍ରହ୍ମରାଶି
ଗଣକ ହୋଇ ଗଣନ ସଂଖ୍ୟା
ଅଙ୍କ କଷୁଛ ବସି । ।୦।
ଯୋଗ ବିୟୋଗ ଗୁଣ୍ୟ ଗଣକ
ଭାଜ୍ୟ ଭାଜକ କ୍ରିୟା
ସବୁ ବର୍ଗର ବର୍ଗମୂଳ ହେ
ଉତ୍ପାଦ କର ମାୟା ।
ତୁମେ ତ ଶୂନ୍ୟ ରାଶି । ।୧।
ଭଗ୍ନାଂଶ ତୁମେ ପୂର୍ଣ୍ଣ ବି ତୁମେ
ମାନ ପରମ ମାନ
ସରଳ ସୁଧେ କରଜ ଦେଇ
ଚକ୍ରବୃଦ୍ଧିରେ ଘେନ
ଘାତାଙ୍କ ହୋଇବନ୍ତି ବସି । ।୨।
ଦେବନ୍ଧନୀ ବର୍ଗ ବନ୍ଧନୀ
କୁଟଳୀ ବନ୍ଧନୀର
ଦୀର୍ଘ ରେଖା ବାହୁ ବିସ୍ତାର
ବେଢ଼ିଛି ତିନିପୁର
ସର୍ବଘଟେ ବିହର । ।୩।
ଉବୁରି ବାକୁ ବନ୍ଧନୀ ଘେରି
ନାହିଁ ତ ଶକ୍ତି କାର
କୋଟି ଜଗତ ମସ୍ତକନତ
ଯୌଗିକ ପଦେ ତୋର
ଅମାପ ଶକ୍ତି ଧର । ।୪।
ତୁମେ ହିଁ ବିନ୍ଦୁ ଅଗାଧ ସିନ୍ଧୁ
ସରଳ ରେଖା ଗତି
ଦୂରତା ତୋର ସମାନାନ୍ତର
ଚତୁର୍ଭୁଜାବସ୍ଥିତି ।
ଚଉବର୍ଗର ପ୍ରୀତି । ।୫।



ଆୟତ କ୍ଷେତ୍ର ନେତ୍ର ଉପାନ୍ତ
ଆଦିଗନ୍ତ ବିସ୍ତାର
ବୃତ୍ତ ସଦୃଶ ଡୋଳାବିଶେଷ
ଅପାଙ୍ଗ ଚରାଚର
ଅଲମ୍ବ ସୁଦର୍ଶନ
କାଳଚକ୍ର ସମାନ । ।୬।
ଜ୍ୟାମିତି ପରି ସୃଷ୍ଟି ସଂଚାରୀ
ସ୍ଥିତି ଯା' ସୀମାହୀନ
ଦୈର୍ଘ୍ୟ ବିହୀନ ପ୍ରସ୍ଥ ବିହୀନ
ମାତ୍ରକ ସ୍ଥିତିବାନ
ସ୍ଥୂଳସୂକ୍ଷ୍ମ ସମାନ । ।୭।
ଅନ୍ତସ୍ଥତୁମେ ବହିସ୍ଥ ତୁମେ
ସରଳ ବକ୍ର ରେଖା
ତୁମ ପରିଧି ସୃଷ୍ଟି ଅବଧି
କୋଣାନୁକୋଣ ଦେଖା ।
ଅଗଣନ ଯା ସ୍ଥିତି
ପାଦାନ୍ତେ କରେ ନତି । ।୮।
ତୁମ ସଂକେତ ବୁଝିବ କିଏ
ତୁମେ ତ ସାଙ୍କେତିକ
ସାରା ସୃଷ୍ଟିରେ ଏକ ହିଁ ତୁମେ
ତେଣୁ ତୁମେ ଐକିକ
ସୃଷ୍ଟି ପାଳୁଛ ବସି
ଧରା ଉଠଇ ହସି । ।୯।

□□

କବିଙ୍କ ଇ-ମେଲ ଠିକଣା:
padmanavamishra07@gmail.com

ପ୍ରବନ୍ଧ

# ସାହିତ୍ୟ ପୁରସ୍କାରରେ ମାଫିଆଗିରି



ସୌମେନ୍ଦ୍ର ଜେନା

ସାହିତ୍ୟର ପବିତ୍ର ସାଧନାଳୟ ମଧ୍ୟରେ ଏପରି ଏକ ବିଷୟ ଅବତାରଣା କରିବାକୁ ଯାଇ ଶ୍ରୁତିକଟୁ ଶୀର୍ଷକ ବୋଲି କେହି କେହି ଏହାକୁ ମନେ କରୁଥାଇପାରନ୍ତି। କିନ୍ତୁ ସାହିତ୍ୟର ପୁରସ୍କାର ପ୍ରଦାନ ମଧ୍ୟରେ ଦେଶରେ ଯୋଜନାବଦ୍ଧ ଷଡଯନ୍ତ୍ର ଜାରି ରହିଛି। ସୁବିଧାବାଦୀ ଗୋଷ୍ଠୀ ଏହାର ସୁଯୋଗ ନେବାକୁ ସମସ୍ତ ପ୍ରକାର କଳ-ବଳ-କଉଶଳ ପ୍ରୟୋଗ କରୁଛନ୍ତି। ସେଥିପାଇଁ ହିନ୍ଦୀ ସାହିତ୍ୟର ବିଶିଷ୍ଟ ଲେଖିକା କୃଷ୍ଣା ସୋବତୀଙ୍କ 'ଆଉଟଲୁକ୍' ପତ୍ରିକାର ୧ ନଭେମ୍ବର ୧୯୯୫ ସଂଖ୍ୟାରେ ଏକ ମନ୍ତବ୍ୟ ପ୍ରକାଶ ପାଇଥିଲା। ଯେଉଁଥିରେ ସେ କହିଥିଲେ, "ନିଃସନ୍ଦେହରେ ସାହିତ୍ୟ ମାଫିଆମାନେ କାର୍ଯ୍ୟ କରୁଛନ୍ତି।" ମାଫିଆଙ୍କ କାର୍ଯ୍ୟସଂପର୍କରେ ସୋବତୀ କହିଥିଲେ, "କାହାକୁ ନା କାହାକୁ ଉଠାଇବା ପାଇଁ ସବୁବେଳେ ନିରବ ନିଷ୍ପତ୍ତି ନିଆଯାଉଥାଏ। ଏହା ଏକ ବୃତ୍ତାକାର କ୍ରୀଡା, ଯେଉଁଠି ବାହାର ଲୋକଙ୍କୁ ଭିତରକୁ ଆସିବାକୁ ମନା କରାଯାଏ। ଇଣ୍ଡିଆ ଇଣ୍ଟରନେସନାଲ ସେଣ୍ଟର ବାରକୁ ବହୁ କମ୍ ଲୋକ ଯାଇପାରନ୍ତି, ଯେଉଁଠି ଅନେକ ବିଷୟରେ ନିଷ୍ପତ୍ତି ନିଆଯାଇଥାଏ।"

ଏକଦା ହିନ୍ଦୀ ସାହିତ୍ୟର ଶୀଲଭଦ୍ର ମଧ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ଲେଖକଙ୍କ ପୁସ୍ତକକୁ ପୁରସ୍କାର ଦେବାଲାଗି ବିଚାରକ ମଣ୍ଡଳୀ ଲାଗିପଡିବା ଲକ୍ଷ୍ୟ କରି କହିଥିଲେ, "ଭାଷା କମିଟି ନିକଟରେ ବହି ନିର୍ବାଚନ ପାଇଁ ବ୍ୟକ୍ତିଗତ ବିଷୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।" ପଞ୍ଜାବୀ ଏବଂ ଇଂରାଜୀ ଭାଷାର ବଡ ଲେଖକ ଖୁସୱନ୍ତ ସିଂହ ଅତୀତରେ ସାହିତ୍ୟ ଏକାଡେମୀର ପୁରସ୍କାର ଚୟନ ମଣ୍ଡଳୀରୁ ଇସ୍ତଫା ଦେଇଥିଲେ। ଜଣେ ଲେଖିକା ନିଜ ପାଇଁ ଲବି କରୁଥିଲା ବେଳେ ପରବର୍ଷ ନିଜ ସ୍ୱାମୀଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା କରିବେ ବୋଲି ଖୋଲା ଖୋଲି କହିବୁଲୁଥିଲେ। ଏକଥା ଶୁଣି ଶ୍ରୀ ସିଂହ ଅଭିଯୋଗ କଲେ ମଧ୍ୟ କିଛି ଫଳ ନହେବା ଦେଖି ସେ ସାହିତ୍ୟ ଏକାଡେମୀର ପୁରସ୍କାର ଚୟନ କମିଟିରୁ ଓହରି ଯାଇଥିଲେ। ଶ୍ରୀ ସିଂହଙ୍କ ଆଶଙ୍କା ଅନୁଯାୟୀ ମହିଳା ଜଣକ ସେହି ବର୍ଷର ପଞ୍ଜାବ ସାହିତ୍ୟ ଏକାଡେମୀର ପୁରସ୍କାର ଲାଭ କରିଥିଲେ। ତାହା ଲକ୍ଷ୍ୟକରି ଶ୍ରୀ ସିଂହ କହିଥିଲେ, "ପୁରସ୍କାର ମାମଲାରେ ପଞ୍ଜାବୀ ସାହିତ୍ୟ କ୍ଷେତ୍ରରେ ବ୍ୟାପକ ଜାଲିଆତି ଚାଲିଛି। ଏକାଡେମୀ ପୁରସ୍କାରପ୍ରାପ୍ତ କୌଣସି ଗୋଟିଏ ପୁସ୍ତକ ବାଣିଜ୍ୟିକ ଦୃଷ୍ଟିରୁ ବଜାରରେ ସଫଳତା ଲାଭ କରିବା ମୁଁ ଦେଖିନାହିଁ। ଏପରିକି ସେଗୁଡିକ ପଠନଯୋଗ୍ୟ ମଧ୍ୟ ନୁହେଁ।" ଗତବର୍ଷ କେନ୍ଦ୍ର ଶିକ୍ଷାମନ୍ତ୍ରୀ (ସେ ସମୟରେ) ଥିବା ରମେଶ ପୋଖରିୟାଲଙ୍କର ନାମ "ଭାରତୀୟ ସଂସ୍କୃତି ସଭ୍ୟତା ଏବଂ ପରମ୍ପରା" ପୁସ୍ତକ ନିମନ୍ତେ ଶେଷ ୧୩ଜଣିଆ ତାଲିକା ଭିତରେ ସାହିତ୍ୟ ଏକାଡେମୀ ପୁରସ୍କାର ଦୌଡରେ ରହିବା ବେଳେ ବହୁ ତର୍କବିତର୍କ ହୋଇଥିଲା। ଏପରିକି ସେ ଆଦୌ ଲେଖକରେ ଗଣା ନୁହଁନ୍ତି ବୋଲି ମଧ୍ୟ ଖବରକାଗଜରେ ସମାଲୋଚନା ପ୍ରକାଶ ପାଇଲା। ସେଥିପାଇଁ ଚିତ୍ରା ମୁଦ୍‌ଗଲ ଏବଂ ରାମବଚନ ରାୟଙ୍କ ପରି ବିଚାରକଙ୍କୁ ପ୍ରଶ୍ନର କାଠଗଡାରେ ଛିଡା କରାଯାଇଥିଲା।

ଏବେ ଭାରତରେ ଏମିତି ୫୦ଟି ପ୍ରମୁଖ ପୁରସ୍କାର ସାହିତ୍ୟ କ୍ଷେତ୍ରରେ ଦିଆଯାଉଛି। କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାରକୁ ବାଦଦେଲେ ଜ୍ଞାନପୀଠ (୨୨ଲକ୍ଷ), ମୂର୍ତ୍ତିଦେବୀ ପୁରସ୍କାର (୪ଲକ୍ଷ), ବ୍ୟାସ ସମ୍ମାନ (୩.୫ଲକ୍ଷ) ସମେତ ଅନ୍ୟାନ୍ୟ ବେସରକାରୀ ସଂସ୍ଥାଗୁଡିକର ପୁରସ୍କାର ମଧ୍ୟ ରହିଛି। ଓଡିଶାରେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର

ପରି ପ୍ରତିଷ୍ଠିତ ପୁରସ୍କାର ସାହିତ୍ୟ ପାଇଁ ପ୍ରଦାନ କରାଯାଉଛି। ସର୍ବଭାରତୀୟସ୍ତରୀୟ ପୁରସ୍କାର ପରି ଓଡିଆ ଭାଷାର ସାହିତ୍ୟ ପୁସ୍ତକ ଚୟନରେ ଅନେକ ସମୟରେ ଅନିୟମିତତା ମଧ୍ୟ ସୃଷ୍ଟି ହେଉଛି। ଏପରିକି ମାମଲା କୋର୍ଟ-କଚେରୀକୁ ଯାଉଛି। କନିଷ୍କଙ୍କ ରଚିତ 'ବର୍ଣ୍ଣବେଧ ମହାପୁରାଣ'ରେ ସାହିତ୍ୟ ଜଗତର କର୍ଦ୍ଦମାକ୍ତ ବ୍ୟକ୍ତିବିଶେଷଙ୍କ ସଂପର୍କରେ ସ୍ପଷ୍ଟ ସୂଚନା ମିଳେ। ସେ ଲେଖିଛନ୍ତି -

"କେନ୍ଦ୍ର ପୁରସ୍କାର କମିଟିରେ ଯେ ଜଅଜ ଥେଲା<br>
ପଅ-ଅଦ-ମଜ-ଠଉଁ<br>
ଡ-କଟର ଗଉରଗୁରୁ ଲକ୍ଷେ ଖାଇଚି।<br>
ମଦ ପିଇ ମାତାଲ ହେଇ କହି ବୁଲିଲା !<br>
କନିଷ୍କ ଏ କଥାକୁ ରେକର୍ଡ କଲା<br>
ସିବିଆଇ କେନ୍ଦ୍ର ସରକାରଙ୍କୁ ଲେଖିଲା<br>
ପୁରସ୍କାରରୁ ପଅ-ଅଦ-ମଜ କାଟ ଖାଇଲା।<br>
(ବର୍ଣ୍ଣବେଧ ମହାପୁରାଣ, କନିଷ୍କ- ପୃ-୫୩)

**ଦଳୀୟ ରାଜନୀତି**

ଆଲୋଚକ ସ୍ୱର୍ଗତଃ ନିତ୍ୟାନନ୍ଦ ଶତପଥୀଙ୍କ ଭାଷାରେ, "ସାହିତ୍ୟ ଏକାଡେମୀରେ ଦଳୀୟ ରାଜନୀତି ବହୁକାଳରୁ ଚାଲିଆସୁଛି। ଗୋଟିଏ ନିର୍ଦ୍ଦିଷ୍ଟ ଦଳର ତୁମେ ସମର୍ଥକ କିମ୍ବା ଗୋଡାଣିଆ ନହେଲେ ପୁରସ୍କାର ପାଇବ ନାହିଁ, ଏହା ଦିବାଲୋକ ପରି ସ୍ପଷ୍ଟ"। ସେମିତି ଔପନ୍ୟାସିକ ବିଭୂତି ପଟ୍ଟନାୟକ କହିଛନ୍ତି, "ଏକାଡେମୀ ପୁରସ୍କାର ଚୟନରେ ସ୍ୱଚ୍ଛତା ନାହିଁ। ଏହି ଚୟନ ପ୍ରକ୍ରିୟା ଅନ୍ତରାଳରେ ଏକ ବଡ ଲବି ଚାଲିଛି। ଏ ଧାରା ଏବେ ବି ଅବ୍ୟାହତ ଅଛି। ଏକଥା କେନ୍ଦ୍ର ଏକାଡେମୀକୁ ଲକ୍ଷ୍ୟ କରି ବିଭୂତି ବାବୁ କହିଥିଲେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ପୁସ୍ତକ ଚୟନ କମିଟିରେ ସେ ବହୁବର୍ଷ ଧରି କାର୍ଯ୍ୟ କରିଛନ୍ତି। ବିଭୂତି ବାବୁଙ୍କ ମନ୍ତବ୍ୟକୁ ଲକ୍ଷ୍ୟକରି ଆଲୋଚକ ଅସିତ ମହାନ୍ତି ଏକଦା କହିଥିଲେ, "ଆବାହକ ଭାବେ ଯଦି ଏକାଡେମୀ ପୁରସ୍କାରରେ ଚାଲିଥିବା ଲବି ଓ ଅସ୍ୱଚ୍ଛ ଚୟନର ବ୍ୟୂହ ଭେଦ କରିବାରେ ଅସମର୍ଥ ତେବେ ସେ ଆବାହକ ପଦବୀରୁ ଓହରି ଆସିବା ଭଲ।" (ଫାର୍ସ ୨୦୧୦) ସ୍ୱର୍ଗତ ବରେନ୍ଦ୍ର କୃଷ୍ଣ ଧଳ ମଧ୍ୟ ଅସିତବାବୁଙ୍କ ମତକୁ ସମର୍ଥନ କଲାପରି କହିଥିଲେ "ଯେଉଁମାନେ ଓଡିଶାରୁ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରତିନିଧିତ୍ୱ କରୁଛନ୍ତି, ସେମାନେ ତାଙ୍କ ବ୍ୟକ୍ତିଗତ ଫାଇଦା ପାଇଁ ମୂଳତଃ କାର୍ଯ୍ୟ କରୁଛନ୍ତି।" ପୁରସ୍କାରକୁ କେନ୍ଦ୍ର କରି ଦୁଇ ପ୍ରସିଦ୍ଧ ପ୍ରତିଭା ବିଭୂତି ପଟ୍ଟନାୟକ ଏବଂ ପ୍ରତିଭା ରାୟଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଏକଦା ରାଜ୍ୟର ସାହିତ୍ୟ ଜଗତରେ ଚର୍ଚ୍ଚାର କେନ୍ଦ୍ର ହୋଇଥିଲା। ଏକଦା ବିଭୂତିବାବୁ ଲେଖିଥିଲେ, "୨୦୦୪ ମସିହାରେ ପୁରସ୍କୃତ ଲେଖକ ମୋ ପରି ଜଣେ ବୟୋଜ୍ୟେଷ୍ଠ ଜୁରିଙ୍କୁ ପୁରସ୍କାର ଅର୍ଥ ବଦଳରେ ପୁରସ୍କାର ପାଇବା ପାଇଁ ପ୍ରୋତ୍ସାହିତ କରିଥିଲେ। ଆବାହକ (ପ୍ରତିଭା ରାୟ) ତାହା ଗାଲିଚା ତଳେ ଚାପି ନରଖି ଏକାଡେମୀ କାର୍ଯ୍ୟକାରୀ କମିଟିକୁ ଜଣାଇବା ଉଚିତ୍ ଥିଲା।" ଏହାର ଜବାବରେ ପ୍ରତିଭା ରାୟ କହିଥିଲେ "ବିଭୂତିବାବୁ କାହିଁକି ମିଛ କହୁଛନ୍ତି ସେ ଜାଣିଥିବେ। ସେଠି ତ ଗାଲିଚା ନଥିଲା।" ସେତେବେଳେ ବିଭୂତିବାବୁଙ୍କ ଏହି ଅଭିଯୋଗକୁ ଅନେକ ପସନ୍ଦ କରିନଥିଲେ। ବିଶେଷକରି ଓଡିଶାରେ ବିଭୂତି -ପ୍ରତିଭା ବାକ୍ ଯୁଦ୍ଧ ବେଶ୍ ପୁରୁଣା ବୋଲି ସାହିତ୍ୟ ପ୍ରତି ଶ୍ରଦ୍ଧାଥିବା ଲୋକେ ଜାଣନ୍ତି। କିନ୍ତୁ ବିଭୂତିବାବୁ ନିଜେ ଏହି ସଂସ୍ଥାରେ ରହି ମଧ୍ୟ ସାଧାରଣରେ ଅନ୍ୟମାନଙ୍କୁ ସମାଲୋଚନା କରିବାକୁ ଅନେକ ପସନ୍ଦ କରିନଥିଲେ। କବି ଓ ପ୍ରକାଶକ ସମରେନ୍ଦ୍ର ନାଥ ମହାପାତ୍ର ତାହା ଲକ୍ଷ୍ୟ କରି ଲେଖିଥିଲେ "ଯଦି ଏକାଡେମୀ ପୁରସ୍କାରରେ ପ୍ରିୟାପ୍ରୀତି ଚାଲିଛି ତେବେ ବିଭୂତିବାବୁ ତା ବିରୁଦ୍ଧରେ କିଛି ପଦକ୍ଷେପ ନେବା ପରିବର୍ତ୍ତେ ସେହି ସାହିତ୍ୟ ଏକାଡେମୀରୁ ଆଲାଉନ୍ସ ନେଇ ଏକାଡେମୀ ପଇସା ଖର୍ଚ୍ଚ କରି ଚାରିଆଡେ ଏହା କହି ବୁଲୁଛନ୍ତି କାହିଁକି ?" ସେମିତି ବିଭୂତି ବାବୁଙ୍କ ମତକୁ ବିରୋଧ କରି ଏକଦା ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଥିବା କବି ହୁସେନ ରବି ଗାନ୍ଧୀ କହିଥିଲେ "ବିଭୂତିବାବୁ ନିଜେ ଚଞ୍ଚକତା କରି ଓଡିଶା ସାହିତ୍ୟ ଏକାଡେମୀର ପ୍ରତିନିଧି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀକୁ ଯାଇଥିବା ପରି କଣ ସମସ୍ତେ ଯାଇ କେନ୍ଦ୍ର ଏକାଡେମୀକୁ ଧରାଧରି କରି ପୁରସ୍କାର ପାଇଁ ଆସୁଛନ୍ତି।" (ଫାର୍ସ ୨୦୧୦)

**ଗୋଟିଏ ନିର୍ଦ୍ଦିଷ୍ଟ ଦଳର ତୁମେ ସମର୍ଥକ କିମ୍ବା ଗୋଡାଣିଆ ନହେଲେ ପୁରସ୍କାର ପାଇବ ନାହିଁ, ଏହା ଦିବାଲୋକ ପରି ସ୍ପଷ୍ଟ।**

ଔପନ୍ୟାସିକ ବିଭୂତିବାବୁ 'ଅନୁପମ ଭାରତ' ଖବରକାଗଜରେ ୧୧ ଏପ୍ରିଲ ୨୦୧୦ରେ 'ପୁରସ୍କାର ଫିକ୍ସି : ରହସ୍ୟ ଉନ୍ମୋଚନ' ଲେଖାରେ ଲେଖିଥିଲେ, "ଜଣେ ଜୁରି ଯଦି ପୁରସ୍କାର ଚୟନ ବୈଠକରେ ସ୍ୱୀକାର କରନ୍ତି ଯେ ପୁରସ୍କାର ପାଇଲେ ଲେଖକ ତାଙ୍କ ଚିକିତ୍ସା ଖର୍ଚ୍ଚ ଦେବେ ବୋଲି କହିଛନ୍ତି, ତାହାହେଲେ ତତ୍‌କାଳୀନ ଆବାହକ ତୁରନ୍ତ ବୈଠକ ସ୍ଥଗିତ ରଖି ଲେଖକଙ୍କ କାନ୍‌ଭାସିଂ କଥା ଏକାଡେମୀ କାର୍ଯ୍ୟକାରୀ କମିଟିକୁ ଜଣାଇଦେବା କଥା। ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲେ ସେ ବର୍ଷ କୌଣସି ଓଡ଼ିଆ ବହିକୁ ପୁରସ୍କାର ଦିଆଯାଇନଥାନ୍ତା।" ହେଲେ ଏହା ନିର୍ଦ୍ଦିଷ୍ଟ ଭାବେ ନାଟ୍ୟକାର ମନୋରଂଜନ ଦାସଙ୍କ ପ୍ରତି ଲକ୍ଷ୍ୟକରି କୁହାଯାଇଥିଲା। କିନ୍ତୁ ବିଭୂତିବାବୁଙ୍କ ଅଭିଯୋଗକୁ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଖଣ୍ଡନ କରି କହିଥିଲେ, "ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ମନୋରଞ୍ଜନ ବାବୁ ପଇସା ନେଇଥିବା, ପ୍ରଫୁଲ୍ଲବାବୁ ପଇସା ଦେଇଥିବା କିମ୍ବା ପ୍ରତିଶ୍ରୁତି ଦେଇଥିବା ବିଷୟ ମୁଁ ଜାଣିନାହିଁ କିମ୍ବା କାହାରିକି ଏ ବିଷୟରେ କିଛି କହିନାହିଁ।" ନିଜେ ପ୍ରଫୁଲ୍ଲ କୁମାର ମହାନ୍ତି ମଧ୍ୟ ଏହାର ପ୍ରତିବାଦରେ କହିଥିଲେ, "ଏକାଡେମୀ ପୁରସ୍କାରର ଆରମ୍ଭରୁ ଏଠାରେ କୌଣସି ସ୍ୱଚ୍ଛତା ନାହିଁ କହିବା ଦ୍ୱାରା ବିଭୂତିବାବୁ ଓଡିଶାର ସବୁ ଯୋଗ୍ୟ ସାହିତ୍ୟିକଙ୍କୁ ଅପମାନିତ କରୁନାହାନ୍ତିକି ?"




## ଫଟୋକପିକୁ ପୁରସ୍କାର

୨୦୧୧ରେ ଲୋକେ ଜାଣିନଥିବା ଜଣେ ଲେଖିକା କଳ୍ପନା କୁମାରୀ ଦେବୀଙ୍କୁ ତାଙ୍କର ଉପନ୍ୟାସ "ଅଚିହ୍ନା ବାସଭୂମି" ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଲା। ଅସଲ କଥା ହେଲା ବହିଟି ବିନା ସଂଶୋଧନରେ ଦାଖଲ ହୋଇଥିଲା ଫଟୋକପି ଭାବରେ। ସେଥିରେ ଅନେକ ବନାନ ତ୍ରୁଟି ରହିଥିଲା। କୋଲକାତାର କସ୍ତୁରୀ ଚରଣ ଦାସଙ୍କ ପତ୍ନୀ କଳ୍ପନା କୁମାରୀଙ୍କୁ ଏହି ପୁରସ୍କାର ଧରାଇବାରେ ବିଭୂତିବାବୁଙ୍କ ବଡ ଭୂମିକା ଥିଲା ବୋଲି ସେ ସମୟରେ ଚର୍ଚ୍ଚା ହୋଇଥିଲା। ଏପରିକି କୋର୍ଟରେ ମକଦ୍ଦମା ମଧ୍ୟ ହୋଇଥିଲା। କସ୍ତୁରୀ ବାବୁ ବିଭୂତିବାବୁଙ୍କ ପୁରୁଣା ବନ୍ଧୁ ଥିଲେ। ଆଉ ବହିଟି ତାଙ୍କ ପ୍ରଭାବରେ ସ୍ୱୀକୃତି ପାଇଥିଲା ବୋଲି ଅଭିଯୋଗ ହୋଇଥିଲା।

"ଏକାଡେମୀ କମିଟିର ୟେ' ଆବାହକ ହେଲା,
କଳ-ଅଳପନାର ଘେରା ମାଲକୁ
ଗିଇ-ରିଜା ବଳିଆର ସିଂହକୁ
ୟେ' ଛାପିବାକୁ ଦେଲା,
ପୁରସ୍କାର କମିଟିରେ .... ତାକୁ ପୁଣି ଜଅଜ କଲା !
ଦଶଖଣ୍ଡ ବହି...ଜେରକ୍ସରେ କାଢି
ଗିଇ-ରିଜା ଜଅଜ୍...
ସେ ବହିକି ପ୍ରପୋଜ କଲା।
ସାତକଡି ହୋତାକୁ ୟେ' କାଟିଲା,
ଦେବରାଜ ଲେଙ୍କାକୁ ନାକଚ କଲା,
X X X
ଅଚିହ୍ନା ବାସଭୂମିକି
କେନ୍ଦ୍ର ପୁରସ୍କାର X X ଦିଏଇ ଦେଲା।
(ବର୍ଣ୍ଣବେଧ ମହାପୁରାଣ, କନିଷ୍କ-ପୃ-୧୩)

ସମସ୍ତ ପ୍ରକାର ସମାଲୋଚନା, ବିରୋଧ ସତ୍ତ୍ୱେ ସେହି ପୁରସ୍କାର ଶେଷରେ କଳ୍ପନା କୁମାରୀଙ୍କୁ ପ୍ରଦାନ କରାଯାଇଥିଲା। ଯାହା ମ୍ୟାଚ ଫିକ୍ସିଂ ପରି ବିଷୟଥିଲା, ଆଜି ମଧ୍ୟ ସନ୍ଦେହରେ ରହିଛି। କବି ରାଜେନ୍ଦ୍ର ପଣ୍ଡା ବିସ୍ମିତ ହୋଇ ଲେଖିଥିଲେ, "ଓଡିଆରେ ଏ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ କଳ୍ପନା କୁମାରୀ ଦେବୀ ମନୋନୀତ ହେବା କଥା ଶୁଣି ଚକିତ ହେଲି। ମୁଁ ତାଙ୍କର କୌଣସି ବହି ପଢିନାହିଁ। ଏଥିରୁ ମୋର ଅଜ୍ଞାନତା ଜାଣି ହେବ। କିଛି ବର୍ଷ ପୂର୍ବେ ମୁଁ ତାଙ୍କର ଗଳ୍ପ ପଢିଥିଲି।"

ସେହିପରି ଚନ୍ଦ୍ରଶେଖର ଦାସ ବର୍ମା ୧୯୯୯ରେ "ଏକ ଗଧର ଆତ୍ମକଥା" ବହି ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା ପରେ ତୀବ୍ର ପ୍ରତିବାଦ ହୋଇଥିଲା। କାରଣ ୧୯୯୪-୯୮ ମଧ୍ୟରେ ପ୍ରକାଶିତ ପୁସ୍ତକକୁ ପୁରସ୍କାର ଦେବାର ଥିଲେ ହେଁ ଏହି ବହିଟି ୧୯୯୧ରେ ପ୍ରକାଶ ପାଇଥିଲା। ସମ୍ବାଦରେ ଅସିତ ମହାନ୍ତି ଏ ସଂକ୍ରାନ୍ତରେ ଉଠାଇବା

ପରେ ଶ୍ରୀ ଦାସବର୍ମା ପୁରସ୍କାର ଅର୍ଥ ଫେରାଇଥିଲେ । ତେବେ କଟକ ସାରଳା ସାହିତ୍ୟ ସଂସଦର ସଂପାଦକ ଇଞ୍ଜିନିୟର ପ୍ରଭାକର ସ୍ୱାଇଁ "ଗଧର ଆତ୍ମକଥା" ବହିକୁ ଅନୁବାଦ ପୁରସ୍କାର ଦେବାପାଇଁ ସୁପାରିସ କରିବା ସହ ଇନର ୪ ପୃଷ୍ଠା ବଦଳାଇ ଜାଲିବହିକୁ ଏକାଡେମୀକୁ ପଠାଇଥିଲେ । ଆଶ୍ଚର୍ଯ୍ୟର କଥା ଯେ ପରବର୍ଷ ଖୋଦ୍ ସ୍ୱାଇଁ ନିଜେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର ନିଜ ନାମରେ କରାଇନେବାକୁ ସକ୍ଷମ ହୋଇଥିଲେ । ୨୦୦୮ରେ ସେମିତି ଏକ ପୁରସ୍କାର ଜାଲିଆତି ସମସ୍ତଙ୍କୁ ଚକିତ କରିଥିଲା । ସେହିବର୍ଷ ଓଡିଆ ସାହିତ୍ୟ ଏକାଡେମୀ ଉପନ୍ୟାସ ପୁରସ୍କାର ମନୋଜ ମହାପାତ୍ରଙ୍କ "ନିର୍ବାଣ"କୁ ପ୍ରଦାନ କରାଯାଇଥିଲା । ହେଲେ ଉପନ୍ୟାସଟି ମୌଳିକକୃତି ହୋଇନଥିବା ହେତୁ ଏକ ଜନସ୍ୱାର୍ଥ ମାମଲା ଓଡିଶା ହାଇକୋର୍ଟରେ ଆସିଥିଲା । ଏହା ଭିଏତନାମର ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ଥିକ୍ ନାତ୍-ହାନ୍‌ଙ୍କ ପୁସ୍ତକ "ଓନ୍‌ଡ ପାଥ୍, ହ୍ୱାଇଟ୍ କ୍ଲାଉଡ୍‌ସ"ର ନିରୋଳା କପି ଥିଲା । ଶ୍ରୀ ମହାପାତ୍ର ବହିଟିର ଧାଡି-ଧାଡି,ପୃଷ୍ଠା ପରେ ପୃଷ୍ଠା ଉତାରି ଦେଇଥିବା ହେତୁ ଏହା ତାଙ୍କର ଛାୟା ପୁସ୍ତକ ଥିଲା, ମୌଳିକ ନଥିଲା । ହାଇକୋର୍ଟରେ ପୁରସ୍କାରକୁ କେନ୍ଦ୍ର କରି ସରକାରଙ୍କୁ ନୋଟିସ ହେବାପରେ ଲେଖକ ନିଜଆଡୁ ପୁରସ୍କାର ଅର୍ଥ ଫେରାଇ ଦେବାଲାଗି ଆଗ୍ରହ ପ୍ରକାଶ କରିଥିଲେ । ଶେଷରେ ତାହାହିଁ ହୋଇଥିଲା ।

**୧୯୮୧ରେ ତେଲୁଗୁ ଲେଖକ ଭିଆର୍ ନର୍ଲା ତାଙ୍କ ନାଟକ "ସୀତା ଜୟମ" ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।**

## ବିବାଦଗ୍ରସ୍ତ ପୁରସ୍କାର

କେନ୍ଦ୍ର ସାହିତ୍ୟ ଏକାଡେମୀରେ ଏଭଳି ସ୍ଥିତି ଆସିଥିଲା ୧୯୭୩ରେ । ଜିଏ କୁଲକର୍ଣ୍ଣିଙ୍କ ମରାଠି ଗଳ୍ପପୁସ୍ତକ କାଜଲ ମାୟାର ପ୍ରକାଶନ ସମୟକୁ ନେଇ ବିବାଦ ଉଠିବା ପରେ ସେ ପୁରସ୍କାର ଫେରାଇ ଦେଇଥିଲେ । ୧୯୮୧ରେ ତେଲୁଗୁ ଲେଖକ ଭିଆର୍ ନର୍ଲା ତାଙ୍କ ନାଟକ "ସୀତା ଜୟମ" ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । କିନ୍ତୁ ଇଣ୍ଡିଆନ ଲିଟରେଚର ପତ୍ରିକାରେ (ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ) ନାଟକର ତୀବ୍ର ସମାଲୋଚନା ପ୍ରକାଶ ପାଇବା ପରେ ସେ ପୁରସ୍କାରଟିକୁ ଫେରାଇ ଦେଇଥିଲେ । ୧୯୮୨ରେ ଦେଶବନ୍ଧୁ ଡୋଗ୍ରାଙ୍କ ଉପନ୍ୟାସ "କଏଦୀ" (ଡୋଗ୍ରୀ)କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । କିନ୍ତୁ ସେ ପୁରସ୍କାର ବହୁପୂର୍ବରୁ ପାଇବାକୁ ହକ୍‌ଦାର ଥିବା ଦର୍ଶାଇ ପୁରସ୍କାରକୁ ଫେରାଇ ଦେଇଥିଲେ । ୧୯୯୧ରେ ସମାନ ଯୁକ୍ତି ଦେଖାଇ ଓଡିଆ କବି ଜଗନ୍ନାଥ ପ୍ରସାଦ ଦାସ ମଧ୍ୟ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେଇଥିଲେ । ୧୯୯୬ରେ ମଲୟାଲମ ଗାଳ୍ପିକ ଟି. ପଦ୍ମନାଭନ୍ ପୁରସ୍କାର ପ୍ରଦାନ ପାଇଁ ଗଳ୍ପକୁ ଅବହେଳା କରାଯାଉଥିବା ଅଭିଯୋଗରେ ପୁରସ୍କାର ଗ୍ରହଣ କରିନଥିଲେ । ସେମିତି ୨୦୧୫ରେ ବାମପନ୍ଥୀ ଓ କଂଗ୍ରେସୀ ସମର୍ଥକ ତଥା ମୋଦୀ ସରକାରର ବିରୋଧୀ ମତବାଦର ୩୮ଜଣ ଲେଖକ ଦେଶରେ ଅସହିଷ୍ଣୁତା ବଢୁଥିବା ଦର୍ଶାଇ ପୁରସ୍କାର ଫେରାଇ ଥିଲେ । ଓଡିଆ ସାହିତ୍ୟିକ ପଦ୍ମଜ ପାଳ, ଶୈଳଜ ରବି, ଗଙ୍ଗାଧର ରଥ, ଶରତ କୁମାର ମହାନ୍ତି, ନିତ୍ୟାନନ୍ଦ ଶତପଥୀ, ଉମେଶ ପତ୍ରୀ ପ୍ରମୁଖ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ । ଶରତ କୁମାର ମହାନ୍ତି ଓ ଦୀପକ ମିଶ୍ର ଶାରଳା ପୁରସ୍କାର ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି । (ସାହିତ୍ୟ ମହାଭାରତ, ଶ୍ରୀ ସଂଜୟ, ପୃ-୭୦)

ଜ୍ଞାନପୀଠ ପୁରସ୍କାର କରାଇଦେବାକୁ କହି ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ରମେଶ ବେହେରା ନାମକ ସାମ୍ବାଦିକଙ୍କୁ ପୁଲିସ ଗିରଫ କରି ଜେଲକୁ ପଠାଇଥିବା ଖବର ଏକଦା ରାଜ୍ୟରେ ଚହଳ ପକାଇଥିଲା । ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଡାକ୍ତର ୧୩ବର୍ଷରେ ୨୦ଟି ପୁସ୍ତକ ପ୍ରକାଶ କରାଇ ସିଧାସଳଖ ଜ୍ଞାନପୀଠ ପୁରସ୍କାର ପାଇଁ ଶକ୍ତି ଖଟାଇ ଦେଇଥିଲେ । ଏହା ତାଙ୍କ ଆତ୍ମଜୀବନୀ "ମୋ ଜୀବନ ସଂଘର୍ଷ"ରୁ ଜଣାପଡେ । "ଦିନେ ଜଣେ ସାଙ୍ଗ ମତେ ଆସି କହିଲା ଆମେ ସମସ୍ତେ ଆବେଦନ କରୁଛୁ । ତୁ କରିଦେଉନୁ । ମୁଁ ତାକୁ ହଁ ଭରି ଭାବିଲି ସବୁକଥାରେ ଲବି ଓ ଧରାଧରି କରି କିଛି କାମ ଆଗେଇ ନେବା ପାଇଁ ମୋର କେହି ନାହାନ୍ତି ।" (ପୃ-୩୧୪) ଏଠି ଦେଖିବାର କଥା ହେଉଛି ଯେ ଜଣେ ଡାକ୍ତର ପୁରସ୍କାର ପାଇବାକୁ ଜାଲିଆତି କରିବା ଲାଗି ମଧ୍ୟ ଏମିତି ଟଙ୍କା ଖର୍ଚ୍ଚ କରିପାରନ୍ତି । ହେଲେ ସେହି ବ୍ୟକ୍ତି ଜଣକ ପୁରସ୍କାର ପାଇଁ ଅର୍ଥ ଦେଇ ଦୋଷୀ ହେଲେ

ନାହିଁ କିପରି ? ଜାଲିଆତି କରିବାକୁ ଟଙ୍କା ନେଇଥିବା ଲୋକପରି ଟଙ୍କା ଦେଇଥିବା ଲୋକ ମଧ୍ୟ ଦୋଷୀ । କିନ୍ତୁ ଏହି ମାମଲାରେ ଉକ୍ତ ଡାକ୍ତରଙ୍କ ଅର୍ଥବଳ କିମ୍ବା ପ୍ରତିଷ୍ଠା ଯୋଗୁ ପୋଲିସ ତାଙ୍କର କିଛି କରିନଥିଲା ।

ଓଡିଆ ସାହିତ୍ୟ ପାଇଁ ଦିଆଯାଉଥିବା ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର ପାଇଁ ଅତୀତରେ ୨୦୧୦ରେ ମନୋନୀତ ଗଗନେନ୍ଦ୍ର ନାଥ ଦାଶଙ୍କ ପୁରସ୍କାରକୁ ନ୍ୟାୟାଳୟ ଅସିଦ୍ଧ ଘୋଷଣା କଲାପରେ ସେ ୨୦୧୧ ବର୍ଷରେ ସେହି ପୁରସ୍କାର ଗ୍ରହଣ କରିଥିଲେ । ମନୋନୟନ ପ୍ରକ୍ରିୟାରେ ସାହିତ୍ୟ ଏକାଡେମୀର କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ବିବାଦ ଉଠିଲାପରେ ଏହା ନ୍ୟାୟାଳୟକୁ ଯାଇଥିଲା । କାରଣ ଓଡିଶା ସାହିତ୍ୟ ଏକାଡେମୀର ଜଣେ ପୂର୍ବତନ ସଭାପତି ହୁସେନ ରବିଗାନ୍ଧି ଶ୍ରୀ ଦାଶଙ୍କ ପୁରସ୍କାରକୁ ଚ୍ୟାଲେଞ୍ଜ କରି ମକଦ୍ଦମା ଦାଏର କରିଥିଲେ ।

**ବାଳ ସାହିତ୍ୟ ପୁରସ୍କାର**

ଚଳିତ ବର୍ଷ ନଭେମ୍ବର ମାସ ୧୪ତାରିଖରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରଦତ୍ତ ବାଳ ସାହିତ୍ୟ ପୁରସ୍କାର ୨୦୨୨ପାଇଁ ୨୨ଜଣଙ୍କୁ ନୂଆଦିଲ୍ଲୀଠାରେ ପ୍ରଦାନ କରାଯାଇଥିଲା । ଗତ ଅଗଷ୍ଟ ମାସରେ ପୁରସ୍କୃତ ହେବାକୁ ଥିବା ଲେଖକ-ଲେଖିକାଙ୍କ ନାମ ଘୋଷଣା କରାଯାଇଥିଲା । ଓଡିଆ ଭାଷାରେ ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସଙ୍କ ଶିଶୁଗଳ୍ପ ସଂକଳନ ‘କୋଳାହଳ ନା ହଳାହଳ’କୁ ଏ ବର୍ଷ ପୁରସ୍କୃତ କରାଯାଇଥିଲା । ହେଲେ ଏହି ପୁରସ୍କାରର ଚୟନ ପାଇଁ ଶେଷଦଫାରେ କୌଣସି ଜଣେ ମଧ୍ୟ ଶିଶୁ ସାହିତ୍ୟିକ ବିଚାରକ ମଣ୍ଡଳୀ ମଧ୍ୟରେ ନଥିଲେ । ଯଦିଓ ଏହି ପୁରସ୍କାର ସମେତ ଅନେକବାର ରାଜ୍ୟ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଶିଶୁ ସାହିତ୍ୟିକମାନେ ରାଜ୍ୟରେ ଥିଲେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁସ୍ତକ ଚୟନ ସମୟରେ ସେମାନଙ୍କୁ ବୋଧହୁଏ ସ୍ଥାନ ଦେବାପାଇଁ ଚାହିଁନାହିଁ । ଏହି ବର୍ଗରେ ପୁରସ୍କୃତ ବହିଗୁଡିକ ସଂପର୍କରେ ଆଲୋଚନା କମ୍ ହେଉଥିବାରୁ ଅନେକ ତ୍ରୁଟିବିଚ୍ୟୁତି (ପ୍ରକ୍ରିୟାଗତ) ସର୍ବସମ୍ମୁଖକୁ ଆସିପାରୁନାହିଁ ।

ଚିଟଫଣ୍ଡ କମ୍ପାନୀ ସି ସୋର ସାହିତ୍ୟ ଏକାଡେମୀ ପକ୍ଷରୁ ତିନିଲକ୍ଷ ଟଙ୍କାର ‘ଶୂଦ୍ର ମୁନି ସାହିତ୍ୟ ସମ୍ମାନ’ ବ୍ରଜନାଥ ରଥ (୨୦୦୯), ମହାପାତ୍ର ନୀଳମଣି ସାହୁ (୨୦୧୦), ନିତ୍ୟାନନ୍ଦ ମହାପାତ୍ର (୨୦୧୧) ପାଇଥିଲେ । ଏହି ସଂସ୍ଥାରୁ କଥାକାର ମନୋଜ ଦାସ ମଧ୍ୟ ସମ୍ମାନ ନିଧି ୧୦ଲକ୍ଷ ପାଇଥିଲେ । କମ୍ପାନୀ ମାଲିକ ପ୍ରଶାନ୍ତ ଦାଶ ଜେଲଯିବା ଏବଂ ସିବିଆଇ ଯାଞ୍ଚ ହେବାପରେ ମନୋଜବାବୁ ସମାଲୋଚନାର ଶିକାର ହୋଇ ୧୦ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଫେରାଇଥିଲେ ସତ, କିନ୍ତୁ ଅନ୍ୟମାନେ ଫେରାଇବା ଜଣାପଡିନାହିଁ । କିନ୍ତୁ ସମ୍ମାନନୀୟ ମନୋଜ ଦାସ ସି ସୋରଠାରୁ ପାରିଶ୍ରମିକ, ପାରିତୋଷିକ ବା ସମ୍ମାନକ ଭାବରେ ପାଇଥିବା ଅର୍ଥରାଶି ଫେରାଇବାର ସମୟଟି ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେ ସେହି ସମୟରେ ଉକ୍ତ ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଫେରାଇଲେ -ଯେଉଁ ସମୟରେ ସି ସୋରର ଅସଙ୍ଗତ ଅର୍ଥ କାରବାର ନେଇ ତଦନ୍ତକାରୀ ସିବିଆଇ ସଂସ୍ଥା ଧୀରେ ଧୀରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କର ବେକରେ ତାର ତଦନ୍ତର ଫାଶ ପକାଇବା ଆରମ୍ଭ କରିଥିଲା । (ସାହିତ୍ୟ ମନ୍ଥନ, ଅସିତ ମହାନ୍ତି, ପୃ-୩୩୭-୩୮)

ସାହିତ୍ୟ ପୁରସ୍କାର ସଂପର୍କରେ ଏକଦା ବସନ୍ତ କୁମାରୀ ପଟ୍ଟନାୟକ କହିଥିଲେ, “ଯଦି କୌଣସି ଲେଖକର ଲେଖା ବାସ୍ତବରେ ପାଠକର ହୃଦୟକୁ ଛୁଇଁଥାଏ ତେବେ ତାହା ହିଁ ଲେଖକ ପାଇଁ ପ୍ରକୃତ ପୁରସ୍କାର । ତେଣୁ ଆମ ଲେଖକ ଲେଖିକା ଖାସ୍ ଲେଖିବା ଆନନ୍ଦ ପାଇଁ ଲେଖନ୍ତୁ । କୌଣସି ମାନ, ସମ୍ମାନ ପାଇବାରେ ଲାଳାୟିତ ନହୋଇ ନିଜେ ନିଜର ଆଲୋକ ଶିଖା ହୁଅନ୍ତୁ ।” ଏହା ବୁଝିପାରିଲେ ସାହିତ୍ୟ ଜଗତର ମାଫିଆଗିରିକୁ ଲେଖକ ଗୁରୁତ୍ୱ ଦେବନାହିଁ, ପୁରସ୍କାରକୁ ମଧ୍ୟ ଗୁରୁତ୍ୱ ଦେବନାହିଁ , ବରଂ ପାଠକଙ୍କ ଆଦରକୁ ଚାହିଁ ଭଲ ଲେଖା ଲେଖିବାକୁ ଚେଷ୍ଟା କରିବ ।

□□

ଲେଖକଙ୍କ ଇ-ମେଲ ଠିକଣା :
soumendrajena1994@gmail.com




ରମ୍ୟରଚନା

# ନିଖିଳ ଉତ୍କଳ ହାତୀମେଳା

ଡ. କୁଳାଙ୍ଗାର

ରାଜ୍ୟରେ ଜନସଂଖ୍ୟା ଅଟକିବାର ନାଆଁ ନ ଧରି ଘୁ ଘୁ ହୋଇ ବଢିଚାଲିଥିଲା ବେଳେ ହାତୀମାନଙ୍କର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବା ପରିପ୍ରେକ୍ଷୀରେ ନିଖିଳ ଉତ୍କଳ ହାତୀ ମହାସଂଘ ତରଫରୁ ଏକ ମହାସମାବେଶ ନିକଟରେ ଆଠଗଡ ଉପଖଣ୍ଡର ନରସିଂହପୁର ଜଙ୍ଗଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏହି ସମାବେଶକୁ ଅନ୍ୟ ମହାସଂଘମାନଙ୍କ ପରି ଦାବି ହାସଲ ଉଦ୍ଦେଶ୍ୟରେ ରାଜଧାନୀର ରାଜରାସ୍ତାରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସରକାରଙ୍କୁ କି ବିଶ୍ୱାସ, କାଳେ ସବୁ ହାତୀଙ୍କୁ ସେଠାରେ ଥିବା ନନ୍ଦନକାନନରେ ଢୁକେଇ ଗୋଟେ ହାତୀ ସଫାରୀ ତିଆରି କରିଦେବେ; ସେଇ ଭୟରେ ଶେଷ ମୁହୂର୍ତ୍ତରେ ତାହାକୁ ଜଙ୍ଗଲକୁ ସ୍ଥାନାନ୍ତରିତ କରାଗଲା। ନରସିଂହପୁର ଜଙ୍ଗଲରେ ଯେହେତୁ ଲଗାତର ଭାବରେ ହାତୀମାନଙ୍କୁ ହତ୍ୟା କରାଯାଉଛି, ସେଥିପାଇଁ ସେଠାରେ ରହୁଥିବା ହାତୀମାନଙ୍କର ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ସମାବେଶଟି ସେଠାରେ ଆୟୋଜନ କରାଗଲା।



ପ୍ରସ୍ତୁତି ବୈଠକରେ ସମାବେଶକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଆସିଥିଲା। ତେବେ ମଣିଷମାନଙ୍କର କୌଣସି ସମାବେଶରେ କୌଣସି ହାତୀକୁ ଅତିଥି ଆସନ ଦିଆଯାଇ ନ ଥିବାରୁ ପ୍ରସ୍ତାବଟିକୁ ଖାରଜ କରିଦିଆଗଲା। ତା' ଛଡା ମନ୍ତ୍ରୀଙ୍କ ପଛରେ ଉଭୟ ଆଇନଗତ ଏବଂ ବେଆଇନ ବନ୍ଧୁକଧାରୀମାନେ ଆସିବାକୁ ତ ରୋକି ହେବ ନାହିଁ! ଫଳରେ ଏହାକୁ ଦେଖି ହାତୀମାନେ ସଭାକୁ ଆସିବାକୁ ଭୟ କରିବେ, ଯେଉଁ କେତେଜଣ ଆସିଥିବେ ଓଲଟି ବନ୍ଧୁକ ଦେଖି ଡରରେ ଛତ୍ରଭଙ୍ଗ ଦେବେ।

ମନ୍ତ୍ରୀ ଆସିଲେ ତାଙ୍କ ପଛେ ପଛେ ସ୍ଥାନୀୟ ନେତା ଅଲବତ ଆସିବେ। ନେତାଙ୍କ ପଛରେ କୁଜିନେତାମାନେ ସ୍ୱତଃ ଆସିବେ। କୁଜିନେତାଙ୍କ ପଛେପଛେ ଅବଶ୍ୟ ପହଞ୍ଚିବେ ଟାଉଟର ଓ ଅପରାଧୀମାନେ। ସେମାନଙ୍କ ଭିତରେ ଯେ ହାତୀ ଶିକାରୀମାନେ ନ ଥିବେ, ସେ କଥା କିଏ କହିପାରିବ? କୋଉ ହାତୀ କୋଉପଟୁ ଆସିଲା, କୋଉ ପଟକୁ ଗଲା? କାହାର କେତେବଡ ଦାନ୍ତ ଅଛି?? ଏସବୁ କଥା ଶିକାରୀମାନେ ସଭାସ୍ଥଳକୁ ଆସି ଜାଣିଦେଲେ କଥା ସଇଲା।

ଜଣେ ହାତୀ ସଙ୍ଗଠକ କହିଲେ - ଜଙ୍ଗଲ ଭିତରେ ଯେହେତୁ ହାତୀମାନଙ୍କୁ ନେଇ କାର୍ଯ୍ୟକ୍ରମ। ଏକଥା ଜାଣିଲେ ଜଙ୍ଗଲ କର୍ମଚାରୀମାନେ ତ ଅଲବତ ପହଞ୍ଚିବେ। ଆଉ ସେମାନଙ୍କର ରେକର୍ଡ ଯାହା, ତାହା ଆମ ହାତୀ ଭାଇଭଉଣୀଙ୍କର ଜୀବନ ରେକର୍ଡକୁ ଭାଙ୍ଗିରୁଜି ଗୁଣ୍ଡ କରିକି ରହିବ।

**ଗୁପ୍ତ ସଭା**

ଅତଏବ ନିଷ୍ପତ୍ତି ହେଲା କି କେବଳ ହାତୀମାନେ ହିଁ ଏହି ସଭାରେ ଗୁପ୍ତ ଭାବରେ ଯୋଗଦେବେ ଏବଂ ହାତୀମାନଙ୍କର ଏକତା, ସୁରକ୍ଷା ଏବଂ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ।

ତେବେ ନିପଟ ଜଙ୍ଗଲରେ ସଭାଟି ଆୟୋଜନ ହେଉଥିବାରୁ ସଭାରେ ଗହଳି ହେବ କି ନାହିଁ ତାହା ଚିନ୍ତାର

ବିଷୟ ହେଲା। ରାଜଧାନୀରେ ସଭାଟି ହୋଇଥିଲେ ସେ ଚିନ୍ତା ନ ଥାନ୍ତା। କାରଣ ରାଜଧାନୀ ବୁଲିବା, ଟିଭି କ୍ୟାମେରାରେ ଆସିବା ଏବଂ ହିରୋ ହିରୋଇନଙ୍କୁ ଦେଖିବା ଲୋଭରେ ଅଧିକ ସମାଗମ ହୋଇଥାଆନ୍ତା। ଅତଏବ ସଭାରେ ଗହଳି କରିବା ପାଇଁ କିଛି ଉପାୟ ଖୋଜିବା ଲାଗି ହାତୀଙ୍କର ସଭାପତି କହନ୍ତେ, ସମ୍ପାଦକେ ଶୁଣ୍ଢ ହଲାଇ କହିଲେ - ଅଛି ଅଛି, ସଲିଡ୍ ଉପାୟ ଅଛି।

ଏହା ଶୁଣି ସଭାପତି ଓ ଅନ୍ୟମାନେ ପଚାରିଲେ - କେମନ୍ତ ଉପାୟ ? କୁହ କୁହ ? ?

ସମ୍ପାଦକେ କହିଲେ - ଆମେ ସଭା ପୂର୍ବରୁ ଗୋଟେ କବି ସମ୍ମିଳନୀ କରିଦେବା। ଦେଖିବେ କବିତା ପଢିବା ଲୋଭରେ ହାତୀମାନେ କେମିତି ଆଗୁଆ ଆସି ପହଞ୍ଚିଯିବେ !

ସଭାପତି ପଚାରିଲେ - ହେଲେ ହାତୀମାନେ କ'ଣ କବିତା ଲେଖନ୍ତି ଯେ ପଢିବେ ?

ସମ୍ପାଦକେ କହିଲେ - ଲେଖିବା କ'ଣ ଦରକାର ଆଜ୍ଞା ! ଆଜିକାଲି ଫେସ୍‌ବୁକ୍, ହ୍ୱାଟ୍ସଆପରେ ଏତେ କବିତା ଯେ, ସେଥିରୁ ଦି'ଚାରିଟା ଆଣି ଏପଟ ସେପଟ କରି ମିଶେଇ ଦେଲେ କବିତା ରେଡି।

**ଆମେ ସଭା ପୂର୍ବରୁ ଗୋଟେ କବି ସମ୍ମିଳନୀ କରିଦେବା। ଦେଖିବେ କବିତା ପଢିବା ଲୋଭରେ ହାତୀମାନେ କେମିତି ଆଗୁଆ ଆସି ପହଞ୍ଚିଯିବେ !**

ଏହା ଶୁଣି ସଭାପତି ଚକିତ ହୋଇ ପଚାରିଲେ - ତାହା କିପରି ହେବ? ଯଦି ଏହା ଚୋରି ହୋଇଛି ବୋଲି ଅସଲ କବି ଜାଣିଦେଲେ ?

ସମ୍ପାଦକେ କହିଲେ - ଜାଣିଲେ ବି କିଛି କହିବେନି। କାରଣ ତାହା ବି ପ୍ରକୃତରେ ସିଏ ନିଜେ ଲେଖି ନ ଥିବେ ବରଂ ଆଉ କୋଉ ଭାଷାରୁ ପଢି ନିଜ ଭାଷାରେ ଉତ୍ତାରି ଦେଇଥିବେ।

ହାତୀ ମହାସଂଘର କୋଷାଧ୍ୟକ୍ଷ କହିଲେ - କବି ସମ୍ମିଳନୀ ଯଦି ହେବ ତା' ହେଲେ ତା' ଭିତରୁ ଭଲ କବିତା ପାଠ କରିଥିବା ହାତୀମାନଙ୍କୁ ସମ୍ମାନିତ ମଧ୍ୟ କରାଯାଉ।

ସମ୍ପାଦକେ କହିଲେ - ନାଇଁ ନାଇଁ ଆଜ୍ଞା ସେ ଭୁଲ୍ କରିବା ନାହିଁ। ଆପଣ ଜାଣି ନାହାନ୍ତି ଏ ପୁରସ୍କାର ଲୋଭରେ ତାକୁ ହାସଲ କରିବା ପାଇଁ ମଣିଷ କବିମାନେ ହାତୀବେଶ ହୋଇ ଆସି ପହଞ୍ଚିଯିବେ।

ସଭାପତି ହସିକରି ପଚାରିଲେ - ଏହା କ'ଣ ସତରେ ସମ୍ଭବ ନା ଆପଣ ମଜାରେ କହୁଛନ୍ତି ?

ସମ୍ପାଦକେ କହିଲେ - ମୁଁ ଶୁଣିଛି ଯୁବ ପୁରସ୍କାର ପାଇବା ପାଇଁ ବୁଢାକବିମାନେ ଆଇସିୟୁରୁ ଉଠି ଚୁଟିକଳା କରି ଧାଇଁ ଯାଉଛନ୍ତି। କବି ବୋଲାଇ ଲୋକେ ଚିଡ଼ିଆଖାନା ପୋଷାକ ପିନ୍ଧି ଟିଭିରେ ଡେଉଁଛନ୍ତି। ତେଣୁ ଚିଡ଼ିଆଖାନାରୁ ଗୋଟେ ହାତୀ ପୋଷାକ ପିନ୍ଧି ପଳେଇ ଆସିବା ବିଚିତ୍ର ନୁହେଁ।

ଅତଏବ ମଣିଷ ଡରରେ ଗହଳି ପାଇଁ ହାତୀମେଳା ପୂର୍ବରୁ କବିତାପାଠ ପ୍ରସ୍ତାବଟି କାଟ୍ ଖାଇଗଲା।

**ରିୟଲିଟି କାର୍ଯ୍ୟକ୍ରମ**

ପୁଣି ପ୍ରସ୍ତାବ ଆସିଲା କି ଏଥର 'ନାଚିବେ ମାଆ', 'ଦିଦି ନମ୍ବର ୪୨୦', 'ଭାଉଜ ଭାରି ଓଜନ' କାର୍ଯ୍ୟକ୍ରମ ପରି ଗୋଟେ ହାତୀନୃତ୍ୟ ରିୟଲିଟି କାର୍ଯ୍ୟକ୍ରମ କରାଯିବ। ତେବେ ଏଥିରେ ପରକୀୟା ପ୍ରୀତି ଓ ଦୋନମ୍ବରୀ ଉପାୟରେ ବିଜୟୀ ପ୍ରତିଭା ଚୟନ ହେଉଥିବା ଜାଣି ତାହାକୁ ମଧ୍ୟ ନାସ୍ତି କରାଗଲା।


ଏବେ ଆଉ ଜଣେ ହାତୀ ସଙ୍ଗଠକ କହିଲେ - ତା' ହେଲେ ସଭା ପୂର୍ବରୁ ହାତୀମାନଙ୍କର ଗୋଟେ କଣ୍ଠସଙ୍ଗୀତ ପ୍ରତିଯୋଗିତା ହେଉ !

ତେବେ ଏଥିରେ ମଧ୍ୟ ବିପଦ ଅଛି ଏବଂ ବହୁ ହାତୀ ଦାନ୍ତ ହରାଇବାର ସମ୍ଭାବନା ଅଛି ବୋଲି ଜଣାଇବାକୁ ଯାଇ ଜଣେ ବୁଢ଼ୀ ହାତୀ କହିଲେ - ଚଳିତ ବର୍ଷର ରିୟଲିଟି ସୋ 'ଜଙ୍ଗଲର ସ୍ୱର'ର ବିଜେତା ହେଉଛନ୍ତି ଶ୍ରୀଯୁକ୍ତ ହାତୀ। ଏଥିରେ କୋଇଲି, କୁକୁଡ଼ା, ସାରୀ ଓ ବିଲୁଆ ଆଦି ଭାଗ ନେଇଥିଲେ। କୋଇଲି ପ୍ରତିଟି ଅଧ୍ୟାୟରେ ମନ ମୁଗ୍ଧକର ଗୀତ ଗାଇକରି ଦର୍ଶକମାନଙ୍କର ମନ କିଣି ନେଇଥିଲେ। କିନ୍ତୁ ବିଚାରକ ଭାବରେ ନିମନ୍ତ୍ରିତ ମଣିଷ କଣ୍ଠଶିଳ୍ପୀଦ୍ୱୟ ବହୁ ବିଚାର ବିମର୍ଶ ପରେ ବିଜୟ ମୁକୁଟ ପିନ୍ଧାଇଲେ ଶ୍ରୀଯୁକ୍ତ ହାତୀଙ୍କୁ। ଏଥିପାଇଁ ଏବେ ସାରା ଜଙ୍ଗଲରେ ଅସନ୍ତୋଷର ବାତାବରଣ। ଦର୍ଶକ ପଶୁପକ୍ଷୀମାନଙ୍କର ଅଭିଯୋଗ; ହାତୀ କାଳେ ଫାଇନାଲ୍ ଅଧ୍ୟାୟ ପୂର୍ବରୁ ନିଜ ଦାନ୍ତରୁ ଖଣ୍ଡେ ଭାଙ୍ଗି ବିଚାରକ ଦି'ଜଣଙ୍କୁ

ଦେଇ ଦେଇଥିଲା ।

ଶେଷରେ ନିଷ୍ପତ୍ତି ହେଲା କି ଗହଳି କରିବା ପାଇଁ ଉପଯୁକ୍ତ ଉପାୟ ହେଉଛି ଖିଆପିଆ । ତେଣୁ ପ୍ରସ୍ତାବିତ ସଭାସ୍ଥଳଟି ନାଳକଡରେ ଆୟୋଜନ ସହିତ ଯଥେଷ୍ଟ ବରଡାଳର ବ୍ୟବସ୍ଥା କରାଯିବ ।

ପୂର୍ବ ନିର୍ଦ୍ଧାରିତ ତାରିଖରେ ନିଖିଳ ଉତ୍କଳ ହାତୀ ମହାସଂଘର ସାଧାରଣ ପରିଷଦ ବୈଠକ କଟକ ଜିଲ୍ଲାର ନରସିଂହପୁର ଜଙ୍ଗଲରେ ଅନୁଷ୍ଠିତ ହେଲା । ଉକ୍ତ ସ୍ଥାନରେ ଲଗାତର ହାତୀହତ୍ୟା ହେଉଥିବାରୁ କିଛି ହାତୀ ଭୟ କରି ଆସିଲେ ନାହିଁ ଏବଂ ବହୁ ନିଡର ହାତୀ ଜୀବନକୁ ପାଣି ଛଡେଇ ସଭାରେ ଯୋଗ ଦେଇଥିଲେ ।



ସଭାରେ ପୌରୋହିତ୍ୟ କରି ହାତୀ ମହାସଂଘର ସଭାପତି କହିଲେ – ପ୍ରିୟ ହାତୀମାନେ ! ଆପଣମାନେ ତ ବିଭିନ୍ନ ସୂତ୍ରରୁ ଏ ଖବର ପାଇଥିବେ କି ସାରା ଦେଶ ତଥା ରାଜ୍ୟରେ ହାତୀମାନଙ୍କୁ ବିପଦ ଗ୍ରାସିଛି । ତେବେ ଏହି ସ୍ଥାନରେ ତାହା ସର୍ବାଧିକ । ପ୍ରତି ସପ୍ତାହେ ଏଠି ଗୁଳିବିଦ୍ଧ ହାତୀ, ଶବ ଓ କଙ୍କାଳ ଆଦି ଜବତ ହେଉଛି । ଏହିପରି ନିର୍ଦ୍ଦୟ କାର୍ଯ୍ୟକୁ ଘୋର ବିରୋଧ କରିବା ସହିତ ତାହାର ଜବାବ ଦେବା ପାଇଁ ଏବଂ ହାତୀମାନଙ୍କର ଆତ୍ମବଳ ବୃଦ୍ଧି ପାଇଁ ଏହି ଅଧିବେଶନର ଆୟୋଜନ ହୋଇଛି । ଏହା ଘୋର ପରିତାପର ବିଷୟ କି ଲୋକେ କହୁଛନ୍ତି – ଆମେ ହାତୀମାନେ କାଳେ ଜନପଦ ଓ ମଣିଷମାନଙ୍କ ପାଇଁ ବିପଦ । କେଡ଼େ ହାସ୍ୟାସ୍ପଦ କଥା କହିଲେ ! ହାତୀମାନଙ୍କ ସଂଖ୍ୟାଠାରୁ ମଣିଷମାନଙ୍କର ସଂଖ୍ୟା ଢେର ଅଧିକ । ଅତଏବ ଆମମାନଙ୍କ ପାଇଁ ମଣିଷ ହେଉଛନ୍ତି କାଳ । ହାତୀ ମଣିଷକୁ ମାରିଲେ ମୃତ ମଣିଷର ପରିବାରକୁ ସରକାର କ୍ଷତିପୂରଣ ଦେଉଛନ୍ତି । କିନ୍ତୁ ମଣିଷ ହାତୀକୁ ମାରିଲେ ମୃତହାତୀର ପରିବାରକୁ ମିଳୁଛି କ’ଣ ?

## ଖଟଣି ସାରା ଜୀବନ

ସମବେତ ହାତୀଗଣ ଶୁଣ୍ଢ ହଲେଇ ପିଁକାର କରି ଏହାକୁ ସମର୍ଥନ କଲେ । ଏଥର ଭାଷଣ ଦେବାପାଇଁ ଉଠିଲେ ଜଣେ ବ୍ରହ୍ମଚାରୀ ହାତୀ । ସିଏ କହିଲେ – ବଡ ଲଜ୍ଜାର କଥା ଆମେ ସାରାଜୀବନ ହିନ୍ଦୁ ଦେବଦେବୀଙ୍କ ପାଇଁ ଖଟିଲେ । ହେଲେ ସେମାନଙ୍କ ଭକ୍ତମାନେ ଆମ ପାଇଁ ସେତେ ଚିନ୍ତିତ ନୁହନ୍ତି । ମନ୍ଦିରରେ, ଘରକାନ୍ଥରେ, ଉଦ୍ୟାନରେ ଏମିତି ନାନା ସ୍ଥାନରେ ଆମମାନଙ୍କର ମୂର୍ତ୍ତି ଓ ଚିତ୍ର ତ ସେମାନେ ରଖିଛନ୍ତି, ହେଲେ ଆମମାନଙ୍କର ସୁରକ୍ଷା କଥା ପଡିଲା ବେଳକୁ ଲାଙ୍ଗୁଡ ଜାକୁଛନ୍ତି । ହିନ୍ଦୁମାନଙ୍କ ପାଇଁ ଯେଉଁମାନେ ଲଢୁଛନ୍ତି, ସେମାନେ ହାତୀମାନଙ୍କ ପାଇଁ ଲଢୁ ନାହାନ୍ତି କାହିଁକି ? ଗୋରକ୍ଷା ଆନ୍ଦୋଳନ ପରି ହସ୍ତୀ ରକ୍ଷା ଆନ୍ଦୋଳନ କରିବାକୁ କାହାଠାରେ ଦମ୍ ନାହିଁ କାହିଁକି ?

ଲଜ୍ଜା.... ଲଜ୍ଜା.... ଶବ୍ଦରେ ସାରା ଜଙ୍ଗଲ ପ୍ରକମ୍ପିତ ହେଲା । ଏଥର ଛିଡ଼ା ହେଲେ ଜଣେ ମହିଳା ଅର୍ଥାତ୍ ହସ୍ତିନୀ । ସିଏ କହିଲେ – ଆମେ କଳା ବୋଲି ଆମ ସହିତ ଭେଦଭାବ ହେଉଛି । ପୁଣି ଆମେ ହେଲୁ ମୋଟି ଓ ଓଜନିଆ । ସେଥିପାଇଁ ବୋଧେ ମଣିଷମାନେ ଆମକୁ ଆଉ ସେତେ ପସନ୍ଦ କରୁନାହାନ୍ତି । ତେଣୁ ଭଲ ଉପାୟ ହେଉଛି ହିଂସା ଓ ବିକ୍ଷୋଭ ନ କରି ଆମେମାନେ ଯଦି ତନୁପାତଳୀ ଓ ଉଜ୍ଜ୍ୱଳ ହେବାର ଉପାୟ ଖୋଜିପାରିବା, ମଣିଷର ପ୍ରିୟ ହୋଇ ହାତୀମାନଙ୍କୁ ପ୍ରକୃତରେ ସୁରକ୍ଷା ଦେଇ ପାରିବା ।

ହସ୍ତିନୀଙ୍କର କଥାଟି ବୋଧେ କାହାର ମନକୁ ପାଇଲା ନାହିଁ, ତେଣୁ କେହି କିଛି କହିଲେ ନାହିଁ । ଏଥର ବକ୍ତବ୍ୟ ପ୍ରଦାନ କରିବା ପାଇଁ ଦଣ୍ଡାୟମାନ ହେଲେ ଜଣେ ଯୁବ ହାତୀ । ସିଏ ଗର୍ଜନ କରି କହିଲେ – ବନ୍ଧୁଗଣ ! ଏବେ ମଣିଷମାନଙ୍କର ଦୁନିଆରେ ଧଳାହାତୀ ପଣପଣ । ସେମାନେ ବିଚକ୍ଷଣ, ଦୂରଦୃଷ୍ଟିସମ୍ପନ୍ନ ବୁଦ୍ଧିଧାରୀ, ଚତୁର ଓ ଚପଳ । ଆମ ପରି ଧୀରଗତି ଓ ଛୋଟ ଆଖିବାଲା ତାଙ୍କର ପସନ୍ଦ ହୁଅନ୍ତେ ବା କିପରି ? ପୂର୍ବବର୍ତ୍ତୀ ବକ୍ତା ଜଣକ ଠାକୁରାଣୀଙ୍କ ସମ୍ପର୍କରେ କହୁଥିଲେ । ଏବେ ବାରମ୍ବାର ଅପର୍ଯ୍ୟାପ୍ତ ଧନ ଜବତ ଖବର ଏହା ପ୍ରମାଣିତ କରୁଛି କି ଆମ ଲକ୍ଷ୍ମୀ ଠାକୁରାଣୀ ତ ସେଇ ଧଳାହାତୀମାନଙ୍କ ପାଖରେ ଯାଇ ବାସ କରୁଛନ୍ତି । ତେଣୁ

ଏଥିପାଇଁ ଏ ଜଙ୍ଗଲ ଭିତରେ ନଲୁଚି ଆମେ ଚାଲ... ରାଜଧାନୀକୁ ଯିବା ଏବଂ ନିଜର ଅଧିକାର ହାସଲ ପାଇଁ ଲଢେଇ କରିବା !

ଯୁବହାତୀଙ୍କର ଗରମାଗରମ ଭାଷଣକୁ କିଛି ହାତୀ ସମର୍ଥନ କଲେ। ଉତ୍ସାହିତ ହୋଇ ଜଣେ ହାତୀ ତୁରନ୍ତ ସଭାସ୍ଥଳ ଛାଡି ସହର ଅଭିମୁଖେ ବାହାରି ପଡିଲେ। (ସନ୍ଧ୍ୟାରେ ଦେଖାଗଲା ଅଧିକାଂଶ ସମାଚାର ଚାନେଲ ହାତୀଟିର ସହର ଭ୍ରମଣର ସିଧା ପ୍ରସାରଣ କରୁଥିଲେ)

**ଏ ଜଙ୍ଗଲ ଭିତରେ ନଲୁଚି ଆମେ ଚାଲ... ରାଜଧାନୀକୁ ଯିବା ଏବଂ ନିଜର ଅଧିକାର ହାସଲ ପାଇଁ ଲଢେଇ କରିବା !**

ଏଥର ଜଣେ ମଧ୍ୟବୟସ୍କ ହାତୀ ଉଠିଲେ। ସିଏ କହିଲେ - ବନ୍ଧୁଗଣ। ମଣିଷମାନେ ସ୍ୱାସ୍ଥ୍ୟଗତ କାରଣରୁ ସଚେତନ ହୋଇ ଆମପରି ଗଛପତ୍ର ଖାଇବା ଆରମ୍ଭ କରିଛନ୍ତି। ହୋଇପାରେ ସେଥିପାଇଁ ବୋଧେ ସେମାନେ ଆମକୁ ପ୍ରତିଯୋଗୀ ଭାବୁଛନ୍ତି। ତେଣୁ ଅଯଥା ଲଢେଇ ନ କରି ଏଥିରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସନ୍ଧି କରାଯାଉ। ମଣିଷମାନଙ୍କୁ ବୁଝାଯାଉ କି ଆମେ ତାଙ୍କର ଶତ୍ରୁ ନୁହେଁ। ସିଏ ବି ରୁହନ୍ତୁ, ଆମେ ବି ରହିବା। ସିଏ ଜଙ୍ଗଲ ବୁଲନ୍ତୁ, ଆମ ସହିତ ସେଲ୍ଫି ଉଠାନ୍ତୁ। ହେଲେ ହାତୀ ହତ୍ୟାକାରୀକୁ ମଣିଷ ହତ୍ୟାକାରୀ ପରି ଦଣ୍ଡ ଦିଅନ୍ତୁ !

ପରେ ପରେ ଏହାକୁ ନେଇ ଅଧିକ ଆଲୋଚନା ପରେ ସଭା ସରିଲା। ତେବେ ପ୍ରିୟ ପାଠକେ, ଆପଣଙ୍କ ମନରେ ପ୍ରଶ୍ନ ଉଠିବଣି କି ହାତୀଙ୍କର ଗୁପ୍ତ ଆଲୋଚନା କଥା ମୁଁ କେମିତି ଜାଣିଲି ? କଥା କ'ଣ କି ଦିନେ ଖରାବେଳେ ପଖାଳ ଖାଇ ଶୋଇ ପଡିଥିଲି। ଗୋଟେ ମୃତହାତୀର ଆତ୍ମା ସ୍ୱପ୍ନରେ ଆସି ମୋତେ କହିଦେଇଗଲା। ତା' ଅନୁରୋଧ ମୁତାବକ ମୁଁ ଏକଥା ଆପଣଙ୍କୁ ଜଣେଇଲି। ଏଥର ଆପଣଙ୍କ ପାଳି.... !!

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

---

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।




ଅନୁଭୂତି

# ମୋର ପ୍ରଥମ ସିନେମା ଦେଖା

ଆନଂଦ ଚଂଦ୍ର ପହି

୧୯୫୦ ମସିହା କଥା। ମୁଁ ସେତେବେଳେ କେଉଁ ଶ୍ରେଣୀରେ ପଢୁଥିଲି ମୋର ସେ କଥା ଏବେ ଠିକ୍ ଭାବେ ମନେ ନାହିଁ। ତେବେ ଆନୁମାନିକ ଦ୍ୱିତୀୟ କିମ୍ବା ତୃତୀୟ ଶ୍ରେଣୀ ହେବ। ଆମ ଗାଆଁ ନିହଲ ପ୍ରସାଦଠାରୁ ଢେଙ୍କାନାଳ ସହର ପ୍ରାୟ ପଞ୍ଚାବନ କିଲୋମିଟର ଦୂର। ଢେଙ୍କାନାଳରୁ ଆମ ଗାଆଁକୁ ଭଲ ରାସ୍ତାଟିଏ ନ ଥିଲା। ଥିଲା ଗୋଟିଏ ମୋରମ ରାସ୍ତା। ଖୁବ୍ ଖାଲ ଢିପ, ଆବଡ଼ାଖାବଡ଼ା। ଢେଙ୍କାନାଳର ବାସୁଦେବ ମିଶ୍ର ବୋଲି ଜଣେ ବ୍ୟବସାୟୀଙ୍କର ଢେଙ୍କାନାଳରେ ଗୋଟିଏ ସିନେମା ହଲ୍ ଥିଲା। ସେତେବେଳକୁ ଆମ ଗାଆଁଲୋକ କେହି ସିନେମା ଦେଖିଥିଲେ କି ନାହିଁ ସନ୍ଦେହ। ଆମ ଗାଆଁ ଲୋକମାନେ ଢେଙ୍କାନାଳ କୋର୍ଟ, କଚିରି ଯିବାବେଳେ ଯଦି କିଏ ସିନେମା ଦେଖିଥିବେ ମୋତେ ସେ କଥା ଜଣାନାହିଁ। ତେବେ ମୁଁ ମୋ ସାଙ୍ଗମାନଙ୍କଠୁ ଦିନେ ଶୁଣିଲି ଢେଙ୍କାନାଳରୁ ଆମ ଗାଆଁକୁ ଗୋଟିଏ ସିନେମା ଦଳ ଆସିଛି। ଏବେ ଆମ ଗାଆଁ ହାଇସ୍କୁଲର ଯେଉଁ ଗୋଟାକ ଖେଳପଡ଼ିଆ ହୋଇଛି ସେଇଠି ସିନେମା ପାଇଁ ଖୁବ୍ ବଡ଼ ଆକାରର ତମ୍ବୁ ପଡ଼ିଥିଲା।



**ଭିତରକୁ ଗୋଟିଏ ବାଟ**

ଆମ ସାହିର ମୋ ସାଙ୍ଗ ବୁଲା ଓ ବୋଧିଆଙ୍କୁ ସାଙ୍ଗରେ ନେଇ ମୁଁ ସେ ପଡ଼ିଆକୁ ଧାଇଁଲି। ଦେଖିଲି ପଡ଼ିଆରେ ତମ୍ବୁଟେ ପଡ଼ିଛି ଯେମିତି ସର୍କସବାଲା ପକାନ୍ତି। ବଡ଼ ପଡ଼ିଆର ଚାରିପଟେ ତମ୍ବୁ ଘେରାଯାଇଛି। ବିଲେଇ, କୁକୁର ଗଳିବାକୁ ବାଟ ନାହିଁ। ସିନେମାଟା କ'ଣ ବୋଲି ଆମର ସେତେବେଳେ ଧାରଣା ନ ଥିଲା। ମୁଁ ଆମ ଗାଆଁ କୁମାର ପୂନେଇଁ ଅପେରା ଦେଖିଥିଲି କିନ୍ତୁ ସିନେମା ଦେଖି ନ ଥିଲି। ଆମେ ସେଦିନ ସେ ପଡ଼ିଆ ଚାରିପଟେ ଘେରାଏ ବୁଲି ଦେଖିଲୁ ସେ ତମ୍ବୁ ଭିତରେ ପଶିବାକୁ କେଉଁଠି ହେଲେ ଛୋଟ ଫାଙ୍କଟିଏ ବି ନାହିଁ। ତା' ଭିତରେ ପଶିବାକୁ କେବଳ ଗୋଟିଏ ବାଟ ଅଛି ଓ ତା' ଉପରେ ଗୋଟିଏ କଳା ପରଦା ଝୁଲୁଛି ଏବଂ ସେଠି ଦୁଇଟା ଦରୁଆନ ହାତରେ ବାଡ଼ିଧରି ଜଗିଛନ୍ତି।

ଆମେ ପଚାରିକି ବୁଝିଲୁ ସନ୍ଧ୍ୟା ସାତଟା ବେଳକୁ ସିନେମା ଆରମ୍ଭ ହେବ। ଟିକେଟ ଦାମ୍ କେତେ ଥିଲା ମୋର ଆଜି ମନେପଡୁ ନାହିଁ। ସେତେବେଳେ ଗାଆଁ ଲୋକମାନଙ୍କ ପାଖରେ ଟଙ୍କା ପଇସାର ଘୋର ଅଭାବ। ଆମେ ଆମ ଗାଆଁ ଦୋକାନରୁ ଯାହା କିଣୁଥିଲୁ ସେଥିପାଇଁ ଆମକୁ ଧାନ, ଚାଉଳ, ବିରି, ମୁଗ ଦେବାକୁ ହେଉଥିଲା। କିନ୍ତୁ ଏ ସିନେମାବାଲା ସେ ସବୁ ନେବ ନାହିଁ, କେବଳ ଟଙ୍କା ନେବ। ସେତେବେଳେ ଟଙ୍କାକ ଦୁଇ ଅଧୁଲି ବା ଚାରି ସୁଉକି ବା ଷୋହଳ ଅଣାଥିଲା। ଅଣାକ ଚାରି ପଇସା, ପଇସାକ ଦୁଇ ଅଧଲା ବା ତିନି ପାହୁଲା ଥିଲା। ତମ୍ବା କଣାପଇସା ମଧ୍ୟ ମିଳୁଥିଲା। କିଛି ବର୍ଷ ପର୍ଯ୍ୟନ୍ତ ରୁପା ଟଙ୍କା, ରୁପା ଅଧୁଲି, ରୁପା ସୁଉକି ପ୍ରଚଳିତ ଥିଲା ; କିନ୍ତୁ ପରେ ଏଗୁଡ଼ିକରେ ରୁପା ବଦଳରେ ନିକେଲ୍ ବ୍ୟବହାର କରାଗଲା। ଆମ ବେଳର ମୁଦ୍ରା ଥିଲା- ଟଙ୍କା, ଅଧୁଲି, ସୁଉକୀ, ଦୋଣୀ, ଅଣୀ, ଦୋପଇସୀ, କଣା ପଇସା। ଅଧଲା, ପାହୁଲା ଆମ ବେଳକୁ ପ୍ରାୟ ଅଚଳ ହୋଇଯାଇଥିଲା। କିନ୍ତୁ ମୁଁ ପିଲାଦିନେ ଅଧଲା, ପାହୁଲା ଦେଖିଛି।

ସେତେବେଳକୁ ଆମ ଗାଆଁକୁ ବିଜୁଳିବତି ଆସି ନ ଥିଲା। ସିନେମାବାଲା ବଡ଼ ଡାଇନାମା କି ଜେନେରେଟର କ'ଣ ଗୋଟେ ଆଣି ତା'ରି ବଳରେ ସିନେମା କରୁଥିଲେ।

ସିନେମାର ନାଆଁ ଥିଲା ସମ୍ପୂର୍ଣ୍ଣ ରାମାୟଣ। ରାମଙ୍କ ଶିବଧନୁ ଭଗ୍ନ, ରାମ ଲକ୍ଷ୍ମଣ ଓ ସୀତାଙ୍କ ବନବାସ, ରାବଣର ସୀତା ଚୋରି, ଜଟାୟୁ ପକ୍ଷୀର ବଧ, ହନୁମାନର ସୀତାଠାବ ଓ ଲଙ୍କାପୋଡ଼ି, ସେତୁବନ୍ଧ ନିର୍ମାଣ, ରାମ ରାବଣ ଯୁଦ୍ଧ, ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ ଇତ୍ୟାଦି ଦେଖି ଗାଆଁ ଲୋକମାନେ ଆଶ୍ଚର୍ଯ୍ୟଚକିତ ହୋଇଗଲେ। ସିନେମାରେ ରାବଣ ସୀତାଙ୍କୁ ଚୋରିକରି ନେବା ସମୟରେ ବହୁତ ଲୋକ ବଡ଼ପାଟିରେ କାନ୍ଦୁଥିଲେ।

ଆମ ଗାଆଁ ଆଉ ପାଖ ଆଖ ପନ୍ଦର/କୋଡ଼ିଏ ଖଣ୍ଡ ଗାଆଁର ଲୋକ ଆମ ଗାଆଁକୁ ଆସି ପଇସା ଦେଇ ଟିକେଟ କାଟି ସିନେମା ଦେଖିଲେ।

**ଜେଜେ ବାପାଙ୍କୁ ମାଗ**

ସିନେମା ଦେଖିବା ପାଇଁ ମୋର ବହୁତ ଇଚ୍ଛା ହେଲା। ମୁଁ ମୋ ବୋଉକୁ ସିନେମା ଟିକେଟ ପଇସା ମାଗିଲି। ଆମର ସେତେବେଳକୁ ଜଏଣ୍ଟ ଫ୍ୟାମିଲି ଥିଲା। ମୋ ବାପା, ଦାଦା ମିଶି ପାଞ୍ଚ ଜଣ। ମୋ ବାପା ଆଉ ଜଣେ ଦାଦା ଆମ ଜମି ଚାଷ କରୁଥିଲେ ; ଆଉ ତିନି ଜଣ ଦାଦା ବାହାରେ ଚାକିରି କରୁଥିଲେ। ମୋ ବାପାଙ୍କ ହାତରେ ପଇସା ନ ଥିଲା। ମୋ ଜେଜେବାପା ଘର ଚଳାଉଥିଲେ। ତେଣୁ ମୋ ବୋଉ କହିଲା - ସିନେମାବାଲା ଧାନ କି ଚାଉଳ ନେବେ ନାହିଁ। ମୋ ପାଖରେ ପଇସା ନାହିଁ? ତୁ ଜେଜେବାପାଙ୍କୁ ପଇସା ମାଗ। ସିଏ ତୋତେ ସିନେମା ଟିକେଟ ପାଇଁ ପଇସା ଦେବେ।

ମୁଁ ଜେଜେବାପାଙ୍କ ପାଖରେ ଅଳିକଲି। ଜେଜେବାପା କହିଲେ- ବ୍ୟସ୍ତ ହଅନା, ଏବେ ନୂଆ ନୂଆ ସିନେମା ପଡ଼ିଛି। ଏଇଲେ ଟିକେଟ୍ ଦାମ୍ ବେଶି ନେଉଛନ୍ତି। କିଛି ଦିନ ଯାଉ, ଲୋକ ଗହଳି କମିଯାଉ, ଟିକେଟ ଶସ୍ତା ହେଇଯିବ। ତୁ ଏକୁଟିଆ ନୁହଁ, ଆମେ ସମସ୍ତେ ମିଶି ସିନେମା ଦେଖିବାକୁ ଯିବା।

ମୋ ମନ ଏଥିରେ ବୁଝିଲା ନାହିଁ। ମୋଠୁ ଗୋଟିଏ ବର୍ଷ ସାନ ଆମ ସାହିର ନଖିଆ ରାଜ। ନଖିଆ ସିନା ମୋ ସାଙ୍ଗରେ ଗୋଟିଏ ଶ୍ରେଣୀରେ ପଢ଼େନା କିନ୍ତୁ ସ୍କୁଲ ବାହାରେ ସିଏ ମୋର ଅତ୍ୟନ୍ତ ଅନ୍ତରଙ୍ଗ ସାଙ୍ଗ ଥିଲା। ବନଶୀ ଛଡ଼ରେ ପୋଖରୀରୁ ମାଛ ଧରିବା, ଖରା ଦିନେ ଆମ୍ବ ତୋଟାରେ ବୁଲି ଆମ୍ବ ପାରିବା, ପୋଖରୀ ପାଣିରେ ବୁଡ଼ିବା ଓ ପହଁରିବା, ଗାଆଁ ପାଖ ଜଙ୍ଗଲରେ ବୁଲି କୋଳି ତୋଳିବା ଓ ଯା ତା' ବାରିରେ ପଶି ପିଜୁଳି, କାକୁଡ଼ି ଚୋରି କରିବାରେ ସିଏ ଅତ୍ୟନ୍ତ ଓସ୍ତାତ୍ ଥିଲା। ଗୁଲି ଓ କାଣ୍ଡଶର ମାରି କପୋତ ଆଉ ବଣି ଚଢ଼େଇ ଶିକାର କରିବାରେ ନଖିଆର ଲକ୍ଷ୍ୟ ଅବ୍ୟର୍ଥ ଥିଲା। ନଖିଆକୁ ମୁଁ ସିନେମା ଦେଖିଯିବା କଥା କହିଲି।

**ପେନସିଲ୍ କଟା ଛୁରୀ**

ସିଏ କହିଲା-ତୁ ଚିନ୍ତା କରନା। ମୁଁ ବି ଏ ଯାଏ ସିନେମା ଦେଖି ନାହିଁ। ଆମେ ଦୁହେଁ ସାଙ୍ଗ ହୋଇ ସିନେମା ଦେଖିଯିବା। ମୁଁ ସେ ବାଟ କରିଦେବି। ସନ୍ଧ୍ୟା ବେଳକୁ ସିନେମା ହେଉଛି ତ? ଆମେ ଘଣ୍ଟେ ଆଗରୁ ଯିବା। ତୋର ପେନସିଲ୍‌କଟା ଧାରୁଆ ଛୁରିଟା ସାଙ୍ଗରେ ଆଣିଥିବୁ।

**ସନ୍ଧ୍ୟା ବେଳକୁ ସିନେମା ହେଉଛି ତ? ଆମେ ଘଣ୍ଟେ ଆଗରୁ ଯିବା। ତୋର ପେନସିଲ୍‌କଟା ଧାରୁଆ ଛୁରିଟା ସାଙ୍ଗରେ ଆଣିଥିବୁ।**

ମୁଁ ନଖିଆକୁ ପଚାରିଲି- ସିନେମା ଟିକେଟ ପାଇଁ ପଇସା ଦରକାର ନାହିଁ?

ନଖିଆ କିଛି ଉତ୍ତର ନ ଦେଇ କେବଳ ହସିଦେଲା। ନଖିଆର ବିଚକ୍ଷଣ ବୁଦ୍ଧି। ମୁଁ ଜାଣେ ସିନେମା ଦେଖିବା ପାଇଁ ସିଏ କିଛି ନା କିଛି ଗୋଟେ ବୁଦ୍ଧି ନିଶ୍ଚୟ କାଢ଼ିବ। ସେଦିନ ରବିବାର ଥିଲା। ସନ୍ଧ୍ୟା ଆଗରୁ ମୁଁ ନଖିଆ ଘରେ ହାଜର ହେଲି। ଦୁହେଁ ସିନେମା ଦେଖିବାକୁ ବାହାରିଗଲୁ। ବାଟରେ ମୁଁ ତାକୁ ପଚାରିଲି-ତୋ' ପାଖରେ କିଛି ପଇସା ଅଛି କି? ମୋ ପାଖରେ ଆଦୌ ପଇସା ନାହିଁ। କେମିତି ସିନେମା ଦେଖିବା?"

ସିଏ ମୋ ମୁହଁକୁ ଚାହିଁ ଦୁଷ୍ଟ ହସଟାଏ ହସି ପଚାରିଲା- ତୋର ସେ ଧାରୁଆ ଛୁରିଟା ଆଣିଛୁ ତ?

ମୁଁ ହଁ ମାରିଲି। ଛୁରିଟା ବାହାର କରିବାକୁ ପକେଟ୍‌ରେ ହାତ ପୂରାଇଲି। ସିଏ ତା' ହାତରେ ଠାରି ମନାକଲା। କହିଲା- ନା, ଏବେ ବାହାର କରନା। ତୁ ରଖିଥା। ମୁଁ ମାଗିବା ବେଳେ ଦେବୁ।

ଆମେ ଦୁହେଁ ସିନେମା ପଡ଼ିଆରେ ପହଞ୍ଚିଲୁ। ମୋତେ ଗୋଟେ ସ୍ଥାନରେ ଠିଆ କରାଇ ସିଏ ସିନେମା ପାଇଁ ପଡ଼ିଥିବା

ତମ୍ବୁ ଚାରିପାଖ ବୁଲି ଆସିଲା। ମୁଁ ପଚାରିଲି –ଛୁରିଟା ଦେବି ?

ସିଏ ଏକଡ଼କୁ ସେକଡ଼କୁ ସତର୍କତାର ସହିତ ଚାହିଁ କହିଲା– ନା, ଦରକାର ନାହିଁ। ମୁଁ ଗୋଟେ ଛୋଟ ବାଟର ସନ୍ଧାନ ପାଇଛି। ଅନ୍ଧାର ହେଇଚି। ଆମକୁ କେହି ଦେଖି ପାରିବେ ନାହିଁ। ଆମେ ଦୁହେଁ ସେଇ ବାଟଦେଇ ଅକ୍ଳେଶରେ ତମ୍ବୁ ଭିତରେ ପଶିଯାଇ ପାରିବା।

ମୋ ଛାତିଟା ଭୟ ଆଉ ଉଦ୍‌ବେଗରେ ଦାଉଁ ଦାଉଁ ଉଠିଲା ଓ ପଡ଼ିଲା। ଆମେ ଦୁହେଁ କନ୍ କନ୍ ହୋଇ ଏପଟ ସେପଟ ବୁଲିଲୁ। ସାଇ ପଡ଼ିଶାଙ୍କ ବାରି ବଗିଚାରେ ପଶି ଆମ୍ବ, ପିଜୁଳି, କାକୁଡ଼ି କିମ୍ବା ବରକୋଳି ଚୋରି କରିବାଠୁ ଏ କାମ ଅଧିକ ବିପଜ୍ଜନକ ମନେହେଲା।



ସନ୍ଧ୍ୟା ହେଲା। ଆମେ ଦୁହେଁ ପାଦ ଚାପି ଚାପି ପଛପଟ ତମ୍ବୁରେ ଥିବା ଛୋଟ ଫାଟ ଦେଇ ତମ୍ବୁ ଭିତରେ ଆଗ ପଛ ହୋଇ ପଶିଯିବା ମାତ୍ରେ କେହି ଜଣେ ଆମ ଦୁଇ ଜଣଙ୍କ ବେକକୁ ଦୁଇ ହାତରେ ଧରିନେଇ ତମ୍ବୁ ଭିତରୁ ବାହାରକୁ ଟାଣି ଟାଣି ଆଣିଲା। ସେ ଲୋକଟାର ଦୁଇଟା ବଡ଼ ବଡ ବାଘୁଆ ନିଶ ଥିଲା। ଆମେ ଦୁହେଁ ଭୟରେ ଥରିବାକୁ ଲାଗିଲୁ। ଆମେ କାନ୍ଦି କାନ୍ଦି କହିଲୁ–ଆମର ଭୁଲ୍ ହେଇ ଯାଇଚି। ଆଉ ଏମିତିଆ ଭୁଲ୍ କରିବୁ ନାହିଁ। ଆମକୁ ଦୟାକରି ଛାଡ଼ିଦିଅ।

ସେ ଲୋକ ଆମକୁ କହିଲା– ତୁମେ ଦୁଇଟା ଏତେ ଛୋଟ ଦିନରୁ ଏତେ ବଦମାସ ହେଲଣି। ତୁମ ଦୁଇଟାଙ୍କୁ ପୋଲିସରେ ଦେବି। ପୋଲିସ ତୁମ ଦୁଇଟାଙ୍କୁ ତା’ ଲାଠିରେ ପିଟି ପିଟି ତୁମ ହାତରେ ହାତକଡ଼ି ପକାଇ ଜେଲରେ ଠୁଙ୍କିଦେବ।

**ପୋଲିସ ଭୟରେ ଭେଁ**

ସେତେବେଳକୁ ଆମ ଗାଆଁରେ ଗୋଟେ ପୋଲିସ ଫାଣ୍ଡି ଥିଲା। ଆମେ ପୋଲିସ୍‌ର ଗାଳି, ଲାଠିମାଡ଼ ଆଉ ହାତକଡ଼ି ଆଗରୁ ଦେଖିଥିଲୁ। ପୋଲିସ ନାଆଁ ଶୁଣି ଆମେ ଦୁହେଁ ଭୟରେ ଭେଁ ଭେଁ ରଡ଼ି ଛାଡ଼ିଲୁ। ଆମ ଆଖିରୁ ଲୁହ ଆଉ ନାକରୁ ଶିଙ୍ଗାଣି ବାହାରି ପଡ଼ିଲା। ଆମେ ସେ ଲୋକର ଗୋଡ଼ ଧରି ନେହୁରା ହୋଇ ଅନୁରୋଧ କଲୁ – ଆମେ ଆଉ ଏମିତି ଭୁଲ୍ କାମ କେବେ କରିବୁ ନାହିଁ। ଆମକୁ ଏଇ ଥରକ ଛାଡ଼ିଦିଅ।

ସେ ଲୋକ କହିଲା – ଠିକ୍ ଅଛି। ମୁଁ ତୁମକୁ ଛାଡ଼ିଦେବି। ତୁମେ ଦୁହେଁ ନିଜ ନିଜର କାନ ଧରି ଶହେ ଥର ବସଉଠ ହୁଅ। ଆମେ ଅନ୍ୟ ଉପାୟ ନ ପାଇ ନିଜ ନିଜର କାନ ଧରି ବସଉଠ ହେଲୁ।

ବସଉଠ ହେଲାବେଳେ ଆମେ ଏକଡ଼ ସେକଡ଼କୁ ଚାହିଁଲୁ। କେହି କୁଆଡ଼େ ଦେଖାଯାଉ ନ ଥିଲେ। ଆମକୁ ଆଉ କେହି ଦେଖୁ ନାହାନ୍ତି। ପଚାଶ ଥର ବସଉଠ ହେବା ପରେ ସିଏ ଆମକୁ ଛାଡ଼ିଦେଲା। ଆମେ ଏକମୁହାଁ ହୋଇ ଦୌଡ଼ି ଦୌଡ଼ି ଯିଏ ଯାହା ଘରକୁ ପଳାଇ ଆସିଲୁ। ଘରେ କି ସାଇରେ ଏକଥା ଆମେ କାହାକୁ କହି ନ ଥିଲୁ କି ଏ କଥା ଆମ ନିଜ ଭିତରେ ବି ଆଉ କେବେ ଆଲୋଚନା କରି ନ ଥିଲୁ। ଆମେ ଦୁହେଁ ସେ ଦିନ ମନେ ମନେ ଖୁବ୍ ଲଜ୍ଜିତ ହୋଇଥିଲୁ।

ନଖିଆ ଆଉ ସିନେମା ଦେଖିଲା କି ନାହିଁ ତା’ର ଖବର ମୁଁ ରଖିନାହିଁ। ତେବେ ମୁଁ ପରେ ସିନେମା ଦେଖିଲି। ପ୍ରାୟ ଏକ ମାସ ଧରି ସିନେମାଟି ଚାଲିଲା। ସିନେମା ଦେଖିବାକୁ ପାଖଆଖ ତିରିଶ ଚାଳିଶ ଖଣ୍ଡ ଗାଆଁରୁ ଲୋକମାନଙ୍କର ସୁଅ ଛୁଟିଲା। ଆମ ବନ୍ଧୁବାନ୍ଧବ ଗାଆଁର ଲୋକେ ବହୁସଂଖ୍ୟାରେ ଆମ ଗାଆଁକୁ ଆସି ସିନେମା ଦେଖିଲେ। ସିନେମା ଟିକେଟ୍ ଦାମ୍ କମିଲା ନାହିଁ। ଆରମ୍ଭରେ ଯାହାଥିଲା ଶେଷ ପର୍ଯ୍ୟନ୍ତ ସେତିକିରେ ସ୍ଥିର ରହିଲା। ମୋର ହୃଦବୋଧ ହେଲାଯେ ସିନେମା ଟିକେଟ୍ ଦାମ କମିବା କଥା ମୋ ଜେଜେବାପା ମୋତେ ଯାହା କହିଥିଲେ, ସେଟା ଡାହା ମିଛ ଥିଲା। ମତେ ସିଏ ଏମିତି କହି ଠକିଦେବାକୁ ବସିଥିଲେ। ମୁଁ ସିନେମା ଦେଖିବା କଥା ଆଉ କେବେ ମୋ ଜେଜେବାପା, ବାପା କିମ୍ବା ବୋଉକୁ କହିନାହିଁ।

(ପ୍ରକାଶ ଅପେକ୍ଷାରେ ଥିବା ଲେଖକଙ୍କ ଆତ୍ମଜୀବନୀର ଏକ ଅଧ୍ୟାୟ।)

□□

ଲେଖକଙ୍କ ଇ-ମେଲ ଠିକଣା:
anandapahi@gmail.com


ଗଳ୍ପ

# ଆଶା ଓ ଆଶଙ୍କା



ମନୋଜ କୁମାର ଜେନା

ସୁନୟନା ସ୍କୁଲରୁ ଫେରି ତା'ର ଭଡ଼ାଘରକୁ ଫେରିବା ପରେ ଆନନ୍ଦରେ କୁରୁଳି ଉଠୁଥିଲା। ଏକମାସ ପ୍ରାଇମେରୀ ସ୍କୁଲରେ ଶିକ୍ଷୟିତ୍ରୀ ଚାକିରି କରିବା ପରେ ଆଜି ପ୍ରଥମ ମାସର ଦରମା ପାଇଛି। ମନରେ ସ୍ୱାବଲମ୍ବୀ ହେବାର ଗୌରବ ତାଳପତ୍ର ମେଲାଇ ସବୁଜିମାର ଛାତିରେ ହସୁଥିଲା। ପିଲାଟି ଦିନରୁ ଭୁବନେଶ୍ୱରର "ମୋ ଘର ଅନାଥାଶ୍ରମ"ରେ ତା'ର ଲାଳନପାଳନ। ବିବେକବାନ ମଣିଷମାନଙ୍କ କରୁଣାର ଅମିୟ ସ୍ପର୍ଶ ତା'ର ଦେହ ଓ ରକ୍ତମାଂସର କୋଣ ଅନୁକୋଣରେ ଗୁଞ୍ଜରିତ ହେଉଛି। ଅନାଥାଶ୍ରମରେ ଥିବାବେଳେ ମାଟ୍ରିକ ପାସ୍ କରି ସିଟି ଟ୍ରେନିଂ ନେଇସାରି ଏବେ ହରିପୁର ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ ଅବସ୍ଥାପିତ। ଅନାଥାଶ୍ରମର ପଞ୍ଜୁରି ଭିତରୁ ବାହାରି ଆସି ସେ ଅନୁଭବ କରୁଥିଲା ମୁକ୍ତ ବିହଙ୍ଗର ଅନୁଭବ ଆଉ ଅନୁଭୂତି।



ସେଇ ଅପୂର୍ବ ପୁଲକର ପ୍ରାଙ୍ଗଣରେ ଠିଆ ହୋଇବି ସେ ଝାଉଁଳି ପଡୁଥିବା ଫୁଲଟିଏ ପରି ଦିଶୁଥିଲା ମ୍ଳାନ, ନିଷ୍ପ୍ରଭ। ଧାଡ଼ି ଧାଡ଼ି ହୋଇ ପ୍ରଶ୍ନବାଚକ ଚିହ୍ନଗୁଡ଼ା ତା' ମନ ଭିତରେ ଭିଡ଼ ଜମାଇ ଦେଇଥିଲେ। ଯେତେ ପେଲି ବାହାର କରିବାକୁ ଉଦ୍ୟମ କଲେ ବି ଗୁଡ଼ାଏ ପ୍ରଶ୍ନ ମନ ଭିତରେ ପଶି ହୃଦୟକୁ କୋରି ପକାଉଥିଲେ। କିଏ ତାର ମା', କିଏ ତା'ର ବାପା ଏ ପ୍ରଶ୍ନ ତା' ମନକୁ ଆନ୍ଦୋଳିତ କରିଥିଲା।

ରବିବାର ଦିନ ଦୁଇ କିଲୋ ରସଗୋଲା ନେଇ 'ମୋ ଘର' ଅନାଥାଶ୍ରମର ସଭାପତି ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ଭୁବନେଶ୍ୱର ଘରେ ସୁନୟନା ପହଞ୍ଚିଗଲା। ତାକୁ ଦେଖି ଗୋବିନ୍ଦବାବୁ ଖୁସିରେ ଭିଜି ଭିଜି ପଚାରିଲେ - ମା' ସୁନୟନା। ତୋତେ ଦେଖି ମୋ ଅନ୍ତରରୁ ଆନନ୍ଦର ମନ୍ଦାକିନୀ ବହି ଆସୁଛି। କାଲି ଭଳି ଲାଗୁଛି ଆମ ଆଶ୍ରମକୁ ତୁ ଆସିଥିଲୁ କଅଁଳ ଦୂବଘାସଟିଏ ପରି। ତୋର କୁଆଁ କୁଆଁ ଶବ୍ଦରେ ଆମ ଆଶ୍ରମ ଗୁଞ୍ଜରିତ ହେଉଥିଲା। ଆଜି ତୁ ସ୍ୱାବଲମ୍ବୀ। ମୁଁ ଗର୍ବିତ ଓ ଗୌରବାନ୍ୱିତ।

ସୁନୟନା ଗୋବିନ୍ଦବାବୁଙ୍କ ପାଦ ଧରି ଦଣ୍ଡବତ ହେଲା। ତା'ର ଆଖି ଲୁହରେ ଭିଜି ଯାଇଥିଲା ତାଙ୍କ ପାଦଯୁଗଳ।

କଥା ପ୍ରସଙ୍ଗରେ ସୁନୟନା କହିଲା - ମଉସା, ଆଜି ପର୍ଯ୍ୟନ୍ତ ମୁଁ ଆପଣଙ୍କ ହାତ ଧରି ଠିଆ ହୋଇଛି। ମଣିଷ ମନଟା ବଡ଼ ଅମାନିଆ। ସେ ପାଇଲେ, ପୁଣି ଖୋଜିବା ଆରମ୍ଭ କରିଦିଏ। ମୁଁ କିପରି ଆପଣଙ୍କ ଆଶ୍ରମକୁ ଆସିଲି, କିଏ ମୋର ମା' ଜାଣିବା ପାଇଁ ମନରେ ପ୍ରଶ୍ନର ଗୁଳ୍ମ ଗଜୁରି ଉଠି ମୋତେ ଅସ୍ତବ୍ୟସ୍ତ କରୁଛି।

ହଠାତ୍ ଗୁରୁଗମ୍ଭୀର ହୋଇଉଠିଲେ ଗୋବିନ୍ଦ ବାବୁ। ଓଜନିଆ କଣ୍ଠରେ କହିଲେ - ମୋର ସାଙ୍ଗ ଅବନୀବାବୁ ବାରିପଦାଠାରେ ମାନସିକ ବିକାରଗ୍ରସ୍ତ ତଥା ଅସହାୟ ମହିଳାମାନଙ୍କ ପାଇଁ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେ ଆଶ୍ରମର ନାଁ - ଶାନ୍ତି। ପ୍ରାୟ ଚବିଶି ବର୍ଷ ତଳେ ଏକ ଜୀର୍ଣ୍ଣ, ଶୀର୍ଣ୍ଣ ଅସହାୟ ନାରୀଟିଏ ଆଖିରେ ଆଖିଏ ଲୁହର ଯନ୍ତ୍ରଣା ନେଇ ତାଙ୍କ ଆଶ୍ରମରେ ପାଦ ଦେଇଥିଲା। ତାକୁ ଯାହା ପଚାରିଲେବି ସେ ଥିଲା ନିରୁତ୍ତର। ତା' ଦେହ, ମନ ଓ ହୃଦୟରେ ବହୁଥିଲା ନିରବ ଝଡ଼। ବହୁ ପ୍ରଶ୍ନ ପରେ ସେ କେବଳ କହିଥିଲା ତା'ର ନାମ କାମିନୀ। ମୋର ବନ୍ଧୁ

ଅବନୀବାବୁଙ୍କ ଆଶ୍ରମରେ ଏକ ନୂଆ ଜୀବନ ପାଇଲା କାମିନୀ। ଦୁଇତିନି ମାସ ପରେ ଆଶ୍ରମର ଡାକ୍ତର ପରୀକ୍ଷା କରି କହିଲେ ଯେ କାମିନୀ ଅନ୍ତଃସତ୍ତ୍ୱା। ଅବନୀବାବୁ 'ଶାନ୍ତି' ଆଶ୍ରମର ସବୁ ଅନ୍ତେବାସୀ ପ୍ରାୟତଃ ଗର୍ଭବତୀ ହୋଇ ଆସିଥା'ନ୍ତି। ଅବନୀବାବୁ ଏହା ଜାଣି ଆଶ୍ଚର୍ଯ୍ୟ ହୋଇ ନ ଥିଲେ।

କାମିନୀ ଝିଅଟିଏ ଜନ୍ମ ଦେଲା ପରେ ସେ ଝିଅଟିକୁ ଅବନୀବାବୁ ନେଇ ଆସିଥିଲେ ଆମ ଆଶ୍ରମକୁ। ତାଙ୍କ ଆଶ୍ରମର ମାନସିକ ବିକାରଗ୍ରସ୍ତ, ଅସହାୟ ମହିଳାମାନଙ୍କ ସନ୍ତାନମାନଙ୍କୁ ଆମ ଆଶ୍ରମରେ ଆମେ ଆଶ୍ରୟ ଦେଉଥିଲୁ। ମା' ମାନେ ବାରିପଦାରେ, ସନ୍ତାନମାନେ ଭୁବନେଶ୍ୱରରେ। ତୁ ହେଉଛୁ କାମିନୀର ଝିଅ।

ସୁନୟନାର ମନ ଉପତ୍ୟକାରେ ସାଲୁବାଲୁ ହେଉଥିବା ପ୍ରଶ୍ନଗୁଡ଼ିକରେ ଡେଣା ଲାଗିଯାଇଥିଲା। ସୁନୟନା ଉତ୍ସୁକତାର ସହ ଗୋବିନ୍ଦବାବୁଙ୍କୁ ପ୍ରଶ୍ନ କଲା - ମୁଁ କ'ଣ ମୋ ମାଆକୁ ଦେଖା କରିପାରିବି ?

ଗୋବିନ୍ଦବାବୁ ଧୀର ସ୍ଥିର ଚିତ୍ତରେ ଉତ୍ତର ଦେଲେ - କାମିନୀ ଏବେ ବଞ୍ଚିଛି କି ମରିଛି, ମୁଁ ଜାଣେନା। ପାଞ୍ଚବର୍ଷ ତଳେ ଅବନୀବାବୁଙ୍କ ଦେହାନ୍ତ ପରେ 'ଶାନ୍ତି' ଆଶ୍ରମ, ଅବନୀବାବୁଙ୍କ ପୁଅ ତତ୍ତ୍ୱାବଧାନରେ ଚାଲିଛି। ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ନିକଟରେ 'ଶାନ୍ତି' ଆଶ୍ରମ। ବାରିପଦାରେ ଯାହାକୁ ପଚାରିଲେ ସେ ସେହି ଲୋକେସନ୍ କହିଦେଇପାରିବେ।

ଗୋବିନ୍ଦବାବୁଙ୍କ ପଦଧୂଳି ନେଇ ସୁନୟନା ଫେରିଥିଲା ହରିପୁରର ଭଡ଼ାଘରକୁ। ଆଶା ଆଉ ଆଶ୍ୱସ୍ତିର ପସରାଟିଏ ପାଇ ସେ ଆନନ୍ଦ ଅନୁଭବ କରୁଥିଲା।

ପର ରବିବାର ଦିନ ସୁନୟନା ବାରିପଦା ଯାଇ ଶାନ୍ତି ଆଶ୍ରମରେ ପହଞ୍ଚି ଅବନୀବାବୁଙ୍କ ପୁଅ ଅନିଲବାବୁଙ୍କ ସଙ୍ଗେ ସାକ୍ଷାତ୍ କଲା। ତା'ର ମାଆ ମୃତ କି ଜୀବିତ ଏ ପ୍ରଶ୍ନ ତା' ମନରେ ତରଙ୍ଗାୟିତ ହେଉଥିଲା।

ବିଶଦ ବିବରଣୀ ଦେଇ ସୁନୟନା ଅନିଲ ବାବୁଙ୍କୁ ଉତ୍କଣ୍ଠାର ସହ ପଚାରିଲା - କାମିନୀ ନାମରେ କେହି ମହିଳା ଆପଣଙ୍କ ଆଶ୍ରମରେ ଅଛନ୍ତି କି ?

ମୁହଁରେ ପୋଷେ ତାଜା ହସ ଖେଳାଇ ଅନିଲ ବାବୁ କହିଲେ - କାମିନୀ ମାଉସୀ ଆମ ଆଶ୍ରମର ଏକ ବିସ୍ମୟ। କ୍ରମାଗତ ଚିକିତ୍ସା ପରେ ସେ ତାଙ୍କର ମାନସିକ ଭାରସାମ୍ୟ ଆଶ୍ଚର୍ଯ୍ୟଜନକ ଭାବେ ଫେରିପାଇଛନ୍ତି। ଅତୀତର ଘଟଣାବଳୀ ତାଙ୍କ ଆଖି ସାମ୍ନାରେ ହୋଇଉଠିଛନ୍ତି ଜୀବନ୍ତ, ମୂର୍ତ୍ତିମନ୍ତ। କିଛିଦିନ ତଳେ ତାଙ୍କ ଝିଅ କେଉଁଠି ଅଛି ବୋଲି ମୋତେ ପ୍ରଶ୍ନ କରୁଥିଲେ। ମୁଁ କିଛି ନ ଜାଣିଥିବାରୁ ନିରୁତ୍ତର ରହିଲି। ଏଇ ତିନି ନମ୍ବର ରୁମ୍‌ରେ ୧୦ ନମ୍ବର ଖଟରେ ସେ ରହୁଛନ୍ତି। ତୁମେ ତାଙ୍କୁ ଯାଇ ଦେଖାକର।

ସୁନୟନାର ଉତ୍ସୁକ ମନ ଉଡ଼ନ୍ତା ପକ୍ଷୀଟିଏ ପରି ବସା ବାନ୍ଧିବାକୁ ଉଚ୍ଛନ୍ନ ହେଉଥିଲା। ସୁନୟନା ସାମ୍ନାରେ କାମିନୀ। ତା'ର ଆଖି ଦୁଇଟି ଲୁହରେ ଟଳମଳ। ତାଳୁରୁ ତଳିପା ପର୍ଯ୍ୟନ୍ତ ତନ୍ତ୍ରୀରେ ଭଙ୍ଗା ବୀଣାର ନୀରବ ମୂର୍ଚ୍ଛନା। ନାରୀଟିର ଉଜ୍ଜ୍ୱଳ ମୁହଁକୁ ଦେଖି ତା'ର ମନେ ହେଉ ନ ଥିଲା ଯେ ତା' ପଛରେ ଜମାଟ ବାନ୍ଧିଛି ଏତେ ବହଳ ଅନ୍ଧାର, ତା' ଜୀବନ ହେଉଛି କ୍ଷତ ଓ କ୍ଷତିର ଖତିଆନ।

**ସୁନୟନାର ଉତ୍ସୁକ ମନ ଉଡ଼ନ୍ତା ପକ୍ଷୀଟିଏ ପରି ବସା ବାନ୍ଧିବାକୁ ଉଚ୍ଛନ୍ନ ହେଉଥିଲା।**

ତୁମେ କିଏ ମା ? ମୋ ପାଖକୁ କାହିଁକି ଆସିଛ ? ମୁଁ ଯେ ନିଃସ୍ୱ, ମୁଁ ତୁମକୁ କ'ଣ ସାହାଯ୍ୟ କରି ପାରିବି ?

- ମୁଁ ସୁନୟନା। ଭୁବନେଶ୍ୱର 'ମୋ ଘର'ରେ ପାଳିତ ହୋଇ ଏବେ ଶିକ୍ଷୟିତ୍ରୀ ଚାକିରି କରୁଛି।

- ଆସ ମା, ମୋ ପାଖରେ ବସ। ତୁମକୁ ଦେଖିଲେ ମୋ ପେଟ ପୂରି ଯାଉଛି। ଏକ ଅଜଣା ପୁଲକ ମୋ ଦେହରେ, ମନରେ ଭରି ଉଠୁଛି।

- ମାଆ, ମୁଁ ତୁମର ଜନ୍ମିତ ଝିଅ।

- କ'ଣ, କହୁଛୁ ମା ! କାମିନୀ ସୁନୟନାକୁ କୋଳେଇ ନେଲା। ଅପୂର୍ବ ସେ ଅନୁଭବ, ଅପୂର୍ବ ସେ ଅନୁଭୂତି। କାମିନୀର ଓଠରୁ ଝରୁଥିଲା ପେନ୍ଥା ପେନ୍ଥା ହସଫୁଲ। ଅଦିନିଆ ବର୍ଷା ପରି ଟୋପା, ଟୋପା, ଖୁସିର ଲୁହ ଝରି ପଡୁଥିଲା ଦୁହିଁଙ୍କ ନୟନ ଯୁଗଳରୁ। ଦୁହିଁଙ୍କ ମନରେ ଆବେଗ ଓ ଆନନ୍ଦର ଉଦ୍‌ବେଳନ।

ସୁନୟନା ଅନୁଭବ କରୁଥିଲା ତା'ର ମାଆର ସ୍ମିତ ହାସ୍ୟରେ ପ୍ରକଟିତ ହେଉଛି ଚନ୍ଦ୍ରାଲୋକର ଶୀତଳତା। ତା'ର

ପ୍ରତିଟି ଶବ୍ଦ ଉଚ୍ଚାରଣରେ ଝରି ପଡୁଛି ଅମୃତମୟ ବାଣୀ।

ସୁନୟନା ଅନିଲବାବୁଙ୍କ ସଙ୍ଗରେ କଥାବାର୍ତ୍ତା କରି ପ୍ରାୟ ଏକମାସ ପରେ ତା'ର ମାଆକୁ ହରିପୁରସ୍ଥିତ ବସାଘରକୁ ନେଇଗଲା। ସୁନୟନା ଓ କାମିନୀଙ୍କ ମୁହଁରେ ଉକୁଟି ଉଠୁଥିଲା ସନ୍ତୋଷର ଭାବ। ସ୍ପଷ୍ଟ ହେଉଥିଲା ପ୍ରାପ୍ତିର ଉଲ୍ଲାସ ଓ ମହକ। ଚରମ ତୃପ୍ତି ଓ ପାଇବାର ସ୍ନିଗ୍ଧତାରେ ଉଭୟେ ନିଜକୁ ହଜେଇ ଦେଇଥିଲେ।

ମାଆକୁ ପାଇଲା ପରେ ସୁନୟନା ମନରେ ଦ୍ୱିତୀୟ ପ୍ରଶ୍ନ କଅଁଳି ଉଠିଲା। କିଏ ତା'ର ବାପା ? ଏହି ପ୍ରଶ୍ନ ତାକୁ ବିବ୍ରତ ଓ ବିଚଳିତ କରୁଥିଲା।



ତିନିମାସ ପରେ ଏକ ରବିବାର ଦିନ ମା' କୋଳରେ ଶୋଇ ସୁନୟନା ପଚାରିଲା

- ମା' ଲୋ, କିଏ ମୋର ବାପା ?

ଚମକି ପଡ଼ିଲା କାମିନୀ। ମୁଖମଣ୍ଡଳରେ ଘମାଘୋଟିଆ ମେଘ ଛାଇ ହୋଇଗଲା। କୋହ ସବୁ ଲୁହ ହୋଇ ତା'ର ଓଠର ଉପକୂଳକୁ ଛୁଇଁ ଯାଉଥିଲା। ଲୁହ ଭିଜା ଆଖିରେ କାମିନୀ ଉତ୍ତର ଦେଲା - ମା ଲୋ, ତୁ ଏ ପ୍ରଶ୍ନ ଆଉ କେବେ ପଚାରିବୁନି ?

- କିନ୍ତୁ କାହିଁକି ମାଆ ? ମାଆ ହିଁ ପ୍ରକୃତ ବାପାର ପରିଚୟ ଦେବା ପାଇଁ ସମର୍ଥ।

ସୁନୟନା ଭାବୁଥିଲା କାହିଁକି ତା' ମାଆ ଏ ପ୍ରଶ୍ନର ଉତ୍ତର ଦେବାକୁ ଅନିଚ୍ଛୁକ। ତା' ବାପା କ'ଣ ଏକ ଜହ୍ଲାଦ, ପାପିଷ୍ଠ, ଯାହା ନାଆଁ କହିଲେ ସୁନୟନା ଅବସାଦ, ଅପମାନ ଓ ଲଜ୍ଜାରେ ଭାଙ୍ଗିପଡ଼ିବ କିମ୍ବା ତା'ର ବାପା ସମାଜରେ ଜଣେ ଉଚ୍ଚପଦସ୍ଥ, ସମ୍ଭ୍ରାନ୍ତ, ପ୍ରତିଷ୍ଠିତ ବ୍ୟକ୍ତି, ତାଙ୍କ ନାଁ କହିଲେ ସେ ବ୍ୟକ୍ତି ସମାଜରେ ଉପହସିତ ହେବେ। ତାଙ୍କ ପ୍ରାପ୍ତି, ପ୍ରାଚୁର୍ଯ୍ୟର ପାହାଡ଼ ବଦନାମର ପ୍ରଚଣ୍ଡ ଆଘାତରେ ଭୁଶୁଡ଼ି ପଡ଼ିବ।

ଏମିତି ଅନେକ ପ୍ରଶ୍ନବାଚୀ ସୁନୟନା ମନରେ ଅଙ୍କୁରିତ ହେଉଥିବା ବେଳେ ମାଆକୁ ଆଦରରେ ପଚାରିଲା,

- ମା ଲୋ, ମୁଁ ବାପାଙ୍କ ନାମ ସବୁଦିନ ଗୋପନୀୟ ରଖିବି। ସେ ଦୁର୍ବୃତ୍ତ ହେଉ କି ଦୁର୍ଦ୍ଦାନ୍ତ, ପ୍ରତିଷ୍ଠିତ ହୁଅନ୍ତୁ କି ପ୍ରତିଭାବାନ୍। ମୁଁ କେବଳ ତାଙ୍କୁ ଦୂରରୁ ଦେଖି ମୋର ତପ୍ତ ପ୍ରାଣକୁ ଶୀତଳ କରିବି।

- ମା' ସୁନୟନା, ମୋ କଥାକୁ ତୁ କ'ଣ ସତ୍ୟ ବୋଲି ମାନିନେବୁ।

- ହଁ ମା, ଯେଉଁଠି ବିଶ୍ୱାସ ଥାଏ, ସେଠି ପ୍ରମାଣ ଦରକାର ନାହିଁ। ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଦସ୍ତଖତ ନାହିଁ, କିନ୍ତୁ ସାରା ଦୁନିଆ ତାକୁ ପ୍ରଭୁ ଶ୍ରୀକୃଷ୍ଣଙ୍କ କଣ୍ଠ ନିଃସୃତ ବାଣୀ ବୋଲି ମାନୁଛି।

କାମିନୀର ଆଖି ଆଗରେ ନାଚି ଉଠୁଥିଲା ଅମା ଅନ୍ଧକାର ରାତ୍ରିର ନିବୁଜ କୋଠରି। ତା'ର ଭଙ୍ଗା ଦଦରା ଘରର ବାହାରେ ବର୍ଷାର ଯୋଡ଼ିନାଗରା, ପବନର ସାହାନାଇ, ଘଡ଼ଘଡ଼ିର ବିକଟ ଚିତ୍କାର। କେହି ଜଣେ ବ୍ୟକ୍ତି ତା' ଘର କବାଟକୁ ଭାଙ୍ଗି ପଶି ଆସିଲା। ତା'ର ଘନ ଆଶ୍ଳେଷ ଭିତରେ ବଜ୍ରବାହୁ ବନ୍ଧନୀ ଭିତରେ ତାକୁ ଜାକି ଧରିଥିଲା। କାମିନୀର ଚିତ୍କାର ବର୍ଷା ଆଉ ଘଡ଼ଘଡ଼ିର ରଣହୁଙ୍କାର ଭିତରେ ମିଳେଇ ଯାଇଥିଲା। ହଜି ଯାଇଥିଲା ତା'ର ଅସ୍ତିତ୍ୱ ଆଉ ସମଗ୍ର ସତ୍ତା। କାମୁକର କାମନାର ବହ୍ନି ଲିଭିଗଲା ପରେ ଅନ୍ଧାରର କଳାପଣତ ଉହାଡ଼ରେ ସେ କେଉଁଆଡ଼େ ଉଭେଇଗଲା, କାମିନୀ ଜାଣିପାରି ନ ଥିଲା।

କାମିନୀ ଭାବୁଥିଲା, ସେ କେମିତି ସୁନୟନାକୁ କହିବ କିଏ ତା'ର ବାପା ? ସୁନୟନାର ବିନମ୍ର ଅନୁରୋଧକୁ ଭାଙ୍ଗି ନ ପାରି କାମିନୀ ସବୁ ଘଟଣା ତା' ଆଗରେ ବର୍ଣ୍ଣନା କଲା। ସବୁ ଶୁଣିଲା ପରେ ସୁନୟନା ନିଜ କୋହକୁ ସମ୍ଭାଳି ନ ପାରି ତା' ମାଆକୁ କାନ୍ଦି କାନ୍ଦି ଜାବୁଡ଼ି ଧରିଲା। ତା' ଛାତି ତଳେ ବ୍ୟଥା, ବେଦନାର କୋହ ତା' ହୃଦୟକୁ ମନ୍ଥି ପକାଉଥିଲା। ମାଆକୁ ଏହି ହୃଦୟଫଟା ପ୍ରଶ୍ନ ଆଉ ନ ପଚାରିବାକୁ ସୁନୟନା ନିଷ୍ପତ୍ତି ନେଇଥିଲା। ମାଆର ଆଖି ଲୁହକୁ ପୋଛି ନିଜ ଆଖି ଲୁହକୁ ପୋଛିଦେଲା। ମୁହଁରେ ଚେନାଏ ହସ ଖେଳାଇ କହିଲା - ଲୁହ ପୋଛିବା ଭଳି ଆମେ ଆମ ଅତୀତର ସ୍ମୃତିକୁ ପୋଛି ଦେବା। ନୂଆ ଆଶା, ନୂଆ ସ୍ୱପ୍ନରେ ଉଦ୍‌ଭାସିତ ନୂଆ ସକାଳକୁ ସ୍ୱାଗତ କରିବା।

କାମିନୀ ମୁହଁରେ ପୋଷେ ତାଜା ହସ ଲହଡ଼ି ଭାଙ୍ଗୁଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
mkjena1957@gmail.com




ପ୍ରବନ୍ଧ

# ଉତ୍ତରାଧୁନିକ ସଂସ୍କୃତ କବି ପରମ୍ପରାରେ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ମିଶ୍ର

ପୃଥିବୀର ସର୍ବପ୍ରଥମ ଭାଷା ଭାବରେ ସଂସ୍କୃତ ଭାଷାକୁ ଗଣାଯାଏ। ଏହାର ପ୍ରାଚୀନ ରୂପରେ ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ବେଦର ପରିପ୍ରକାଶ। ଏହାର ମଧ୍ୟ ପ୍ରାଚୀନ ରୂପକୁ ପ୍ରାଗ୍ ବୈଦିକ ସାହିତ୍ୟ ଭାବେ ଅଭିହିତ କରାଯାଏ। ମହର୍ଷି ପାଣିନୀ ଭାଷାକୁ ବିଜ୍ଞାନ ସମ୍ମତ ଏକ ଶୃଙ୍ଖଳାରେ ବାନ୍ଧି ଦେଇଥିବାରୁ ଏହାକୁ ସଂସ୍କୃତ (ପରିଷ୍କୃତ) ଭାଷା ବୋଲି କୁହାଗଲା। ପତଞ୍ଜଳିଙ୍କ ଦୃଷ୍ଟିରେ ଭାଷା ଦୁଇ ପ୍ରକାର। ଗୋଟିଏ ବୈଦିକ ଓ ଅପରଟି ଲୌକିକ। ନିଜେ ପାଣିନୀଙ୍କ ଲିଖିତ ଜାମ୍ବବତୀ ହରଣଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀରେ ରଚିତ କାବ୍ୟ ନାଟକ ଓ ଉପନ୍ୟାସାଦି ସାହିତ୍ୟର ଲୌକିକ ସାହିତ୍ୟ ପଦବାଚ୍ୟ। ଏହି ଭାଷା, ସ୍ଥାନ, କାଳ ଓ ପାତ୍ରରେ ବ୍ୟାପ୍ତ ହୋଇଥିବାରୁ ଚିରନ୍ତନ। ମହାଭାରତ, ରାମାୟଣର ଭାଷା ଆଦି ମଧ୍ୟ କାବ୍ୟ ନାଟିକାଦି, ଆଧୁନିକ ଓ ଉତ୍ତର ଆଧୁନିକ ଶୈଳୀରେ ଲିଖିତ।




## ଆଧୁନିକ କାବ୍ୟନିର୍ଝର

ସେ କାଳରୁ ସଂସ୍କୃତ ଭାଷାରେ ଯେପରି ସାହିତ୍ୟ ରଚନାର ଧାରା ପ୍ରବାହିତ ସେହିଭଳି ଆଜି ଉତ୍ତର ଆଧୁନିକ କାଳରେ ମଧ୍ୟ ସଂସ୍କୃତ କାବ୍ୟନିର୍ଝର ବହୁଗୁଣିତ ଉତ୍ସାହରେ ପ୍ରବାହିତ। ପ୍ରାଚୀନ ଭାଷା, ଶୈଳୀ, ବିଷୟ ବିବେଚନ ଓ ଉପନ୍ୟାସର ବିଧାନ ଏତେ ମାତ୍ରାରେ ନିୟମବଦ୍ଧ ଯେ, ତାହା ଦେଖିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ସଂସ୍କୃତ ଭାଷାରେ ରଚନାଶୈଳୀ ନାନା ଛନ୍ଦ ଦ୍ୱାରା ଓ ମାତ୍ରାଦ୍ୱାରା ଖୁବ୍ ପୁଷ୍କଳ। ଅଳଂକାର ଶାସ୍ତ୍ର ଓ ଛାନ୍ଦ ଶାସ୍ତ୍ର ବୈଦିକ କାଳରୁ ସମୃଦ୍ଧ। ଭାରତ, ଭାମହ, ଦଣ୍ଡୀ, ବାମନଭଟ୍ଟ, ଭଟ୍ଟୋଦ୍‌ଭଟ, ଭଟ୍ଟଲୋଲ୍ଲଟ, ଶ୍ରୀଶଂକୁକ, ଆନନ୍ଦବର୍ଦ୍ଧନ ଅଭିନବ, ରୁଜ୍ୟକ, ମମ୍ମଟ, ଜୟଦେବ, ବିଦ୍ୟାଧର, ବିଦ୍ୟାନାଥ, ରୂପଗୋସ୍ୱାମୀ, ବଳଦେବ ବିଦ୍ୟାଭୂଷଣ ଓ ଅନ୍ୟାନ୍ୟ ପ୍ରାତଃ ସ୍ମରଣୀୟ ଆଳଙ୍କାରିକ ଓ ପିଙ୍ଗଳ, ଗଙ୍ଗାଦାସ, କାଳିଦାସ ପ୍ରଭୃତିଙ୍କ ଛନ୍ଦଶାସ୍ତ୍ରର ନିୟମବଦ୍ଧ ରଚନା ଥିଲେ ହେଁ ବିଷୟର ବ୍ୟାପକତା ଖୁବ୍ ଚିତ୍ତାକର୍ଷକ। ଆଜିର ପ୍ରସିଦ୍ଧିଲାଭ କରିଥିବା ଗଦ୍ୟ କବିତା ଯଜୁର୍ବେଦ, ବ୍ରାହ୍ମଣ ଆରଣ୍ୟକ ଓ ଉପନିଷଦ ଯୁଗରୁ ଆରମ୍ଭ। ତେବେ ପ୍ରସ୍ତୁତ ପ୍ରବନ୍ଧଟି କେବଳ ଓଡ଼ିଶାର ଉତ୍ତର ଆଧୁନିକ କାଳ ସଂପର୍କରେ ହୋଇଥିବାରୁ ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

ସମଗ୍ର ଭାରତରେ ଆଜି ଯଦ୍ୟପି ସଂସ୍କୃତ ଭାଷାରେ ଅନେକ କବିତା ରଚନା କରାଯାଉଛି ସେଥିରେ ଓଡ଼ିଶାବାସୀ ଓ ପ୍ରବାସୀମାନଙ୍କ ଅବଦାନ ବହୁତ। ସେମାନଙ୍କ କାବ୍ୟ କଦମ୍ବକୁ ନାନା ଭାବରେ ବିଭକ୍ତ କରାଯାଇପାରେ। ଶାସ୍ତ୍ରକାବ୍ୟ ଶୈଳୀ, ସୁକୁମାର ଶୈଳୀ, ଆଧୁନିକ ଓ ଉତ୍ତର ଆଧୁନିକ ଶୈଳୀ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ନିମିତ୍ତ, ଉତ୍କଳ ଓ ଭାରତର ମହିମାବର୍ଣ୍ଣନା ନିମିତ୍ତ ରାଧାନାଥଙ୍କ 'ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ', କାନ୍ତ କବିଙ୍କ 'ବନ୍ଦେ ଉତ୍କଳ ଜନନୀ' ସର୍ବଜନ ବିଦିତ। ମାତ୍ର ବିଶିଷ୍ଟ ବିଦ୍ୱାନ କବି ପ୍ରଫେସର ଜୟକୃଷ୍ଣ ମିଶ୍ରଙ୍କ ରଚିତ 'ମାତୃ ମୁକ୍ତି ମୁକ୍ତାବଳୀ' ଭଳି ଛଅଶତ ପୃଷ୍ଠାତ୍ମକ ବିଶାଳ ଭାରତମାତାର ମହିମାଗାନାତ୍ମକ ଚମ୍ପୂକାବ୍ୟ ସର୍ବଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ। ଦୂତ

କାବ୍ୟ ପରମ୍ପରାରେ ପଣ୍ଡିତ ପ୍ରବୋଧ ମିଶ୍ରଙ୍କ ଦଶଟି ଦୂତ କାବ୍ୟ- ରାଷ୍ଟ୍ରଜାଗରଣ, ଦେଶବନ୍ଦନା, ଦାରିଦ୍ରତାର ଦୁଃଖ ଓ ଭାରତୀୟ ଯୁବକର ସ୍ୱପ୍ନ ପ୍ରଭୃତିକୁ ଆଧାରକରି ମନ୍ଦାକ୍ରାନ୍ତା ଓ ଅନ୍ୟାନ୍ୟ ଛନ୍ଦରେ ସରଳ ସାବଲୀଳ ଢଙ୍ଗରେ ବିରଚିତ। ତାଙ୍କରି ଭଳି କାରଗିଲ ବିଜୟକୁ ଆଧାରକରି କବି ବ୍ରଜସୁନ୍ଦର ମିଶ୍ରଙ୍କ 'କାରଗିଲ ବିଜୟ', ମନମୋହନ ଆଚାର୍ଯ୍ୟଙ୍କ ଶିଶୁ ଗୀତ "ଚଲତ ଚଲତ ବାଲକା, ଭାରତ ରଥ ଚାଲକା," ଶିବାନନ୍ଦ ଲହରୀ କାରଗିଲ ଯୁଦ୍ଧରେ ନିହତ ପଦ୍ମପାଣି ଆଚାର୍ଯ୍ୟଙ୍କ ପତ୍ନୀ ନିକଟକୁ ପତ୍ର ଅତ୍ୟନ୍ତ ମର୍ମସ୍ପର୍ଶୀ। ସେହିଭଳି ରୁଷିଆରେ ଲେନିନ୍ ମୂର୍ତ୍ତିକୁ ଭାଙ୍ଗିଦେବା ଆଧାରରେ ପ୍ରଫେସର କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ 'ହାଲେନିନୋ' ପ୍ରଫେସର ପ୍ରମୋଦ ମିଶ୍ରଙ୍କ ଉତ୍କଳ ଭ୍ରମଣାଦି କାବ୍ୟ ଓ ତାଙ୍କର କାବ୍ୟଦ୍ୱ ନାନା ଛନ୍ଦରେ ଆଶୁ କବିତା ଖୁବ୍ ଆନନ୍ଦପ୍ରଦ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ 'ଗଙ୍ଗାଜଳ ଦୂଷିତମ୍' ଭାରତାୟନ ଓ ବିଶ୍ୱାୟନ ଭାରତବର୍ଣ୍ଣନା ନାନା ଛନ୍ଦରେ ବର୍ଣ୍ଣିତ। ପଣ୍ଡିତ ଗୋବିନ୍ଦ ମିଶ୍ର, ସଦାଶିବ ପ୍ରହରାଜ ଓ ବିଶେଷତଃ ବୈକୁଣ୍ଠ ବିହାରୀ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଶାସ୍ତ୍ରୀ, ହରେକୃଷ୍ଣ ଧୂପାଳ, କବି ବେଣୁଧର ପରିଡ଼ା, ପଣ୍ଡିତ ରାଜ ଦିଗମ୍ବର ମହାପାତ୍ର, ଆଦି ଅନେକ ଦିଗ୍‌ଗଜ କବିଗଣଙ୍କ ଅବଦାନ ଖୁବ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ। ରଙ୍ଗରୁଚିର ଭଳି ଶିଶୁ କବିତା, ସୁରେନ୍ଦ୍ର ସାଏ 'ଚରିତମ୍', 'ଭାବାତୀତ ଧ୍ୟାନମ୍', 'ଦୁର୍ନୀତି ନାଟିକମ୍', 'ରୁଷିଆ ଶତକମ୍', 'ମାନସ ସାନ୍ଦେଗାଦି', ଦିଗମ୍ବର କବିଙ୍କ କୃତି ଖୁବ୍ ପ୍ରସିଦ୍ଧ, କ୍ଷୀରୋଦ ଚନ୍ଦ୍ର ଦାଶଙ୍କ 'ତାରୁଣ୍ୟ ଶତକ' ମଧ୍ୟ ପ୍ରସିଦ୍ଧ।

### ମୁକ୍ତ ଛନ୍ଦ

ମାତ୍ର ଏହି ଧାରା ବ୍ୟତୀତ ମୁକ୍ତ ଛନ୍ଦରେ ଲେଖିବାର ଶୈଳୀ ଭାରତର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଓଡ଼ିଶାରେ ପରୀକ୍ଷା ନିରୀକ୍ଷା ଅଧିକ କରାଯାଇଛି। କେଶବ ଦାଶଙ୍କ ଶଶୀରେଖା, ନିମ୍ନ ପୃଥିବୀ ଆଦି ପ୍ରଥମ ପଦକ୍ଷେପ। ଏହି ବିଧାନରେ ପ୍ରଫୁଲ୍ଲ ମିଶ୍ର, ପ୍ରମୋଦ ନାୟକ, ବିଭୂତି ମହାପାତ୍ର, ଜଗମୋହନ ଆଚାର୍ଯ୍ୟ, ବନମାଳୀ ବିଶ୍ୱାଳ, ରବୀନ୍ଦ୍ର ପଣ୍ଡା, ଅରୁଣ ରଞ୍ଜନ ମିଶ୍ର ଓ ଅନ୍ୟାନ୍ୟ ଅନେକ ଆଧୁନିକ ଓ ଉତ୍ତର ଆଧୁନିକ କବିଭାବେ ପରିଚିତ।


ବନମାଳୀ ବିଶ୍ୱାଳଙ୍କ 'ଭାଲେଣ୍ଟାଇନ୍ ଡେ ଚିନ୍ତନମ୍', ପ୍ରଫୁଲ୍ଲ ମିଶ୍ରଙ୍କର 'ଚିତ୍ର କୁରଙ୍ଗୀ,' 'ତବନିଳୟେ ବ୍ରହ୍ମନାଭି', 'ଚୈତ୍ର ରଜନୀ', 'ମନୋଜଙ୍ଗମେ', ଆଦି କାବ୍ୟକଦମ୍ବମାନ ଅତୁଳ ଭାବେ ପ୍ରଚାରିତ ଓ ପ୍ରସାରିତ। କବିତାରେ ଶୈଳୀ ଗତାନୁଗତିକତା ତଥା ଛନ୍ଦରେ ଅତି ମାତ୍ରାରେ ଗୁରୁକାଲୁ ବନ୍ଧନୀରେ କାବ୍ୟାଭିବ୍ୟକ୍ତି କ୍ଲେଶକର ଓ ସ୍ପଷ୍ଟ ହୋଇ ନ ଥିବା ମନେ କରି କବିମାନେ ଅନ୍ୟାନ୍ୟ ଭାରତୀୟ ଭାଷାର ବିଷୟବସ୍ତୁ ସହିତ ସମତାଳ ଦେଇ କାବ୍ୟରଚନା କରିଛନ୍ତି। ସେଥିରେ ଯୁଦ୍ଧ, ଦ୍ୱନ୍ଦ୍ୱ, ବୃଦ୍ଧ, ସ୍ତ୍ରୀ ଓ ଶିଶୁମାନଙ୍କର ସୁଖଦୁଃଖକୁ ଆଧାର କରି ବାବାମାନଙ୍କର ଉପଦ୍ରବ ମଧ୍ୟ କାବ୍ୟବିଷୟ ଭାବେ ଗ୍ରହଣ କରାଯାଇଛି। ବିଶେଷତଃ ଯୌନନିର୍ଯାତନା, ସତ୍ୟ ଓ ମିଥ୍ୟାରୋପ, ପିତାମାତାଙ୍କ ପ୍ରତି କ୍ରୂର ବ୍ୟବହାର, ସମାଜରେ ନିଶା ଦ୍ରବ୍ୟର କୁପ୍ରଭାବ, ପ୍ରଣୟ ଓ ହତାଶାରୁ ହିଂସା, କାର୍ଯ୍ୟାଳୟମାନଙ୍କରେ ଦୁର୍ନୀତି ତଥା ଉପରିସ୍ଥ ଅଧିକାରୀମାନଙ୍କର ଅବଜ୍ଞାସୂଚକ ବ୍ୟବହାର, ଶିକ୍ଷକମାନଙ୍କୁ ଅପମାନ, ରାଜନେତାଙ୍କ ପ୍ରଜାପୀଡ଼ନ ଓ ଶୋଷଣ କାର୍ଯ୍ୟକ୍ରମ ଆଦି ଦେଶର ଓ ବିଦେଶର ଘଟଣାବଳୀମାନଙ୍କର କଳାତ୍ମକ ପରିପ୍ରକାଶ ବିଭିନ୍ନ ଉତ୍ତର ଆଧୁନିକ ବିଷୟ ଭାବେ ଗୃହୀତ। କିନ୍ତୁ ସଂସ୍କୃତ ସାହିତ୍ୟ ହଜାର ହଜାର ବର୍ଷ ଧରି ରଚିତ ହୋଇଥିବାରୁ ଆଜିର ସମସ୍ୟାମାନ ଯେ ବହୁତ ଆଗରୁ ମହାକବିମାନଙ୍କ ଦ୍ୱାରା ଭିନ୍ନ ଶୈଳୀରେ ରଚିତ ତାହା କହିବା ବାହୁଲ୍ୟ ମାତ୍ର। କିନ୍ତୁ ବର୍ତ୍ତମାନ ପ୍ରେକ୍ଷାପଟରେ ନୂତନ ଶୈଳୀର ବାକ୍‌ବିନ୍ୟାସ ନିଶ୍ଚିତ ଆନନ୍ଦବର୍ଦ୍ଧନଙ୍କ ଭାଷାରେ ମଧୁମାସରେ ବା ଚୈତ୍ରମାସରେ ବୃକ୍ଷଗୁଡିକ ନୂତନ ପତ୍ରପୁଷ୍ପ ଧାରଣ କଲା ଭଳି କବିମାନେ ନୂତନ ରୂପରେ ତାହା ବ୍ୟକ୍ତ କରିଥାନ୍ତି।

**କରୋନା ସମୟରେ ଥିବା ପୀଡ଼ାକୁ ଆଧାର କରି ଅନେକ କାବ୍ୟ ରଚନା କରାଯାଇଛି।**

### ଗଣମାଧ୍ୟମ

ବର୍ତ୍ତମାନ ବହୁ ଆୟାମୀ ଗଣମାଧ୍ୟମର ଲାଭ ନେଇଛନ୍ତି ସଂସ୍କୃତ କବିଗଣ। ବର୍ତ୍ତମାନର ସମସ୍ୟାକୁ ନେଇ ତତ୍‌କ୍ଷଣାତ୍ କାବ୍ୟମାନ ବିରଚିତ ହେବାରେ ଲାଗିଛି। କରୋନା ବିଶ୍ୱମାରୀ ପ୍ରକୋପରେ ଗୃହବନ୍ଦୀ କବିଗଣ ସଂଗଣକ ଆଭାସୀ ମାଧ୍ୟମରେ ଅନେକ କବି ସମ୍ମେଳନ କରିଥିଲେ। ବିଶେଷତଃ କରୋନା

ସମୟରେ ଥିବା ପୀଡ଼ାକୁ ଆଧାର କରି ଅନେକ କାବ୍ୟ ରଚନା କରାଯାଇଛି। କୁମ୍ଭମେଳା ଦୀର୍ଘ ମାସ ଧରି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଲା ବେଳେ ପ୍ରତିଦିନ ସଂସ୍କୃତ କବିତା ପାଠ କରାଯାଉଥିଲା। ଏଠାରେ ବିଶେଷ ଭାବେ ଉଲ୍ଲେଖଯୋଗ୍ୟ ଯେ ଭାରତର ବିବିଧ ମାତୃଭାଷାମାନଙ୍କରେ କେବଳ ଉତ୍ତର ଆଧୁନିକ କବିମାନଙ୍କୁ ମାନ୍ୟତା ପ୍ରାପ୍ତ ହେଉଛି। କିନ୍ତୁ ଯେଉଁମାନେ ପ୍ରାଚୀନ ଶୈଳୀରେ ଲେଖୁଛନ୍ତି ସେମାନଙ୍କ ମାନ୍ୟତା ଖୁବ୍ କମ୍। ସଂସ୍କୃତରେ କଥାଟି ପୂରା ଓଲଟା ଶ୍ଳୋକାକାରରେ ବିଭିନ୍ନ ଛନ୍ଦ ପ୍ରୟୋଗକାରୀ, ମାତ୍ରିକ ଛନ୍ଦରେ ଗୀତମାନଙ୍କ ଭଳି କବିମାନେ ବହୁଳଭାବେ ସଂସ୍କୃତରେ ଆତଯାତ। ଏଠାରେ କୁହାଯାଇପାରେ ଯେ, କାବ୍ୟ କଳାର ସୁକୁମାରତା କ୍ରମଶଃ ତା'ର ଦିଶା ବଦଳାଇବାରେ ଚାଲିଛି। ନୂତନ ପ୍ରୟୋଗ ଓ ସୂକ୍ଷାତିସୂକ୍ଷ୍ମ ଅନୁଭୂତିର ମାର୍ଗକୁ ଆପଣାଇବା ବେଳେ ସଂସ୍କୃତ ଭାଷାରେ ଏକାଦିକ୍ରମେ ସମସ୍ତ ଶତାବ୍ଦୀର କବିତା ରଚିତ ହେଉଛି। ନୂତନ ଶବ୍ଦ ସେହି ଶ୍ଳୋକରେ ଖୋଜିଲେ ଅନେକ ସମୟରେ ସହୃଦୟକୁ ହତାଶ ହେବାକୁ ପଡେ। ଉପର ଆଧୁନିକ ବିଷୟ ସଂସ୍କୃତ ସାହିତ୍ୟରେ ବିରଳ ନୁହେଁ। ହୁଏତ ଆଜକୁ ପଞ୍ଚଦଶ ଶତକ ପୂର୍ବେ ମହାକବି ବାଣଭଟ୍ଟ ଚଣ୍ଡାଳକନ୍ୟାର ବର୍ଣ୍ଣନା, 'ମୃଚ୍ଛକଟିକ'ରେ ଦରିଦ୍ରତାର ବର୍ଣ୍ଣନା ଏହି ସାମାଜିକ ଅନ୍ତର୍ଭୁକ୍ତିକୁ ଓ ଉତ୍ତରାଧୁନିକତାକୁ ସୂଚାଏ। ନାଟକମାନଙ୍କରେ ଥିବା କଞ୍ଚୁକୀମାନେ ବୃଦ୍ଧାବସ୍ଥାର କରୁଣ ଦୁର୍ଦ୍ଦଶା ଅଙ୍ଗଭଙ୍ଗୀ ଓ ବିଦୂଷକ ବ୍ରାହ୍ମଣମାନଙ୍କର ଦରିଦ୍ରତା ଆଦି ଖୁବ୍ ବହୁଳଭାବେ ପ୍ରଚଳିତ। ଦଣ୍ଡୀଙ୍କ ଦଶକୁମାର ଚରିତରେ ବର୍ଣ୍ଣିତ 'ମାତଙ୍ଗ ଚରିତ' ମଧ୍ୟ ଏକ ସମାଜରୁ ଦୂରେଇ ସଂସ୍କାର ହରାଇଥିବା ଚରିତ୍ରକୁ ପରିପ୍ରକଟନ କରେ।




ଓଡ଼ିଶାରେ ସୁଦର୍ଶନ ପାଠୀ ଶର୍ମାଙ୍କ ସିଂହଳ ବିଜୟ, ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ସ୍ନାତକୋତ୍ତର ବିଭାଗରେ ଅନେକ ସଂସ୍କୃତ ନାଟକ ଅଭିନୀତ ହୋଇଛି ଯାହାର ବିଷୟବସ୍ତୁରେ ଯୌତୁକଯାତନା, ନକ୍ସଲଙ୍କ ଗ୍ରାମବାସୀଙ୍କୁ ଦେଉଥିବା ପୀଡା ଓ ଅନ୍ୟାନ୍ୟ ସାମାଜିକ ବ୍ୟାଧିକୁ ପ୍ରକଟିତ କରିଛି।


### ସଂସ୍କୃତ ପ୍ରଚାରିଣୀ ଅନୁଷ୍ଠାନ

ଏତଦ୍‌ବ୍ୟତୀତ ଓଡ଼ିଶାରେ ଲୋକଭାଷା ପ୍ରଚାର ସମିତି, ଦେବ ଭାଷା ପ୍ରଚାର ସମିତି, ସଂସ୍କୃତ ଭାରତୀ, ବିଶ୍ୱ ସଂସ୍କୃତ ପ୍ରତିଷ୍ଠାନ, ଭୁବନେଶ୍ୱର ସଂସ୍କୃତ ସମିତି, ରଙ୍ଗରୁଚିରମ୍, ସଂସ୍କୃତ ସାହିତ୍ୟ ଏକାଡେମୀ, କଟକ ସଂସ୍କୃତ ପରିଷଦାଦି ଓଡ଼ିଶାରେ ଅନେକ ସଂସ୍କୃତ ଅନୁଷ୍ଠାନ ଥିବାରୁ ଏହି ସମିତି ମାଧ୍ୟମରେ କବିମାନେ ନିଜକୁ ଆତ୍ମପ୍ରକାଶ କରନ୍ତି। ଫଳତଃ ଶତାଧିକ ସଂସ୍କୃତ କବି କାବ୍ୟ, ନାଟକ, ଖଣ୍ଡ କାବ୍ୟ, ପୁସ୍ତକମାନ ଅନବରତ ରଚନା କରି ସର୍ବଭାରତ ସ୍ତରରେ ପରିଚିତ ହୋଇଥାନ୍ତି। ଏତଦ୍ ବ୍ୟତୀତ ନାଟକ, ଗଳ୍ପ, ଉପନ୍ୟାସର ମଧ୍ୟ ସଂଖ୍ୟା କମ୍ ନୁହେଁ। ସଂସ୍କୃତ ଭାଷାରେ ଦୀର୍ଘବର୍ଷ ଧରି ଦୈନିକ, ସାପ୍ତାହିକ, ମାସିକ, ତ୍ରୈମାସିକ, ଷାଣ୍ମାଷିକ ପତ୍ରିକାମାନ ପ୍ରକାଶିତ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଚାଲୁଥିବାରୁ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ଆଗେଇ ଚାଲିଛି। ବର୍ତ୍ତମାନ ସଂଗଣକୀୟ କବିତା ଗଳ୍ପାଦି ସଂସ୍କୃତ କବିମାନେ ରଚନା କରି ପ୍ରତ୍ୟହ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରେରଣ କରୁଛନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ, ସଂସ୍କୃତର ସୁବର୍ଣ୍ଣଯୁଗ ଓଡ଼ିଶାରେ ରହିଛି। ଫଳରେ ଓଡ଼ିଆ ପିଲାଏ ସଂସ୍କୃତକୁ ଆଧାର କରି ଭାରତ ଓ ଭାରତ ବାହାରେ ପ୍ରତିଷ୍ଠିତ ହୋଇଛନ୍ତି। କିନ୍ତୁ ଓଡ଼ିଶା ସରକାରଙ୍କ ଅବିମୃଶ୍ୟକାରିତାରୁ ଭାରତ ଗୌରବ ସଂସ୍କୃତ ସ୍ଥାନରେ ସଂଗଣକ ପଢ଼ାଇବା ଓ ସଂସ୍କୃତ ଶିକ୍ଷକଙ୍କ ନିବେଶ ନ କରିବା ଫଳରେ ସଂସ୍କୃତ ଅର୍ଥରେ ଯେଉଁ ବାଧା ସୃଷ୍ଟି ହେଲା ଭବିଷ୍ୟତରେ ହୁଏତ ଏହି ସୁବର୍ଣ୍ଣଯୁଗ ଇତିହାସରେ, ପରିଣତ ହୋଇପାରିବାର ଆଶଙ୍କା ପ୍ରକାଶ ହେଉଛି। କିନ୍ତୁ ଭଗବତୀ ଭାରତୀ ଉତ୍କଳରେ ନିଶ୍ଚିତ ପ୍ରତିଷ୍ଠିତ ହେବେ ଓ ତାଙ୍କର ବାଣୀ ପ୍ରତି ଜନମନ ହରଣ କରିବ ବୋଲି ଆଶା କରାଯାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
prof.prafullam@gmail.com



ଅନୁବାଦ ଗଳ୍ପ


# ସହଯାତ୍ରୀ



ବଙ୍ଗଳା - ରୂପକ ଚଟରାଜ ଅନୁବାଦ - କନକ ମଂଜରୀ ସାହୁ

ଶିଆଳଦା-ନିୟୁଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ବର୍ଦ୍ଧମାନ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ମହିଳାଙ୍କ ସହିତ ସୋମାଲିର ପରିଚୟ ହେଲା। ସେ ଜାଣିଲା ତାଙ୍କ ନାଁ ଦୀଧିତି। ଏ.ସି. ଟୁ ଟାୟାରରେ ଗୋଟିଏ ପଟରେ ତାଙ୍କ ସ୍ୱାମୀ ଡ.ବିମଳ ରାୟ, ସେ ଏବଂ ତାଙ୍କର ସାତ ଆଠ ବର୍ଷର ପୁଅ ଆକାଶ। ତାଙ୍କ ସ୍ୱାମୀ ଏବଂ ପୁଅ ଦୁହେଁ ମୁଣ୍ଡକୁ ଚାଦରରେ ଢାଙ୍କିଛନ୍ତି। ମନେ ହେଉଛି ଏ.ସି. ଥଣ୍ଡାରୁ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଦୀଧିତି ଚାକିରି ଛାଡ଼ି ଏବେ ହାଉସ ୱାଇଫ୍।

ସୋମାଲିର ମନେହେଲା ଝିଅଟିର ମୁହଁରେ ବିଷର୍ଣ୍ଣତା ଘେରି ରହିଛି। ସବୁବେଳେ କାନରେ ଇୟରଫୋନ ଗୁଞ୍ଜି ମୋବାଇଲରେ କ'ଣ ଯେମିତି ପଢିଚାଲିଛି। ମନେ ହେଉଛି ତାଙ୍କର ପୃଥିବୀ ବୋଧହୁଏ ମୋବାଇଲ ମଧ୍ୟରେ ସୀମାବଦ୍ଧ।



ସୋମାଲି ମାନସର କାନ ପାଖରେ ମୁହଁ ଦେଇ ଫୁସ୍‌ଫୁସ୍ କରି କହିଲା, ମହିଳା ଜଣଙ୍କ ସୁନ୍ଦରୀ କିନ୍ତୁ ଟିକେ ବେଶି ଥଣ୍ଡା ପ୍ରକୃତିର। ସବୁବେଳେ ଚୁପ୍‌ଚାପ୍।

ସ୍ତ୍ରୀଙ୍କ କଥା ଶୁଣି ମାନସ ହସିଲେ। ହସି ହସି ଥଟ୍ଟା କରି କହିଲେ, ମନେ ହେଉଛି କ୍ୟାଲ୍‌ସିୟମର ଅଭାବ। ତା'ପରେ କଣେଇ ଝିଅଟି ଉପରେ ଦୃଷ୍ଟି ବୁଲାଇ ଆଣିଲେ। ଦେଖିଲେ ତାଙ୍କ ମୁହଁରେ ବିଶେଷ ସେମିତି ରୂପର ଆକର୍ଷଣ ନାହିଁ। ସରୁ ଲମ୍ବା ମୁହଁରେ ଆଖି ଦୁଇଟି ଟଣାଟଣା। ଯେମିତି ଶ୍ୱେତ ପଥରରେ ଖୋଦେଇ କରି ତିଆରି କରାଯାଇଛି ଏକ ପ୍ରତିମାର ମୁହଁ। କୌତୂହଳ ହୋଇ ଦୀଧିତିକୁ ସୋମାଲି ପଚାରିଲା, ଏତେ ସମୟ ଧରି ମୋବାଇଲରେ କ'ଣ ଦେଖୁଛନ୍ତି? ଦୀଧିତି ପ୍ରକୃତିସ୍ଥ ହୋଇ କହିଲା, କିଛି ନାଇଁ, ଗୋଟିଏ କବିତା ପଢୁଥିଲି।

କବିତା ପଢୁଥିଲେ! କାହାର ଲେଖା? କାହାର ଆଉ, ମୋର। ଆପଣ କବିତା ଲେଖୁଛନ୍ତି! ଓ ମାଇଁ ଗଡ୍! ତା' ମାନେ ଆପଣ ଜଣେ କବି? ଆରେ ନା..ନା। ସେମିତି କିଛି ନୁହେଁ। କେବଳ ଟାଇମ ପାସ୍। ଏସବୁ କେବଳ ସମୟ କାଟିବା ପାଇଁ।

ଆପଣଙ୍କୁ ଗୋଟିଏ କବିତା ଶୁଣାଇବାକୁ ହେବ। ଦୀଧିତିର ଗୋରା ମୁହଁ ଲଜ୍ଜାରେ ଲାଲ ହୋଇଗଲା। ମୁଣ୍ଡ ତଳକୁ କରି ମୋବାଇଲ ଦେଖି ଦେଖି ଗୋଟିଏ କବିତା ସେ ପାଠ କଲେ। କବିତା ଶୁଣି ସୋମାଲି ଆଶ୍ଚର୍ଯ୍ୟ ହୋଇଗଲା। ତା'ପାଟିରୁ କଥା ବାହାରିଲାନି।

ମାନସ ପ୍ରଶଂସା କରି କହିଲେ, ଚମତ୍କାର! ବାଃ..ବାଃ..

ମାନସ ବାବୁଙ୍କ କଥା ଶୁଣି ଦୀଧିତି ଆହୁରି ଲାଜେଇଗଲେ। ତା'ପରେ କାନରୁ କର୍ଡ ଖୋଲି ମୋବାଇଲର ସୁଇଚ ଅଫ୍ କରିଦେଲେ।

ସୋମାଲି ଜାଣିବାକୁ ଚାହିଁଲା ଦୀଧିତିଙ୍କ ଚାକିରି ଛାଡ଼ିବାର କାରଣ କ'ଣ? ଦୀଧିତି କୌଣସି ଉତ୍ତର ନ ଦେଇ କିଛି ସମୟ ଚୁପ୍‌ଚାପ୍ ବସିରହିଲେ। ତା'ପରେ ସେ ଆଖି ବୁଜି ଅତୀତର ସ୍ମୃତି ମନେ ପକାଇଲେ। କିଛି ସମୟ ନୀରବ ରହି ତା'ପରେ ସେ ଚାପା ଗଳାରେ କହିବାକୁ ଆରମ୍ଭ କଲେ, 'ମୋ ସ୍ୱାମୀ ଏକ ହସ୍ପିଟାଲରେ ଡାକ୍ତର, ମୁଁ ଆଇଟି ସେକ୍ଟରର ସଫ୍ଟୱେର ଇଞ୍ଜିନିୟର ଥିଲି। ସ୍ୱାମୀଙ୍କର ବ୍ୟସ୍ତତା ହସ୍‌ପିଟାଲ ଏବଂ କ୍ଲିନିକକୁ ନେଇ ଏବଂ ମୋର କାମର ଚାପ, କେବେ ରାତିରେ କେବେ ଦିନରେ ଡ୍ୟୁଟି। ବାହାଘରର ଦୁଇ ବର୍ଷ ପରେ ପୁଅ ଜନ୍ମ ହେଲା। ତାକୁ ଆୟା ଏବଂ କାମ କରିବା ମାଉସୀ ହାତରେ ଛାଡିଦେବାକୁ ହେଲା।

ଆଉ ଥରେ ଦୀଧିତି ଚୁପ୍ ହୋଇଗଲେ। ଗୋଟିଏ ଅସ୍ୱସ୍ତିକର ନିଃସ୍ତବ୍ଧତା ପରିବେଶଟାକୁ ଜାବୁଡ଼ି ଧରିଲା। ସୋମାଲି ଭାବିଲା, ଆଲୋଚନାର ପୂର୍ଣ୍ଣଚ୍ଛେଦ ସେ ଟାଣିବାକୁ ଚାହୁଁଛନ୍ତି। ତେଣୁ ସେ ପଚାରିଲା, କ'ଣ ହେଲା ? ହଠାତ୍ ଚୁପ୍‌ଚାପ୍ ହୋଇଗଲେ ଯେ ?

ଦୀଧିତି ଟିକେ ସିଧା ହୋଇ ବସିଲେ। ତା'ପରେ ଗୋଟେ ଦୀର୍ଘଶ୍ୱାସ ଛାଡ଼ି କହିଲେ, ତା'ପରେ ଆଉ କ'ଣ ? ବାଧହୋଇ ଚାକିରି ଛାଡିବାକୁ ହେଲା। ଚାକିରିରୁ ଇସ୍ତଫା ଦେବା ପରେ ମୋର ଗୃହବଧୂ ଜୀବନ ଆରମ୍ଭ ହେଲା। ଦୀଧିତି ନିଜର ଦୋଷ ସ୍ୱୀକାର କରି କହିଲେ, 'କାରଣ ସେତେବେଳକୁ ଆକାଶର ଯାହା ସର୍ବନାଶ ହେବା କଥା ହୋଇସାରିଥିଲା।'

ତାଙ୍କ ମୁହଁକୁ ଚାହିଁ ସୋମାଲି ପଚାରିଲା, 'ପୁଅର କି ସର୍ବନାଶ ହୋଇଗଲା ?'

'ଆକାଶ ଶୁଣିପାରିଲେ ବି କଥା କହିପାରେନା।' ସେ ଏକ ଦୀର୍ଘଶ୍ୱାସ ଛାଡ଼ିଲେ। ଟିକେ ଉତ୍ତେଜିତ ହୋଇ ସୋମାଲି ପଚାରିଲା, 'କାହିଁକି ?'

ଡାକ୍ତରମାନେ କହିଲେ, ପୁଅ ନିଉକ୍ଲିୟର ଫ୍ୟାମିଲିର ଅଟିଜିମ ବେବି। ଜେନ ଓ୍ୟାଇ ଗ୍ରୁପର ପିଲା। ଏକଥା ଶୁଣିବା ପରେ ଆମ ମନର ଅବସ୍ଥା କ'ଣ ନିଶ୍ଚୟ ଅନୁମାନ କରିପାରୁଥିବେ।

ଡାକ୍ତରମାନଙ୍କ କହିବା କଥା, ପିଲାଟି ଅକାଳରେ ମାନସିକ ଅବସାଦର ଶିକାର। ପିଲା କଥା ନ କହିବା ନିଃସଙ୍ଗତାର କାରଣ ଏହି ରୋଗ। ପୂର୍ବେ ଏସବୁ ରୋଗ ବେଶି ହେଉ ନ ଥିଲା। ତା'ର କାରଣ ଏକାନ୍ନବର୍ତ୍ତୀ ପରିବାର ଥିଲା। ସେମାନଙ୍କ ପାଖରେ କଥା କହିବାକୁ ଲୋକର ଅଭାବ ନ ଥିଲା। କଥା ମଝିରେ ସୋମାଲି ପଚାରିଲା, 'ଏହି ବିଷୟରେ ଏବେ କ'ଣ ଭାବୁଛନ୍ତି ?'

ଚିକିତ୍ସା ଚାଲିଛି। ମୁଁ ତାକୁ ସାଙ୍ଗ ଦେଉଛି। ସେଥିପାଇଁ ତ ତା' ଚିକିତ୍ସା ପାଇଁ ଆମେ ଦିଲ୍ଲୀ ଯାଉଛୁ। ଭାବିବାର କ'ଣ ଅଛି ? ଆପଣ କୁହନ୍ତୁ। ଚାକିରି ଛାଡିବାର ସିଦ୍ଧାନ୍ତ କ'ଣ ଆପଣଙ୍କର ? ନା ଡାକ୍ତର ବାବୁଙ୍କ ପରାମର୍ଶ ?

ସେ ଅନେକ କଥା। ସେସବୁ ଶୁଣି ବୋର ହେବେ। ମୃଦୁ ହସି ଦୀଧିତି କହିଲେ, ଭାବିବେ ମୁଁ ପାଠ ପଢାଉଛି।

ନାଇଁ ନାଇଁ ବୋର୍ ହେବିନି। ଆପଣ କୁହନ୍ତୁ, ମୁଁ ଶୁଣିବାକୁ ଚାହୁଁଛି। ଅବଶ୍ୟ ଯଦି କହିବାକୁ ଆପଣଙ୍କର କିଛି ଆପତ୍ତି ନ ଥାଏ।

ଠିକ ଅଛି, କହିବି। ମୃଦୁ ହସି ଦୀଧିତି ଉଠି ଛିଡ଼ା ହେଲେ। ହସି ହସି କହିଲେ, ଡିନର ଦେବି। ପିଲାକୁ ଟିକେ ଦେଖୁଛି କହି ସେ ଡ.ରାୟ ଏବଂ ଆକାଶ ଆଡକୁ ଆଗେଇଗଲେ।

ସୋମାଲି କହିଲା, ଡିନର ପରେ କିନ୍ତୁ ଶୁଣିବି, କଥାର ଯେମିତି ଅନ୍ୟଥା ନ ହୁଏ।

ଡିନର ପରେ ପରିବେଶଟା କେମିତି ନୀରବ। ସମସ୍ତେ ଚୁପ୍‌ଚାପ ହୋଇଯାଇଛନ୍ତି। ଦୀଧିତି ନିଜ ଆଡୁ ଆରମ୍ଭ କଲେ, ସ୍ୱଗତୋକ୍ତି କରିବା ଭଙ୍ଗୀରେ କହିବାକୁ ଲାଗିଲେ, ସନ୍ତାନ ଜନ୍ମ ହେଲେ ଝିଅମାନେ ନୂଆ ଜନ୍ମ ପାଆନ୍ତି। ଜୀବନରେ ସନ୍ତାନର ସଫଳତା ପାଇବାକୁ ହେଲେ କାହାର ଉତ୍ସାହ ବା ପ୍ରେରଣା ଦରକାର। ସନ୍ତାନର ଅସଲ ଶିକ୍ଷକ ମା'। ବାପା ରାଜମିସ୍ତ୍ରି ଯୋଗାଡ କଲାଭଳି। ବାପାର କାମ ଟଙ୍କା ପଇସା, ବହିପତ୍ର, ଟିଉଟର ଇତ୍ୟାଦି ଏବଂ ପ୍ରକୃତ ଶିକ୍ଷକ। 'ଏଭ୍ରି ଚାଇଲ୍ଡ ଇଜ୍ ଆନ୍ ଏକ୍ସପେରିମେଣ୍ଟ ଇନ୍ ଲାଇଫ୍' ମୁଁ ସେଇ ଏକ୍ସପେରିମେଣ୍ଟ କରି ଚାଲିଛି। ଚାକିରି ଛାଡ଼ିବାର ସିଦ୍ଧାନ୍ତ ମୁଁ ନିଜେ ନେଇଛି। ଏବେ ପୁଅକୁ ନେଇ ମୋର ସମୟ କଟିଯାଏ। ମଝିରେ ମଝିରେ ମନର ଶାନ୍ତି ପାଇଁ ପଢାପଢି କରେ ଏବଂ କବିତା ଲେଖେ। ବାସ୍ ଏମିତି ସମୟ କଟିଯାଏ।

**ଜୀବନରେ ସନ୍ତାନର ସଫଳତା ପାଇବାକୁ ହେଲେ କାହାର ଉତ୍ସାହ ବା ପ୍ରେରଣା ଦରକାର ? ସନ୍ତାନର ଅସଲ ଶିକ୍ଷକ ମା'।**

କଥା କହି ସାରିବା ପରେ ଦୀଧିତି ଉଦାସ ଦୃଷ୍ଟିରେ ସାମ୍ନା ଆଡ଼କୁ ଚାହିଁ ରହିଲେ। ନିର୍ମଳ ଜଳ ଭଳି ସ୍ୱଚ୍ଛ ଓ ସ୍ନିଗ୍ଧ ପ୍ରସନ୍ନତା ତାଙ୍କ ଆଖି, ମୁହଁରେ ଖେଳିଗଲା। ଚାଦର, ତକିଆକୁ ଟାଣିନେଇ ବର୍ଥରେ ଶରୀରକୁ ଲୋଟାଇଦେଲେ। ଦୀଧିତିଙ୍କ କଥାଗୁଡ଼ିକ ସୋମାଲି ଏବଂ ମାନସଙ୍କୁ କେମିତି ଯେମିତି ବିଷଣ୍ଣ କରିଦେଲା। ଶୃଙ୍ଖଳା ବାଲି ଭଳି ଦୁଃଖଗୁଡା ଝରଝର ହେଇ ଝରି ପଡିଲା ତାଙ୍କ ମନ ଭିତରେ। ନିଜ ନିଜ ବର୍ଥରେ ଦେହରେ ଚାଦର ଢାଙ୍କିଦେଇ ସେମାନେ ଶୋଇ ପଡିବାକୁ ଚେଷ୍ଟା କଲେ।

କିଛି ସମୟ ମଧ୍ୟରେ ସୋମାଲି ସ୍ୱପ୍ନ ରାଇଜରେ ଘୂରି ବୁଲିଲା। ସ୍ୱପ୍ନ ଭିତରେ ତା' ମନର ପର୍ଦ୍ଦାରେ ଭାସି ଉଠିଲା ଗୋଟିଏ ମୁହଁ। ବେଶ ଚିହ୍ନା ଜଣା। କୋଉଠି ଯେମିତି ତାଙ୍କୁ ସେ ଦେଖିଛି। କିଛି ସମୟ ଆଶ୍ଚର୍ଯ୍ୟ ଦୃଷ୍ଟିରେ ସେ ସେଇ ମୁହଁକୁ ଚାହିଁ ରହିଲା। ସେ ଆଡକୁ ଚାହିଁ ଚାହିଁ ଗୋଟିଏ ସମୟରେ ତା'ର ମନେହେଲା ମୁହଁଟା ତ ତା'ର ଚିହ୍ନା। ଶ୍ୱେତପଥରରେ ଗଢା ଏକ ମାତୃମୂର୍ତ୍ତି। ନିଖୁଣ ଭାସ୍କର୍ଯ୍ୟ। ସନ୍ତାନ କୋଳରେ ଜନନୀ। ତା'ହେଲେ କ'ଣ ମୂର୍ତ୍ତିଟା ମା' ମେରୀଙ୍କର? ମାନସଙ୍କ ଡାକରେ ସୋମାଲିର କଞ୍ଚା ନିଦଟା ଭାଙ୍ଗିଗଲା। ମାନସ ବ୍ୟସ୍ତ ହୋଇ କହିଲେ, 'ଉଠ..ଉଠ..କାନପୁର ସେଣ୍ଟ୍ରାଲ ଷ୍ଟେସନ ଆସିଲାଣି। ସୋମାଲି ତରତରରେ ଉଠି ଛିଡ଼ାହେଲା। ଆଖିକୁ ମଳିଦେଇ ଚାରିଆଡକୁ ଆଖି ବୁଲାଇ ଆଣିଲା।

ଶବ୍ଦରେ ଦୀଧିତିର ନିଦ ଭାଙ୍ଗିଗଲା। ମୁହଁ ଉପରୁ ଚାଦରଟାକୁ କାଢିଦେଇ ପଚାରିଲେ, 'ଏଠାରେ ଓହ୍ଲାଉଛନ୍ତି! ଆପଣମାନେ ଦିଲ୍ଲୀ ଯିବେନି? 'ନାଇଁ, ଏଠାରେ ଦିଦିର ଘର। କିଛି ଦିନ ଏଠାରେ କଟେଇ ତା'ପରେ ଯିବୁ।

ଆପଣଙ୍କ ସହିତ ହୁଏତ କେବେ ଆଉ ଦେଖା ହେବନି। ତେବେ ସ୍ମୃତି ମନେ ରହିବ। ଚିନ୍ତା କରିବେନି, ଦେଖିବେ ସବୁ କଳା ମେଘ ଦିନେ ନା ଦିନେ କଟିଯିବ। ଈଶ୍ୱର ନିଶ୍ଚୟ ଆପଣଙ୍କର ମଙ୍ଗଳ କରିବେ। ଆସୁଛୁ ଭଉଣୀ। କହି କହି ସୋମାଲି ଟ୍ରେନରୁ ଓହ୍ଲାଇବା ପାଇଁ ଦ୍ୱାର ଆଡକୁ ଆଗେଇଗଲା। ଦୀଧିତି ଉଠି ବସିଲେ। ତାଙ୍କ ଆଡକୁ ଚାହିଁ ହାତ ହଲାଇ ହଲାଇ ଭାବିଲେ...ସୁଖୀ ଦମ୍ପତି।

**ଚିନ୍ତା କରିବେନି, ଦେଖିବେ ସବୁ କଳା ମେଘ ଦିନେ ନା ଦିନେ କଟିଯିବ।**

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
sahukanakmanjari@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :


- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com

ସାକ୍ଷାତକାର

# ପ୍ରବୀଣ କଥାକାର ତରୁଣକାନ୍ତି ମିଶ୍ରଙ୍କ ସହ ଏକ ସାରସ୍ୱତ ବାର୍ତ୍ତାଲାପ

*ଶ୍ରୀ ତରୁଣକାନ୍ତି ମିଶ୍ର ଓଡ଼ିଆ କଥା ସାହିତ୍ୟ ଜଗତର ଜଣେ ସ୍ୱନାମଧନ୍ୟ ସ୍ରଷ୍ଟା । ଉପନ୍ୟାସ ସମେତ ତାଙ୍କର ଅନେକ ଗଳ୍ପ ସଂକଳନ ପ୍ରକାଶିତ ହୋଇ ପାଠକଙ୍କ ଆଦୃତି ଲାଭ କରିଛି । ନିଜ ଜୀବନର ୭୨ଟି ବସନ୍ତ ଅତିକ୍ରମ କରିସାରିଥିବା ଏହି ସାରସ୍ୱତ ପ୍ରତିଭାଧର ବ୍ୟକ୍ତିତ୍ୱ ରାଜ୍ୟ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ଶାରଳା ପୁରସ୍କାର ଭଳି ପୁରସ୍କାରମାନଙ୍କରେ ଭୂଷିତ ହେବା ସହ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ ସମ୍ମାନ ସୂଚକ ଡି.ଲିଟ୍ ଉପାଧି ପ୍ରାପ୍ତ ହେବାର ଗୌରବ ମଧ୍ୟ ଲାଭ କରିଛନ୍ତି । ସେ ୧୯୭୫ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ସହ ୨୦୧୦ ମସିହାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପଦରେ ଥାଇ ସେବାନିବୃତ ହୋଇଥିଲେ । ଏହି ଅନନ୍ୟ ସ୍ରଷ୍ଟାଙ୍କ ସାହିତ୍ୟିକ ଜୀବନର ବିଭିନ୍ନ ଦିଗ ସଂପର୍କରେ ତା'ଙ୍କ ସହିତ ବାର୍ତ୍ତାଲାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ ।*



**ସାହିତ୍ୟ ଚର୍ଚ୍ଚା :** ମାତ୍ର ୧୪ ବର୍ଷ ବୟସରେ ସେ ସମୟର 'ଆସନ୍ତା କାଲି' ଭଳି ଏକ ସମ୍ଭ୍ରାନ୍ତ ପତ୍ରିକାରେ ପ୍ରକାଶିତ ହୋଇଥିଲା ଆପଣଙ୍କ ଗଳ୍ପ । ତେବେ କିଶୋର ବୟସରେ କଥା ସାହିତ୍ୟ ସହ ଆପଣଙ୍କର ଏହି ସଂଯୋଗକୁ ଆମେ କ'ଣ ଏକ ସହଜାତ ପ୍ରବୃତ୍ତି ବୋଲି କହିବା ?

**ତରୁଣକାନ୍ତି ମିଶ୍ର :** ମୋ ଜାଣିବାରେ, ଅଧିକାଂଶ ଲେଖକ ପିଲା ଦିନୁଁ ହିଁ ଲେଖାଲେଖି ଆରମ୍ଭ କରିଥାଆନ୍ତି । କ୍ୱଚିତ୍ କେହି କେହି ବିଳମ୍ବରେ ଲେଖା ଆରମ୍ଭ କରନ୍ତି, ତାଙ୍କର ପ୍ରବୀଣ ବୟସରେ । ସାଧାରଣତଃ ଆମେ ସମସ୍ତେ ସ୍କୁଲ, କଲେଜରେ ପଢିଲାବେଳେ କିଛି କିଛି ଗଳ୍ପ, କବିତା ଲେଖିଥାଉ । ମୋ କ୍ଷେତ୍ରରେ ବି ସେଇଆ ଘଟିଥିଲା । ଖୁବ୍ ପିଲା ଦିନୁଁ ହିଁ ଆଗ୍ରହ ରହିଥିଲା ସାହିତ୍ୟ ପ୍ରତି ।

**ସାହିତ୍ୟ ଚର୍ଚ୍ଚା :** ତେବେ ପ୍ରଥମେ କବିତା ଲେଖିଲେ ନା ଗଳ୍ପ ?

**ତରୁଣକାନ୍ତି ମିଶ୍ର :** ମୁଁ କିଛି କବିତା ଲେଖିଥିଲି ପିଲାଦିନେ । କିନ୍ତୁ ଗପ ପ୍ରତି ମୋ'ର ପ୍ରଗାଢ଼ ଅନୁରକ୍ତି ଥିଲା । ମୁଁ ଗପ ଶୁଣିବାକୁ ଭଲ ପାଉଥିଲି । ମା' ଆମକୁ ସବୁଦିନ ଚୂଲି ମୁଣ୍ଡରେ, କିମ୍ବା ଜହ୍ନ ଆଲୁଅ ପଡିଥିବା ଅଗଣାରେ, ପାଖରେ ବସାଇ, ଗପ କହନ୍ତି । ମୋ'ର ଅଜା ମଧ ଚମତ୍କାର ଗପ କହି ଜାଣନ୍ତି । ସେ ଠାକୁର-ଦେବତାଙ୍କଠାରୁ ଆରମ୍ଭ କରି ଭୂତ-ପ୍ରେତ-ପିଶାଚ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ କହନ୍ତି । କେନ୍ଦୁଝର ଓ ମୟୂରଭଞ୍ଜର ଆରଣ୍ୟକ ରହସ୍ୟମୟତା ଭିତରେ ଏ ସବୁ ଶୁଣି ମୋର ତୀବ୍ର

ଆକର୍ଷଣ ଓ ଆଗ୍ରହ ଜାତ ହୋଇଥିଲା ଗଳ୍ପ ସାହିତ୍ୟ ପ୍ରତି, ଆଦ୍ୟ ଶୈଶବରୁ।

**ସାହିତ୍ୟ ଚର୍ଚ୍ଚା :** 'ଆସନ୍ତାକାଲି'ରେ ପ୍ରଥମ ଗଳ୍ପଟି ପ୍ରକାଶିତ ହେବା ପୂର୍ବରୁ ଆଉ କିଛି ଗଳ୍ପ ବି ରୂପ ନେଇସାରିଥିଲା କି ଆପଣଙ୍କ କଲମରୁ ?

**ତରୁଣକାନ୍ତି ମିଶ୍ର :** ଯଦିଓ ଏଇଟା ମୋ'ର ପ୍ରଥମ ପ୍ରକାଶିତ ଗଳ୍ପ, ତା' ପୂର୍ବରୁ ମଧ୍ୟ, ଯେତେବେଳେ ମୁଁ ପାରଳାଖେମୁଣ୍ଡିରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲି, ସେତେବେଳେ ମୁଁ ପ୍ରଥମ ସଂପୂର୍ଣ୍ଣ ଗଳ୍ପଟିଏ ଲେଖିଥିଲି। ସେତେବେଳେ ଗୋଟିଏ ସର୍ଜରୀ ପାଇଁ ମାଆଙ୍କୁ କିଛିଦିନ ଲାଗି ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡିଥିଲା। ସେଇ ସମୟରେ ଆମେ ସବୁ ଭାଇଭଉଣୀ ଘରେ ଏକୁଟିଆ ରହି ସତେ ଯେମିତି ମାଆ ଛେଉଣ୍ଡ ହୋଇଗଲୁ। ମୁଁ ଗୋଟିଏ ମାଆ ଛେଉଣ୍ଡ ପିଲାର ଭାବନାକୁ ନେଇ ଗଳ୍ପଟିଏ ଲେଖିଥିଲି। ମୋ ମାଆ ଯେତେବେଳେ ହସପିଟାଲରୁ ଫେରିଆସିଲେ, ସେଇ ଗଳ୍ପଟି ପଡିଲା ତାଙ୍କ ହାତରେ। ସେ ବାପାଙ୍କୁ କହିଲେ, 'ଦେଖ, ଗୋଟିଏ ମାଆ ଛେଉଣ୍ଡ ପିଲାର ଗପ। ଯଦି ମୁଁ ହସପିଟାଲରେ ମରିଯାଇଥାଆନ୍ତି, ତେବେ ମୋ ପିଲାଙ୍କର କ'ଣ ହୋଇଥାଆନ୍ତା!' ଏହା କହି ସେ ଛଳଛଳ ହୋଇପଡ଼ିଥିଲେ।

**ସାହିତ୍ୟ ଚର୍ଚ୍ଚା :** ଏହାପରେ ବୋଧହୁଏ ଲେଖିଚାଲିଲେ ଏକ ପରେ ଆରେକ ଗଳ୍ପ !

**ତରୁଣକାନ୍ତି ମିଶ୍ର :** ହଁ, ତେବେ ଯେଉଁ ଗଳ୍ପଟି ପ୍ରଥମେ ବାହାରିଥିଲା 'ଆସନ୍ତା କାଲି'ରେ ତା'ର ମଧ୍ୟ ଗୋଟିଏ ସ୍ମରଣୀୟ ପୃଷ୍ଠଭୂମି ଅଛି। ସେତେବେଳକୁ ମୁଁ ହାଇସ୍କୁଲରେ ପଢୁଥାଏ, ପ୍ୟାରୀମୋହନ ଏକାଡେମୀରେ। ମୁଁ ସ୍କୁଲର ସାହିତ୍ୟ ପତ୍ରିକାକୁ ଗୋଟିଏ ଗପ ଦେଇଥିଲି। କିନ୍ତୁ ପତ୍ରିକା ସଂପାଦନା ଦାୟିତ୍ୱରେ ଥିବା ଶିକ୍ଷକ ସେଇ ଗଳ୍ପଟିକୁ ପସନ୍ଦ ନ କରି ଫେରାଇ ଦେଲେ। ମୋତେ ଭାରି ଦୁଃଖ ଲାଗିଥିଲା। ଭାବିଥିଲି, ଗଳ୍ପଟିକୁ ଚିରିଦେବି। କିନ୍ତୁ ପରେ କ'ଣ ଭାବି, ସେଇଟିକୁ ଡାକରେ କଲିକତାରୁ ବାହାରୁ ଥିବା 'ଆସନ୍ତାକାଲି' ପତ୍ରିକା ଠିକଣାରେ ପଠାଇଦେଲି। ମୋତେ ଆଶ୍ଚର୍ଯ୍ୟ କରିଦେଇ ମାତ୍ର ଦୁଇ-ତିନି ମାସ ଭିତରେ ଗଳ୍ପଟି ସେଥିରେ ପ୍ରକାଶିତ ହେଲା।

**ସାହିତ୍ୟ ଚର୍ଚ୍ଚା :** ଅର୍ଥାତ୍, ସ୍କୁଲ ପତ୍ରିକା ପାଇଁ ଆପଣଙ୍କର ଯେଉଁ ଗଳ୍ପଟି ପ୍ରତ୍ୟାଖ୍ୟାତ ହୋଇଥିଲା ତାହା ଏକ ଖ୍ୟାତି ସମ୍ପନ୍ନ ପତ୍ରିକାରେ ପ୍ରକାଶିତ ହେଲା ! ଏଥିରୁ କ'ଣ ଆପଣଙ୍କର ମନେହୁଏନି ଯେ ପ୍ରତ୍ୟେକ ଗଳ୍ପ ନିଜର ଭାଗ୍ୟ ନେଇ ଜନ୍ମ ହୋଇଥାଆନ୍ତି ?

**ତରୁଣକାନ୍ତି ମିଶ୍ର :** ପ୍ରତ୍ୟେକ ଗଳ୍ପର ନିଜ ନିଜର ଭାଗ୍ୟ ଥାଏ। ସେ ଭାଗ୍ୟକୁ ଲେଖକ ଗଢେ ନାହିଁ। ସେ ଗପ ନିଜକୁ ନିଜେ ତିଆରି କରେ। ଏଇ ଗପଟିର ଭାଗ୍ୟ ବିଷୟରେ ଆଉ ଗୋଟିଏ ଛୋଟ କାହାଣୀ ମଧ୍ୟ ଅଛି।

**ସାହିତ୍ୟ ଚର୍ଚ୍ଚା :** କ'ଣ ଥିଲା ସେଇଟି, ଟିକିଏ କହିବେ କି !

**ତରୁଣକାନ୍ତି ମିଶ୍ର :** ଗପଟି ପ୍ରକାଶିତ ହେବାର ସାତ ବର୍ଷ ପରେ, ମୁଁ ଦିନେ ତାଳଚେର ଲୋକାଲ ଟ୍ରେନ୍ ରେ ଭୁବନେଶ୍ୱର ଆସୁଥାଏ। ଅନ୍ଧାରୁଆ କମ୍ପାର୍ଟମେଣ୍ଟ, ମିଞ୍ଜି ମିଞ୍ଜି ଆଲୁଅ ଜଳୁଛି। ଭିତରକୁ ଚଢିଆସିଲେ ଚାରି-ପାଞ୍ଚ ଜଣ ଯୁବକ। ମୁଁ ପାଖରେ ବସିଥାଏ। ସେମାନଙ୍କ ଭିତରେ କ୍ରିକେଟ୍, ସିନେମା ଓ ରାଜନୀତି ଆଦି ବିଷୟରେ ଗପସପ ଚାଲିବା ପରେ ସାହିତ୍ୟ କଥା ପଡ଼ିଲା। ତା' ଭିତରୁ ଜଣେ ଯୁବକ, ଯେ କି ମୋ'ଠାରୁ ସାତ-ଆଠ ବର୍ଷ ବଡ ହେବେ, କହିଲେ, 'ବହୁତ ଦିନ ହେଲାଣି, ଗୋଟିଏ ସୁନ୍ଦର ଗପ ପଢିଥିଲି।' ଏହା କହି ସେ ମୋ'ର 'ଆସନ୍ତାକାଲି'ରେ ପ୍ରକାଶିତ ସେଇ ଗପଟିର ସାରାଂଶ କହିଲେ। ଗପଟି ଶୁଣି ତାଙ୍କର ଜଣେ ବନ୍ଧୁ ମନ୍ତବ୍ୟ ଦେଇଥିଲେ, 'ଆରେ ଗପଟା ବଢ଼ିଆ ଲେଖିଚି ତ!' ମୁଁ ସଙ୍କୋଚରେ, ମୁହଁ ପୋତି ବସି ରହିଥିଲି ତାଙ୍କ ସାମନାରେ।

**ପ୍ରତ୍ୟେକ ଗଳ୍ପର ନିଜ ନିଜର ଭାଗ୍ୟ ଥାଏ। ସେ ଭାଗ୍ୟକୁ ଲେଖକ ଗଢେ ନାହିଁ। ସେ ଗପ ନିଜକୁ ନିଜେ ତିଆରି କରେ।**

**ସାହିତ୍ୟ ଚର୍ଚ୍ଚା :** ଏହି ଯେଉଁ ଅନୁଭୂତି, ଏଥିରୁ କ'ଣ ଆପଣ ମନେକରନ୍ତି ନାହିଁ ଯେ ଲେଖକମାନେ ଯେଉଁ ବଡବଡ ପୁରସ୍କାର ସବୁ ପାଆନ୍ତି, ତାହାଠାରୁ ସର୍ବୋପରି ହେଉଛି ପାଠକଙ୍କଠାରୁ ମିଳୁଥିବା ଏହିଭଳି ସ୍ୱୀକୃତି ?

**ତରୁଣକାନ୍ତି ମିଶ୍ର :** ମୁଁ ସମ୍ପୂର୍ଣ୍ଣ ଏକମତ। ଗୋଟିଏ ପାଠକର ଶ୍ରଦ୍ଧା ହେଉଛି ଜଣେ ଲେଖକ ପାଇଁ ସବୁଠାରୁ ବଡ ପୁରସ୍କାର। ମୋତେ ଭଲ ଲାଗେ, ଖୁବ ଆଶ୍ୱସ୍ତ ବି ଲାଗେ,

ଯେତେବେଳେ ଜଣେ ଅଜଣା ଅଚିହ୍ନା ବ୍ୟକ୍ତି ଗୋଟିଏ ଚିଠି ଦିଅନ୍ତି, ବା କହନ୍ତି ଯେ, 'ଆପଣଙ୍କର ଏହି ଗଳ୍ପଟି ମୋତେ ଭଲ ଲାଗିଲା।' ଏଇ ପଦକ କଥା ଯେତେ ଆନନ୍ଦ ଦିଏ, କୃତାର୍ଥ କରିଦିଏ, ଗୋଟିଏ ଆନୁଷ୍ଠାନିକ ସ୍ୱୀକୃତି ବା ପୁରସ୍କାର ସେତେ ଦିଏ ନାହିଁ।

**ସାହିତ୍ୟ ଚର୍ଚ୍ଚା :** ଆପଣଙ୍କର ଅଧିକାଂଶ ଗଳ୍ପର ଏକ ଲକ୍ଷ୍ୟଣୀୟ ଦିଗ ହେଲା ସେଗୁଡିକର ଅନ୍ତର୍ମୁଖିତା - ଏ ବିଷୟରେ ଆପଣଙ୍କ ସୃଷ୍ଟିସମଗ୍ରର ସମାଲୋଚକ ଓ ସମୀକ୍ଷକମାନେ ମଧ୍ୟ ଏକମତ। ଆପଣଙ୍କ ଚରିତ୍ର ଓ ଥିମ୍ ମାନଙ୍କର ଏହି ଆତ୍ମିକ ପ୍ରବଣତା ପଛରେ ଆପଣଙ୍କ ଜୀବନ ଦର୍ଶନର କିଛି ଗୂଢ଼ ତତ୍ତ୍ୱ ଛପିରହିଛି କି ?




**ତରୁଣକାନ୍ତି ମିଶ୍ର :** ମୁଁ ଯାହା ଲେଖେ, ନିଜସ୍ୱ ଢ଼ଙ୍ଗରେ ଲେଖେ ଏବଂ ସ୍ୱାଭାବିକ ଭାବରେ ଲେଖେ। କାହାକୁ ଚମକୃତ କରି ଦେବାକୁ ମୁଁ କେବେ ଲେଖିବାକୁ ଚେଷ୍ଟା କରି ନାହିଁ। ମୁଁ ଲେଖେ ଅନ୍ତରଙ୍ଗ ଭାବରେ, ଏକନିଷ୍ଠ ଭାବରେ ଓ ଅତ୍ୟନ୍ତ ଆନୁଗତ୍ୟର ସହିତ। ଯାହା ଲେଖିଛି, ତା' ହେଉଛି ମୋ' ହୃଦୟର ଭାଷା।

**ସାହିତ୍ୟ ଚର୍ଚ୍ଚା :** ହୃଦୟର ଏଇ ଭାଷାକୁ ରୂପ ଦେବାବେଳେ ଆପଣ ନିଜ କଥାବସ୍ତୁର ଗଢ଼ଣ କଳା ବା କାରିଗରୀ ପ୍ରତି ମଧ୍ୟ ସତର୍କ ରହିବା ଭଳି ମନେହୁଏ।

**ତରୁଣକାନ୍ତି ମିଶ୍ର :** ସାରା ଜୀବନ ମୁଁ ଚେଷ୍ଟା କରି ଆସିଛି କେବଳ ଗୋଟିଏ ସୁନ୍ଦର ଗପ କହିବାକୁ। ଯେଉଁଥିରେ ଥିବ ମୋର ଅକୃତ୍ରିମ କିଛି ଆବେଗ, କିଛି ଆପଣାର ଅନୁଭବ ଓ ଜୀବନର ଯତକିଞ୍ଚିତ ଅଭିଜ୍ଞତା। ଗପଟି ଲେଖିବା ବେଳେ ଶୈଳୀ ଓ ଭାଷା ଆସେ ଆପେ ଆପେ। ମୁଁ କେବେ ସଚେତନ ହୋଇ ଭାବିନାହିଁ ମୋ ଭାଷା ବା ଶୈଳୀ ବିଷୟରେ, ମୁଁ ଲେଖିଛି ମୋର ସହଜ ଢଙ୍ଗରେ, ଚେଷ୍ଟା କରିଚି ଲେଖିବାକୁ ମୁଁ ଜାଣିଥିବା ସବୁଠୁ ସୁନ୍ଦରତମ ଶବ୍ଦରେ, ଏକନିଷ୍ଠ ହୃଦୟରେ। ଅର୍ଣ୍ଣେଷ୍ଟ ହେମିଙ୍ଗୱେ ଏକଦା କହିଥିଲେ, 'ତୁମେ ଛାତିକୁ ବିଦାରି ଲେଖ,' ମୁଁ ତାଙ୍କ ସହିତ ଏକମତ, ଏବଂ ଏହା ହିଁ ମୋର ପ୍ରୟାସ ସବୁ ସମୟରେ।

**ସାହିତ୍ୟ ଚର୍ଚ୍ଚା :** ଆପଣ ପ୍ରଣିଧାନ ଯୋଗ୍ୟ କଥାଟିଏ କହିଲେ, ଯେ ଗଳ୍ପ ହେଉଛି ଆପଣଙ୍କର ନିଜର ଆବେଗ, ଅନୁଭବ ଆଉ ଅଭିଜ୍ଞତାର ସଂଗମ। ତେବେ, ଭାରତୀୟ ପ୍ରଶାସନିକ ସେବାରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ସମୟରେ ଆପଣ ଅର୍ଜନ କରିଥିବା ଅଭିଜ୍ଞତା ଓ ଅନୁଭବଗୁଡିକ ମଧ୍ୟ କ'ଣ ପ୍ରଚ୍ଛନ୍ନ ଭାବରେ ପ୍ରତିଫଳିତ ହୋଇଛି ଆପଣଙ୍କ ଗଳ୍ପରେ ?

**ତରୁଣକାନ୍ତି ମିଶ୍ର :** ଉଭୟ ପ୍ରଚ୍ଛନ୍ନ ଏବଂ ପ୍ରତ୍ୟକ୍ଷ ଭାବରେ ଆସିଛି, ଅନେକ ଲେଖାରେ। ମୋର 'ଶରଦଃ ଶତମ' ଉପନ୍ୟାସଟିରେ ମୋ ନିଜସ୍ୱ ଅଭିଜ୍ଞତାର ସ୍ୱାକ୍ଷର ରହିଛି। ଏହାର ପୃଷ୍ଠଭୂମି ଦଣ୍ଡକାରଣ୍ୟର ବିଶାଳ ବିସ୍ତୃତି, ଯେଉଁଠାରେ ପୂର୍ବବଙ୍ଗରୁ ଆସିଥିବା ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିଲା। ମୁଁ ସେଠାରେ ତିନି ବର୍ଷ କାମ କରିଛି। ଉଦବାସ୍ତୁମାନଙ୍କ ସୁଖଦୁଃଖରେ ଭାଗିଦାର ହୋଇଛି। ମିଜୋରାମର ପଟ୍ଟଭୂମିରେ ଲେଖା 'ଅନ୍ଧରାତିର ଲୁହ' ଗଳ୍ପରେ ବି ମୋର ଅଭିଜ୍ଞତାର ସ୍ପର୍ଶ ରହିଛି। ସେହିଭଳି ମୋ'ର ଆଉ ଗୋଟିଏ ଗପ, 'ରେବତୀ'। ଏ ଗପରେ ଅଛି ବାସଚ୍ୟୁତ ପରିବାରଙ୍କ ବିଡମ୍ବିତ ଭାଗ୍ୟର କାହାଣୀ।

**ସାହିତ୍ୟ ଚର୍ଚ୍ଚା :** ଆମେ ଆପଣଙ୍କ ଅଧିକାଂଶ ଗଳ୍ପରେ ଗୋଟିଏ ସମାନ ଅନ୍ତଃସ୍ୱର ଦେଖିବାକୁ ପାଉ। କିଛି କହିବେ ଏ ସମ୍ପର୍କରେ ?

**ତରୁଣକାନ୍ତି ମିଶ୍ର :** ମଣିଷର ଜୀବନ ସଂଗ୍ରାମ, ମଣିଷର ସୁଖ-ଦୁଃଖ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଏ, ମଣିଷର ସହନ ଶକ୍ତି ମୋତେ ସ୍ତବ୍ଧ କରିଦିଏ। ମୋ ମନ ଭିତରେ ଭରସା ଆସେ, ମଣିଷ କେବେହେଲେ ହାରିଯିବ ନାହିଁ। ଯେତେ କଷ୍ଟ ପାଇଲେ ବି ସେ ବଞ୍ଚି ରହିବ। ସେ ବିଫଳ ହୋଇଥାଏ, କିନ୍ତୁ ପରାସ୍ତ ହୁଏ ନାହିଁ।

**ସାହିତ୍ୟ ଚର୍ଚ୍ଚା :** ତେବେ, ଏଭଳି ଏକ ସକାରାତ୍ମତାରେ ଜୁଡୁବୁଡୁ ଆପଣଙ୍କ ସୃଷ୍ଟି !

**ତରୁଣକାନ୍ତି ମିଶ୍ର :** ଏମିତି ଦେଖିଲେ ମୋ ଲେଖାଗୁଡିକର ବହୁଳାଂଶ ଟ୍ରାଜିକ୍। ସେଥିରେ କାରୁଣ୍ୟ ରହିଥାଏ। କିନ୍ତୁ ସେହି ଆପାତ ବିୟୋଗାନ୍ତ କାହାଣୀ ଭିତରେ ଥାଏ ବଞ୍ଚିବାର କଳା।

ସେଥିରେ ଅଛି ଜୀବନ ପ୍ରତି ଭରସା, ଜୀବନ ପ୍ରତି ଭଲପାଇବା, ଜୀବନର ସୌନ୍ଦର୍ଯ୍ୟ। ଯେମିତି ରହିଛି 'କୋମଳ ଗାନ୍ଧାର', 'ଅରଣ୍ୟ ଆଦିମ', 'ରେବତୀ', 'ସାରାଂଶ' ଓ 'ଅନ୍ଧ ରାତିର ଲୁହ'ରେ।

**ସାହିତ୍ୟ ଚର୍ଚ୍ଚା :** ତଥାପି ସେ ଟ୍ରାଜେଡି ଭିତରେ ବି 'ପର୍ଗେସନ୍' ବୋଲି ତତ୍ତ୍ୱଟିଏ ମଧ୍ୟ ଅଛି, ଯାହାକୁ ପାଠକ ନୀରବରେ ଉପଲବ୍ଧି କରୁଥାଆନ୍ତି। ଏଣୁ ଆପଣଙ୍କ ଗଳ୍ପରେ ଟ୍ରାଜେଡି ଥିଲେ ବି ଏହା ସମ୍ପୂର୍ଣ୍ଣ ନକାରାତ୍ମକ ନୁହେଁ। ନା, କ'ଣ କହୁଛନ୍ତି !

**ତରୁଣକାନ୍ତି ମିଶ୍ର :** ହଁ, ଆପଣଙ୍କ କଥା ଠିକ। ଗପଟି ଲେଖିବା ଭିତରେ ମୁଁ ନିଜେ ବି ଭିଜି ଯାଇଥାଏ ସେହି ଉପଲବଧିରେ।

**ସାହିତ୍ୟ ଚର୍ଚ୍ଚା :** ୨୦୧୯ ମସିହାରେ ଆପଣଙ୍କର 'ଭାସ୍ୱତୀ' ପୁସ୍ତକଟି ପାଇଁ ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ଭୂଷିତ ହୋଇଥିଲେ। ଏଥିରେ ଥିବା ଗଳ୍ପଗୁଡିକ ଅପେକ୍ଷାକୃତ ଭାବବିନ୍ୟାସ କିଛି ନୂତନତ୍ୱ ଥିଲା ବୋଲି ଆପଣ ଭାବନ୍ତି କି ?

**ତରୁଣକାନ୍ତି ମିଶ୍ର :** 'ଭାସ୍ୱତୀ' ସଂକଳନରେ କିଛି ଭଲ ଓ ସୁନ୍ଦର ଗଳ୍ପ ଅବଶ୍ୟ ରହିଛି। କିଛି ନୂତନତ୍ୱ ବି। ଅନେକ ପାଠକପାଠିକା ସେ ବହିଟିକୁ ପସନ୍ଦ କରିଛନ୍ତି। କିନ୍ତୁ ମୁଁ ଏହାକୁ ମୋ'ର ଶ୍ରେଷ୍ଠ କୃତି ବୋଲି କହି ପାରିବି ନାହିଁ।

**ସାହିତ୍ୟ ଚର୍ଚ୍ଚା :** ତେବେ କେଉଁଟି ଆପଣଙ୍କର ଶ୍ରେଷ୍ଠ କୃତି ?

**ତରୁଣକାନ୍ତି ମିଶ୍ର :** ସେ କଥା ମୁଁ କହିପାରିବିନି। ସବୁତକ ଗଳ୍ପ ମୁଁ କଷ୍ଟ କରି ଲେଖିଛି, ଯତ୍ନର ସହିତ। ପ୍ରତ୍ୟେକଟି ଗଳ୍ପ ମୋର ମାନସ ସନ୍ତାନ। ଯଦି କୌଣସି ଗପ ଭଲ ହୋଇପାରିନାହିଁ, ତେବେ ତାହା ଗଳ୍ପର ଅବା ଚରିତ୍ରଟିର ଦୋଷ ନୁହେଁ, ବରଂ ମୋ ନିଜର।

**ସାହିତ୍ୟ ଚର୍ଚ୍ଚା :** ଆପଣ ଆଜି ଆମର ଏହି ଆଲୋଚନାର ପ୍ରାରମ୍ଭରେ କହିଥିଲେ ଯେ ଆପଣ ପିଲାଦିନେ ପ୍ରଥମେ କବିତା ଲେଖିଥିଲେ। କିନ୍ତୁ ଆପଣଙ୍କର ସୁଦୀର୍ଘ ସାହିତ୍ୟିକ ଜୀବନର ଯାତ୍ରା ପଥରେ ସେଇ କବିତାକୁ କେଉଁଠି ହଜାଇଦେଲେ ?

**ତରୁଣକାନ୍ତି ମିଶ୍ର :** ମୋତେ ଗପ ସବୁଠୁଁ ବେଶୀ ଭଲଲାଗେ, ଏବଂ ମୋ'ର ମନେ ହୁଏ ଯେ ଗପ ଭିତରେ ଆପଣ ସବୁ ରଖିପାରିବେ, କବିତାର ଲାଳିତ୍ୟ, ପ୍ରବନ୍ଧର ପ୍ରଜ୍ଞା। ଯାହା ମାର୍କ ଟ୍ୱେନ୍ ଥରେ କହିଥିଲେ, ଗଳ୍ପଟା ହେଉଛି ଗୋଟିଏ ବିଜୁଳି ଭଳି। ତା'ଭିତରେ ସବୁକିଛି ଝଲସି ଉଠେ। ମୁଁ ଦେଖିଲି ଯେ ଗପ ଭିତରେ ମୁଁ ନିଜକୁ ଅଧିକ ଭଲ ଭାବରେ ଦେଖି ପାରିବି, ବ୍ୟକ୍ତ କରିପାରିବି। କବିତାର ସୀମାବଦ୍ଧତା ଭିତରେ ସବୁ କହିବାର ଯୋଗ୍ୟତା ମୋର ନାହିଁ।

**ମୁଁ ଦେଖିଲି ଯେ ଗପ ଭିତରେ ମୁଁ ନିଜକୁ ଅଧିକ ଭଲ ଭାବରେ ଦେଖି ପାରିବି, ବ୍ୟକ୍ତ କରିପାରିବି।**

**ସାହିତ୍ୟ ଚର୍ଚ୍ଚା :** ଆଜିର ଏହି ମନୋଜ୍ଞ ସାରସ୍ୱତ ଆଲୋଚନାଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

**ତରୁଣକାନ୍ତି ମିଶ୍ର :** ଆପଣଙ୍କ ସହୃଦୟ ଭାବ ବିନିମୟ ମୋତେ ବହୁତ ଭଲ ଲାଗିଲା। ଆପଣଙ୍କ ପତ୍ରିକା ମାଧ୍ୟମରେ ମୋର ବିନମ୍ର ଶ୍ରଦ୍ଧା ଓ ଶୁଭ କାମନା ଜଣାଉଛି, ସମସ୍ତ ସାହିତ୍ୟ ଅନୁରାଗୀଙ୍କୁ।

□□


## ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ




Search **Sahitya Charcha** on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।


ପ୍ରବନ୍ଧ



# ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଲୋକଗୀତ ପରମ୍ପରା

ଡ. ରାକେଶ କୁମାର ବିଶି

ପଶ୍ଚିମ ଓଡ଼ିଶା ପ୍ରାକୃତିକ ପରିବେଷ୍ଟନୀ ଭରା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଜୀବିକା ଦୃଷ୍ଟିରୁ ଏହାର ଅଧିକାଂଶ ଅଧିବାସୀ କୃଷି ଉପରେ ନିର୍ଭରଶୀଳ। କୃଷି ଏ ଅଞ୍ଚଳର ଲୋକଜୀବନ ସହ ଏପରି ଭାବରେ ସମ୍ପୃକ୍ତ ଯେ, ଲୋକର ସାମଗ୍ରିକ ଜୀବନ ଶୈଳୀ, ସାମାଜିକ ଚାଲିଚଳଣି, ଧର୍ମୀୟ ବିଶ୍ୱାସ, ସାଂସ୍କୃତିକ କାର୍ଯ୍ୟକଳାପ ପ୍ରଭୃତି କୃଷିଭିତ୍ତିକ ଅଟେ। ଏ ଅଞ୍ଚଳରେ କୃଷି କେବଳ ଜୀବିକା ଉପାର୍ଜନର ମାଧ୍ୟମ ନୁହେଁ, ମୋଟାମୋଟି ଭାବରେ ଏହା ଏହି ଅଞ୍ଚଳର ଲୋକମାନଙ୍କର ସାମଗ୍ରିକ ପରିଚୟ।



ପଶ୍ଚିମ ଓଡ଼ିଶାର ଅଧିବାସୀ ବିଭିନ୍ନ ପ୍ରକାର କୃଷି କାର୍ଯ୍ୟରେ ଲିପ୍ତ। ଏ ଅଞ୍ଚଳର ଲୋକମାନଙ୍କର ଅନୁଭୂତି ଯାହା କୁହେ, ଅନ୍ୟାନ୍ୟ ଚାଷୋପାର୍ଜିତ ଅର୍ଥଠାରୁ ଧାନ ଚାଷ ଉପାର୍ଜିତ ଅର୍ଥ ଅପେକ୍ଷାକୃତ ଅଧିକ। ଏଣୁ ଧାନ ଚାଷ ଉପରେ ଏ ଅଞ୍ଚଳବାସୀ ବେଶି ଗୁରୁତ୍ୱ ଦେଇଥାନ୍ତି।

''ଛନର୍ ପଏସା ଛନେ
ଗୁରର୍ ପଏସା ଅନେ
ଦୁଖେଁ ସୁଖେ କମେଇ ପାର୍‌ଲେ
ଧାନର୍ ପଏସା ବନେ।''

ଏହିପରି ଧାରଣାଟିଏ ମନଭିତରେ ଜାବୁଡ଼ିଧରି ଏ ଅଞ୍ଚଳବାସୀ ଧାନ ଚାଷକୁ ଅଧିକ ପ୍ରାଧାନ୍ୟ ଦେବା ଦୃଷ୍ଟିଗୋଚର ହୁଏ। ତତ୍‌ସହିତ ଦୃଷ୍ଟିଗୋଚର ହୁଏ ଉକ୍ତ ଚାଷ ସହ ଜଡ଼ିତ ଲୋକଗୀତ। କୃଷିକାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟରେ ଲୋକଗୀତଗୁଡ଼ିକ ଗାନ କରାଯାଇଥାଏ। ଯେପରି - ବିଲରେ ହଳିଆ ହଳ କରିବା ସମୟରେ, କ୍ଷେତରେ ଘାସବଛା ଯିବା ସମୟରେ, ପହ୍ଲାରୁଆ ସମୟରେ, ମାଡ଼େନ ସମୟରେ, ଶଗଡ଼ିଆ ଶଗଡ଼ରେ ଧାନ ବୋହି ଘରକୁ ନେବା ସମୟଗୁଡ଼ିକରେ ଯେଉଁ ମନଫୁଲାଣିଆ ଗୀତର ଲହର ଛୁଟେ କୃଷି କାର୍ଯ୍ୟର ଅଭିଜ୍ଞତାକୁ ନେଇ ହେଉ ବା ଚାଷ କରୁଥିବା ବ୍ୟକ୍ତିର ଏକଲାପଣକୁ ଦୂର କରିବା ଉଦ୍ଦେଶ୍ୟରେ ହେଉ ତାହା ବାସ୍ତବରେ ଖୁବ୍ ହୃଦୟସ୍ପର୍ଶୀ। ନିମ୍ନରେ ପଶ୍ଚିମ ଓଡ଼ିଶାର ବିଭିନ୍ନ କୃଷିଭିତ୍ତିକ ଲୋକଗୀତ ସମ୍ପର୍କରେ ଆଲୋଚନା କରାଗଲା।

## (କ) ହଳିଆ ଗୀତ :-

'ହଳିଆ ଗୀତ' ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ଲୋକଗୀତଠାରୁ ଏହି ଗୀତର ସ୍ଥାନ ସ୍ୱତନ୍ତ୍ର। ହଳିଆ ଚାଷକାର୍ଯ୍ୟ ପାଇଁ ସର୍ବଦା ହଳ କାମରେ ନିୟୋଜିତ ଥିବାରୁ ତାହାକୁ ହଳିଆ କୁହାଯାଏ ଏବଂ ଏତେବେଳେ ସେ ଯେଉଁ ଗୀତ ବୋଲେ ତାହାକୁ 'ହଳିଆ ଗୀତ' କୁହାଯାଏ। ହଳିଆ 'ହଳିଆ ଗୀତ' ଗାନ କରିବା ପୂର୍ବରୁ 'ବଏଲାରେ' ବା 'ଏ' ବୋଲି ତା'ର ବଳଦକୁ ସମ୍ବୋଧନ କରିଥାଏ। ଏହି ଗୀତଗୁଡ଼ିକ ଆକାରରେ କ୍ଷୁଦ୍ର ତିନି ବା ଚାରି ଧାଡ଼ି ବିଶିଷ୍ଟ ହୋଇଥାଏ। ଏହାର ଆବୃତ୍ତି ଦାଣ୍ଡୀ ବୃତ୍ତ ଧର୍ମୀ। ଗୀତ ଶେଷରେ ହଳିଆ 'ହୋ' ବା 'ରେ' ନାମକ ଦୀର୍ଘ ଧ୍ୱନି ଉଚ୍ଚାରଣ କରିଥାଏ। ତତ୍‌ସହିତ ହଳିଆ ହଳ ଧରିବା ଏବଂ ହଳ କରିବା ସମୟରେ ଅର୍, ହ ହ, ହୁର୍ ହୁର୍, ଘୁଚ୍ ଘୁଚ୍ ବୋଲି ନିର୍ଦ୍ଦେଶାତ୍ମକ ଧ୍ୱନି ପ୍ରକାଶ କରିଥାଏ।

ହଳିଆ ଗୀତଗୁଡ଼ିକ ନିଜ କର୍ମମୟ ଜୀବନର ଦୁଃଖ, ଗ୍ଲାନି, ପାରିପାର୍ଶ୍ୱିକ ଜଞ୍ଜାଳ, ସାହୁକାର ପ୍ରତି ଥିବା ହଳିଆର ମନୋଭାବଗୁଡ଼ିକ ଗୀତରେ ପ୍ରତିଫଳିତ ହୁଏ। ନିଜ ଜୀବନ ପରିଧିରେ ଚଳପ୍ରଚଳ ଛୋଟବଡ଼ ଘଟଣା ସବୁକୁ ଆପଣାର

ଗୀତରେ ପ୍ରକାଶ କରେ ।

''ବଏଲାରେ...

ମାଏଟ୍ ବୁହି ବୁହି ଖନ୍ଦ୍ ହେଲା ଗଁଠିଆ

କୁଟୁମ୍ ଜାଲ୍ ଘର ସାତ୍‌ଟା ଛୁଆ ପିଲା

ଯେତେ କମାଲେ ବି ନାଇଁ ଦେଲା ଧରା

ସାହୁକାର ଗନି ନେଲା

ବଛର୍ ଜାକର ଭାଲା ହୋ...।''

ଉକ୍ତ ପଦରେ ସାହୁକାର ପ୍ରତି ଥିବା ମନୋଭାବ ପ୍ରକଟିତ । ଯେଉଁଥିରେ ସାହୁକାରଠାରୁ ସୁଧ ହାରରେ ଆଣିଥିବା ଋଣକୁ ପରିଶୋଧ କରିବା ପାଇଁ ହଳିଆ ତା'ର ଝାଳୋପାର୍ଜିତ ବର୍ଷଯାକର କୃଷି କାର୍ଯ୍ୟରୁ ଉତ୍ପାଦିତ ଅର୍ଥକୁ ଦେଇଦେବାର ଅସହନୀୟ ଯନ୍ତ୍ରଣାଭାବ ପ୍ରକାଶିତ ।

ସାହୁକାରର ଅକଥନୀୟ ମାନସିକ ଯନ୍ତ୍ରଣା ବ୍ୟତୀତ ବ୍ୟକ୍ତିଗତ ଜୀବନର ନାନାଦି ଦୁଃଖ, କଷ୍ଟ, ଦାମ୍ପତ୍ୟ ଜୀବନର ଅବ୍ୟକ୍ତ ଶୋକ ଆଦିକୁ ପ୍ରକାଶ କରେ ହଳିଆ ତା'ର ଗୀତ ମାଧ୍ୟମରେ । ନିଜ ଜୀବନ ପରିଧିରେ ଦୃଶ୍ୟମାନ ହେଉଥିବା ଘଟଣାବଳୀକୁ ରୂପ ଦିଏ ଆପଣା ବାଗରେ, ଆପଣା ଭଙ୍ଗୀରେ, ଆପଣା ଗୀତ-ଭାଷାରେ । ମୋଟାମୋଟି ଭାବରେ କହିଲେ ହଳିଆ ସଂଘର୍ଷ ଜୀବନର ଅନୁଭୂତି ହିଁ ଗୀତରେ ପ୍ରକାଶ ପାଏ । ଯେପରି -

**ଜୀବନର ନାନାଦି ଦୁଃଖ, କଷ୍ଟ, ଦାମ୍ପତ୍ୟ ଜୀବନର ଅବ୍ୟକ୍ତ ଶୋକ ଆଦିକୁ ପ୍ରକାଶ କରେ ହଳିଆ ତା'ର ଗୀତ ମାଧ୍ୟମରେ ।**

ବଏଲା ରେ...

ହଲ ଫାନ୍ଦିଗଲି ଯେ କବରା କଷରା

ହଲାଇ ମାଇଲି ଯେ ଗାଆଁ ଚାରିତରା

ଥିର ନେଇ ଦେବୁରେ କମଲା / ତର୍ ଭାଏ ଭୁକେ ମଲାରେ ହ...

ବାସ୍ତବରେ 'ହଳିଆ ଗୀତ'ଗୁଡ଼ିକ ହେଉଛି ହଳିଆର ଜୀବନ ଆଲେଖ୍ୟ । ଯେଉଁଥିରେ ଫୁଟିଉଠେ ତାର ହସ-କାନ୍ଦ, ମିଳନ-ବିଚ୍ଛେଦ, ଭଲ-ମନ୍ଦ ସବୁକିଛି । "ଦିଜ୍ ସଙ୍ଗ୍‌ସ ଆର୍ ଫୁଲ୍ ଅଫ୍ ଇମୋସନ୍ ଆଣ୍ଡ ଦେ ପ୍ରେଜେଣ୍ଟ ଏ ଗ୍ରାଫିକ୍ ପିକ୍‌ଚର ଅଫ୍ ଦି ଡେ ଟୁ ଡେ ଲାଇଫ୍ ଅଫ୍ ଦି ପ୍ଲୋଓ ମ୍ୟାନ୍।" (କେ. ଆର. ପାଣିଗ୍ରାହୀ) ପ୍ରକୃତରେ ଜଣେ ହଳିଆ ଜୀବନର ଦୁଃଖ ଜଡ଼ସଡ଼ ମୁହୂର୍ତ୍ତସବୁର ଗୀତିମୟ ପରିପ୍ରକାଶ ହେଉଛି ଏହି 'ହଳିଆ ଗୀତ'।

'ହଳିଆ ଗୀତ'ରେ ହଳିଆର ଶୋଷଣର କଥା, ବ୍ୟକ୍ତିଗତ ଦୁଃଖ, ଯନ୍ତ୍ରଣା, ତିକ୍ତାନୁଭୂତି ପ୍ରଭୃତି ଯେପରି ପ୍ରତିଫଳିତ ତଦନୁରୂପେ ଈଶ୍ୱରାନୁରାଗ ମଧ୍ୟ ପ୍ରତିବିମ୍ବିତ । ହଳିଆ ପାଠ ପଢ଼ିନାହିଁ, ଶାସ୍ତ୍ର-ପୁରାଣାଦି ପଢ଼ିବାର ସୁଯୋଗରୁ ବଞ୍ଚିତ, ମୂର୍ଖ ଲୋକ । ପରନ୍ତୁ ଈଶ୍ୱରଙ୍କ ପ୍ରତି ତା' ଭିତରେ ପ୍ରଗାଢ଼ ବିଶ୍ୱାସ । ପିଲାଦିନୁ ସେ ଶୁଣିଆସିଛି ତା'ର ଘରେ ଥିବା ବୟୋଜ୍ୟେଷ୍ଠ କିମ୍ବା ଗାଁର ପୂଜା-ପାର୍ବଣ ସମୟରେ ବୋଲାଯାଉଥିବା ରାମାୟଣ, ମହାଭାରତ, ଭାଗବତ, କାର୍ତ୍ତିକ ମାହାତ୍ମ୍ୟ ପ୍ରଭୃତି ପୁରାଣ ଗ୍ରନ୍ଥ । ସେଇଥିରୁ ପୌରାଣିକ ବିଭିନ୍ନ ଚରିତ୍ର ସହ ତା'ର ପରିଚୟ, ଘଟଣା ସମ୍ପର୍କରେ ଅବଗତ । ସେହି ଚରିତ୍ର ଓ କଥାବସ୍ତୁ ସବୁ ସରଳ ହଳିଆ ମନରେ ଏତେ ରେଖାପାତ କରିଥାଏ ଯେ, ତାର ଜାଣତ ବା ଅଜାଣତରେ ହଳିଆ ଗୀତରେ ଗୁଞ୍ଜରିତ ହୋଇଥାଏ, ଯେପରି-

ଏ...

ଦିନେ ନ ଭଜୁରେ ମନ ରାମକୃଷ୍ଣ ହରି

ଏ ଭବ ସାଗରୁ ତୁରେ ନ ଯିବଇ ତରିରେ

ରାମ ନାମ ତୁ ଭଜିବୁ ଭବ ସାଗରୁ ତରିବୁ

ମୁଖେ ନ ବଲିବୁ ମନ ରାମକୃଷ୍ଣ ହରି... ହ...।

ହଳିଆ ହୁଏତ ଅପାଠୁଆ ହୋଇପାରେ, ଶାସ୍ତ୍ର ଜ୍ଞାନ ଥାଇ ନ ପାରେ ପରନ୍ତୁ ତାର ଗୀତରେ ବେଳେବେଳେ ଦାର୍ଶନିକ ସମ୍ବଳିତ ତାତ୍ତ୍ୱିକ ବିଷୟର ଅବତାରଣା ଯେଉଁଭଳି ଭାବରେ ହୋଇଛି, ତାହା ସଂଦର୍ଶନ କରି ବିସ୍ମିତ ଲାଗେ । ଯାହାର ପ୍ରମାଣ ଏଠି କିଛି ଉଦ୍ଧାର କରାଯାଇପାରେ -

ଆରେ ହେ...

ଗୋଟିଏ ଡିମ୍ବରୁ ଯେ ଦୁଇଗୋଟି ଛୁଆ

ଗୁଟେ ନୀଳବର୍ଣ୍ଣ ଯେ ଗୋଟେରେ ଧଉଁଳିଆ

ଡେନା ନାହିଁ ପକ୍ଷୀର ଶୂନ୍ୟରେ ଉଡୁଛି

ଆର୍ ଥଣ୍ଟ ନାହିଁ ତାହାର ଯେ ଆହାର ମାଗୁଛି

ଦେଖତ ମୋର୍ ହେତୁକରି ବୁଝ ହୋ ପଣ୍ଡିତ

ଆର୍ ମୂରୁଖ ପଚାରୁଛି ଯେ... ହ... ହୁର୍...।

"ହଳିଆ ଗୀତରେ ଗୋଟିଏ ଦାର୍ଶନିକ ତତ୍ତ୍ୱର ଚିତ୍ର

ପ୍ରତିବିମ୍ବିତ । ମିଥ୍, କିମ୍ବଦନ୍ତୀର ଆଭାସ ଏଠାର ଋଦ୍ଧିମନ୍ତ । ରାମାୟଣର ଭଗବାନ ରାମ ଏବଂ ଭାଇ ଲକ୍ଷ୍ମଣ ହଳିଆ ଗୀତ ମାଧ୍ୟମରେ ସାଧାରଣ କୃଷକ ଭାବରେ ଏଠାରେ ଉପନୀତ ।"

"ହଳିଆ ଗୀତରେ" ଆମେ ବିଭିନ୍ନ ହିତୋପଦେଶାତ୍ମକ ବାଣୀର ମନ୍ତ୍ରମୁଗ୍ଧ ସ୍ୱରକୁ ମଧ୍ୟ ଶୁଣିପାରିଥାଉ । ହଳିଆର କୌଣସି ଶିକ୍ଷାଗତ ଯୋଗ୍ୟତା ନ ଥିଲେ ମଧ୍ୟ ତା'ର ରହିଛି ପ୍ରଚୁର ଅଭିଜ୍ଞତା । ଜୀବନ ବିଦ୍ୟାଳୟର ଛାତ୍ର ଭାବରେ ରହିଛି ତାହାର କୃତିତ୍ୱ । ଏଣୁ ସେ ଯାହା କୁହେ ତା'ର ଅନୁଭବର କଥା କୁହେ, ଅନୁଭୂତିର କଥା କୁହେ, ଅଙ୍ଗେ ନିଭେଇଥିବା ସତ୍ୟ ଘଟଣା ବଖାଣେ । ଯେପରି -

ଏ... ହେ... ଏ
ଶିଆଁଳି ଲଟାରେ ଶ୍ରୀକୃଷ୍ଣ ଦୁଲୁତ ଥିଲେ ଦୁଲି
ବାଜିଲା ଧନୁଶର ଯେ ତଳେ ଗଲେ ଢଳି...
ବଏଲାରେ
ଦଇବ ଦୁର୍ଯ୍ୟୋଗ ରାମ ଗଲେ ବନବାସ
କରମ ବାମ ହେଲେରେ ସବୁଯାଏ ନାଶ ହୋ...
ସବୁ ଯାଏ ନାଶ...

ଉକ୍ତ ଗୀତରେ ସଂସାରର ଏକ ଚିରନ୍ତନ ସତ୍ୟ ପ୍ରଘଟ କରାଯାଇ କୁହାଯାଇଛି ଯେ, ଭାଗ୍ୟ ଯଦି ଶତ୍ରୁ ପାଲଟେ ତେବେ ତା'ର ନିସ୍ତାର ନାହିଁ, ତା'ର ପତନ ସୁନିଶ୍ଚିତ; ସେ ହୁଅନ୍ତୁ ପଛେ ଦେବତା କି ମାନବ । ଏଣୁ ହଳିଆ ତା'ର ଅଭିଜ୍ଞତାକୁ ପାଥେୟ କରି ଗୀତରେ କୁହେ, କର୍ମ ଅନୁସାରେ ଭାଗ୍ୟ । ସୁ-କର୍ମ ସୁ-ଭାଗ୍ୟର ନିର୍ମାଣ କରେ ଏବଂ କୁ-କର୍ମ ଦୁର୍ଭାଗ୍ୟକୁ ଆମନ୍ତ୍ରଣ କରେ । ଅର୍ଥାତ୍, ଆମେ ସମସ୍ତେ ସୁ-କର୍ମରେ ଲିପ୍ତ ରହି ସୌଭାଗ୍ୟର ଅଧିକାରୀ ହେବା ପାଇଁ ଚେଷ୍ଟିତ ହେବା ଉଚିତ୍ ବୋଲି ଶିକ୍ଷା ଦିଏ ।

ହଳିଆ ତା'ର ଗୀତ (ହଳିଆ ଗୀତ)ରେ ବ୍ୟକ୍ତିଗତ ଜୀବନର ଦୁଃଖ, କଷ୍ଟ, ପାରିବାରିକ ଯନ୍ତ୍ରଣା କି ସାହୁକାରର ଅକଥନୀୟ ଶୋଷଣର କଥା କେବଳ କହିନାହିଁ ବରଂ ତା'ର ହୃଦୟ ସରୋବରରେ ତରଙ୍ଗାୟିତ ହେଉଥିବା ଛୋଟ ଛୋଟ ରୋମାଣ୍ଟିକ୍ ଭାବଗୁଡ଼ିକ ଶବ୍ଦ ରୂପ ହେଇ, ଭାଷା ରୂପ ହେଇ ଆତ୍ମପ୍ରକାଶ ପାଇଛି 'ହଳିଆ ଗୀତ'ରେ ।

ଏ...
ବାଟରେ ଆମ୍ବ ଲେଡି ତ ହେଇଛେ ବତର
ଗୁରୀ ଦେହ ଫଲଇ କାଏଁ ବତର
ଆର୍ ବତରରେ ହେଲେ ତ ଷୁହଲ ସତର ରେ... ଅର୍...

ହଳିଆ ଗୀତଗୁଡ଼ିକରେ ପ୍ରତିବିମ୍ବିତ ପ୍ରେମ ଭାବନା ସମ୍ପୂର୍ଣ୍ଣ ଦେହ ସର୍ବସ୍ୱ । ଦେହର ଆକର୍ଷଣ, ଦେହ ଭୋଗର କାମନା ଭିତରେ ହିଁ ତା'ର ପ୍ରେମର ସାର୍ଥକତା, ସଫଳତା । ଏହି ପ୍ରେମ ପୁଣି ଦେଖେ ନାହିଁ ସମ୍ପର୍କର ସରହଦ୍ । ଏଣୁ ହଳିଆ ତା'ର ଭାଉଜଠାରୁ ଯୌନ ଶିକ୍ଷା ଗ୍ରହଣ କରିବାର ଅଭିଳାଷ ପୋଷଣ କରି କୁହେ -



ବଏଲାରେ...
ବହୁତ ବହୁରେ ବହୁବଲେ ତତେ
ବାଏଗନ ରୁଆ ବହୁଗା ବତାଇ ଦେବୁ ମତେ,
କୁଡ଼ିବ କାଞ୍ଚିବ ଯେ ଟେକି ତ ଦେବ ଦୁଲା
କର୍ମେ ଥିଲେ ବାଏଗନ ଫଲିବ ଗଛକୁ ଜୁଡ଼ା ଜୁଡ଼ା ହୋ...

ଠିକ୍ ସେମିତି ଆଉ ଏକ ଗୀତକୁ ଲକ୍ଷ୍ୟ କରାଯାଉ -

ଏ...
ନୂଆଁ ବନ୍ଧର ପାନିରେ ପୁରୁନା ବନ୍ଧେ ପଶେ
ଗୁରୀ ଦେହ ହେମ ଡିଣ୍ଡାରେ କାକର, ହ...
ଏ ଗୁରୀ ଦେହ ହେମ କାକର ଚନ୍ଦନ ପରି ବାସେ
ଗୁରୀ ଚନ୍ଦନ ପରି ବାସେ... ହ...

ଏହି ହଳିଆ ଗୀତଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ, ଏଣୁ ଏଥିରେ ନ ଥାଏ ଶୃଙ୍ଖଳିତ ଶାସ୍ତ୍ରୀୟ ନିୟମ, ଛନ୍ଦ, ତାଳର ପ୍ରଲେପ । ବରଂ ଥାଏ ଅନୁଭୂତିର ନିବିଡ଼ ଆଶ୍ଲେଷ । ବାସ୍ତବରେ 'ହଳିଆ ଗୀତ' କର୍ମର ଗୀତ । କର୍ମ କ୍ଳାନ୍ତି ଦୂରହୁଏ ଗୀତର ପ୍ରଭାବରେ ଗୀତ କର୍ମକୁ କ୍ଷୀପ୍ରତର କରେ, ହଳିଆର ଏକ୍ଲାପଣକୁ ଦୂରକରେ, ତା'ର ଯାବତୀୟ ଦୁଃଖ, ଯନ୍ତ୍ରଣା ଉପରେ ସାମୟିକ ମଲମର କାମ କରେ ପୁଣି ତା'ର କର୍ମର ସାଥୀ ବଳଦକୁ ଚାଲିବାରେ ପ୍ରେରଣା ଦିଏ । ଏଣୁ 'ହଳିଆ ଗୀତ' ଉଭୟ ହଳିଆ ଏବଂ

ବଳଦ ଦୁହିଁଙ୍କ କର୍ମ ସଙ୍ଗୀତ।

**(ଖ) ପହ୍ଲାରୁଆ ଗୀତ :-**

ପହ୍ଲାରୁଆ କହିଲେ ଧାନ ପହ୍ଲାକୁ ଜମିରେ ରୋପଣ କରିବାକୁ ବୁଝାଏ। ଧାନ ବୁଣାଯିବାର ୨୦ରୁ ୨୫ ଦିନ ପରେ ତାହା ରୋପଣଯୋଗ୍ୟ ହୋଇଥାଏ। କୃଷକ ସେହି ପହ୍ଲାକୁ ନେଇ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ମଜୁରିଆମାନଙ୍କ ସହାୟତାରେ ବିଲରେ ରୋପଣ କରିଥାଏ। ଏହି ପହ୍ଲାରୁଆ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ଉଭୟ ପୁରୁଷ ଓ ମହିଳା। ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କର ସଂଖ୍ୟା ସର୍ବାଧିକ। କାଦୁଅ ସରସର ଜମି ମଧ୍ୟରେ ପହ୍ଲାରୁଆଳି ଅଣ୍ଟା ନୁଆଁଇ ବୁଲିବୁଲି ସକାଳୁ ସଞ୍ଜଯାଏ କାମ କରିବାକୁ ପଡ଼ିଥାଏ। ଏହି କର୍ମଜନିତ କ୍ଳାନ୍ତ ଭାବରୁ ନିଜକୁ ମୁକ୍ତ ରଖିବା ପାଇଁ ତଥା ବିରସ ଭାବକୁ ସରସ କରିବା ପାଇଁ ଗୀତସବୁ ବୋଲିଥାନ୍ତି, ଯାହାକୁ 'ପହ୍ଲାରୁଆ ଗୀତ' କୁହାଯାଏ।

ପହ୍ଲାରୁଆ ଅବସରରେ ବିଭିନ୍ନ ଗାଁ, ବିଭିନ୍ନ ସାହିରୁ ପହ୍ଲାରୁଆଳିମାନେ ଏକତ୍ରିତ ହୋଇଥାନ୍ତି। ପରସ୍ପର ସୁଖ-ଦୁଃଖ, ଭଲ-ମନ୍ଦ, ଆପଣା ଆପଣାର ଗାଁ, ସାହି, ପଡ଼ିଶାମାନଙ୍କର କଥାଗୁଡ଼ିକ ବାଣ୍ଟିଥାନ୍ତି, ସେ ପୁଣି ଗୀତ ରୂପରେ। 'ଶ୍ରମିକ ମନର ଅବସ୍ଥା, ପ୍ରାକୃତିକ ପରିବେଶ ଓ କାର୍ଯ୍ୟର କଠିନତା ନେଇ ସଙ୍ଗୀତ ହୁଏ କରୁଣ। ଶ୍ରମିକ ଦଳରେ ଗୀତର ନେତୃତ୍ୱ ନେଇଥିବା ଗାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାମର ଅବସ୍ଥା ଦେଖି ସେ ଗୀତ ବାଛେ, ଗୀତ ମଝିରେ ବିଶ୍ରାମ ନିଏ, କିଛି ନୂଆ ଯୋଡ଼ି ଅନ୍ୟମାନଙ୍କର ଚିତ୍ତ ବିନୋଦନ କରେ।''[୨]

**ଶ୍ରମିକ ଦଳରେ ଗୀତର ନେତୃତ୍ୱ ନେଇଥିବା ଗାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାମର ଅବସ୍ଥା ଦେଖି ସେ ଗୀତ ବାଛେ।**

"ପହ୍ଲା ମାରି ଚାଲ୍‌ରେ ବହେନ୍
ପହ୍ଲା ମାରି ଚାଲ୍
ତୋର୍ କ୍ଷେତେ ତ ବଡ଼ା ଗୁଡ଼ି ଗୋ
ହିଟି ଯାଏସି ନଖର ମୁଡ଼ି
ସବୁ ଗୁଡ଼ି ଯାକ ଛାନି ଦେଲିନଁ
ପକେଇ କରି ଜାଲ୍
ପହ୍ଲା ମାରି ଚାଲ୍‌ରେ ବହେନ୍
ପହ୍ଲା ମାରି ଚାଲ୍।"

ମୁଖ୍ୟତଃ ଆଷାଢ଼ର ଶେଷ ପର୍ଯ୍ୟାୟରୁ ଶ୍ରାବଣର ଶେଷ ପର୍ଯ୍ୟନ୍ତ କ୍ଷେତରେ ରୁଆକାମ ହୋଇଥାଏ ଏବଂ ଏହି ରୁଆକାମକୁ ତ୍ୱରାନ୍ୱିତ କରିବା ପାଇଁ ଉକ୍ତ ଗୀତର ଭୂମିକା ଅନସ୍ୱୀକାର୍ଯ୍ୟ।

**(ଗ) ଲଟାବଛା ଗୀତ / ଘାସ୍‌ବଛା ଗୀତ :-**

ଯେକୌଣସି ଚାଷ ପାଇଁ ହେଉନା କାହିଁକି ଘାସ ହେଉଛି ଚାଷର ପରମ ଶତ୍ରୁ। କାହିଁକି ନା ଏହା ଫସଲର ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରେ, ବିଭିନ୍ନ ରୋଗ ଓ କୀଟ ସୃଷ୍ଟିର ମୂଳ କାରଣ ହେଉଛି ଏହି ଘାସ। ଏଣୁ ଚାଷୀ ଚାଷ ଜମିରୁ ଘାସ ବାଛି ଓପାଡ଼ିଥାଏ। ଧାନ ଚାଷରେ ଜମିରୁ ଘାସସବୁ ବଛାଯାଇ ଓପାଡ଼ିବା ପାଇଁ ବିଧିବଦ୍ଧ ମଜୁରିଆ ନିୟୋଜିତ କରାହୁଏ। ପହ୍ଲାରୁଆ ପରି ଘାସବଛା ସମୟରେ ମଧ୍ୟ ମୁଖ୍ୟ ଭୂମିକା ତୁଲେଇଥାନ୍ତି ମହିଳା। କେବଳ ତଫାତ୍ ଏତିକି, ପହ୍ଲାରୁଆ ସମୟରେ ଏମାନେ ବଡ଼ବଡ଼ ଦଳ ହୋଇ କାମ କରୁଥିବା ବେଳେ ଘାସବଛା କାର୍ଯ୍ୟଟିରେ ଦଳ ଛୋଟ ହୁଏ। ଉଦ୍ଦେଶ୍ୟ କିନ୍ତୁ ଗୋଟିଏ, ଗୀତ ଗାଇବାର ଶୈଳୀ ମଧ୍ୟ ଗୋଟିଏ। ଶ୍ରମ ଲାଘବ ଲକ୍ଷ୍ୟ ନେଇ ପରସ୍ପର ଗୀତ ପଦେ ପଦେ ବୋଲାବୋଲି ହୁଅନ୍ତି। ଏହି ଗୀତକୁ ଲଟାବଛା ବା ଘାସ୍‌ବଛା ଗୀତ କୁହାଯାଏ।

ଏ... ହେ...
ଲଟା ତ ବଛା ଉରଘା ବଥା ହୋ ସୁଖା ଟଙ୍ଗର୍ ଭୂଇଁ
ଘିଚ୍ ଭୁଆସେନ୍ ମାନେ ମୋର
ଅଁଟା କୁତ ଲୁଆଁଇ ଲୁଆଁଇ ରେ...।

× × ×

ଏ... ହେ...
ସଲ୍‌ବଲୁଛେ ସମ୍‌ନା କୁଦୋ
ଗଡ଼୍‌ଗଡ଼୍ ଆର୍ ଝିପା
ଚେର୍ ମୂଳୁ ଘିଚ୍ ଗା ନନୀ
କେତେ ସଲଖଉ ଖୁସା... ରେ...।

ଉକ୍ତ ଘାସବଛା କାର୍ଯ୍ୟ ସାଧାରଣତଃ ଭାଦ୍ରବରୁ ଦଶହରା ପର୍ଯ୍ୟନ୍ତ ଚାଲୁ ରହେ। ଅନ୍ୟାନ୍ୟ ଶସ୍ୟଜାତୀୟ ଚାଷ ସମ୍ବନ୍ଧୀୟ ଘାସବଛା କାର୍ଯ୍ୟ ଅପେକ୍ଷା, ଧାନ ଚାଷର ଘାସବଛା ବା

ଲଟାବଛା କାର୍ଯ୍ୟ ଦୀର୍ଘଦିନ ଚାଲେ। ଏହି ପରିପ୍ରେକ୍ଷୀରେ ଗାନ କରାଯାଉଥିବା ଲଟାବଛା ଗୀତଗୁଡ଼ିକରେ ପରସ୍ପର ଟାହିଟାପରାଜନିତ ଅକ୍ଷେପୋକ୍ତି ତଥା ବିବିଧ ଗ୍ରାମ୍ୟାନୁଭୂତିର ଚିତ୍ର ପ୍ରତିବିମ୍ବିତ ହୋଇଥାଏ।

**(ଘ) ମାଡ଼େନ୍ ଗୀତ :-**

ଚାଷୀ ଜମିରୁ ଧାନ କାଟି ଖଳାରେ ଗଦାଏ, ଧାନ ମଡ଼ାଇବା ପାଇଁ ଏବଂ ଏହି ଧାନ ମଡ଼ାଇବା ବେଳେ କୃଷକ ମନଫୁଲାଣିଆ ଯେଉଁ ଗୀତ ବୋଲେ ତାକୁ 'ମାଡ଼େନ୍ ଗୀତ' କୁହାଯାଏ।

ମାଡ଼େନ୍ କାର୍ଯ୍ୟଟି କୃଷିକାର୍ଯ୍ୟର ଶେଷ ସୋପାନ। ଏହି କାରଣରୁ ଚାଷ କାର୍ଯ୍ୟର ଅନ୍ୟାନ୍ୟ କାର୍ଯ୍ୟାପେକ୍ଷା ଧାନମଡ଼ା ବା ମାଡ଼େନ୍ କାର୍ଯ୍ୟରେ କୃଷକର ମନ, ପ୍ରାଣରେ ସଫଳତାର ଆନନ୍ଦଭାବ ଫୁଟିଉଠୁଥାଏ।

ମାଡ଼େନ୍ ଉପରେ ବଳଦ ଚାଲେ, ଧାନ ମରିବା ଦେଖି ମଝିରେ ମଝିରେ ଧାନ ଝିଟା ଚାଲିଥାଏ, କୃଷକ ବଳଦ ପଛେପଛେ ଘଉଡୁଥାଏ। ଏହି କାର୍ଯ୍ୟଟି ରାତିତମାମ୍ ଚାଲିଥାଏ। ରାତ୍ରିର ନିର୍ଜନତା, ଏକ୍ଲାପଣ, କର୍ମଜନିତ କଷ୍ଟ, ଅନିଦ୍ରାଜନିତ ଥକ୍କାପଣ ତଥା ନିକଟ ଭବିଷ୍ୟତର ସୁଖଦ ମୁହୂର୍ତ୍ତକୁ ମନେପକାଇ ସେ ଗୀତ ଗାଇଥାଏ। ଯେଉଁ ଗୀତ 'ମାଡ଼େନ୍ ଗୀତ' ଭାବରେ ପରିଚିତ।

**ରାତ୍ରିର ନିର୍ଜନତା, ଏକ୍ଲାପଣ, କର୍ମଜନିତ କଷ୍ଟ, ଅନିଦ୍ରାଜନିତ ଥକ୍କାପଣ ତଥା ନିକଟ ଭବିଷ୍ୟତର ସୁଖଦ ମୁହୂର୍ତ୍ତକୁ ମନେପକାଇ ସେ ଗୀତ ଗାଇଥାଏ।**

ଏ... ହେ...
ମୋରୁ ଖୁଟାଥି ବଳଦ୍ ଦାଇଁ ଦାଇଁ
ତାର୍ ପଛେ ହଳିଆ ଚାଲେ ଧାଇଁ ଧାଇଁ ରେ।
ଧାନମଡ଼ାର ମଜା ଥରେ ଯେ ପାଇଛେ
ଛାଡ଼ିଯାଏ ଉର୍‌ଘା ଆର୍ ହୁର୍‌ଗୁନି ହୋ...।

× × ×

ଏ... ହେ...
ରାଏତ୍ ସରି ବସ୍‌ଲାନ ହୁଅ ଭିରାଭିରି
ଆର୍ ଦୁଇ ଭଅଁର୍ ଗଲେରେ ହଳିଆ
ପୁଆଲ୍ ଫିକ୍‌ମା ଝାରି ରେ... ଏ... ଏ...।

''ଧାନ ମଡ଼େଇବା ବେଳେ ଶ୍ରମିକମାନେ ଅଧିକ ଅମଳ ପାଇବା କାମନା କରି ଗୀତ ବୋଲିଥାନ୍ତି। ଲୋକବିଶ୍ୱାସ ଅଛି ଯେ, ଧାନମଡ଼ା ସମୟରେ ଗୀତ ଗାଇଲେ କ୍ଷେତ୍ରପତି ମଧ ଖୁସି ହୁଅନ୍ତି ଏବଂ ଅଧିକ ଅମଳ ହୁଏ। ଏହି ଗୀତଗୁଡ଼ିକ ମୁଖ୍ୟତଃ ରାତ୍ରି ସମୟରେ ଶ୍ରମିକମାନଙ୍କୁ କର୍ମ ସଚେତନ କରାଇବା ପାଇଁ ଉଦ୍ଦିଷ୍ଟ। ଗୀତ ଭିତରେ ମାଡ଼େନ୍‌ର ସ୍ୱରୂପ, କ୍ଷେତ୍ର ଓ ବଣର ପାରିପାର୍ଶ୍ୱିକ ଅବସ୍ଥା ଗାଁ ମହାଜନର ବ୍ୟବହାର ଆଦି ସ୍ଥାନ ପାଇଥାଏ। କୃଷିକାର୍ଯ୍ୟ ସମୟରେ ଗାନ କରାଯାଉଥିବା ଗୀତ ମଧ୍ୟରୁ ମାଡ଼େନ୍ ଗୀତର ସ୍ୱର ଲହରି କେତେକାଂଶରେ ଦୀର୍ଘ ମନେହୁଏ।''

**(ଙ) ଶଗଡ଼ିଆ ଗୀତ :-**

କୃଷିକାର୍ଯ୍ୟରେ ଶଗଡ଼ର ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଧାନ ଖଳାରେ ମଡ଼ା ହୋଇ ସାରିବା ପରେ ଘରକୁ ଅଣାହୁଏ ଶଗଡ଼ ଗାଡ଼ିରେ। ଶଗଡ଼ିଆ ଶଗଡ଼ ଗାଡ଼ିରେ ବସି ଶଗଡ଼ ନେଲାବେଳେ ନାନାଦି ରକମର ଗୀତ ଗାଇଥାଏ। ଏହାକୁ 'ଶଗଡ଼ିଆ ଗୀତ' କୁହାଯାଏ। ହଳିଆ ଗୀତ ପରି ଶଗଡ଼ିଆ ଗୀତର ଅନେକ ସାମଞ୍ଜସ୍ୟ ରହିଛି। ଉଭୟ ଗୀତରେ ବ୍ୟକ୍ତି ଜୀବନ ଓ ସାଂସାରିକ ଜୀବନର ଚିତ୍ର ଚିତ୍ରାୟିତ ହୋଇଥାଏ।

ଏ... ହ...
ଶଗଡ଼ ଫାନ୍ଦିଲି ଦେଶି କାଏଁ ପୁଡ଼୍‌ହଲ
ଶଗଡ଼ ନେଇ ସୁନାମୁହିଁରେ ମୁହାଁଲି ଜଙ୍ଗଲ
ପୁଡ଼୍ ଢ଼ିଲି ଶଗଡ଼େ ତ' ଦେଇଗଲି ବାନ୍ଧି
କାଟିଲି ଧାଉଁରା, ଚାର, ମହୁଲ ଭର୍‌ନେ ଗଲି ବାନ୍ଧି
ଲଦି କାଏଁ ପୁଡ଼୍ ହଲ ଫାନ୍ଦି ଆନିଲି ଅଧାବାଟ୍
ସରିଲା ଗାଡ଼ିର ଅଗେନ୍
ଗାଡ଼ିତ କଲା କଟ କଟ ହୋ...।

ଏହି 'ଶଗଡ଼ିଆ ଗୀତ'ଗୁଡ଼ିକରେ ବେଳେବେଳେ ପାରିପାର୍ଶ୍ୱିକ ପରିବେଶର ଚିତ୍ର ବା ଘଟଣାସବୁ ରୂପାୟିତ ହୋଇଥାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
rakeshkumarbishi1981@gmail.com


ପ୍ରବନ୍ଧ

# ଓଡ଼ିଆ ବ୍ୟାକରଣରେ ବାକ୍ୟ ଚର୍ଚ୍ଚା



ଡ. ବିଜୟଲକ୍ଷ୍ମୀ ମହାନ୍ତି

ଓଡ଼ିଆ ବ୍ୟାକରଣ ଇତିହାସରୁ ଜଣାଯାଏ ଯେ ଓଡ଼ିଆ ବ୍ୟାକରଣ ରଚନାର ସୂତ୍ରପାତ ହୋଇଥିଲା ସର୍ବ ପ୍ରଥମେ ବିଦେଶୀ ମିଶନାରୀମାନଙ୍କ ପ୍ରଚେଷ୍ଟାରେ, ୧୯୦୩ ମସିହାରେ ଓଡ଼ିଶା ଇଂରେଜ ଶାସନାଧୀନ ହେବା ପରେ। ମିଶନାରୀ ପ୍ରଚେଷ୍ଟା ସ୍ୱରୂପ ପ୍ରଥମ ବ୍ୟାକରଣାକାର ଥିଲେ ଆମସ୍ ସଟନ। ସେ ରଚନା କରିଥିବା ପ୍ରଥମ ଓଡ଼ିଆ ବ୍ୟାକରଣକୁ ସେ ଇଂରାଜୀରେ ରଚନା କରିଥିଲେ, ଇଣ୍ଟ୍ରଡକ୍ଟରି ଗ୍ରାମାର ଅଫ ଦି ଓରିଆ ଲାଙ୍ଗୁଏଜ୍, ୧୮୩୧। ସଟନ ଏହି ବ୍ୟାକରଣର ୩ୟ ଭାଗରେ ବାକ୍ୟ ରୀତିର ଯେଉଁ ବର୍ଣ୍ଣନା ଦେଇଥିଲେ ସେଥିରେ ମିଶନାରୀ ଗଦ୍ୟ ଶୈଳୀରେ ରଚିତ ଓଡ଼ିଆ ବାକ୍ୟର କେତୋଟି ନମୁନା ଉପଲବ୍ଧ ହୋଇଥାଏ। ସଟନଙ୍କ ବାଇବେଲ ଅନୁବାଦରୁ ଉଦ୍ଧୃତ ଓଡ଼ିଆ ବାକ୍ୟର ନମୁନା, ଯଥା- "ପ୍ରଥମରେ ଈଶ୍ୱର ସ୍ୱର୍ଗ ଓ ପୃଥ୍ୱୀ ସୃଜନ କଲେ। ପୃଥ୍ୱୀ ଶୂନ୍ୟ ଓ ଅସ୍ଥିରାକାର ଥିଲା। ଆଉ ଗମ୍ଭୀର ଉପରେ ଅନ୍ଧକାର। ପୁଣି ଈଶ୍ୱରର ଆତ୍ମା ଜଳର ଉପରେ ଦୋଳାୟମାନ ହୋଇଲେ"- ଏଥିରୁ ସଟନଙ୍କର ଓଡ଼ିଆ ବାକ୍ୟ ରଚନାର ଦକ୍ଷତା ଅନୁମେୟ।




ସଟନଙ୍କ ପରବର୍ତ୍ତୀ ମିଶନାରୀ ବ୍ୟାକରଣକାର ହେଉଛନ୍ତି ଶ୍ରୀଯୁକ୍ତ ଲେସି ସାହେବ। ସେ ଲେଖିଥିବା ବ୍ୟାକରଣ ହେଉଛି 'ଓଡ଼ିଆ ବ୍ୟାକରଣସାର', ୧୮୫୩। ଲେସି ଏହାକୁ ଓଡ଼ିଆରେ ଲେଖିଥିଲେ। କିନ୍ତୁ ଏହି ବ୍ୟାକରଣର ବିଷୟବସ୍ତୁର ବର୍ଣ୍ଣନା ସଟନଙ୍କ ଇଂରାଜୀରେ ଲିଖିତ ବ୍ୟାକରଣ ଅନୁରୂପ ଥିଲା। ଲେସି ତାଙ୍କ ବ୍ୟାକରଣର 'ଆଭାସ'ରେ ଲେଖିଛନ୍ତି, "ଯେଉଁ ବିଦ୍ୟା ଜାଣିଲେ ଭାଷା ଶୁଦ୍ଧ ଲେଖା ହୁଏ ସେ ବିଦ୍ୟାକୁ ବ୍ୟାକରଣ ବୋଲାଯାଏ।" ପୁଣି ବାକ୍ୟ ସମ୍ବନ୍ଧରେ ଲେସି ଲେଖିଛନ୍ତି, "ସମାପିକା କ୍ରିୟା ଯୁକ୍ତ ପଦ ସମୂହକୁ ବାକ୍ୟ ବୋଲାଯାଏ। ଯଥା କୁସଂସର୍ଗରେ କ୍ରିୟାଯୁକ୍ତ ପଦ ସମୂହକୁ ବାକ୍ୟ ବୋଲାଯାଏ। ଯଥା କୁସଂସର୍ଗରେ ସଦାଚରଣ ନଷ୍ଟ ହୁଏ। ଏହି ପଦ ସମୂହରେ ଏକ ବାକ୍ୟ ହେଉଅଛି।" ଲେସି ତାଙ୍କ ଓଡ଼ିଆ ବ୍ୟାକରଣ ସାର ପୁସ୍ତକରେ ବର୍ଣ୍ଣଜ୍ଞାନ ଓ ପଦଜ୍ଞାନର ଚର୍ଚ୍ଚା କରିଥିଲେ ମଧ୍ୟ ବାକ୍ୟରୀତି ବିଷୟରେ ଲେଖିନାହାନ୍ତି।

### ଦୁଇଟି ଉଲ୍ଲେଖନୀୟ ଗ୍ରନ୍ଥ

ଊନବିଂଶ ଶତାବ୍ଦୀ ଓ ପରବର୍ତ୍ତୀ ବିଂଶ ଶତାବ୍ଦୀରେ ରଚିତ ଦୁଇଟି ଉଲ୍ଲେଖନୀୟ ବ୍ୟାକରଣ ଗ୍ରନ୍ଥ ହେଉଛି, ଯଥାକ୍ରମେ ଜନ ବିମ୍ସଙ୍କର 'ଏ କମ୍ପାରେଟିଭ ଗ୍ରାମାର ଅଫ ଦି ମଡର୍ଣ୍ଣ ଇଣ୍ଡିଆ ଲାଙ୍ଗୁଏଜେସ୍ ଅଫ ଇଣ୍ଡିଆ', ୧୮୭୨-୭୯) ଏବଂ ଜି.ଏ. ଗ୍ରୀୟରସନଙ୍କ 'ଏଲ୍.ଏସ୍. ଆଇ' (ଲିଙ୍ଗ୍ୟୁଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ, ଭଲ୍ୟୁମ୍ ୫, ୧୯୦୩)। ଊନବିଂଶ ଶତାବ୍ଦୀରେ ରଚିତ ବିମସ୍‌ଙ୍କର ତୁଳନାତ୍ମକ ବ୍ୟାକରଣରେ ହିନ୍ଦୀ, ପଞ୍ଜାବୀ, ସିନ୍ଧୀ, ଗୁଜରାଟୀ, ମରାଠୀ, ଓଡ଼ିଆ, ବଙ୍ଗଳା, ଏହି ୭ଟି ଭାଷାର ଏହା ଏକ ଐତିହାସିକ ତୁଳନାତ୍ମକ ଆଲୋଚନା ଗ୍ରନ୍ଥ। ଭାରତୀୟ ଭାଷାମାନଙ୍କର କ୍ରମବିକାଶକୁ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ କାରକ କ୍ରମରେ ବିଭିନ୍ନ ବ୍ୟାକରଣଗତ କ୍ରମପରିବର୍ତ୍ତନକୁ ସେ ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ ଓଡ଼ିଆ ଭାଷା ସୃଷ୍ଟିର ଉତ୍ସ ହେଉଛି କଥିତ ସଂସ୍କୃତ ଏବଂ ଭାରତୀୟ ଭାଷାମାନଙ୍କର ବ୍ୟାକରଣକୁ ସଂସ୍କୃତ ବ୍ୟାକରଣ

ତୁଳନାରେ ସରଳତର ବ୍ୟାକରଣ ବୋଲି ସେ ଉଲ୍ଲେଖ କରିଛନ୍ତି । ବିମସ୍ ଲେଖିଛନ୍ତି, "ଇଣ୍ଡୋ-ଇଉରୋପିୟାନ ଭାଷାମାନଙ୍କର ପ୍ରତ୍ୟେକ ବିଭାଗ ଗଢ଼ି ଉଠିବା ମୂଳରେ ସରଳୀକରଣ ପ୍ରକ୍ରିୟା ହେଉଛି ପ୍ରକୃତ ନିୟମ ବା ସୂତ୍ର ଏବଂ କ୍ରିୟାପଦଗୁଡିକର ଗଠନ ପଦ୍ଧତି ମୂଳରେ ମଧ୍ୟ ଏହା ପ୍ରକାଶ ପାଏ ଏବଂ ବାକ୍ୟର ଦୁଇ ପ୍ରଧାନ ଭାଗ, କର୍ତ୍ତାଭାଗ ଓ କ୍ରିୟାଭାଗ ମଧ୍ୟରେ କ୍ରିୟା ଭାଗ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଛନ୍ତି । ବିମସ୍ ତାଙ୍କ ଗ୍ରନ୍ଥରେ କ୍ରିୟାପଦର ଆଲୋଚନାରେ 'କ୍ରିୟାପଦର ମୂଳଧାତୁ ଗଠନ', 'ସରଳ ବା ସମାପିକା କାଳ', 'କ୍ରିୟା ବିଶେଷଣାତ୍ମକ କାଳ', 'ଯୌଗିକ କାଳ', 'ଅନ୍ୟାନ୍ୟ କ୍ରିୟା ରୂପ' ପ୍ରଭୃତି ବିଷୟରେ ବିଶଦ ବର୍ଣ୍ଣନା କରିଛନ୍ତି । ବିମସ୍ ସ୍ୱତନ୍ତ୍ର ଭାବରେ ବାକ୍ୟ ସମ୍ବନ୍ଧରେ ଆଲୋଚନା କରି ନ ଥିଲେ ମଧ୍ୟ ତାଙ୍କର ଓଡ଼ିଆ ବ୍ୟାକରଣିକ ବିଶ୍ଳେଷଣ ପଦ୍ଧତି ଅଧିକ ଶୃଙ୍ଖଳିତ ଓ ସୂଚନାଧର୍ମୀ ଅନୁଭବ ହୁଏ ।

ମିଶନାରୀମାନଙ୍କ ମଧ୍ୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ଗ୍ରୀୟରସନଙ୍କ ଦ୍ୱାରା ରଚିତ ଏଲ୍.ଏସ୍.ଆଇ. (ଲିଙ୍ଗୁ୍ୟଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ, ୧୯୦୩) ଏକ ସର୍ଭେ ଗ୍ରନ୍ଥ । ଭାଷା ଗବେଷଣା କ୍ଷେତ୍ରକୁ ଗ୍ରୀୟରସନଙ୍କର ଏହା ଏକ ଉଲ୍ଲେଖନୀୟ ଅବଦାନ । ଏହି ଗ୍ରନ୍ଥରେ ଗ୍ରୀୟରସନ ଓଡ଼ିଆ ଭାଷାର ଏକ ସ୍ୱତନ୍ତ୍ର ବିବରଣୀ ଦେବା ସହିତ ସଂକ୍ଷିପ୍ତ ବ୍ୟାକରଣର ମଧ୍ୟ ବର୍ଣ୍ଣନା ଦେଇଛନ୍ତି । 'ଓଡ଼ିଆ ସଂକ୍ଷିପ୍ତ ବ୍ୟାକରଣରେ ବିଶେଷ୍ୟ, ସର୍ବନାମ ଓ କ୍ରିୟା କ୍ରମରେ ଆଲୋଚନା ରହିଛି । ଏଥିରେ ବାକ୍ୟ ସମ୍ବନ୍ଧରେ ବର୍ଣ୍ଣନା ଦିଆଯାଇ ନ ଥିଲେ ମଧ୍ୟ ବ୍ୟାକରଣ ଆଲୋଚନା କ୍ଷେତ୍ରରେ ଏହାର ସ୍ୱତନ୍ତ୍ର ସ୍ଥାନ ରହିଛି ।

**ପାରମ୍ପରିକ ରୀତିରେ ଓଡ଼ିଆ ଭାଷାର ଗଠନ ପଦ୍ଧତି ସଂସ୍କୃତ ଗଠନ ରୀତି ଦ୍ୱାରା ପ୍ରଭାବିତ ହୋଇଥାଏ ।**

### ବ୍ୟାକରଣିକ ପରମ୍ପରାରେ ପାଣିନୀ

ଭାରତୀୟ ବ୍ୟାକରଣିକ ପରମ୍ପରାରେ ଖ୍ରୀ.ପୂ. ୫ମ ଶତାବ୍ଦୀ ସମୟକୁ ବ୍ୟାକରଣକାର ପାଣିନୀଙ୍କ ରଚିତ ସଂସ୍କୃତ ବ୍ୟାକରଣ 'ଅଷ୍ଟାଧ୍ୟାୟୀ'ହେଉଛି ବ୍ୟାକରଣର ପ୍ରଥମ ଅର୍ଥପୂର୍ଣ୍ଣ ଗଠନ । ବାକ୍ୟର ଦୁଇ ପ୍ରଧାନ ଅଂଶ ହେଉଛି ନାମ ବା ବିଶେଷ୍ୟପଦ ଓ କ୍ରିୟାପଦ । ବାକ୍ୟର ଦୁଇ ପ୍ରଧାନ ଅଂଶ ବିଶେଷ୍ୟ ଓ କ୍ରିୟା ପଦ ଗଠନରେ ମୂଳ ଧାତୁରେ ପ୍ରତ୍ୟୟ ଯୋଗ କରିବା ହେଲା ନିୟମ । ବାକ୍ୟରେ ବିଶେଷ୍ୟ ପଦ ସହିତ କାରକ ଓ ବିଭକ୍ତି ପ୍ରତ୍ୟୟଯୁକ୍ତ ହେବା ବେଳେ କ୍ରିୟା ପଦ ସହିତ କାଳ, ଭାବ, ପୁରୁଷ ଓ ବଚନ ପ୍ରତ୍ୟୟ ଯୁକ୍ତ ହୋଇ ବାକ୍ୟ ଗଠିତ ହୁଏ ।

ସଂସ୍କୃତ ବ୍ୟାକରଣ ରୀତିକୁ ଭାରତୀୟ ବ୍ୟାକରଣକାରମାନେ ଅନୁସରଣ କରି ବାକ୍ୟକୁ ଏକ ମୌଳିକ ଏକକ ଭାବରେ ଗ୍ରହଣ କରି ବାକ୍ୟର ପଦଗୁଡିକୁ ବିଶେଷ୍ୟ, କ୍ରିୟା, ଉପସର୍ଗ ଓ ଅବ୍ୟୟ ଭାବରେ ଚାରି ପ୍ରଧାନ ଭାଗରେ ବିଭକ୍ତ କରିଥିଲେ । ଏହି ଚାରି ପଦ ମଧ୍ୟରେ ବିଶେଷ୍ୟ ଓ କ୍ରିୟା ପ୍ରତ୍ୟୟଯୁକ୍ତ ହୋଇ ବିଭିନ୍ନ ଭାବରେ ରୂପାନ୍ତରିତ ହୋଇପାରୁଥିବା ବେଳେ ଉପସର୍ଗ ଓ ଅବ୍ୟୟ ଯଥାକ୍ରମେ ଶବ୍ଦ ଗଠନ ଓ ବାକ୍ୟରେ ବିଶେଷ୍ୟ ଏବଂ କ୍ରିୟାପଦ ମଧ୍ୟରେ ରହିଥିବା ବିଭନ୍ନ ବାକ୍ୟାଂଶ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ସାହାଯ୍ୟ କରିଥାନ୍ତି । ସେମାନେ ମଧ୍ୟ ବାକ୍ୟର ଅନ୍ତର୍ନିହିତ ଅର୍ଥକୁ ବାକ୍ୟଠାରୁ ଅଭିନ୍ନ ବୋଲି ବିଚାର କରିଥିଲେ ।

ପାରମ୍ପରିକ ରୀତିରେ ଓଡ଼ିଆ ଭାଷାର ଗଠନ ପଦ୍ଧତି ସଂସ୍କୃତ ଗଠନ ରୀତି ଦ୍ୱାରା ପ୍ରଭାବିତ ହୋଇଥାଏ । ପ୍ରଚଳିତ ଓଡ଼ିଆ ଭାଷାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ମଣିଷ ମୁଖ ନିଃସୃତ ଭାଷାରେ ନ୍ୟୂନତମ ଅର୍ଥହୀନ ମୌଳିକ ଏକକ ହେଉଛି 'ଧ୍ୱନିଗ୍ରାମ' ଓ ଅର୍ଥପୂର୍ଣ୍ଣ ନ୍ୟୂନତମ ଏକକ 'ଶବ୍ଦ' ବା 'ରୂପ' ଏବଂ 'ବାକ୍ୟ' ହେଉଛି ଭାଷାର ବୃହତ୍ତମ ଅର୍ଥପୂର୍ଣ୍ଣ ଏକକ । ଓଡ଼ିଆରେ ବାକ୍ୟର ଦୁଇ ପ୍ରଧାନ ଭାଗ 'କର୍ତ୍ତାଭାଗ' ଓ 'କ୍ରିୟାଭାଗ' ମଧ୍ୟରେ କ୍ରିୟାଭାଗ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଗୋଟିଏ କ୍ରିୟାପଦ ବା କ୍ରିୟାପଦ ଦ୍ୱାରା ନିର୍ଦ୍ଦେଶିତ ପଦ ବା ପଦର ସମଷ୍ଟି ବାକ୍ୟ ହୋଇପାରେ । ପୁଣି ଓଡ଼ିଆରେ କ୍ରିୟାପଦ ଅନୁଚ୍ଚାରିତ ଥାଇ ବାକ୍ୟଗଠନ ସମ୍ଭବ । 'ଆମ ଘର ପୁରୀ', 'ସେ କିଏ', 'ତୁ ମୋ ପୁଅ', 'ସେମାନେ ଭଲ ଲୋକ' ପ୍ରଭୃତି ବାକ୍ୟଗୁଡିକରେ କ୍ରିୟାପଦ ଅନୁଚ୍ଚାରିତ ବା ଉହ୍ୟ ରହିଛି । ଏହା ବ୍ୟତୀତ ହଁ, ନାଇଁ, କଣ, କ'ଣ ଭଲ, ଆଚ୍ଛା, ସତେ, ଉଁ ପ୍ରଭୃତି ପ୍ରତ୍ୟୁତ୍ତରବାଚକକୁ ବ୍ୟାକରଣିକ ବାକ୍ୟ ପଦବାଚ୍ୟ ଭାବରେ ମଧ୍ୟ ଗ୍ରହଣ କରାଯାଇପାରେ ।

## ବାକ୍ୟ ଗଠନର ପ୍ରକାର ଭେଦ

ଓଡ଼ିଆ ଭାଷାରେ ବାକ୍ୟ ଗଠନର ପ୍ରକାର ଭେଦକୁ କ୍ରିୟାଗଠନ ଅନୁସାରେ ପାଞ୍ଚ ଭାଗରେ ଭାଗ କରାଯାଇପାରେ, ଯଥା- ୧. କର୍ତ୍ତୃବାଚ୍ୟ ବାକ୍ୟ, ୨. କର୍ମବାଚ୍ୟ ବାକ୍ୟ, ୩. ସାଦୃଶ୍ୟ କର୍ମବାଚ୍ୟ ବା କର୍ମଣି ଭାବବାଚ୍ୟ, ୪. ପ୍ରୟୋଜକ ବା ପ୍ରେରଣାର୍ଥକ ବାକ୍ୟ ଏବଂ ୫. ଅନୁଜ୍ଞା ବାକ୍ୟ। ବାକ୍ୟର ଏହି ପ୍ରତ୍ୟେକ ଭାଗରେ ବ୍ୟବହୃତ କ୍ରିୟାର ଗଠନ ପଦ୍ଧତି ସ୍ୱତନ୍ତ୍ର। ଉଦାହରଣ ସ୍ୱରୂପ- ୧. କର୍ତ୍ତୃବାଚ୍ୟ- ମୁଁ ଅଛି, ସେ ଶୋଇଛି; ୨. କର୍ମବାଚ୍ୟ- ତାକୁ ଟଙ୍କା ଦିଆଯାଇଛି, ତୋ ପାଇଁ ବହି ଅଣାଗଲା; ୩. ସାଦୃଶ୍ୟ ବା କର୍ମଣି ଭାବବାଚ୍ୟ- ଭାତ ଫୁଟୁଛି, ମତେ ଭଲ ଲାଗୁଛି; ୪. ପ୍ରୟୋଜକ- ସେ ଝିଅକୁ ପଢ଼ାଉଛନ୍ତି, ତୁ ବହୁତ ହସାଉଛୁ; ୫. ଅନୁଜ୍ଞା - ତୁ ଟଙ୍କା ଦେ, ଆପଣ ଔଷଧ ଖାଉଥାନ୍ତୁ, ପ୍ରଭୃତି। ଅସମାପିକା କ୍ରିୟା ଗଠନରେ ମଧ୍ୟ ନିୟମିତ ଭାବରେ ସମ୍ପନ୍ନ ଓ ଅସମ୍ପନ୍ନ ରୂପ ବିଶିଷ୍ଟ କ୍ରିୟା ପଦର ଗଠନ ପଦ୍ଧତି ରହିଥାଏ, ଯଥା- ୧. ସଂପନ୍ନ- ଖାଇ ଖାଇ, ପଢ଼ି ପଢ଼ି; ୨. ଅସମ୍ପନ୍ନ- ଦେଉ ଦେଉ, ଦେଖୁ ଦେଖୁ ଇତ୍ୟାଦି। ଓଡ଼ିଆରେ କର୍ତ୍ତୃବାଚ୍ୟ ବାକ୍ୟର ସମାପିକା କ୍ରିୟା ବାକ୍ୟର କର୍ତ୍ତାକୁ ଅନୁସରଣ କରେ ଓ କର୍ତ୍ତାର ପୁରୁଷବଚନ ଦ୍ୱାରା ନିୟନ୍ତ୍ରିତ ହୁଏ। କର୍ମବାଚ୍ୟ ବାକ୍ୟର ସମାପିକା କ୍ରିୟା କର୍ତ୍ତାର କର୍ମକୁ ଅନୁସରଣ କରୁଥିବାରୁ ଅଧିକାଂଶ କ୍ଷେତ୍ରରେ ୩ୟ ପୁରୁଷ ଏକବଚନ ରୂପ ହୁଏ। ପ୍ରୟୋଜକ ଓ ଅନୁଜ୍ଞା ରୂପରେ ମଧ୍ୟ ବାକ୍ୟର କର୍ତ୍ତୃ ଓ କର୍ମବାଚ୍ୟ ପ୍ରୟୋଗ ଭେଦ ରହିଥାଏ।




## ବାକ୍ୟର ପ୍ରୟୋଗାତ୍ମକ ବର୍ଗୀକରଣ

କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ ବାକ୍ୟ ସରଳ, ଯୌଗିକ ଓ ଜଟିଳ ବା ସର୍ତ୍ତବାଚକ ହୋଇଥାଏ। ପ୍ରୟୋଗ ଅନୁସାରେ ଓଡ଼ିଆ ବାକ୍ୟକୁ (୧) ଅସ୍ତିବାଚକ, (୨) ନାସ୍ତିବାଚକ, (୩) ପ୍ରଶ୍ନବାଚକ, (୪) ବିସ୍ମୟ ବାଚକ, (୫) କର୍ତ୍ତୃବାଚ୍ୟ ବାକ୍ୟ, (୬) କର୍ମବାଚ୍ୟ ବାକ୍ୟ, (୭) ପ୍ରୟୋଜାର୍ଥକ, (୮) ଅନୁଜ୍ଞା ବାଚକ, (୯) କର୍ମଣି ଭାବବାଚ୍ୟ ବାକ୍ୟ, (୧୦) ସମ୍ବୋଧନ ବାଚକ, (୧୧) ସମ୍ଭାବ୍ୟ ବାଚକ (୧୨) ସମ୍ଭାବନା ବାଚକ ଭାବରେ ଦର୍ଶାଯାଇପାରେ।

ଗଠନ ଓ ପ୍ରୟୋଗ ବିଧି ଅନୁସାରେ ବାକ୍ୟ ସରଳ, ଯୌଗିକ ଓ ଜଟିଳ ବା ସର୍ତ୍ତବାଚକ ହୋଇପାରେ। (୧) ସରଳ ବାକ୍ୟ- ଗୋଟିଏ କର୍ତ୍ତା, ଗୋଟିଏ ସମାପିକା କ୍ରିୟା ବା ସହାୟକ କ୍ରିୟାବିଶିଷ୍ଟ ବାକ୍ୟ ଏବଂ କ୍ରିୟାପଦ ବିହୀନ ବାକ୍ୟଗୁଡ଼ିକ ସରଳ ବାକ୍ୟ। ଉଦାହରଣ (କ) ମୁଁ ଭାତ ଖାଉଛି/ଖାଉନି (ଖ) ମୋର ଟଙ୍କା ଅଛି/ନାହିଁ, (ଗ) ତୁ ଧନୀ ଲୋକ / ତୁ ଧନୀ ଲୋକ ନୁହେଁ ଇତ୍ୟାଦି। (୨) ଯୌଗିକ ବାକ୍ୟ – ଦୁଇ ବା ଦୁଇରୁ ଅଧିକ ସରଳ ବାକ୍ୟ ସଂଯୋଜକ ଦ୍ୱାରା ଯୁକ୍ତ ହେଲେ ଯୌଗିକ ବାକ୍ୟ ଗଠିତ ହୁଏ। ଉଦାହରଣ (କ) ରାମ ଓ ଶ୍ୟାମ ସାଙ୍ଗ; (ଖ) ମିନି, ଟୁନି ଓ ଝୁନୁ କଟକ ଯିବେ; (ଗ) ରାମ ଏଠି ରହିବ ଏବଂ ସିନେମା ଦେଖିବ; (ଘ) ମୁନା ଯିବ କିନ୍ତୁ ମାନୀ ଯିବନି; (ଙ) ତମେ ଯିବ କି / ନା ସେ ଯିବ? (ଚ) ମୁଁ ଯିବି କିମ୍ବା ସେ ଯିବ। (ଛ) ରାଜୁ ଆଉ ମିନି ଭାଇ ଭଉଣୀ ପ୍ରଭୃତି। (୩) ଜଟିଳ ବାକ୍ୟ- ଜଟିଳ ବାକ୍ୟଗୁଡ଼ିକ ସାଧାରଣତଃ ସର୍ତ୍ତବାଚକ ବାକ୍ୟ। ଗୋଟିଏ ସର୍ତ୍ତବାକ୍ୟରେ ଦୁଇ ବା ଦୁଇରୁ ଅଧିକ ପରସ୍ପର ସର୍ତ୍ତଯୁକ୍ତ ଖଣ୍ଡବାକ୍ୟ ରହିପାରେ। ବିଭିନ୍ନ ଉପାୟରେ ସର୍ତ୍ତବାଚକ ବାକ୍ୟଗୁଡ଼ିକ ଗଠନ କରାଯାଇପାରେ। ଉଦାହରଣ (୧) ଇଲେ ପ୍ରତ୍ୟୟ ଯୁକ୍ତ କରି : ମୁଁ ଗଲେ ସେ ଆସିବ/ ତମେ ଯାଇଥିଲେ ମୁଁ ଯାଇଥାନ୍ତି; (୨) ‘ସିନା’ କ୍ରିୟା ବିଶେଷଣ ଯୁକ୍ତ କରି : ଆପଣ ଆସିଲେ ସିନା ମୁଁ ଆସିବି/ ତୁ ସିନା ଆସିଥାନ୍ତୁ ମୁଁ କିନ୍ତୁ ଆସି ନ ଥାନ୍ତି। (୩) ସମ୍ପର୍କ- ସାପେକ୍ଷ

ଯୋଡ଼ା ଯୁକ୍ତ କରି : କାଳେ ସେ ଆସିବ ସେଥିପାଇଁ ମୁଁ ଯାଉଛି/ ଯେତେବେଳେ ସୂର୍ଯ୍ୟ ଉଏଁ ସେତେବେଳେ ସକାଳ ହୁଏ / ଯଦି ସେ ଆସନ୍ତା ତେବେ ତାହେଲେ ମୁଁ ଯାଆନ୍ତି; ସେ ଆସିବ ଯେ ସେଥିପାଇଁ ମୁଁ ଯାଉଛି; (୪) 'ବୋଲି' କ୍ରିୟା ବିଶେଷଣଯୁକ୍ତ କରି : ସେ ଆସିଲା ବୋଲି ମୁଁ ଆସିଲି/ ତୁ ଗଲୁ ବୋଲି କ'ଣ ସଭା ହେଲାନି; (୫) ସର୍ତ୍ତବାଚକ 'ରୁ' ଯୁକ୍ତ କରି : ସେ କହିବାରୁ / କହିଲାରୁ ମୁଁ ଆସିଲି। ତମେ ନ ଗଲାରୁ / ନ ଯିବାରୁ ସଭା ହେଲାନି ପ୍ରଭୃତି।

ଓଡ଼ିଆରେ ଗୋଟିଏ ବାକ୍ୟର ଚାରି ପ୍ରକାର ପ୍ରୟୋଗ: (୧) ତମେ ଏଠି ଖବରକାଗଜ ଦିଅ। (ଅସ୍ତିବାଚକ); (୨) ତମେ ଏଠି ଖବର କାଗଜ ଦିଅ ? (ପ୍ରଶ୍ନବାଚକ); (୩) ତମେ ଏଠି ଖବରକାଗଜ ଦିଅ ! (ବିସ୍ମୟବାଚକ); ତମେ ଏଠି ଖବର କାଗଜ ଦିଅ ! (ଅନୁଜ୍ଞାନବାଚକ) ଇତ୍ୟାଦି।

ଦ୍ରଷ୍ଟବ୍ୟ : ୧. ଅନୁଜ୍ଞାବାଚକର ସ୍ୱତନ୍ତ୍ର ବିରାମ ଚିହ୍ନ ନ ଥିବାରୁ ! ଚିହ୍ନକୁ ବିରାମ ଚିହ୍ନ ଭାବରେ ବ୍ୟବହାର କରାଯାଇଛି। (୨) ଭାଷା ବୈଜ୍ଞାନିକ ଦୃଷ୍ଟିରୁ ବାକ୍ୟତତ୍ତ୍ୱ ଅନୁସାରେ ଓଡ଼ିଆ ବାକ୍ୟଗୁଡ଼ିକର ସ୍ୱତନ୍ତ୍ର ଗଠନମୂଳକ ବିଶେଷ ଅନୁଶୀଳନର ଆବଶ୍ୟକତା ରହିଛି।

**ଚମସ୍କିଙ୍କ ମତରେ ସୃଷ୍ଟିକ୍ଷମ ବ୍ୟାକରଣ ସାହାଯ୍ୟରେ ଚିରପରିବର୍ତ୍ତନଶୀଳ ଏବଂ ଚିରନୂତନ ସୃଷ୍ଟିକ୍ଷମ ଭାଷାର ସ୍ୱରୂପକୁ ପ୍ରକାଶ କରିବା ସହଜ।**

## ବିଜ୍ଞାନ ସମ୍ମତ ଅନୁଶୀଳନ

ବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଜଗତରେ ଆଧୁନିକ ଭାଷା ତାତ୍ତ୍ୱିକ ଆଲୋଚନାରେ ବାକ୍ୟ ଗଠନ ପଦ୍ଧତିର ବିଜ୍ଞାନସମ୍ମତ ଅନୁଶୀଳନକୁ 'ସିନ୍ଟାକ୍ସ' ବା ବାକ୍ୟତତ୍ତ୍ୱ ନାମକରଣ କରିଥିଲେ ଆଧୁନିକ ଭାଷାବିତ୍‌ମାନେ। ଭାଷାରେ ବ୍ୟବହୃତ ବାକ୍ୟର ଗଠନ ପଦ୍ଧତି ନିର୍ଦ୍ଧାରଣ ସହିତ ବିଭିନ୍ନ ଉପାଦାନ ଯେପରି ବିଶିଷ୍ଟାର୍ଥକ ଶବ୍ଦ ଶ୍ରେଣୀ, ଖଣ୍ଡବାକ୍ୟ ଏବଂ ବାକ୍ୟାଂଶ ପ୍ରଭୃତି ବିଭିନ୍ନ ଅଂଶର ବିଶ୍ଳେଷଣ ଥିଲା ବାକ୍ୟ ବିନ୍ୟାସ ଓ ବାକ୍ୟ ତତ୍ତ୍ୱ ବା ବାକ୍ୟ ବିଜ୍ଞାନର ଚର୍ଚ୍ଚିତ ବିଷୟବସ୍ତୁ। ବାକ୍ୟରେ ବ୍ୟବହୃତ ବିଭିନ୍ନ ଅଂଶର ପରସ୍ପର ସମ୍ପର୍କ ଅନୁଶୀଳନ ନିମନ୍ତେ ବ୍ୟାକରଣ ଅନ୍ତର୍ଗତ ମର୍ଫୋଲୋଜି ବିଭାଗର ଦୁଇଟି ଉପବିଭାଗ ହେଉଛି ରୂପତତ୍ତ୍ୱ (ଶବ୍ଦ ଗଠନ ପଦ୍ଧତି) ଏବଂ ବାକ୍ୟତତ୍ତ୍ୱ (ବାକ୍ୟ ଗଠନ ପଦ୍ଧତି)। ବାକ୍ୟର ପୁଙ୍ଖାନୁପୁଙ୍ଖ ବୈଜ୍ଞାନିକ ଅନୁଶୀଳନରେ ମୁଖ୍ୟତଃ ବାକ୍ୟର ଦୁଇ ପ୍ରଧାନ ଭାଗ କର୍ତ୍ତା ଭାଗ ଓ କ୍ରିୟାଭାଗକୁ ବିଶ୍ଳେଷଣର ପରିସରଭୁକ୍ତ କରାଯାଇଥାଏ। କର୍ତ୍ତାଭାଗ ଅନ୍ତର୍ଗତ ବିଶେଷ୍ୟ, ବିଶେଷଣ, ଓ ସର୍ବନାମ ସହିତ କାରକ ଓ ବିଭକ୍ତ ପଦ ସମୂହର ଗଠନ ବୈଶିଷ୍ଟ୍ୟ ଏବଂ କ୍ରିୟା ଭାଗରେ କ୍ରିୟାପଦର ଗଠନ ଓ ପ୍ରୟୋଗରେ ପୁରୁଷ, ବଚନ ଓ ଅର୍ଥ ସଂଚାର ପ୍ରଭୃତିର ବୈଶିଷ୍ଟ୍ୟ ପ୍ରତିପାଦନ ହୋଇଥାଏ।

ପାଶ୍ଚାତ୍ୟରେ ବିଂଶ ଶତାବ୍ଦୀର ପଞ୍ଚମ ଦଶକ ପରବର୍ତ୍ତୀ ସମୟଠାରୁ ଭାଷା ପ୍ରଣାଳୀରେ ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ, ବାକ୍ୟ ତତ୍ତ୍ୱ ଏବଂ ଅର୍ଥତତ୍ତ୍ୱ କ୍ରମରେ ବିଭିନ୍ନ ସ୍ତରକୁ ଆଲୋଚନା ପରିସର ମଧ୍ୟକୁ ଆଣିଥିଲେ ଆଧୁନିକ ଭାଷା ବିଜ୍ଞାନୀମାନେ। ସେମାନେ ଭାଷାମାନଙ୍କର ଐତିହାସିକ ଅନୁଶୀଳନ 'ଡାୟାକ୍ରୋନିକ' ପ୍ରତି ନିଃସ୍ପୃହ ହୋଇ ସମକାଳୀନ ପ୍ରଚଳିତ କଥିତ ଭାଷାର ବର୍ତ୍ତମାନ-କାଳାନୁସାରୀ ତଥା 'ସିଂକ୍ରୋନିକ' ଅନୁଶୀଳନକୁ ଅଗ୍ରାଧିକାର ଦେଲେ। ଭାଷାମାନଙ୍କରେ ବର୍ତ୍ତମାନ କାଳାନୁସାରୀ ଅନୁଶୀଳନ ଅଗ୍ରାଧିକାର ପାଇବା ପରେ ୟୁରୋପ ଓ ଆମେରିକାରେ ଏହା ବର୍ଣ୍ଣନାତ୍ମକ-ବ୍ୟାକରଣ ଆଲୋଚନା ପାଇଁ ବିଭିନ୍ନ ଆଲୋଚକ ଗୋଷ୍ଠୀ ସୃଷ୍ଟି ହୋଇ ଭାଷା ଚର୍ଚ୍ଚାକୁ ନବଦିଗନ୍ତ ଦେଇଥିଲେ। ଏହି ନୂତନ ସୃଷ୍ଟ ଆଲୋଚକ ଗୋଷ୍ଠୀମାନଙ୍କ ମଧ୍ୟରେ ପ୍ରେଗର ପ୍ରେଗଗୋଷ୍ଠୀ, ଆମେରିକାର ଲିଓନାର୍ଡ ବ୍ଲୁମ ଫିଲ୍ଡଙ୍କର ସାଙ୍ଗଠନିକ ଗୋଷ୍ଠୀ ଏବଂ ନୋଆମ ନମସ୍କିଙ୍କ ନେତୃତ୍ୱରେ ଗଠିତ ପରିବର୍ତ୍ତନଶୀଳ-ସୃଷ୍ଟିକ୍ଷମ- ବ୍ୟାକରଣକାର ଗୋଷ୍ଠୀଙ୍କର ନାମ ଉଲ୍ଲେଖଯୋଗ୍ୟ। ବିଂଶ ଶତାବ୍ଦୀରେ ଚମସ୍କିଙ୍କର ପରିବର୍ତ୍ତନଶୀଳ- ସୃଷ୍ଟିକ୍ଷମ-ବ୍ୟାକରଣ (ଟ୍ରାନ୍ସଫରମେସନାଲ- ଜେନେରେଟିଭ୍-ଗ୍ରାମାର) ଭାଷାତତ୍ତ୍ୱକୁ ଏକ ଉଲ୍ଲେଖନୀୟ ଅବଦାନ। ଚମସ୍କିଙ୍କ ମତରେ ସୃଷ୍ଟିକ୍ଷମ ବ୍ୟାକରଣ ସାହାଯ୍ୟରେ ଚିରପରିବର୍ତ୍ତନଶୀଳ ଏବଂ ଚିରନୂତନ ସୃଷ୍ଟିକ୍ଷମ ଭାଷାର ସ୍ୱରୂପକୁ ପ୍ରକାଶ କରିବା ସହଜ।

□□

ଲେଖିକାଙ୍କ ଇ-ମେଲ ଠିକଣା:
bijayalaxmimohanty16@gmail.com

କବିତା

# ନିଆଁ




ନୀଳକଣ୍ଠ ସାହୁ


ନିଆଁ ତ ନିଆଁ
ହେଲେ, ସବୁ ନିଆଁରେ
ସମାନ ତାତି ନ ଥାଏ !

କିଛି ନିଆଁ ଖାଲି ଜଳେ
ଆଉ କିଛି ଜାଳେ
କିଛି ଜଳେ ଆଉ ଜାଳେ ।

ପୁଣି କିଛି ନିଆଁ
ଜାଳିବା ଆଗରୁ ଲିଭିଯାଏ
କିଛି ଜଳିବା ଆଗରୁ
ଆଉ କିଛି ଜଳେନି କି ଜାଳେନି
ଖାଲି କୁହୁଳୁଥାଏ ଚିରକାଳ
ଅକୁହା ବେଦନା ଭିତରେ ।

ନିଆଁ ଜଳେ ବୋଲି
ସବୁକାଳେ ଆପଣାର ।
ନିଆଁ ଜାଳେ ବୋଲି
ନିଆଁ ସହ ଅଭିସାର ।





ନିଆଁ ହିଁ ପ୍ରଗଳ୍‌ଭତାର
ଜାନ୍ତବ କ୍ଷୁଧାର ଆଁ ଭିତରେ
ତୋଳି ଥାଏ ସରସ ସମ୍ପର୍କର ସୂତ୍ରଟିଏ
କାଳେ କାଳେ, ସବୁ କାଳେ ।

ତେଣୁ ତ ଏବେ ନାଭିରୁ ନଭ
ଭାତଠୁ ଭାତୃତ୍ୱ ଯାଏଁ
ସବୁଠି ନିଆଁର ହିଁ ସାରାଂଶ ।

ସତ ଏଇ ଯେ
ନିଆଁ ଅଛି ବୋଲି ଜୀବନ ଅଛି
ଆଉ ଜୀବନ ଅଛି ବୋଲି
ନିଆଁ ଅଛି ।

□□

କବିଙ୍କ ଇ-ମେଲ ଠିକଣା:
sahoo.neelakantha1962@gmail.com



ଗଳ୍ପ

# ଚଗଲା ଜହ୍ନ

ଆରାଧନା ମିଶ୍ର

କାର୍ତ୍ତିକ ମାସର ଶୁକ୍ଳ ଏକାଦଶୀ ଜହ୍ନଟା ବଡ଼ ଫୂର୍ତ୍ତି ସହ ବାହାରିଥିଲା ଆଜି। ଯଦିଚ ବାହାରିଲା ବେଳେ ସୂର୍ଯ୍ୟଙ୍କ ଉଜ୍ଜ୍ୱଳ ଆଭା ତାକୁ ଅଦୃଶ୍ୟ ରଖିଥିଲା ବେଶ କିଛି ସମୟ ଯାଏଁ, ତଥାପି ସେ ଜାଣିଥିଲା ବେଶ ଶୀଘ୍ର ସେ ସନ୍ଧ୍ୟାକୁ ଭେଟିବ। ହେମନ୍ତର ସ୍ପର୍ଶରେ ସୂର୍ଯ୍ୟ ବି ତ ଏତେ ନରମ ରୂପ ଧରିଲେଣି! ତାଙ୍କୁ ଦେଖିଲେ ଏବେ ଲାଗେ ସତେ ଯେମିତି କାହାକୁ କଷ୍ଟ ଦେବାର ଶକ୍ତି ହିଁ ନାହିଁ ତାଙ୍କର! ଅପରାହ୍ଣର ଶେଷରେ ସେ ଯେବେ କିଛି କମଳା, ଗୋଲାପୀ ରଙ୍ଗ ଛାଡି ପଶ୍ଚିମ ଦିଗରେ ଓହ୍ଲେଇଗଲେ, ଚନ୍ଦ୍ରଟା କୁରୁଳି ଉଠିଲା ଯେମିତି।



କି ସୁଖପ୍ରଦ ଯାତ୍ରା ଆଜି! ହେମନ୍ତର ଥଣ୍ଡା ଥଣ୍ଡା ରାତି, ଗଙ୍ଗଶିଉଳିର ମହମହ ବାସ୍ନା, ନାଲି ଧଳା କଇଁଙ୍କ ହସହସ ମୁହଁ ଆଉ ପଡୁଥିବା ଶିଶିର! ରାତି ସାରା ଭର୍ତ୍ତି ନଇ, ପୋଖରୀରେ ନିଜ ପ୍ରତିବିମ୍ବ ଦେଖି ଦେଖି ଯିବ । ସମୁଦ୍ର ବି ଫୁଲି ଉଠିବ ତାକୁ ଦେଖି।

କିନ୍ତୁ, ମ୍ଳାନ ହେଇ ଆସୁଥିବା ସୂର୍ଯ୍ୟ ଆଲୋକରେ ନିଜକୁ ଆଉ କାହାର ବହୁତ ପାଖରେ ପାଇ ଚମକି ପଡିଲା ସେ । ଦେବଗୁରୁ ଯେ! ଦେବଗୁରୁ ବୃହସ୍ପତି ସ୍ଥିର ଚକ୍ଷୁରେ ଅନେଇଥିଲେ ଚଳଚଞ୍ଚଳ ଚନ୍ଦ୍ରକୁ।

ମନଟା ମଉଳି ଗଲା ତା'ର। ଓଃ! ଆଜି ପରି ରାତିରେ ଯାଙ୍କ ସାଙ୍ଗରେ ଦେଖା ହେବାର ଥିଲା ସତରେ! ସେ ପୁଣି ଏତେ ପାଖରେ! ବୃହସ୍ପତି ହସିଲେ ଚନ୍ଦ୍ରର ମନକଥା ଜାଣି। କହିଲେ- କ'ଣ ମନକୁ ପାଇଲାନି କି ମୋ ଉପସ୍ଥିତି? ଚାଲ ଯିବା । ତୁମର ମୋର ଏକାଠି ଯାତ୍ରା ସୁଖକର ହେଇପାରେ।'

ପ୍ରଣାମ କରିବାକୁ ଭୁଲି ଯାଇଥିଲା ଚନ୍ଦ୍ର ଦେବଗୁରୁଙ୍କୁ। ପ୍ରଣାମ କରି ଚୁପଚାପ ମୁଣ୍ଡପୋତି ଠିଆ ହେଲା ସେ ତାଙ୍କ ପାଖରେ। ବୃହସ୍ପତି କହିଲେ ଚାଲ। ଠିଆ ହେଲେ ହେବନି। କାଲି ସୂର୍ଯ୍ୟୋଦୟର ଅନେକ ପୂର୍ବରୁ ଆମକୁ ଆକାଶରୁ ବିଦାୟ ନେବାକୁ ଅଛି।'

ବାଧ୍ୟ ଶିଶୁ ପରି ଜହ୍ନ ଆଗେଇଲା ଦେବଗୁରୁଙ୍କ ସହ। ସନ୍ଧ୍ୟା ନଇଁ ଆସିଲା। କଇଁ ଫୁଟିବାକୁ ଆହୁରି ସମୟ ଥିଲା। ଗଙ୍ଗଶିଉଳି ଫୁଟି ଆସୁଥିଲା। ସନ୍ଧ୍ୟାର ପବନ ତଥାପି ଉଷୁମ ଥିଲା ସୂର୍ଯ୍ୟଙ୍କ ପ୍ରଭାବରେ।

ଚାଲୁ ଚାଲୁ ବୃହସ୍ପତି ପଚାରିଲେ' ତୁମେ କିଛି ପରିବର୍ତ୍ତନ ଦେଖ ଏ ଧରାରେ ଚନ୍ଦ୍ର?' ଫୁଲଫାଙ୍କିଆ ଜହ୍ନ ଏ ପ୍ରଶ୍ନ ପାଇଁ ପ୍ରସ୍ତୁତ ନ ଥିଲା ମୋଟେ। ଅଧାଦିନ ତ ତା'ର କାନ୍ଦିକାନ୍ଦି ଯାଏ। ଶୁକ୍ଳପକ୍ଷର ଏଇ କେତେଦିନ ସେ ଯେବେ ଏଠି ନିଶାରାଜ ବନେ, ସବୁ ଅତି ମନମୁଗ୍ଧକର ଲାଗନ୍ତି ତାକୁ। ପରିବର୍ତ୍ତନ ଆଉ କ'ଣ! ତଥାପି ଟିକେ ଭାବି ସେ କହିଲା-ହଁ ଗୁରୁଦେବ! ଆଗ ପୂରା ଧରା ସୂର୍ଯ୍ୟାସ୍ତ ପରେ ଅନ୍ଧାରରେ ଉବୁଟୁବୁ ହେଉଥିଲା , ମୁଁ ଆସିଲେ ମୋ ସ୍ନିଗ୍ଧତାରେ ଯେମିତି ଜୁଡୁବୁଡୁ ହେଇ ଯାଉଥିଲା, ସେମିତି ମୁଁ ଆଉ ଦେଖୁନି। ଏତେ ବିଜୁଳି ଆଲୁଅରେ ମୋ ଆଲୁଅର ଉପସ୍ଥିତି ବାରି ବି ହୁଏନି । ମଣିଷ ମତେ ଆଗ ପରି ଦରକାର କରେନି। ବହୁତ ତ ମତେ ଦେଖି ନ ଦେଖିଲା ପରି ରହନ୍ତି।'

'ହୁଁ' କହି ଗମ୍ଭୀର ହେଇଗଲେ ବୃହସ୍ପତି । ମନେ ମନେ ଭାବିଲେ ବଡ଼ ଅହଙ୍କାରୀ ହେଇଚି ଏ ମଣିଷଟା। ଧରାକୁ ସରା ମଣିଲାଣି। ପ୍ରକୃତି ସାଙ୍ଗରେ ଖେଳ ଖେଳୁଛି । ପରିଣାମ ଜାଣେନି ସେ।'

ଦେବଗୁରୁଙ୍କ ଏମିତି ଗମ୍ଭୀର ହେଇଯିବାଟା ଟିକେ ଅଡୁଆ

ଲାଗିଲା ଚନ୍ଦ୍ରକୁ । ତଳକୁ ଦେଖିଲା। ନାଲି କଇଁ ଫୁଟି ତା' ଆଡେ ଅନେଇଥିଲା। ଧଳା କଇଁ ପବନରେ ହଲି ହଲି କିଛି ଗୋଟେ ଗୁଣୁଗୁଣୁ ହେଉଥିଲା। ମନଟା ହଠାତ ହାଲକା ହେଇଗଲା ଚନ୍ଦ୍ରର। ଆଃ! କି ଯେ ସୁନ୍ଦର ପରିବେଶ! କୋମଳ ଆଲୋକରେ ଗାଧେଇ ପଡ଼ିଥିଲେ ଦୂରଦୂରାନ୍ତ କ୍ଷେତ ସବୁ। ଧାନଗଛ ଝୁମୁଥିଲେ ଆଖି ବନ୍ଦକରି।

**ଧଳା କଇଁ ପବନରେ ହଲି ହଲି କିଛି ଗୋଟେ ଗୁଣୁଗୁଣୁ ହେଉଥିଲା। ମନଟା ହଠାତ ହାଲକା ହେଇଗଲା ଚନ୍ଦ୍ରର।**

'ଭବିଷ୍ୟତ। ଏତେ ଭଲ ନୁହେଁ ଏ ପୃଥିବୀର' ବୃହସ୍ପତି ଆରମ୍ଭ କଲେ।' ଦିନ ଆସିବ ନିଶ୍ଚିହ୍ନ ହେଇଯିବ ଏ ମଣିଷ ଜାତି। ମଙ୍ଗଳ ପରି ଶୂନଶାନ ହେଇଯିବ।'

କଥାଟା ବିଲକୁଲ ଭଲ ଲାଗିଲାନି ଚନ୍ଦ୍ରକୁ। ସନ୍ଧ୍ୟାକୁ ଏକୁଟିଆ ତ ପାଇ ପାରିଲାନି। ଏ ଜ୍ଞାନୀ ବୁଢ଼ା ଭଲ କଥା ହେଲେ କୁହନ୍ତା! ଇଆଡୁ ସିଆଡୁ ଗୁଡ଼ାଏ କହୁଛି, ଭାବୁଥିଲା ସେ। ମଙ୍ଗଳ ପରି ଧରା ହେଇଗଲେ ଚନ୍ଦ୍ରଟା ସେଠି କରିବ ବା କ'ଣ? ନା କଇଁ ଫୁଟିବ ନା ଚକୋର ଥିବ! ପୁଲକିତ ଶିହରିତ ଆଖିରେ ଚାହିଁବାକୁ କିଏ ବି ନ ଥିବ! ପାଣିଟିକେ ରହିବନି ନିଜ ପ୍ରତିବିମ୍ବ ଦେଖିବାକୁ!

ବଙ୍କେଇକି ଚାହିଁଲା ଚନ୍ଦ୍ର ଗୁରୁଦେବଙ୍କୁ। ସେ ଚିନ୍ତାରେ ମଗ୍ନ ଥିଲେ। ଭବିଷ୍ୟତ ତାଙ୍କୁ ବିଚଳିତ କରୁଥିଲା।


ବେଫିକର ଜହ୍ନ ହୁଇସିଲ ତ ମାରି ପାରିଲାନି ଦେବଗୁରୁଙ୍କ ଆଗରେ କିନ୍ତୁ ଉତ୍ସାହ ସହ ସମୁଦ୍ର ସାଙ୍ଗରେ ଖେଳି ବସିଲା। ସମୁଦ୍ର ଫୁଲିଉଠି ତାକୁ ଛୁଇଁବାର ପ୍ରୟାସ କଲା। ଚନ୍ଦ୍ରର ହସରେ ରାତି ପ୍ରକମ୍ପିତ ଥିଲା।

ଆଜିର ସୁନ୍ଦର ରାତିକୁ ଭବିଷ୍ୟତ ଚିନ୍ତାରେ କିଏ ନଷ୍ଟ କରିବ ଭଲା!

□□

ଲେଖିକାଙ୍କ ଇ-ମେଲ ଠିକଣା:
aradhanam62@gmail.com

ପ୍ରକାଶ ପାଇଲା ! ପ୍ରକାଶ ପାଇଲା !! ପ୍ରକାଶ ପାଇଲା !!!




**ଆଲୋକ ଆଲୋକନ ବିଲୋକନ**

ପ୍ରବନ୍ଧ ଓ ସମାଲୋଚନାର ଏକ ଅନବଦ୍ୟ ସଂକଳନ

ଲେଖକ :
ପ୍ରଫେସର ବୈଷ୍ଣବ ଚରଣ ସାମଲ

ପୃଷ୍ଠା - ୪୭୫ ମୂଲ୍ୟ - ଟ.୬୦୦/-

DHARA SHREE RADHA TRUST Regd. No.: 41081705388 Bhubaneswar, Odisha

**DHARA SHREE RADHA TRUST**
Bhubaneswar
Email - dharashreeradha2017@gmail.com

**ଧାରାବାହିକ ପ୍ରବନ୍ଧ**



# ପ୍ରାଚୀନ କବି ପୁରୁଷୋତ୍ତମ ଦାସଙ୍କ ‘କାଞ୍ଚି କାବେରୀ’: ଏକ ଆକଳନ

ଡ. ଅଶୋକ କୁମାର ପଣ୍ଡା

‘କାଞ୍ଚି କାବେରୀ’ କାବ୍ୟର ରଚୟିତା କବି ପୁରୁଷୋତ୍ତମ ଦାସ। ଇତିହାସର ପୃଷ୍ଠଭୂମିରେ ଏହି ଐତିହାସିକ କାବ୍ୟଟି ରଚିତ। ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ରଚିତ ଏହି କାବ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି। ପୁରାଣ ଶୈଳୀରେ କାବ୍ୟଟି ରଚିତ। କବି ନିଜେ ଗୁରୁଙ୍କ ନାମ ବନମାଳୀ ଦାସ ବୋଲି ଉଲ୍ଲେଖ କରିଛନ୍ତି। ଏହି ସମୟରେ ଓଡ଼ିଆ ସାହିତ୍ୟରେ ଲଘୁକାବ୍ୟ ରଚନାର ପରମ୍ପରା ରହିଥିଲା। କାବ୍ୟରେ ଜନଶ୍ରୁତି, କିମ୍ବଦନ୍ତୀ ଆଦିକୁ ବିଷୟବସ୍ତୁ ରୂପେ ଗ୍ରହଣ କରାଯାଉଥିଲା। କିନ୍ତୁ ୧୬୫୦ ମସିହା ପରେ ପରେ ରୀତିଯୁଗୀୟ ପରମ୍ପରାରେ କାବ୍ୟଗୁଡ଼ିକ ବିଶେଷ ଭାବରେ ପାଣ୍ଡିତ୍ୟପୂର୍ଣ୍ଣ, ବିଭିନ୍ନ ଛାନ୍ଦ ବୃତ୍ତରେ ରଚିତ କ୍ଲିଷ୍ଟ ଓ କଳ୍ପନାବିଳାସୀ ହେଲା। ତେଣୁ ଏ ଦୃଷ୍ଟିରୁ ବିଚାର କଲେ କବିଙ୍କର ‘କାଞ୍ଚିକାବେରୀ’ କାବ୍ୟ ପୁରାଣଶୈଳୀରେ ରଚିତ ଲଘୁ କାବ୍ୟ ପରମ୍ପରାର ଏକ ଜ୍ୱଳନ୍ତ ନିଦର୍ଶନ। କାବ୍ୟରେ ବର୍ଣ୍ଣିତ ବିଷୟ ଚରିତ୍ର ଗଜପତି ପୁରୁଷୋତ୍ତମ ଦେବଙ୍କ ଜୀବନର ଘଟଣା ହୋଇଥିବାରୁ କବିଙ୍କୁ ଗଜପତି ପୁରୁଷୋତ୍ତମ ଦେବଙ୍କ ସମସାମୟିକ ବୋଲି କୁହାଯାଇପାରେ। କାବ୍ୟରେ କବି ନିଜର ପରିଚୟ ସମ୍ପର୍କରେ କହିଛନ୍ତି-

“ସେ କାଳିଆ ରାଉତର ଦାସର ମୁଁ ଦାସ
ବରୁଣ ଦାସ ନାତି ମୁଁ ଭାଗୀରଥି ଶିଷ୍ୟ।
ଜଗନ୍ନାଥ ବଳଭଦ୍ର ସୁଭଦ୍ରା ସୁଦର୍ଶନ
ଯେହି ଚାରିସାମନ୍ତରୁ ନ ଜଣାଇ ଆନ।”

‘କାଞ୍ଚି-କାବେରୀ’ କାବ୍ୟ କବିଙ୍କ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଜଣେ ମୁଖ୍ୟ କବିର ପ୍ରତିଷ୍ଠା ଦେଇଅଛି। ଏହା ଏକ ଐତିହାସିକ କାବ୍ୟ ହେଲେ ମଧ୍ୟ ଏଥିରେ କବିଙ୍କର କୃତିତ୍ୱ ପରିଲକ୍ଷିତ ହୁଏ କିନ୍ତୁ କବିତ୍ୱର ମୂଲ୍ୟାୟନ କଳନା ହୁଏ ନାହିଁ। ଏ ପ୍ରସଙ୍ଗରେ ଆଣ୍ଡ୍ରୁ ଷ୍ଟର୍ଲିଂ ଓଡ଼ିଶା ସମ୍ପର୍କିତ ଏକ ନିବନ୍ଧରେ, ପୁରୁଷୋତ୍ତମ ଦାସଙ୍କ “କାଞ୍ଚି କାବେରୀ” ବ୍ୟତୀତ ଅନ୍ୟ କୌଣସି ମୌଳିକ ଓଡ଼ିଆ କାବ୍ୟ ଉଲ୍ଲେଖଯୋଗ୍ୟ ନୁହେଁ ବୋଲି ସେ ଦର୍ଶାଇଥିଲେ।

ଡ. ସୁକୁମାର ସେନ ବଙ୍ଗଳା ଭାଷାରେ ପୁରୁଷୋତ୍ତମ ଦାସଙ୍କ ‘କାଞ୍ଚି କାବେରୀ’ କାବ୍ୟକୁ ସମ୍ପାଦନା କରିଛନ୍ତି। ଗୋବିନ୍ଦ ରଥଙ୍କ ଦ୍ୱାରା ପ୍ରକାଶିତ କାଞ୍ଚି କାବେରୀ କାବ୍ୟକୁ ଡ. ସେନ୍ ଭିତ୍ତି ରୂପେ ଗ୍ରହଣ କରିଛନ୍ତି। କାବ୍ୟର ଆରମ୍ଭ ଓ ଶେଷକୁ ଛାଡିଦେଲେ କାବ୍ୟ ମଧ୍ୟରେ ସାତଗୋଟି ସ୍ଥାନରେ ଭଣିତା ହୋଇଅଛି ଏବଂ କାବ୍ୟକୁ ନଅଟି ଭାଗରେ ବିଭକ୍ତ କରିଛନ୍ତି। ଏହି ପୁସ୍ତକଟି ୧୯୫୮ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ହୋଇଅଛି ଏବଂ ଏହି ପୁସ୍ତକ ସହିତ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ ବଙ୍ଗଳା କାଞ୍ଚି କାବେରୀ ଏକତ୍ର ସନ୍ନିବେଶିତ ହୋଇଅଛି।




### ଗଜପତିଙ୍କ ସମସାମୟିକ

ଗଜପତି ପୁରୁଷୋତ୍ତମଦେବଙ୍କ ସିଂହାସନ ଆରୋହଣଠାରୁ ଆରମ୍ଭ କରି କାଞ୍ଚି ଅଭିଯାନ ପର୍ଯ୍ୟନ୍ତ ତାଙ୍କ ରାଜତ୍ୱର ବିଭିନ୍ନ ଐତିହାସିକ ଘଟଣା ଏହି କାବ୍ୟରେ ବର୍ଣ୍ଣିତ ହୋଇଥିବାରୁ ତାଙ୍କୁ ଗଜପତି ପୁରୁଷୋତ୍ତମଦେବଙ୍କ ସମସାମୟିକ ବୋଲି ଧରି ନିଆଯାଏ। କବି କାବ୍ୟ ମଧ୍ୟରେ ରାଉତମାନଙ୍କର ଯଥେଷ୍ଟ ବଡ଼ାଇ କରିଅଛନ୍ତି। ଜଗନ୍ନାଥଙ୍କୁ ସେ କାଳିଆ ରାଉତ ନାମରେ ନାମିତ କରିଛନ୍ତି। କପିଳେନ୍ଦ୍ର ଦେବ ଏକଦା କପିଳ ରାଉତ

ନାମରେ ପରିଚିତ ଥିଲେ। କିନ୍ତୁ ପରବର୍ତ୍ତୀ କାଳରେ ସୂର୍ଯ୍ୟବଂଶର ଗଜପତିମାନଙ୍କ ରାଉତ ସାଙ୍ଗିଆ ପ୍ରଚଳନ ହେଲା ନାହିଁ। ଭୋଇ ବଂଶର ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ ରାଉତ ସାଙ୍ଗିଆରେ ପରିଚିତ ଥିଲେ, ଏକଥା, ମାଦଳା ପାଞ୍ଜିରେ ବର୍ଣ୍ଣିତ ହୋଇଅଛି। କବି କାବ୍ୟରେ 'ରାଉତ'ମାନଙ୍କର ଯଥେଷ୍ଟ ବଡ଼ପଣ ବର୍ଣ୍ଣନା କରି ଲେଖିଛନ୍ତି-

"ଆମ୍ଭ ସଙ୍ଗେ ଯୁଝିବାକୁ କ୍ଷତ୍ରିୟେ ନ ପାରି
ରାଉତ-ଖର-ପୁତ୍ର ଯେ ଜାତି ଅସବାରି।" (୪୩୭)

"କାଞ୍ଚି କାବେରୀ" କାବ୍ୟରେ ଗଜପତି ପୁରୁଷୋତ୍ତମ ଦେବ ଓ କାଞ୍ଚି ରାଜଜେମା ପଦ୍ମାବତୀ ନିମିତ୍ତ ମାତ୍ର। କିନ୍ତୁ ନାୟକ ଜଗନ୍ନାଥ ବା କାଳିଆ ରାଉତ ଓ ନାୟିକା ଗୋପାଳୁଣୀ ମାଣିକ୍ୟ ବା ମାଣିକୀ। ପୁରୁଷୋତ୍ତମ ଦେବଙ୍କ କାଞ୍ଚିକଟକାଇ ବା କାଞ୍ଚି ଅଭିଯାନର ନେପଥ୍ୟରେ ଶ୍ରୀଜଗନ୍ନାଥଙ୍କ ଭକ୍ତ ବତ୍ସଳତା ପୁଣି ମାଣିକ୍ୟର ରାମାନୁଗା ଶୁଦ୍ଧା ଭକ୍ତି ଏଥିରେ ଏକ ଉଜ୍ଜ୍ୱଳ ଅଭିବ୍ୟକ୍ତି ଲାଭ କରିଅଛି। କାବ୍ୟର ପ୍ରତି ଛତ୍ରେ ଛତ୍ରେ ଶ୍ରୀଜଗନ୍ନାଥଙ୍କ ମହିମା, ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ଗାଥା ପ୍ରଚାର ଓ ପ୍ରସାର ହୋଇଅଛି।

**ଓଡ଼ିଆ କାବ୍ୟର ସ୍ୱରୂପ ସମ୍ପର୍କରେ ଯେଉଁ ପାଠକ ଜାଣିଥିବେ, ସେ କେବେହେଲେ ଏହାକୁ କାବ୍ୟ ବୋଲି କହିବେ ନାହିଁ।**

'କାଞ୍ଚି କାବେରୀ' ଐତିହାସିକ ଉପାଖ୍ୟାନ ବା କିମ୍ବଦନ୍ତୀଟି କାବ୍ୟରୂପ ପାଇବା ପୂର୍ବରୁ ପୁରାଣସ୍ତରୀୟ ହୋଇଆସିଛି। ପୁରାଣ ଯୁଗ ଶେଷ ଏବଂ କାବ୍ୟ ଯୁଗ ଆରମ୍ଭ ଏଭଳି ଏକ ସନ୍ଧିକ୍ଷଣରେ 'କାଞ୍ଚି କାବେରୀ' କାବ୍ୟର ଜନ୍ମ। ଉଦ୍ଦେଶ୍ୟ ଥିଲା ଶ୍ରୀଜଗନ୍ନାଥଙ୍କ ମହିମାକୁ କେବଳ ଉତ୍କଳ କାହିଁକି ଜାତୀୟ ସ୍ତରରେ ପରିଚିତ କରାଇବା। କାଞ୍ଚି କାବେରୀ ଏକ ପୁରାଣ କାବ୍ୟ। ଓଡ଼ିଆ କାବ୍ୟର ସ୍ୱରୂପ ସମ୍ପର୍କରେ ଯେ କୌଣସି ପାଠକ ଜାଣିଥିବେ, ସେ କେବେହେଲେ ଏହାକୁ କାବ୍ୟ ବୋଲି କହିବେ ନାହିଁ। ଡ. ସୁଦର୍ଶନ ଆଚାର୍ଯ୍ୟ ତାଙ୍କ 'କାବ୍ୟ କୌଶଳ' ଗ୍ରନ୍ଥରେ ଏହାର କାବ୍ୟତ୍ୱକୁ ଅସ୍ୱୀକାର କରିଛନ୍ତି ଏବଂ ଠିକ୍ ବିଚାରବୋଧର ପରିଚୟ ଦେଇଛନ୍ତି। କାବ୍ୟଟି ଆମୂଳାନ୍ତ ଚତୁର୍ଦ୍ଦଶ ଅକ୍ଷରୀ ପୁରାଣ ବୃତ୍ତରେ 'ଲକ୍ଷ୍ମୀ ପୁରାଣ' ଶୈଳୀରେ ରଚିତ। କେତେକ ସ୍ଥଳରେ ଦାଣ୍ଡି ବୃତ୍ତର ପ୍ରୟୋଗ ଦେଖିବାକୁ ମିଳେ କିନ୍ତୁ ତାହା ଉପେକ୍ଷଣୀୟ। କାବ୍ୟ ପାଠଜନିତ ଫଳ ପୁରାଣରେ। କାବ୍ୟରେ ବର୍ଣ୍ଣିତ କବିଙ୍କ ଭାଷାରେ-

"ଶୁଣିଲେଣ ତା ପାଇବ ଯେ ବୈକୁଣ୍ଠରେ ସ୍ଥିତି" (୨୩୪)
ଓ ଧର୍ମ ଅର୍ଥ କାମମୋକ୍ଷ ମୁକ୍ତି ଭକ୍ତି ମିଳେ
ଯାହାର ଯେତେ ବିଶ୍ୱାସ ସେ ପାଇବ ଫଳେ। (୯୦୭)

ଏହି ପଦରେ କବିତ୍ୱ ଅଛି, କାବ୍ୟ ପରିକଳ୍ପନା ନାହିଁ। ଏହାକୁ ଐତିହାସିକ ରଚନା କହିବା ଆଶ୍ଚର୍ଯ୍ୟ କଥା। ଏଥିରେ ଇତିହାସର ଖିଅଟିଏ ମାତ୍ର ଅଛି। ଏଥିରେ ପୁରୁଷୋତ୍ତମ ଦେବଙ୍କ କର୍ଣ୍ଣାଟ ବିଜୟ କଥା ବର୍ଣ୍ଣିତ। ଏହାର ନାୟକ ପୁରୁଷୋତ୍ତମ ଦେବ ନୁହନ୍ତି। ଏଥିରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ନାହିଁ, ଦେବ କୃପା ନିର୍ଭର। ତାଙ୍କର ପ୍ରତ୍ୟେକଟି କର୍ମ ଓ ଚିନ୍ତାରେ ଶ୍ରୀଜଗନ୍ନାଥଙ୍କ ହସ୍ତକ୍ଷେପ ଦୃଶ୍ୟମାନ। ପଦ୍ମାବତୀ ଏଠାରେ ନାମକୁ ମାତ୍ର ଅଛନ୍ତି। ଏହି ପୁରାଣ କାବ୍ୟଟିର ମୁଖ୍ୟ ମୋଟିଫ୍ ହେଲା ଶ୍ରୀଜଗନ୍ନାଥଙ୍କ ମାଧୁର୍ଯ୍ୟମିଶ୍ରା ଐଶ୍ୱର୍ଯ୍ୟଲୀଳା ପ୍ରତିପାଦନ। ରାଜାଙ୍କୁ ସ୍ୱପ୍ନାଦେଶ, ଦାସ ସୁଆର ସହିତ ରଙ୍ଗରସ, କୃପାଜୀବୀ ରାଜାର ପ୍ରତିଜ୍ଞା ପୂରଣାର୍ଥେ ଯୁଦ୍ଧଯାତ୍ରା, ବାଟରେ ମାଣିକ ସହିତ ଶୃଙ୍ଗାରଲୀଳା, ଯୁଦ୍ଧରେ ଗଜପତିଙ୍କ ସହିତ ତାଚ୍ଛଲ୍ୟ ଓ ପରିହାସ ଏବଂ ଶିଖର ସାହୁ ଗୁଡିଆର ଶୂନ୍ୟ ଶିକାରୁ ସର ଅମୃତ ସହିତ ଦ୍ରବ୍ୟ ଆବିଷ୍କାର ଆଦି ଅଦ୍‌ଭୁତ ଘଟଣାର ଅବତାରଣା କରାଯାଇଛି। ଏହାର ଇତିହାସ ସହିତ ସଂସ୍ରବ କେଉଁଠି। କାବ୍ୟର ନାୟକ ସ୍ୱୟଂ ଜଗନ୍ନାଥ ଏବଂ ନାୟିକା ମାଣିକୀ। କାଞ୍ଚି ରାଜଜେମାଙ୍କୁ ପୁରୁଷୋତ୍ତମଦେବ ଲାଭ କରିଛନ୍ତି। କାବ୍ୟରେ ବର୍ଣ୍ଣିତ ସ୍ୱଦେଶ ପ୍ରୀତି ପାଠକକୁ ଆଶ୍ଚର୍ଯ୍ୟ କରେ ନାହିଁ। କେବଳ ତା'ର ଭକ୍ତି ଓ ବିଶ୍ୱାସକୁ ଅଶିଥିଳ କରିବାକୁ ଚେଷ୍ଟିତ ରହେ। ଛେରା ପହଁରା କାର୍ଯ୍ୟବେଳେ ରାଜାଙ୍କର ପାଦ ତଳେ ମନ୍ତ୍ରୀ ପଦ୍ମାବତୀଙ୍କୁ ସମର୍ପଣ କରିଦେଇ କହିଛନ୍ତି-

"ଭୋଦେବ ଏହି ତୋ ହାଡି ଏ କନ୍ୟାକୁ ନେଉ
ଶ୍ରୀମୁଖରେ ଆଜ୍ଞା ଯେ ଅବଜ୍ଞା କିଛି ନୋହୁ।" (୮୭୯)

ଓଡ଼ିଶା ରାଜା ଯୁଦ୍ଧରେ ଜୟଲାଭ କରି କନ୍ୟା ଲାଭ କରୁଛନ୍ତି ଏବଂ ସେଥିରେ ହିଁ ଜାତିର ସାନ୍ତ୍ୱନା ଓ ଆତ୍ମପ୍ରସାଦ ଲାଭ।

ପ୍ରଥମ ଐତିହାସିକ କାବ୍ୟ 'କାଞ୍ଚି କାବେରୀ'। ଏହା ପରେ

ବ୍ରଜନାଥ ବଡ଼ଜେନାଙ୍କର 'ସମର ତରଙ୍ଗ' ବ୍ୟତୀତ ମଧ୍ୟଯୁଗୀୟ ଆଉ ଓଡ଼ିଆ ଐତିହାସିକ କାବ୍ୟ ରଚିତ ହୋଇନାହିଁ। ମଧ୍ୟଯୁଗରେ ଭାରତ ଏକ ଅପରାଜେୟ ସାମରିକ ଶକ୍ତି ଥିଲେ ମଧ୍ୟ ଓଡ଼ିଆ ପାଇକମାନଙ୍କର ରଣ ଦୁନ୍ଦୁଭି 'କାଞ୍ଚୀ କାବେରୀ' ଓ ସମର ତରଙ୍ଗ ବ୍ୟତୀତ ଅନ୍ୟ କୌଣସି କାବ୍ୟରେ ନିନାଦିତ ହୋଇନାହିଁ। କାବ୍ୟରେ କିମ୍ବଦନ୍ତୀ ଓ ଇତିହାସ ମଧ୍ୟରେ ସୀମାରେଖା ନିଶ୍ଚିହ୍ନ। ଏ ସଂପର୍କରେ ଡ. ସୁକୁମାର ସେନ ଲେଖିଛନ୍ତି-

"ପୁରୁଷୋତ୍ତମ ଦାସଙ୍କର 'କାଞ୍ଚୀ କାବେରୀ' କାବ୍ୟକୁ ଯଦି ଐତିହାସିକ କାବ୍ୟ କୁହାଯାଏ ତା'ହେଲେ ବୁଝିବାକୁ ହେବ ଷୋଡଶ-ସପ୍ତଦଶ ଶତାବ୍ଦୀରେ ଆମ କବିମାନଙ୍କ ଯେତିକି ଇତିହାସ ଅବବୋଧ ଥିଲା ସେହି ଅନୁପାତରେ ତାହା ଐତିହାସିକ।




ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କ ଅନ୍ତେ ଉତ୍କଳ ସିଂହାସନ ପାଇଁ ଭ୍ରାତୃ ଯୁଦ୍ଧ ଓ ସେଥିରେ ଜୟଲାଭ ପରେ ପୁରୁଷୋତ୍ତମ ଦେବଙ୍କ ସିଂହାସନ ଅଧିକାର, କାଞ୍ଚୀ କଟକାର ବା କାଞ୍ଚି ଅଭିଯାନ ଓ କାଞ୍ଚୀ ବିଜୟ ପରେ କାଞ୍ଚୀ ଜେମା ପଦ୍ମାବତୀଙ୍କ ସହ ସେଠାରୁ ସାକ୍ଷୀଗୋପାଳ ଓ ଭଣ୍ଡ ଗଣେଶ ପ୍ରଭୃତି ଦେବବିଗ୍ରହ ଆନୟନ ଆଦି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ବିଭିନ୍ନ ଘଟଣା ଏହି କାବ୍ୟରେ ବର୍ଣ୍ଣିତ ହୋଇଅଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଛେରାପହଁରା ବେଳେ ପୁରୁଷୋତ୍ତମ ଦେବ ପଦ୍ମାବତୀଙ୍କୁ ବିବାହ କରିଥିବା ମାଦଳାପାଞ୍ଜି ପ୍ରଭୃତିରେ ବର୍ଣ୍ଣନା ହେଲେ ମଧ୍ୟ ତାହା କେଉଁ ପରିମାଣରେ ଐତିହାସିକ ସତ୍ୟ ତାହା ଜାଣିବା କଷ୍ଟସାଧ୍ୟ।

## ପ୍ରତି ଘଟଣାରେ ଶ୍ରୀଜଗନ୍ନାଥ

ଏହି କାବ୍ୟର ମୁଖ୍ୟ ନାୟକ ପ୍ରଭୁ ଶ୍ରୀଜଗନ୍ନାଥ। ପ୍ରତି ଘଟଣାରେ ଶ୍ରୀଜଗନ୍ନାଥ ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ଏଣୁ ଏହି କାବ୍ୟରେ ନାୟକ ନାୟିକାଙ୍କର ପ୍ରେମ ବର୍ଣ୍ଣନା ନାହିଁ। କାବ୍ୟଟିକୁ ପାଠ କଲେ ଜଣାଯାଏ ଯେ, ଏହାର କଳ୍ପନାବିଳାସ ଚମତ୍କାରିତା ଓ ବର୍ଣ୍ଣନା ମାଧୁରୀ ଅତ୍ୟନ୍ତ ଉଚ୍ଚକୋଟୀର।

କାଞ୍ଚୀ ଅଭିମୁଖେ ଉତ୍କଳର ଜୈତ୍ର ଯାତ୍ରାରେ ଜଗନ୍ନାଥ ଓ ବଳରାମ ଧଳାଘୋଡା ଓ କଳାଘୋଡାରେ ଚଢ଼ି ଯୁଦ୍ଧଯାତ୍ରାରେ ଗଲାବେଳେ ବାଟରେ ମାଣିକ ଗଉଡୁଣୀଠାରୁ ଦହି ପିଇ ତୃଷା ନିବାରଣ କଥା ପ୍ରତି ଉତ୍କଳୀୟ ଜନତାର ପ୍ରାଣରେ ବଞ୍ଚିଛି। ଏକଥା ମାଦଳା ପାଞ୍ଜିରେ ଅଛି। ଜେନାମଣି ହମ୍ବୀର ଦେବ ସିଂହାସନ ପାଇଁ ପୁରୁଷୋତ୍ତମଙ୍କ ସହିତ ଯୁଦ୍ଧ କରିଥିବା କଥା ଓ ଜଗନ୍ନାଥଙ୍କ ଆଶୀର୍ବାଦରେ ପୁରୁଷୋତ୍ତମଦେବ ଯୁଦ୍ଧରେ ଜୟଲାଭ କରି ସିଂହାସନ ଅଧିକାର କରିବା ମାଦଳାପାଞ୍ଜିରେ ଅଛି। ଶ୍ରୀଜଗନ୍ନାଥ ତାଙ୍କ ମହାସୁଆରଙ୍କୁ ରାଜକୋଷରୁ ରକ୍ଷା କରିବା ଓ କାଞ୍ଚୀ ବାହୁଡାଣୀ ଶ୍ରୀଜଗନ୍ନାଥ ଦକ୍ଷିଣ ବେଢ଼ା ପାଚେରୀ ପେଜନଳା ପାଖରେ ଶିଖର ସାହୁ ଗୁଡିଆ ଦୋକାନରୁ ପଣା ପିଇବା ପ୍ରଭୃତି କିମ୍ବଦନ୍ତୀ ଆଲୋଚ୍ୟ କାବ୍ୟର କଥାବସ୍ତୁ ରୂପେ ଗୃହୀତ। ଏ କଥା ମାଦଳା ପାଞ୍ଜିରେ ବର୍ଣ୍ଣିତ। କବି କାବ୍ୟର କଥାବସ୍ତୁ ପ୍ରାୟ ମାଦଳା ପାଞ୍ଜିରୁ ଗ୍ରହଣ କରିଛନ୍ତି। ସେଥିରେ ଭକ୍ତି ଓ କବିତ୍ୱର ଉଜ୍ଜ୍ୱଳ ରସାଣ, ରସବିଦଗ୍ଧ ଜଗନ୍ନାଥ ଓ ମାଣିକ ଗଉଡୁଣୀର କଥା ଓଡ଼ିଆ ସାହିତ୍ୟରେ ଅନନ୍ୟ।

ପୁରୁଷୋତ୍ତମ ଦେବଙ୍କ 'କାଞ୍ଚୀ କଟକାଇ'ରେ କାଞ୍ଚୀ ଜେମା ପଦ୍ମାବତୀ ନାୟିକା, ମାତ୍ର 'କାଞ୍ଚୀ କାବେରୀ' କାବ୍ୟରେ ମାଣିକ ଗଉଡୁଣୀ ହିଁ ଅବିସ୍ମରଣୀୟା କାବ୍ୟ ନାୟିକା। ରାଜକନ୍ୟା ନାୟିକାମାନଙ୍କୁ ଛାଡି ବୃଷ ବେହେରାର ଝିଅ ଓ ଚନ୍ଦ୍ର ବେହେରାର ସ୍ତ୍ରୀ ମାଣିକକୁ କବି ପୁରୁଷୋତ୍ତମ ନାୟିକା ରୂପେ ବର୍ଣ୍ଣନା କରିଛନ୍ତି। ଏହି ବର୍ଣ୍ଣନାର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଓଡ଼ିଆ ସାହିତ୍ୟରେ ବିରଳ। ଏହା କବିଙ୍କ ଲେଖନୀରେ-

"କଳାମେଘୀ ଝୀନ ଶାଢ଼ି ପହରଣ କରି
ବାମକନ୍ଧେ ପଣନ୍ତ ଯେ ହାଟୋଇଙ୍କ ପରି।
ଜାନୁ ଉଲଟ ରମ୍ଭା କି କନକର କାନ୍ତି
ବାମ ଚରଣରେ ବଳା ପଟିଏ ଶୋହନ୍ତି।

X X X X X

ମୋହେ ହଂସଗତି କଟୀ ଡମ୍ବରୁ ଆକାର
ସଞ୍ଚ ଘଞ୍ଚ ତହିଁଅଟେ ତାର କୁଚଭାର।
ଡାଳିମ୍ବ କି ଦନ୍ତ ପନ୍ତି ମୃଦୁ ମୃଦୁ ହାସ
ଅଣ୍ଡିରା କୋକିଳ ପ୍ରାୟେ ବଚନ ସରସ। (୩୬୫)

ରସିକ ଚୂଡ଼ାମଣି ଶ୍ରୀଜଗନ୍ନାଥଙ୍କର ରସିକତା ଛଳରେ କଥାବାର୍ତ୍ତା ମାଣିକ ଗଉଡୁଣୀ ସହିତ, ସେଥିରେ ଶୃଙ୍ଗାର ରସର ପ୍ରାବଲ୍ୟ ପ୍ରକାଶ ପାଇଅଛି। କବିଙ୍କ ଭାଷାରେ-

"ବେଳ ହେଲାଣି ଉଛୁର ତୁମ୍ଭେ ସୁକୁମାର
ଦଧି ଦୁଧ ଛେନା ନେଇ ମଣୋହି ଯେ କର।
ମୃଦୁ ମୃଦୁ ହସିଣ ସେ ବୋଲଇ ବଚନ
ଛଇଳା କରିଣ କହେ ଘୋଡାଇ ବଦନ।"

କାବ୍ୟରେ ବର୍ଣ୍ଣିତ ବିଷୟରେ ସତ୍ୟତା ଥିଲା ପରି ମନେ ହୁଏ। ବିଭିନ୍ନ ଚରିତ୍ରର ବର୍ଣ୍ଣନାରେ ବାସ୍ତବତା ସୂଚିତ ହୋଇଅଛି। ମଧ୍ୟଯୁଗୀୟ କାବ୍ୟରେ ବିଶେଷ କରି ଏଭଳି ବାସ୍ତବତାର ବର୍ଣ୍ଣନା ପ୍ରାୟ ଦୃଷ୍ଟିଗୋଚର ହୁଏ ନାହିଁ। ମାଣିକ ଗଉଡୁଣୀ ଏକ ଗ୍ରାମ୍ୟ ଚରିତ୍ର। ତା' ପାଖରେ ନାୟିକାର ସୌନ୍ଦର୍ଯ୍ୟ ସୁଲଭ ଗୁଣ ନାହିଁ କିନ୍ତୁ କାଳିଆ ରାଉତ ଜଗନ୍ନାଥଙ୍କ ଦର୍ଶନରେ ଭାବବିହ୍ୱଳ ହୋଇ ଯେଉଁ ଆନ୍ତରିକତାର ବର୍ଣ୍ଣନା ହୋଇଅଛି, ରସିକତା କରିବା ପାଇଁ ସେ ପଛାଇ ନାହାନ୍ତି। କବିଙ୍କ ଲେଖନୀରେ-

**ଗୋଟିଏ ଗ୍ରାମ୍ୟ ବଧୂର ସରଳ ସୁନ୍ଦର ନିରାଡମ୍ବର ବର୍ଣ୍ଣନା କବିଙ୍କ ଲେଖନୀରେ କବିତ୍ୱ ସୃଜନୀ ପ୍ରତିଭାର ପରିଚୟ ଦେଇଥାଏ।**

"କହ ଆଗୋ ଗୋପାଳୁଣୀ ତୁମ୍ଭ ନାମ କିସ
କେଉଁ ଗ୍ରାମ ଝିଅ ତୁମ୍ଭ ବିଭା କେଉଁ ଦେଶ।"

ଏଠାରେ ଗୋଟିଏ ଗ୍ରାମ୍ୟ ବଧୂର ସରଳ ସୁନ୍ଦର ନିରାଡମ୍ବର ବର୍ଣ୍ଣନା କବିଙ୍କ ଲେଖନୀରେ କବିତ୍ୱ ସୃଜନୀ ପ୍ରତିଭାର ପରିଚୟ ଦେଇଥାଏ। କାଞ୍ଚି ଅଭିଯାନରୁ ଫେରିଲାବେଳେ ମଧ ଶ୍ରୀଜଗନ୍ନାଥ ଶିଖର ସାହୁ ଗୁଡିଆ ଦୋକାନରୁ ପଣା ମାଗି ପିଇବା ଏକ ଅଲୌକିକତାର ପରିଚୟ ଦେଇଥାଏ। ଯଥା-

"ଶିଖର ସାହୁ ବୋଇଲେ ମୁଁ ଦରିଦ୍ର ଅଟଇ
ଥୋଇଥିଲେ ସିନା ଆନ୍ତା କି ବୋଲ ଗୋସାଇଁ।
ରାଉତ ବୋଇଲେ କିମ୍ପା ହେଉଛୁ ତାଟକା
ଅଛି କି ନାହିଁ ତୁ ଖରେ ଦେଖ ଯାଇ ଶିକା।
ତାହା ଶୁଣି ଶିକା ସେ ଦେଖିଲା ମଧୁକାରୀ
ସର ଅମୃତ ମରିଚ ତହିଁ ଅଛି ପୂରି।"

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ 'କାଞ୍ଚିକାବେରୀ'ରେ ସାଧାରଣ ଦୈନନ୍ଦିନ ଜୀବନଯାତ୍ରା ବର୍ଣ୍ଣିତ ହୋଇଅଛି। ଏହା ଏକ ଭକ୍ତି ସାଶ୍ରିତ କାବ୍ୟ। କବିଙ୍କର ସାଧାରଣ ଓ ବାସ୍ତବ ଜୀବନର ଚିତ୍ର ବର୍ଣ୍ଣନା ଏକ ସ୍ୱାତନ୍ତ୍ର୍ୟତାର ପରିଚୟ ଦେଇଥାଏ।

**ବିଜୟ ଯାତ୍ରାର ପ୍ରତିଧ୍ୱନି**

ଏହି କାବ୍ୟରେ ଉତ୍କଳ ଗଜପତିଙ୍କର ବିଜୟ ଜୈତ୍ରଯାତ୍ରାର ପ୍ରତିଧ୍ୱନି ଝଙ୍କୃତ ହୋଇଅଛି। ଏପରି ବର୍ଣ୍ଣନା ଅନ୍ୟ କାବ୍ୟମାନଙ୍କରେ ବିରଳ। ବୀର ପ୍ରସବିନୀ ଉତ୍କଳ ମାତାର ସନ୍ତାନର ସ୍ୱାଭିମାନ, ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସୈନ୍ୟ ପଟୁଆରର ଜୀବନ ଚିତ୍ର କାବ୍ୟରୁ ମିଳିଥାଏ।

"କାହାଳ ପର୍ଣ୍ଣାଳ ଭେରୀ ତୂରୀ ବୀରବାଦ୍ୟ
ଅଶ୍ୱଙ୍କର ହ୍ରେଷାରବେ ବ୍ରହ୍ମାଣ୍ଡ ସ୍ତବ୍ଧ।
ହସ୍ତୀଙ୍କ ଘଣ୍ଟାରବ ପଦାତି ମୁଖ ଧ୍ୱନି
ରାଜାଙ୍କ ବିଜୟ ବେଳେ କମ୍ପାଇ ମେଦିନୀ।"

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ହାସ୍ୟରସ ନିତାନ୍ତ ବିରଳ। କିନ୍ତୁ 'କାଞ୍ଚି କାବେରୀ' କାବ୍ୟରେ ହାସ୍ୟରସର ଏକ ନୂତନ ଆଭିମୁଖ୍ୟ ରହିଛି। କବି କାଞ୍ଚି ରାଜାଙ୍କର ଇଷ୍ଟଦେବ ଓ ଭଣ୍ଡ ଗଣପତିଙ୍କର ପରାଜୟ ପ୍ରସଙ୍ଗରେ କରିଥିବା ବର୍ଣ୍ଣନା ଅଭିନବ ଏବଂ ଅତୁଳନୀୟ।

'କାଞ୍ଚି କାବେରୀ' ଏକ ଐତିହାସିକ କାବ୍ୟ ହେଲେ ମଧ ଏହା ଶୁଦ୍ଧ ଭକ୍ତି ରସାତ୍ମକ। ଏହି କାବ୍ୟରେ ମାଣିକ ଗଉଡୁଣୀ ସହିତ ଜଗନ୍ନାଥଙ୍କ ରତି କୌତୁକ ବିନ୍ୟାସରେ ମାଣିକ ରାଧାରୂପେ ବର୍ଣ୍ଣିତ।

କାବ୍ୟର ବିଷୟ ଐତିହାସିକ ହେଲେ ମଧ ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ବାର୍ତ୍ତାବହ। ଷୋଡ଼ଶ ଶତାବ୍ଦୀରେ ରଚିତ ଏହି କାବ୍ୟଟି କବିଙ୍କୁ ଶ୍ରେଷ୍ଠ କବିତ୍ୱ ଆସନରେ ପ୍ରତିଷ୍ଠା ପ୍ରଦାନ କରିଅଛି।

□□

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com




ବ୍ୟଙ୍ଗ

# ଘଣ୍ଟୁ ସାର୍‌ଙ୍କ ଜ୍ଞାନ ସଟର

ଡ. ଅଜୟ କୁମାର ମିଶ୍ର

କଥା ବୋଇଲା, ନଈ ବଢ଼ିଲେ, କୁକୁର ଜିଭେଇ ଦିଏ। ସେମିତି ଦେଶ ସ୍ୱାଧୀନ ହେଲା ମାତ୍ର ନରିପୁର ଅବସ୍ଥା ଯଥା ପୂର୍ବଂ ତଥା ପର। ଆଖପାଖ ଅଞ୍ଚଳର ସମସ୍ତ ଚାଟେ, ଗେଣ୍ଡୁ ଅବଧାନେଙ୍କ ଚାହାଳିରେ ବ୍ରହ୍ମା ବିଷ୍ଣୁ ମୁଣ୍ଡଳ ବୁଲାଇଛନ୍ତି। ଆହା ଗେଣ୍ଡୁ ଅବଧାନେ ହରିବୋଲ ହେଇଗଲା ପରେ ନରି ଗୁରିଆଙ୍କ ବୁଦ୍ଧି ଘରେ ପାଣି ପଶିଗଲା।

ସ୍ୱାଧୀନତା ଆଇଲା, ସାଙ୍ଗରେ ଭୋଅଟ ପାଲା ବି ଆଣିଲା। ନେତା ମାଳ ମାଳ, ଭାବ ଷୋଳପଣ ମାତ୍ର ବଟୁଆ ଫାଙ୍କା। ଗାଁରେ ଇସ୍କୁଲ ବସାଇବା ପାଇଁ ନରିପୁରିଆ ଆଡ଼ ପକେଇଲେ ହାତଗିଲା ନେତାଏ ପ୍ରତିଶ୍ରୁତି ଛାଇ କରିଦେଲେ। ପୁଣି ଭୋଅଟ ଆଇଲା, ନେତାଏ ଆଇଲେ, ପ୍ରତିଶ୍ରୁତିର ଗଛବାଣ ଫୁଟାଇଲେ। ଗର୍ଜନ ଚଉଦ ଭାଗ ଦି ପାଆ, ବର୍ଷା ବିନ୍ଦୁ ନାସ୍ତି। ଇସ୍କୁଲ ତ ଦୂର କଥା, ଚାହାଳି ଖୁଣ୍ଟ ବି ଉପାଡି କର୍ମୀ ରୋଷେଇରେ ଜାଳିଦେଲେ।



ଏତେଦିନେ ନରିପୁରିଆଙ୍କ ଚେତା ପଶିଆ। ଘରେ ଘରେ ଚାନ୍ଦା କଥା ପଡିଲା। ସାଧମତେ ନଡ଼ା, ବାଉଁଶ, କାଠ ଯୋଗାଡ ହେଇଗଲା। ମାସକ ଭିତରେ ଇସ୍କୁଲଘର ଦି' ବଖରା ଛିଡ଼ା ହେଲା। ଶିକ୍ଷା ବିଭାଗକୁ ଧାଁ ଦଉଡ କରି ଶିକ୍ଷକ ପୋଷ୍ଟିଂ କରାଇଲେ। କେତେ ଅଫିସର ଗଲେଣି, ଫାଣ୍ଡି ଅଛି, କେତେ ଲୁଗା ଗଲାଣି ତଥାପି ଡ୍ୟାସ୍ ଅଛି। କେତେ ଶିକ୍ଷକ ଯିବା ପରେ ସେଠି ଆସି ପହଞ୍ଚିଲେ ଘଣ୍ଟୁ ସାଆରେ। ଶିକ୍ଷକତା କର୍ମ କମ୍; ଠାଉକାଗଣି ବେଶି। ଆସୁ ଆସୁ ଚଉଖାନି ନଜର ବୁଲେଇଲେ। ଏଇ କନ୍ଦର୍ପିଆ ପ୍ରକୃତି ପାଇଁ, ଘଣ୍ଟୁଙ୍କ ଦେହରେ ଜନାକାରିଆ ଛିଟା। ବଦଳି ଟାଇମ୍‌ର ଢେର ଆଗରୁ ତାଙ୍କ ଖୋଇ ପାଇଁ ବାରବାର ବଦଳି ହୁଏ। ଏ ସବୁ ତାଙ୍କର ଦିହସୁହା ହେଇଗଲାଣି।

ଘଣ୍ଟୁ ସାଆରେ ଆଖିରେ ଘାଇଲା ଇସ୍କୁଲ ହତାରେ ଥିବା କୂଅ। ଲୋକଙ୍କ ଶୋଷ ମେଣ୍ଟଣରେ ପୂରା ଭରସା ହେଇଆସିଛି। ଭିତରେ କାଳେ ପାତାଳଗଙ୍ଗା, ନ ହେଲେ ଏମନ୍ତ ମିଠା ପାଣି କେମନ୍ତେ ବାହାରନ୍ତା। ସେଇ କୂଅ ମୂଳେ ଯାବତ ନାରୀଙ୍କ ମେଳ। ଘଣ୍ଟୁଙ୍କ ଦୃଷ୍ଟିରେ ଏଇଠି ଯମୁନା ଯେମିତି ତହସିଲରୁ ଥାଇ ପଟ୍ଟା ପାଇ ଥୟ ହେଇଯାଇଛି। କାଖରେ କଳସୀ ଧରି ପାଣି ନେବାକୁ ଆସୁଥିବା ନାରୀମାନଙ୍କୁ ଏକ ଲୟରେ ଅନେଇ ରହେ ଘଣ୍ଟୁ ସାରଙ୍କ ସନ୍ଧାନୀ ଆଖି। ଭାବେ ଏଇଟା କୂଅ ମୂଳ ନୁହେଁ ତ, ଯମୁନା କୂଳ। ଏ କୂଳ ପାଣିରେ ଗାଆଁର ଲୋକଙ୍କ ଶୋଷ ମେଣ୍ଟେ ମାତ୍ର ପାଣି ଆଣିବାକୁ ଆସୁଥିବା ଝିଅ ବୋହୂଙ୍କୁ ବଗ ଧ୍ୟାନରେ ଅନେକ ରହିଲେ ବି ଘଣ୍ଟୁ ସାଆରଙ୍କ ଆଖିରେ ପିଛଡ଼ା ପଡ଼େନା। ପିଲାଙ୍କୁ ପାଠ ଦେଇ, କୂଅ ନାମକ ଯମୁନାକୂଳକୁ ଅନେଇ ଥାଆନ୍ତି ଘଣ୍ଟୁ ସାଆରେ। ମେଳି ମେଳି ହେଇ ରାଧା-ଲଳିତା, ବିଶାଖାମାନେ ତାଙ୍କ ଆଖିରସାୟନ ହୁଅନ୍ତି। କେବେ କେମିତି ଏକା ଏକା ରାଧାରାଣୀଏଁ ବି ଆସନ୍ତି। ଦିନେ ନଜର କଲେ, ଠିକ୍ ଖେଳଛୁଟି ବେଳକୁ କାଖେ କଳସୀ ଧାରଣ କରି ଆସୁଚି ଜଣେ ଏକେଲୀ ଗୋପିନୀ। ତା' ପିଲାକୁ ଏଇଠି ଆସି ଗେଲ କରେ, କୂଅ ପାଣିରେ ତା' ମୁହଁ ଧୋଇ ଦିଏ, ପିଠି ଆଉଁଶି ଦେଇ କାଖରେ ପାଣି ମାଠିଆ ଧରି ଗୃହଗମନ କରେ।

ଖେଳଛୁଟି ସମୟ ଆସିବାକୁ ପିଲାଙ୍କ ଠାରୁ ଘଣ୍ଟୁ ସାଆରେ ଆଉରି ଉଛନିଆ ହେଇ ଅନେଇଥାନ୍ତି। ସେ ତ ଇସ୍କୁଲର ହରତା କରତା ଦଇବା ବିଧାତା। ଏଣିକି ଖେଳଛୁଟି ଟାଇମ୍

ବଦଳିଗଲା । ସେଇ ଏକାକିନୀ ଆସିବା ଟାଇମରେ ଖେଳଛୁଟି ଭିଆଇଲେ ଘଣ୍ଟୁ ସାଆରେ ।

ଗୋଠ ଫିଟିଲେ ଗାଈ ଗୋରୁ ଉଦଣ୍ଡିଆ ହେବା ଭଳିଆ, ଖେଳଛୁଟିରେ ପିଲାଏ ଯେ ଯୁଆଡେ ଧାଁ ଦଉଡ ଆରମ୍ଭ କରିଦିଅନ୍ତି । ସୁଧାର ବାଛୁରି ପାଖରେ ପହଞ୍ଚିବା ଭଳିଆ, ଏକାକୀନୀର ପୁଅ ଘନା ଯାଇ ତା' ପାଖରେ ହାଜର । ଦୁଇ ଚାରି ଦିନ ଅପେକ୍ଷା କଲେ ଘଣ୍ଟୁ ମାଷ୍ଟ୍ରେ, ସେ ଜାଣିଚନ୍ତି ଯାଉଥାଳି ମଝିରେ ହାତ ଦେଇ ଅନେକ ବାର ହାତ ଫୋଟକା ହେଇଛି । ସମ୍ଭାଳିଗଲେ ଚାରିଦିନ, ପାଞ୍ଚଦିନ ଅବସ୍ଥା ଅସମ୍ଭାଳ । ତହୁଁ ଏକାକିନୀ ଆସିବା ବେଳେ ମୁହଁ ଧୋଇବା ପେଖନାରେ କୂଅମୂଳେ ହାଜିର ।

ଏକାକିନୀ ବି ସାଆରଙ୍କୁ ଆଡ ଆଡ ହେଲେ, ଓଢ଼ଣାଟାକୁ ଆଉ ଚାଖଣ୍ଡେ ମଥାକୁ ଟାଣିନେଲେ । ଘଣ୍ଟୁ ଆରମ୍ଭିଲେ - "ଘନା ତମ ପୁଅନା ? ଭଲ ସୁଧାର ପିଲାଟିଏ ପାଇଚ । ସବୁ ପାଠ ଭଲ, ଅଙ୍କଟାରେ ଖଇଚା । ଅଙ୍କଟା ଭଲ କଲେ, ସେ ନିଶ୍ଚୟ ଶ୍ରେଣୀରେ ଫାଷ୍ଟ ହୁଅନ୍ତା । ତାକୁ ଟିକେ ଯତ୍ନ କରିବା ଦରକାର ।"

**ପିଲାମାନେ ଗାଈଆଳ ନ ଥିବା ଗୋଠର ଗାଈଗୋରୁ ଭଳିଆ ଘଣ୍ଟୁଙ୍କ ଅନୁପସ୍ଥିତିରେ ରେ ରେ କାର କରି ଉଦଣ୍ଡା ଡେଇଁଲେ ।**

ଘଣ୍ଟୁସାଆରଙ୍କ ଏଇ ପଦେ କଥା ଶୁଣି, ଘନା ବୋଉ ମନରେ ଅଦିନିଆ ବିଜୁଳି ଚହଟିବା ଭଳିଆ ଘନାର ଭବିଷ୍ୟତ କଥା ନେଇ ଆଶାର ହାଇମାକ୍ସ ଲାଇଟ ଜଳିଲା ଯେମିତି । ଛେପ ଢୋକି କହିଲା ଆପଣେ ଯେବେ ଅନାନ୍ତେ, ଘନାଟା ମଣିଷ ହେଇଯାଆନ୍ତା । ଘନା ମାଆର ଏଇ ପଦେ କଥା ଶୁଣି ଘଣ୍ଟୁଙ୍କ ମନଟା ଏକବାରେ କୁତୁକୁତୁ । ଏଣିକି ଚୂନ ମାରି ଜାଲ ବୁଣିଲେ ମନେ ମନେ, କେମିତି ଘନା ମାଆ ସହିତ ଭାବଟା ଲଗେଇବେ ।

ଶ୍ରେଣୀରେ ପିଲାଏ ପଢ଼ନ୍ତି ଚକ-ଅଖ, କଳ-ନଳ । ଘଣ୍ଟୁ ମାଷ୍ଟ୍ରେ ଭାବନ୍ତି ଘନା ବୋଉ, ଖେଳଛୁଟି, ଖରାବେଳ । ବୋଉଠୁଁ କଥା ଶୁଣିବା ପରଠୁ, ଘନାକୁ ଆଦର କରନ୍ତି ଘଣ୍ଟୁ । ଘନା ଠୁଁ ଖୋଳତାଡ କରି ଖବର ନେଲେ, ଘନା ହେଉଛି ତାଙ୍କ ଘରେ ବିଶିକେସନ । ତା' ବାପା ସବୁଦିନେ ସାଇକେଲରେ ଅଫିସ ଯାଆନ୍ତି, ଆଠ ଦଶ ମାଇଲ ଦୂରକୁ । ଫେରନ୍ତି ସଞ୍ଜରେ । ଘନା ଘରେ ତା'ବୋଉ କେବଳ ଏକା । ସବୁ ହିସାବ ନେଇ ଘଣ୍ଟୁ ଦିନେ ଘନାକୁ କହିଲେ ତୋ ଗାର୍ଡିଆନ ସହିତ କଥା ଅଛି । ଘନା ଏକଥା ଘରେ କହିଲା । ଏକମାତ୍ର ପୁଅର ଭବିଷ୍ୟତ ଗଢ଼ିବା କଥା ଭାବି, ଘନା ବୋଉ ସେଦିନ ପାଣି ଆଣିବା ବେଳକୁ ଘଣ୍ଟୁ ସାଆରଙ୍କୁ ଡକାଇଲେ । ଖୋଜୁଥିବା ମଉକାଟା ମିଳିଗଲା ଘଣ୍ଟୁକୁ । କହିଲେ ଘନାଟା ଆଗକୁ ଭଲ କରିବ । ଯତ୍ନ କଲେ ସେ ବୃତ୍ତି ପାଇପାରେ । ତେଣିକି ତମ ଇଚ୍ଛା । ଏଠି କଥାବାର୍ତ୍ତା ଠିକ୍ ନୁହେଁ ।

ଘନା ବୋଉ କହିଲା ଆମ ଘର ଆଡ଼େ ଟିକେ ଆପଣଙ୍କ ପାଦ ପଡନ୍ତାନି ? ଘଣ୍ଟୁ ସାଆରଙ୍କ ଭିତରଟା ସମାନେ ଘାଣ୍ଟି ହେଇଗଲା । ମଲୁ ଖୋଜୁଥିବା ଜିନିଷକୁ ବଇଦ ତ ମଞ୍ଜୁର କରିଦେଲା । ବାହାରକୁ ଅନିଚ୍ଛା ବାହାନା କରି କହିଲେ, "ଏଇଟା ସିଙ୍ଗଲ୍ ଟିଚର ସ୍କୁଲ । ମତେ ବେଳ ନାହିଁ ? ତଥାପି ଘନଶ୍ୟାମର ଭବିଷ୍ୟତ ପାଇଁ ମତେ ଯିବାକୁ ହେବ । ଘଣ୍ଟୁ ପୂରା ଗଦଗଦ ହେଇଗଲେ । ଭାବିନେଲେ-

ରାଈ ବିନୋଦିନୀ କଣ୍ଟ ଦେଲେ । ସେଦିନ ଖେଳ ଛୁଟିରେ ଘନାକୁ ସାଙ୍ଗରେ ଧରି ମନରେ କାହ୍ନା କାହ୍ନା ଭାବ ନେଇ ଘଣ୍ଟୁ ଘନା ଘରେ ହାଜର । ଘନାକୁ ତାଗିଦ କଲେ- "ଯାଆରେ ବାବୁ ! ମୁଁ ଟିକେ କଥା ହେଇ ଫେରିବି । ହଁ ଶୁଣ, ବଦମାସୀ କରୁଥିବା ପିଲାଙ୍କ ନାଁ ଲେଖି ରଖିବୁ । ମୁଁ ପହଞ୍ଚିଲେ ସେମାନଙ୍କ କଥା ବୁଝିବି ।

ଗାଈଆଳ ନ ଥିବା ଗୋଠର ଗାଈଗୋରୁ ଭଳିଆ ଘଣ୍ଟୁଙ୍କ ଅନୁପସ୍ଥିତିରେ ରେ ରେ କାର କରି ଉଦଣ୍ଡା ଡେଇଁଲେ; ମହାକାର୍ତ୍ତିକର ହବିଷ୍ୟାଳୀଙ୍କ ଭଳି କେତେଟା ଊଣା ମନରେ ରହିଗଲେ । ଉଦଣ୍ଡିଆଙ୍କ ରାମ୍ପୁଡା, କାମୁଡା, ବେମୁରର୍ବା ଘରର ଛୁଆଙ୍କ ଭଳିଆ ଘୋ ଘୋଆ ରବରେ ଇସ୍କୁଲଟା ଯେମିତି କିଛି ସମୟ ପାଇଁ ମହାଭାରତ ପେଣ୍ଡାଲ ପାଲଟିଗଲା ।

ଘଣ୍ଟୁ ସାରଙ୍କ ଦେହରେ ଅଦିନିଆ କଦମ୍ବ, ମନରେ ବଣସାରୁର ପିଲ ଭଳିଆ କାମନାର ଅମାପ ଜାଗରଣ । ଘନା ଭଳି ପିଲାକୁ ଜନ୍ମ ଦେଇଥିବାରୁ ତା' ମାଆକୁ ପ୍ରଶଂସାର ସୁଅରେ ଉବୁଟୁବୁ କରିଦେଲେ । ଘନା ମାଆ, ଚା' କପ୍ ବଢ଼ାଇ ଦେଲେ, କପ୍ ମିଶା ହାତଟାକୁ କ୍ଷଣେ ଧରି ଛୁଆଁ ସୁଖ ନେଲେ ଘଣ୍ଟୁ । ଘଣ୍ଟୁଙ୍କ ଏମନ୍ତ ପ୍ରକାର କ୍ଷଣଟାଉକା ପଣ ଅନୁଭବ କରି;

ଘନା ମାଆ ଯାର ଛଉକାପଣକୁ କଳିନେଲା। ତଥାପି ଅତି କଅଁଳେଇ ବୋଇଲା - "ସାଆରେ ତମେ ସାହା ହେଲେ ଘନାଟା ମଣିଷ ହେଇ ଯାଆନ୍ତା ଇଏତ ଆମର ବାର ଘଡିରେ ଘଡିଏ ବି ଘରେ ରହନ୍ତିନି। ଦିନ ସାରା ଖୁଣ୍ଟ ପୋତା, ବିଜୁଳି ତାର ଟଣା, ରାତିରେ ଘରେ ପହଞ୍ଚିଲେ ଅଣ୍ଟା ବଥା, ଗୋଡ ବଥା ଘନାକୁ ଦେଖିବ କିଏ ?"

ଗୋଟାଏ ଦିଇଟା ତାଳିମାଡରେ ଜାଗୁଳେଇ ପାର୍ଟିର କଳାକାର ଉତ୍ସାହିତ ହେବା ଭଳିଆ ଘଣ୍ଟେ ଉତ୍ସାହିତ ହେଲେ। କହିଲେ - "ହଉ ଆଜିଠୁ ଘନା ଦାୟିତ୍ୱ ମୋର। ମୁଁ ତ ପଇସାପତ୍ର ଚାହୁନି, ଖାଲି ପଦେ ଅଧେ ମିଠା କଥା, ଟିକେ ଭାବନାବ-ବାସ୍-ଏତିକି।" ଏମନ୍ତ ମଧୁର ବାଣୀରେ ଘନା ମାଆକୁ ଅରମାପଣରେ ବାନ୍ଧିବାକୁ ଯାଇ, ତା' କାନି ଆଡ଼େ ହାତ ବଢ଼େଇବା ବେଳକୁ ଦାଣ୍ଡପଟେ ଶୁଣାଗଲା ସାଇକେଲ ଘଣ୍ଟିର ଟିଣ୍ ଟିଣ୍ ଶବଦ। ଘନା ମାଆ କହିଲା- "ସାଆରେ ସବୁ ସତ୍ୟାନାଶ। ଆମର ଇଏ ବୋଧେ ଆଇଲେଣି। ଏ ଘଣ୍ଟି ଶବଦ ଆମର, ମତେ ଏ ଶବଦ ଘଡି ଘଡି ପ୍ରାୟ ଲାଗୁଚି। ତମକୁ ଏଇ ଖରା ବେଳଟାରେ ଆମ ଘରେ ଦେଖିଲେ, ସେ ଖଣ୍ଡ ପ୍ରଳୟ କରିଦେବେ। ଅଦିନିଆ ଝଡର କୁଆପଥର ମାଡ ଭଳିଆ କ'ଣ ନାଇଁ କ'ଣ କରିଦେବେ। ତମେ ତ ମାଷ୍ଟ୍ରେ ଲୋକ, ମୁଁ ତ ମାଇପିଟାଏ ଛାର। ମତେ ତ ବୁଦ୍ଧିବାଟ ଦିଶୁନାହିଁ।"



ଚାଳ ଉପରେ ଶୁଖୁଥିବା ମାଇପିପିନ୍ଧା ଲୁଗାଟାକୁ ମାଷ୍ଟ୍ରଙ୍କ ଉପରକୁ ଫିଙ୍ଗିଦେଲା। ଘନା ମାଆ। କହିଲା "ଏଇଟାକୁ ଝଅଟ ଗୁଡେଇ ହେଇ, ମୁଣ୍ଡରେ ଓଢ଼ଣା ପକେଇ ଦିଅ। ସେପଟେ ମୁଁ ଚକିରେ ଅରୁଆଚାଉଳ ଚୁରୁଥିଲି, ସେଇଠି ଚାଉଳ ଚୁରୁଥା; ସେ ଆସି ପଳେଇଗଲେ, ସବୁ ଠିକ୍ ଠାକ୍ ହେଇଯିବ।"

ଓସ୍ତାଦ୍‌ଙ୍କ କଥାରେ ଯାତ୍ରା ପାର୍ଟିର କଳାକାର ବେଶ ହେବା ଭଳି, ଆଖି ପିଛୁଳାକେ ଘନା ମାଆ ଶାଢ଼ି ପିନ୍ଧି ଚାଉଳ ଚୂରିଲେ। ଘନା ବାପା ଅଗତ୍ୟା ପହଞ୍ଚିଲେ। ହଉ ଚା' ଟିକେ ପିଆଅ। ରଙ୍ଗିଆପାଟଣାରେ ଖୁଣ୍ଟ ପୋତାକୁ ନେଇ କଦର୍ଥ ହେଇଗଲା। ଆମେ ପଳେଇ ଆଇଚୁ। ପୁଣି ସେଇଠିକୁ ଯିବୁ। ଘନା ମାଆ ଅତି ସରାଗରେ ଚା' କପ୍ ଧରାଇଦେଲା। ତାଙ୍କ ଚକିର ପାଣିଖୁଣ୍ଟିଟା ଭାଙ୍ଗିଯାଇଛି, ସେଠି ପଡିଶା ଘର ସାଇବୋହୂ ଚାଉଳ ଚୁରୁଛି। ଘନା ବାପା ଚା' ପିଇ, କେତେ ପଦ କଥା ହେଇ ଘରୁ ବାହାରିବା ବେଳକୁ ଦିନ ତିନିଟା।

ଘଣ୍ଟୁ ସାଆରେ ଚକିରେ ଚାଉଳ ପେଶି ପେଶି, ଅଣ୍ଟା ପିଠି ଉଧେଇଲାଣି। କିଚକ ବଧର ଭୀମ ଭଳିଆ, ସାଙ୍ଗେ ସାଙ୍ଗେ ଶାଢ଼ିଟାକୁ ଫିଙ୍ଗି, ସେଥିରେ ମୁହଁ ପୋଛି ନେଲେ। ଭାବିଲେ ଆଜି ଶନି ଚଢ଼ିଚି ମୋ ରାଶିରେ। ନ ହେଲେ ଚାରି ସେର ଚାଉଳ ଚୂରୁ ଚୂରୁ ମୋ ଅବସ୍ଥା କଣ୍ଠାଗ୍ରତ। ଘନା ମାଆ କହିଲା- "ସାଆରେ ଆଜି ସବୁ ବିଗିଡିଗଲା, ମୁଁ ଖବର ପଠେଇବି ପୁଣି।"

ଶରୀର ଯନ୍ତ୍ରଣାଠାରୁ ମନର ବେଦନା ବଳିଗଲା। ଫେରି ଆସିଲେ ସ୍କୁଲ ଆଡେ। ପିଲାମାନଙ୍କ ଉତ୍‌ପାତର ଚିହ୍ନ ଦେଖିଲେ। ତାଙ୍କ ସାଇକେଲଟାକୁ ଜଗି ବସିଥିବା ଘନାକୁ ବଳେ ବଳେ ଟିକେ ଗେହ୍ଲା କରି ବିଦା କରିଦେଲେ। ଟେମ୍ପରାରି ପିତୃ ସ୍ନେହକୁ ଅଗତ୍ୟା ଥପ ବାରି, ସାଇକେଲ ଉଠାଇ ଘର ମୁହାଁ ହେଲେ।

ଚାରିଦିନ ପରେ ଘନା କହିଲା - "ସାଆରେ, ବୋଉ କହିଚି ଆମ ଘରକୁ ଯିବ।" ଘଣ୍ଟୁ ଶୁଣିଲେ, କଥାକୁ ଦିହରେ ଭେଦେଇଲେ। "ତୁ କାଲି ବୋଉକୁ ପଚାରି ଆସିବୁ, କେତେ ଚାଉଳ ରଖିଚି ?"

ଘଣ୍ଟୁ ଏତେ ଦିନେ ଜାଣିଲେ, ଘନା ମାଆ ଭଲ ପିଟୁଣିଟାଏ, ଚାଉଳ ଚୂରେଇ ମୋ ଜ୍ଞାନ ଦୋକାନର ସଟର ଖୋଲିଦେଲା।

ଘଣ୍ଟୁ ସାଆରଙ୍କ ଜ୍ଞାନଘରର ସଟର ଖୋଲି ଯାଇଥିଲା ଆପଣାଛାଏଁ, ବିବେକ ସୁଇଚ୍ ମାରୁ ମାରୁ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

**ପ୍ରବନ୍ଧ**

# ଉତ୍ତର ଓଡ଼ିଶା ଆଦିବାସୀ ଲୋକଗୀତରେ ପ୍ରକୃତି ଚେତନା



ଡ. ବିଦ୍ୟାଧର ବେହେରା

ଉତ୍ତର ଓଡ଼ିଶାର ଆଦିବାସୀ ଲୋକଗୀତରେ ପ୍ରାକୃତିକ ପରିବେଶ ସଂପର୍କରେ ଆଲୋଚନାଟି ମୁଖ୍ୟତଃ ତିନୋଟି ଉପାଦାନ ଉପରେ ନିର୍ଭରଶୀଳ ଅଟେ। ପ୍ରଥମତଃ ଆଦିବାସୀ ଲୋକଗୀତ, ଦ୍ୱିତୀୟରେ ସେଇ ଲୋକଗୀତରେ ପ୍ରାକୃତିକ ପରିବେଶର ପ୍ରତିଫଳନ ଏବଂ ତୃତୀୟରେ ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟ। ଲୋକଗୀତ ଲୋକ ସାହିତ୍ୟର ଗୋଟିଏ ପ୍ରମୁଖ ଅଂଶ। ସବୁ ଭାଷାରେ ମୌଖିକ ଭାବରେ ସ୍ୱତଃସ୍ଫୂର୍ତ୍ତଭାବେ ସାଧାରଣ ଗ୍ରାମୀଣ ବ୍ୟକ୍ତିମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ତଥା ସେମାନଙ୍କର ପରମ୍ପରା ବିଧିବିଧାନ ଦୈନନ୍ଦିନ ଜୀବନର ପ୍ରତିଫଳନ ସହ ଉତ୍ତରାଧିକାରୀ ସୂତ୍ରରେ ପରଗୀତିକୁ ସ୍ୱତଃ ପ୍ରଦାନ କରି ଯାଇଥିବା ଗୀତ, କାହାଣୀ, ପ୍ରବାଦ, ପ୍ରବଚନ, ନୀତି, ଉପଦେଶ ଆଦି ଲୋକ ସାହିତ୍ୟର ଅନ୍ତର୍ଭୁକ୍ତ। ଆମ ଓଡ଼ିଶାରେ ଓଡ଼ିଆ ଭାଷାରେ ଉନବିଂଶ ଶତାବ୍ଦୀରୁ ସଂଗୃହୀତ ହୋଇ ଆସିଥିବା ଏ ସମସ୍ତ ବିଭବ ବିଶ୍ଳେଷଣ କଲେ ସାମାଜିକ ଓ ସାଂସ୍କୃତିକ ବିବର୍ତ୍ତନର ସୋପାନ ଉପଲବ୍ଧି କରିହୁଏ। ଏଠାରେ ସୂଚାଇଦିଆଯାଇପାରେ ଯେ ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ ଭାବରେ ଏକ ମିଶ୍ରିତ ସାଂସ୍କୃତିକ ବିଭବର ଅଧିକାରିଣୀ। କେତେକ ଆଦିବାସୀ ସଂପ୍ରଦାୟଙ୍କର ନିଜସ୍ୱ ମୌଖିକ ଭାଷା ରହିଛି। ଆଉ କେତେକ ସଂପ୍ରଦାୟର ଭାଷା ଏଠାକାର ବିଭିନ୍ନ ସ୍ଥାନ ଭେଦରେ ପ୍ରଚଳିତ ଓଡ଼ିଆ ରୂପରେ ପ୍ରଚଳିତ। ସ୍ୱତନ୍ତ୍ର କଥିତ କିମ୍ବା ଏକ ଲିଖିତ ରୂପଧରିଥିବା ସଂପ୍ରଦାୟ ମାନଙ୍କ ଭାଷାରେ ମଧ୍ୟ ସାଂସ୍କୃତିକ ସ୍ପର୍ଶରେ ଅନେକ ଓଡ଼ିଆ ଶବ୍ଦ ଓ ବାକ୍ୟ ରହିଅଛି। ସେଗୁଡିକର ବିଚାର ବିଶ୍ଳେଷଣ କଲେ ସମାଜ, ସଂସ୍କୃତି, ପରମ୍ପରା, ବିଶ୍ୱାସ ସହର ସାହିତ୍ୟିକ ଗଣ ପ୍ରକାଶ କରିଥିବା ଭଙ୍ଗୀ ଜଣାଯାଏ। ସେହି ଦୃଷ୍ଟିରୁ ଏଠାରେ କେବଳ ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଏବଂ ଲୋକସଂଖ୍ୟା ବହୁଳ ଥିବା କେତେକ ସଂପ୍ରଦାୟର କେବଳ ଲୋକଗୀତ ଆଲୋଚନା ପରିପ୍ରେକ୍ଷୀରେ ସେମାନଙ୍କର ଜୀବନ ପରିଚର୍ଯ୍ୟା ମଧ୍ୟରେ ପ୍ରାକୃତିକ ପରିବେଶ ସହ ଏକାତ୍ମ୍ ଆତ୍ମୀୟ ଉପାଦାନ ସ୍ପଷ୍ଟ ବାରିହୋଇପଡେ।

**ସ୍ୱତନ୍ତ୍ର କଥିତ କିମ୍ବା ଏକ ଲିଖିତ ରୂପଧରିଥିବା ସଂପ୍ରଦାୟ ମାନଙ୍କ ଭାଷାରେ ମଧ୍ୟ ସାଂସ୍କୃତିକ ସ୍ପର୍ଶରେ ଅନେକ ଓଡ଼ିଆ ଶବ୍ଦ ଓ ବାକ୍ୟ ରହିଅଛି।**


ଏଠାରେ ଉତ୍ତର ଓଡ଼ିଶା ଭାବରେ ଆଦିବାସୀ ବହୁଳ କେନ୍ଦୁଝର, ମୟୂରଭଞ୍ଜ ଓ ମୟୂରଭଞ୍ଜ ସଂଲଗ୍ନ ନୀଳଗିରି ପ୍ରଭୃତି ଆଦିବାସୀ ବନାଞ୍ଚଳକୁ ବିଚାର କରାଯାଇପାରେ। ସଂପ୍ରତି ଏ ଅଞ୍ଚଳରେ ୨୫ ଲକ୍ଷରୁ ଅଧିକ ଆଦିବାସୀ ସଂପ୍ରଦାୟ ଲୋକ ହେବା ଅନୁମେୟ। ଓଡ଼ିଶାରେ ୬୩ ପ୍ରକାରର ଆଦିବାସୀ ସଂପ୍ରଦାୟ ବସବାସ କରୁଥିଲେ ହେଁ ଏଠାରେ କିଛି ଅଧିକ ଜନସଂଖ୍ୟା ସହ ପ୍ରାୟ ୨୨ଟି ସଂପ୍ରଦାୟ ବସବାସ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ବାଥୁଡି, ଭୂୟା, ଜୁଆଙ୍ଗ, ଭୂମିଜ, ଗଣ୍ଡ, ହୋ, ଖରିଆ, କୋହ୍ଲ, ମାଙ୍କିଡିଆ, ମୁଣ୍ଡା, ମୁଣ୍ଡାରୀ, ଓରାନ, ସାନ୍ତାଳ, ଶବର, ସାଉନ୍ତି ପ୍ରଭୃତି ଉଲ୍ଲେଖଯୋଗ୍ୟ।

ଉପରୋକ୍ତ ପ୍ରେକ୍ଷାପଟ୍ଟରେ ଉତ୍ତର ଓଡ଼ିଶାର ମୁଖ୍ୟ ଜନଜାତି ମାନଙ୍କର ଲୋକଗୀତର ଉଦାହରଣ ଓ ତାହାର ପୃଷ୍ଠଭୂମି ସହ ପ୍ରାକୃତିକ ପରିବେଶର ଉପାଦାନ ଅନୁଧ୍ୟାନ କରାଯାଇପାରେ। ଆଦିବାସୀ ସାହିତ୍ୟ ମୁଖ୍ୟତଃ ମୌଖିକ ପରମ୍ପରା ଉପରେ ପ୍ରତିଷ୍ଠିତ।

**ଜୁଆଙ୍ଗ**

ଚାଙ୍ଗୁ ନୃତ୍ୟ ଜରିଆରେ ପ୍ରକୃତି ଓ ପରିବେଶକୁ ଅନେକତ୍ର ସେମାନେ ଅନୁସରଣ କରିଥାଆନ୍ତି। ଜଙ୍ଗଲର ପଶୁପକ୍ଷୀମାନଙ୍କ

ଅଙ୍ଗଭଙ୍ଗୀକୁ ସେମାନେ ଲକ୍ଷ୍ୟ କରି ନୃତ୍ୟରେ ସେହିପରି 'ପାଳି' କରିଥାଆନ୍ତି ଯଥା- ଭାଲୁ ନାଚ, କପୋତ ନାଚ, ପାରା ନାଚ, ହରିଣ ନାଚ ପ୍ରଭୃତି ରହିଥିଲା। ଯାହା ଇ.ଟି ଡାଲ୍‌ଟନ ଓ ଭେରିୟର ଏଲ୍‌ଉଇନ୍ ଉଲ୍ଲେଖ କରିଛନ୍ତି। ସେହି ଚାଙ୍ଗୁ ନୃତ୍ୟରେ ଗୀତ ମଧ୍ୟ ସ୍ୱର ଧରି ବୋଲାଯାଇଥାଏ। ସେମାନଙ୍କର ନିତିଦିନିଆ ଜୀବନରେ ତାଙ୍କ ଚତୁଃପାର୍ଶ୍ୱରେ ରହିଥିବା ପରିବେଶ ଓ ପ୍ରକୃତିକୁ ସେମାନେ ଅନୁସରଣ କରି ଥାଆନ୍ତି। ଅବଶ୍ୟ ଲୋକଗୀତ ଗୁଡିକରେ ସାମାଜିକ ଦୃଶ୍ୟାବଳୀ ପାରିପାର୍ଶ୍ୱିକ ଘଟଣା ସହ ଆଂଶିକ କିମ୍ବା କେତେକ ସ୍ଥାନରେ ପୂର୍ଣ୍ଣ ଭାବରେ ପ୍ରକୃତି ଓ ପରିବେଶକୁ ଅନୁସରଣ କରାଯାଇଥିବା ଜଣାଯାଏ। ଜୁଆଙ୍ଗ ସଂପ୍ରଦାୟର କେତେକ ଲୋକଗୀତର ଉଦାହରଣ ନିମ୍ନରେ ପ୍ରଦାନ କରାଯିବାର ଉପକ୍ରମ ହୋଇଛି:-



୧ – ଶିଶିର ର ଡାକଡା ଲାଜାଜ୍ ଲୋ ବାଙ୍ଗରୀ
ଶିଶିର ଡାକଡା ଲାଜାଜ୍
ଲାଜାଜ୍ ଜଳେ ଜଳେ ଇଣଲୋ
ଜଳେଇ ଆପଣାମା କାଟେକେ
ଲାଲାଜୁଆଁ କୁ ସେକେ ଲୋ ବାଙ୍ଗାରୀ
ବିରିମିକିବାନ ଏରାତେ

ଏହାର ଭାବାର୍ଥ ହେଉଛି ଟୋପା ଟୋପା ଶିଶର ଉପରେ ସୂର୍ଯ୍ୟ କିରଣ ପଡି ନିଆଁ ଜଳିବା ପରି ଦେଖାଯାଉଅଛି ରେ ବାଙ୍ଗର। ନିଆଁ ଜଳୁ ଜଳୁ ଦେହ ମଧ୍ୟ ଜଳୁଛି ଓ ଆତ୍ମାକୁ ବୁଝୁଛି। ଜୁଆଙ୍ଗ ଯୁବକ ଯୁବତୀଙ୍କ ମଧ୍ୟରେ ବାର୍ତ୍ତାଳାପଟି ସେମାନଙ୍କର ସରଳ ମନରେ ସୁନ୍ଦର ପ୍ରକୃତିର ଛାପକୁ ଅନୁଭବ କରି ଲୋକଗୀତ ଜରିଆରେ ଅନ୍ୟକୁ ଜଣାଉଛନ୍ତି। ବଣ ଜଙ୍ଗଲ ପରିବେଶରେ ବସବାସ କରୁଥିବା ସେମାନଙ୍କ ନିତିଦିନିଆଁ ପାରିପାର୍ଶ୍ୱିକ ଦୃଶ୍ୟ ସେମାନଙ୍କୁ ପ୍ରଭାବିତ କରିବା ସ୍ୱାଭାବିକ ଅଟେ।

୨. ଭଳି ଚୁଲିଆ ନାଳ କାନ୍ତଆ ନିଞ୍ଜିଆ ସାନ ଗାଆଁ
ପାକୁଟିଆ ଡେରେନ୍ ଜାମୁ, ବାଂଗରରୁ ଲାଗେରେ ମୁଦୁର
ଜଳାୟା ତେଳଂ ମନ କୁସିତେ ଲଟାତେ କେଳେ ଜୁଳି
ଗଡାକ୍ ଏକା ନ ତେ କିଡ଼ି ଫସଲ ପଳେ ବାରଜାତି
ବଣଆ ରାଗିଂ କନ୍ତେର୍‌ଆ କେରାବ ଅଂଚବେ ବିଡିଆର....

ଏହାର ଭାବାର୍ଥ ହେଉଛି ନିଜ ଗାଆଁ ବିଷୟରେ ଗୀତର ସ୍ୱରରେ କହୁଛନ୍ତି ପାହାଡ ତଳର ନାଳକୂଳରେ ତାଙ୍କର ଛୋଟିଆ ଗାଆଁଟି। ପାଖ ଜଙ୍ଗଲର କେନ୍ଦୁ ଜାମୁ କୁସୁମ ସୁଆଦିଆ ଲାଗେ। ଗାଧୁଆ ସାରି ନାଳରୁ ମାଛ କଙ୍କଡା ଧରି ଆଣେ। ସେମାନଙ୍କର ଜଙ୍ଗଲ ନିର୍ଭରଶୀଳତା, ଖାଦ୍ୟ ସଂଗ୍ରହ କାଳର ଦୃଶ୍ୟ ଏବଂ ଜୁଆଙ୍ଗ ସଂପ୍ରଦାୟର ମାଛ କଙ୍କଡା ଧରିବା ଭିତରେ ପାରମ୍ପରିକ ଶିକାର ଆନନ୍ଦକୁ ସେମାନେ ମାଛକଙ୍କଡା ଧରିବା ଭିତରେ ଲାଭ କରନ୍ତି। ସେମାନଙ୍କର ଗାଆଁର ପରିବେଶ ଓ ପ୍ରକୃତି ମଧ୍ୟ ସରଳ ଗୀତ ଜରିଆରେ ଚାଙ୍ଗୁ ନୃତ୍ୟରେ ରୂପାୟିତ।

**ଭୂୟାଁ ସଂପ୍ରଦାୟ**

କେନ୍ଦୁଝର ଜିଲ୍ଲାର ପ୍ରଭାବଶାଳୀ ଜନଜାତି ସଂପ୍ରଦାୟ ହେଉଛନ୍ତି 'ଭୂୟାଁ' ମାନେ। ଗଡଜାତ ପ୍ରଶାସନ ସହ ସେମାନଙ୍କର ଥିଲା ନିବିଡ ସଂପର୍କ। ଆଦିମତା ଥିବା ପାହାଡି ଭୂୟାଁମାନେ ବଣଜଙ୍ଗଲ ପାହାଡ ଉପତ୍ୟକା ଗୁଡିକରେ ବସବାସ କରିଥାଆନ୍ତି। ସମତଳ ଅଞ୍ଚଳରେ ରହୁଥିବା ଭୂୟାଁମାନେ ପରମ୍ପରାର ଓ ପରିବର୍ତ୍ତନର ସନ୍ଧିକ୍ଷଣରେ ଉପନୀତ। ପୋଡୁଚାଷ ପାହାଡି ଭୂୟାଁମାନଙ୍କର ଏବେ ବି କିଛି ପରିମାଣରେ ରହିଛି। ଯଦିବା ସେମାନେ ମୁଣ୍ଡାରୀ ପ୍ରଜାତି ଶ୍ରେଣୀରେ ଅନ୍ତର୍ଭୁକ୍ତ, ସେମାନଙ୍କର ଭାଷା ସମୟଚକ୍ରରେ ହଜିଯାଇଥିବା ଜଣାଯାଏ। ସ୍ଥାନୀୟ ଅଞ୍ଚଳର ଇଣ୍ଡୋ-ଏରିଆନ୍ ପରିବାରର ଭାଷା ସେମାନେ ବ୍ୟବହାର କରୁଅଛନ୍ତି। ଅବଶ୍ୟ ସ୍ଥାନ ଭେଦରେ, ସାମାଜିକ ଓ ଶିକ୍ଷାଗତ ସ୍ଥିତି ଅନୁଯାୟୀ ଉଚ୍ଚାରଣଗତ ପ୍ରାର୍ଥକ୍ୟ ଏମାନଙ୍କର ପରିଦୃଷ୍ଟ ହୋଇଥାଏ। 'ଚାଙ୍ଗୁ' ବାଦ୍ୟଯନ୍ତ୍ର ସହ 'ଚାଙ୍ଗୁ' ନୃତ୍ୟ ସେମାନଙ୍କର ସାଂସ୍କୃତିକ ଜୀବନର ଏକ ଅଭେଦ୍ୟ ଅଙ୍ଗ ଥିଲା।

ଏ ପରିପ୍ରେକ୍ଷୀରେ ସେମାନଙ୍କ ଲୋକଗୀତର କେତୋଟି ଉଦାହରଣ ଦିଆଯାଇପାରେ। ସାଧାରଣ ଓଡ଼ିଆ ଭାଷା ପରି

ତାଙ୍କର ଲୋକଗୀତ ଗୁଡିକ ମଧ୍ୟ ପ୍ରସିଦ୍ଧ।

"ବରପତ୍ର ଧଳା ଧଳା
ଏଇ ଗଛ ମୂଳେ ଦେଖିଲି ଭାଲୁ ନାନୀର
ପିତାଳୁ ବଇଁଙ୍ଗା ଆଳୁ
ଖୁଳାଥିବ ଯେବେ
ନିଇତି ମିଳୁ, ନାନୀଲୋ
ପୂର୍ବ ପୁରୁଷ କାଳୁ।
ଝୋଲା ତଳେ ଝରଣା ସରସର
ମେଞ୍ଚ ମେଞ୍ଚା ମାଛ ଗିରଉଥାଉଁ
ବେଳଉଡା ଯାଏ, ନାନୀଲୋ
ଗାଆଁକୁ ଲେଉଟୁ ତରତର।

ଅତି ସରଳ ଭାବେ ଲୋକଗୀତଟିରେ ରହିଛି ସେମାନଙ୍କର ନିତିଦିନିଆ ଜୀବନର ଚିତ୍ର। ଅରଣ୍ୟରୁ ସଂଗୃହୀତ ବଣ ଆଳୁ, ପିତାଳୁ, ପ୍ରଭୃତି ତାଙ୍କର ଖାଦ୍ୟ ଭାବରେ ବ୍ୟବହାର କରୁଥିଲେ। ଖାଦ୍ୟ ସଂଗ୍ରହ କାଳର ପରାକାଷ୍ଠା ଏବେ ଯାଏ କିଛି କିଛି ମାତ୍ରାରେ ରହିଛି। ଝୋଲାତଳ ଜଙ୍ଗଲି ଝରଣାରୁ ମାଛ ଧରିବା ଚିତ୍ର ଜରିଆରେ ଏକ ପ୍ରାକୃତିକ ସରଳ ପାରଂମ୍ପରିକ ଆନନ୍ଦକୁ ସେମାନେ ସ୍ୱତଃ ସ୍ପୃଷ୍ଟ ଗୌଣିକ ଗୀତ ଭିତରେ ପ୍ରକାଶ କରିଥାଆନ୍ତି। ତାଙ୍କର ପ୍ରକୃତି ଓ ପରିବେଶ କେବଳ ଲୋକଗୀତରେ ପ୍ରକାଶ ପାଇନାହିଁ ବରଂ ତାହା ସହିତ ଏକାତ୍ମ୍ ଭାବନା ହେଉଛି ତାଙ୍କ ସଂସ୍କୃତିର ଅଭିନ୍ନ ଉପାଦାନ।

ଅଶିଣ ଗୁଣ୍ଡି ଆଘାସ
ଗୁଜି ନଙ୍ଗଳେ
କରନ୍ତି ଚାଷ
ଭୁଦ ଉପାସିଆ ମାସ।

ଜଙ୍ଗଲ ପ୍ରକୃତି ସେମାନଙ୍କ ଜୀବନଧାରାର ନିବିଡ ଉପାଦାନ। ପାରମ୍ପରିକ ଶିକାର ସେମାନଙ୍କର ଅଭ୍ୟାସ। ଧନୁତୀର, ଟାଙ୍ଗିଆ ସେମାନଙ୍କର ଆୟୁଧ।

"ବିନ୍ଧାନେବ ଆମର ଲେପାଧୁନାକୀ
ସମ୍ବର ଆଖି ଦେଖି, କଣ ଦେଖି
ପେଟ ଦେଖି, ଆଖି ଦେଖି
ଲେପା ଧୁନ୍‌କୀ।"

ଜଙ୍ଗଲରୁ ବାର୍‌ହା ସମ୍ବର ପ୍ରଭୃତିଙ୍କୁ ଧନୁତୀରରେ ଠିକ୍ ସ୍ଥାନରେ ବିନ୍ଧି ସେମାନଙ୍କ ଭିତରୁ ଥିବା ଅଭିଜ୍ଞ ଶିକାରୀମାନେ ଶିକାରରେ ସଫଳତା ପାଆନ୍ତି। ତାହାରି ଆନନ୍ଦ ଏ ଲୋକଗୀତରେ ପ୍ରକଟିତ। ମୋଟ ଉପରେ ପ୍ରକୃତିର ଓ ପରିବେଶର ଚିତ୍ର ସେମାନଙ୍କର ପ୍ରବାଦ ପ୍ରବଚନ ପରି ଲୋକକଥା ଗୁଡିକରେ ମଧ୍ୟ ବେଶ୍ ଉପଲବ୍ଧି କରିହୁଏ।

**ପରିବେଶର ଚିତ୍ର ସେମାନଙ୍କର ପ୍ରବାଦ ପ୍ରବଚନ ପରି ଲୋକକଥା ଗୁଡିକରେ ମଧ୍ୟ ବେଶ୍ ଉପଲବ୍ଧି କରିହୁଏ।**

**ସାଉନ୍ତି**

ବିଭିନ୍ନ ପ୍ରକାରର ଆଦିବାସୀ ସଂପ୍ରଦାୟ ପାରସ୍ପରିକ ପଡୋଶୀ ଭାବେ ବାସ କରିଆସୁଥିବା ଏବଂ ପାଣିଛୁଆଁ ଗୋଷ୍ଠୀମାନଙ୍କର ଏହି ସମ୍ମିଶ୍ରଣରୁ 'ସାଉଁନ୍ତି' ଜନଜାତି ସୃଷ୍ଟି ହୋଇଥିବା କୁହାଯାଏ। ଷୋଡଶ ଶତାବ୍ଦୀରେ ପ୍ରଥମେ କେନ୍ଦୁଝର ରାଜା ପ୍ରଶାସନ ପୃଷ୍ଠ ପୋଷକତାରେ ଏହାର ପ୍ରାରମ୍ଭ ବୋଲି ବିଚାର କରାଯାଉଅଛି। ଇଣ୍ଡୋ-ଏରିଆନ ପରିବାର ଭୁକ୍ତ ଉକ୍ତ ଗୋଷ୍ଠୀରେ ବୋଧହୁଏ ଏଠିକାର ଭୂୟା, ବାଥୁଡି, ଭୂମିଜ, ଶିଅର ମାନଙ୍କର ମିଶ୍ରଣ ଘଟିଥାଇପାରେ। ଯାହା ହେଉ ସ୍ଥାନୀୟ ଓଡ଼ିଆ ଭାଷା ସେମାନଙ୍କର ବ୍ୟବହାରିକ ମାଧ୍ୟମ। ଯଦିଓ ବିଭିନ୍ନ ସ୍ଥାନ ଭେଦରେ ଉଚ୍ଚାରଣ ପାର୍ଥକ୍ୟ କିଛି ପରିମାଣରେ ରହିଅଛି। ସମତଳ ଚାଷ ସେମାନଙ୍କର ମୁଖ୍ୟ ବେଉଷା ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଅର୍ଥଉପାର୍ଜନର ମାଧ୍ୟମ ସେମାନଙ୍କର ରହିଛି। କରମା ପୂଜା, ଆଷାଢ଼ୀ, ନୂଆଖିଆ, ଆମ୍ବନୂଆ, ମାଘପୋଡି ପ୍ରଭୃତି ପର୍ବ ସହ ସାଧାରଣ ପର୍ବପର୍ବାଣି ମଧ୍ୟ ସେମାନେ ପାଳନ କରିଥାଆନ୍ତି। ମାଛ ଧରିବା, ଛଢ଼େଇ ଧରିବା ପ୍ରଭୃତି ସେମାନଙ୍କର ଶିକାର ପରମ୍ପରାରେ ଆନନ୍ଦ ସୃଷ୍ଟି କରେ। ତାଙ୍କ ସରଳ ଜୀବନ ମଧ୍ୟ ପ୍ରକୃତି ପରିବେଶ ଦ୍ୱାରା ବିଶେଷ ପ୍ରଭାବିତ। ତେଣୁ ସେମାନଙ୍କର ଲୋକଗୀତି ଗୁଡିକରେ ଏହା ପ୍ରତିବିମ୍ବିତ ହେବା ସ୍ୱାଭାବିକ। ଯଥା-

ନଈ ପାଣି କୁଳୁକୁଳୁ
ମୁଇଁ ତ ସିଆଣି ବାଳୁତ ବେଳୁ
ନଈ ପାଣି ଖଳଖଳ
ମୋ ମାମୁଁ ଘର ପାହାଡ ତଳ
ପାହାଡ ତଳରେ ଶିମୁଳୀଗଛ

ଅଗର କରେ ଗିରିଧିନୀ ବାସ

ଏବେ ଗୀଧ ଲୁପ୍ତପ୍ରାୟ। ସେମାନେ ଅରଣ୍ୟର ଉଚ୍ଚ ଶିମୁଳି ଗଛରେ ସାଧାରଣ ଭାବେ ବସ କରୁଥିଲେ। ପରିବେଶ ଭିତରେ ପଶୁପକ୍ଷୀଙ୍କର ଉପସ୍ଥିତି ଉକ୍ତ ଲୋକଗୀତ ମଧ୍ୟରେ ନଇ ନାଳ ପାହାଡକୁ ନେଇ ରହିଛି।

କୁଟୁଣି ତ କୁଟୁଣି କାଠ ବାଉଁଶର କୁଟୁଣି
ବରର ଭଉଣିକେ ଡାକି ଦିଅନେ ଘିଞ୍ଚିଦେବି ନୁଟୁଣି
ଡଲାଯେ ଡଲାଯେ କାଠ ବାଉଁଶଣ ଡଲ
ବରପିଲାଟା ବସିଛି ଯେ ମୁହଁଟା କରି ଡେଲା
ଧାନ ତ ଧାନ ଖେତୁଡି କନ୍ଧା ଧାନ
ବରପିଲାଟା ବରପିଲାଟା ହୁଏ ଛନ୍ନ ଛନ୍ନ।

ସେମାନଙ୍କର ଗୃହ ଉପକରଣ ତିଆରି ପାଇଁ ଅରଣ୍ୟରୁ ସଂଗୃହୀତ, କାଠ, ବାଉଁଶ ପ୍ରଭୃତି ଅନେକ କାମରେ ଲାଗେ। ସାଧାରଣତଃ ସ୍ତ୍ରୀ ମାନଙ୍କର ଦୈନନ୍ଦିନ ଚଳଣି ପାଇଁ ଯେଉଁ କୁଲା, ଛାଞ୍ଚୁଣି, ଡଲା, ଠେକା ପ୍ରଭୃତିର ଆବଶ୍ୟକତା ପଡେ ତାହା ନିକଟସ୍ଥ ଜଙ୍ଗଲରୁ ଅଣାଯାଇ ଅଭିଜ୍ଞ ଶ୍ରମିକମାନେ ତିଆରି କରିଥାଆନ୍ତି। ତେଣୁ ଗେଲବସର ଗୀତ ଗୁଡିକରେ ନିତିଦିନିଆ ଜୀବନର ଛାପ ଜରିଆରେ ପ୍ରକୃତି ଓ ପରିବେଶ ଆଂଶିକ ଭାବେ ପ୍ରକାଶିତ।



**ଗଣ୍ଡ ସଂପ୍ରଦାୟ**

ଅନ୍ୟ ଏକ ପ୍ରଗତିଶୀଳ, ଅର୍ଥନୀତିରେ ଏବେ ଆଗୁଆ ଥିବା "ଗଣ୍ଡ" ସଂପ୍ରଦାୟ ବହୁ ଲୋକବାସ କରନ୍ତି। ତାଙ୍କର ନିଜସ୍ୱ ଭାଷା 'ଗୋଣ୍ଡି' ଭାଷା ବୋଲି କୁହାଯାଏ। ଭାରତରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ଏମାନେ ରହିଆସିଛନ୍ତି ଏବଂ ସେଠାକାର ଭାଷାରେ ଏବେ ଭାବବିନିମୟ କରୁଅଛନ୍ତି। "ଗୋଣ୍ଡି" ଭାଷାଟି ଦ୍ରାବିଡିୟାନ ପରିବାରର ଅନ୍ତର୍ଗତ କେନ୍ଦୁଝରରେ ସେମାନେ ସ୍ଥାନୀୟ ଭାଷାରେ କଥାବାର୍ତ୍ତା ସହ ସଂସ୍କୃତି ଗଠନ କରିଅଛନ୍ତି। କେବଳ ଉକ୍ତ ଭାଷାର ସ୍ଥାନୀୟ ଉଚ୍ଚାରଣଗତ ପ୍ରଭେଦ ସାମାନ୍ୟ ପରିମାର୍ଜିତ ହୋଇଛି। ସେମାନଙ୍କର ସ୍ଥିର ଓ ସମତଳ କୃଷି ଓ ଚାରଣ ବ୍ୟବସାୟ ରହିଛି। ବଣ ଜଙ୍ଗଲ ସହ ଆତ୍ମୀୟତା ଏକାନ୍ତ ଭାବେ ରହିଅଛି ଏବଂ ସେମାନେ ନିଜ ସଂପ୍ରଦାୟ ପ୍ରତି ବିଶ୍ୱସ୍ତ ପ୍ରାୟ ଅଟନ୍ତି। ପ୍ରକୃତି ଓ ପରିବେଶ ସେମାନଙ୍କ ଜୀବନର ପ୍ରତ୍ୟେକଟି ଦିଗକୁ ପ୍ରଭାବିତ କରିଆସିଅଛି। ସେମାନେ ବିଭିନ୍ନ ସମୟରେ ଗାଉଥିବା କେତୋଟି ଲୋକଗୀତର ଉଦାହରଣ ଏଠାରେ ପ୍ରଦାନ କରଯାଇପାରେ-

"ଆକାଶେ ଦିଶେ ଯେ ତାରା
ତୁମକେ ଝୁରୁଛଇ ଜୀବନ ସାରା
ଫଗୁଣେ ଆସିବ ପରା
ବଣରେ ପ୍ରକଟ କୁରୁସୀ ଫୁଲ
ମହୁଲ ଫୁଲ ଓ ଟୁଲ
ଗାଆଁ ମୁଣ୍ଡ ନଈଧାରେ
ହୋଇବା ଗେହ୍ଲ
ରାବଣଶର ଧାନ
କେଣ୍ଡା କେଣ୍ଡା
ବିଲ ବଛା ବେଳେ
ଦେଖିବ ଗେଣ୍ଡା
କେଶରୀ କୁଣ୍ଡରେ ଦେଖା ହେବ ଲୋ
ଆଣିବୁଲୋ ଦୁଇ ଚାରିଟି ଗଣ୍ଡା ମକର ମୁଣ୍ଡା"

ଆକାଶର ପ୍ରକୃତି ସହ ବସନ୍ତ ଋତୁର ଫଗୁଣ ମାସ ଆସିଲେ ବାହାଘର ଭେଟଘାଟ ହୁଏ। ବଣ ଜଙ୍ଗଲର ସୁନ୍ଦର ସୁନ୍ଦର ଗୁରୁସୀ, ମହୁଲଫୁଲ ଗିଲିରିଫୁଲ ଇତ୍ୟାଦି ସେମାନଙ୍କର ପୂର୍ବର ଅରଣ୍ୟ ଆତ୍ମୀୟତାକୁ ସୂଚାଇଦିଏ। ମେଘମାଳ, କାବିରି, ରଟାଶାଳି, ଶାଳଫୁଏ, ତୁଳସୀଫୁଲ ପ୍ରଭୃତି ବିଭିନ୍ନ ପ୍ରକାରର ନାମ ଥିବା ପରମ୍ପରାଗତ ସମତଳ ଧାନ ଚାଷ ସେମାନଙ୍କର ବେଉସା ଥିଲା। ଏଠାରେ ରାବଣଶର ମଧ୍ୟ ଏକ ସୁନ୍ଦର ଅମଳକ୍ଷମ ଧାନ। ସେହିପ୍ରକୃତି ଓ ନଦୀ ପ୍ରଭୃତି ସେମାନଙ୍କର ଜୀବନର ଉଲ୍ଲାସ। ମଣ୍ଡାପିଠା ମଧ୍ୟ ଏଠାକାର ପ୍ରିୟ ଯାହା ବିଶେଷ ଭାବରେ ମକର ବେଳେ କରିତାନ୍ତି। ଉପରୋକ୍ତ ଲୋକଗୀତ ଗୁଡିକରେ ପ୍ରକୃତି ରୂପାୟିତ।

**ବାଥୁଡି ସଂପ୍ରଦାୟ**

କେନ୍ଦୁଝର ଜିଲ୍ଲାର ବାଥୁଡି ସଂପ୍ରଦାୟ ଏବଂ ସେମାନଙ୍କର ସଂସ୍କୃତି ଅନନ୍ୟ ଅଟେ। ସେମାନଙ୍କର ମୂଳଭାଷା ଶହ ଶହ

ବର୍ଷ ଭିତରେ ପରିବର୍ତ୍ତିତ ହୋଇଅଛି । ସମତଳ ଚାଷ ଓ ପଶୁପାଳନ, ଅରଣ୍ୟ ନିର୍ଭର ଶଇଳତା ପ୍ରଭୃତି ରହିଥିଲା । ଏବେ ଉଚ୍ଚଶିକ୍ଷା ଲାଭ କରି ଉଭୟ ମୟୂରଭଞ୍ଜ ଓ କେନ୍ଦୁଝରରେ ବଡ ବଡ ଚାକିରି ପ୍ରଭୃତିରେ ଅବସ୍ଥାପିତ । ନିଜ ସଂପ୍ରଦାୟର ସଂସ୍କୃତି ଅନେକ ପରିମାଣରେ ସେମାନଙ୍କୁ ଆକୃଷ୍ଟ କରି ରଖିଅଛି । ଶିମିଳିପାଳ ଅରଣ୍ୟସ୍ଥ ଅଠର ଦେଉଳ ତାଙ୍କର ମୁଖ୍ୟ ତୀର୍ଥ ସ୍ଥାନ । ପ୍ରକୃତି କୋଳରେ ଥାଇ ଜୀବନକୁ ଉପଭୋଗ କରିବା ସେମାନେ ଜାଣିଛନ୍ତି । ତାଙ୍କର ଲୋକଗୀତ ଗୁଡିକରେ ଏହା ପ୍ରତିଫଳିତ ।

"ଜୁହାର ତତେ ବଡାମ୍ ସବୁ ତୋହରି ଦାନ
ଶୀତ, ଖରା, ବର୍ଷା ବିଲବାଡି ବେଉସା
ଚାଷ ନାଚୀ ବସୁମତି ମା ହୁଏ ଉଛନ୍ନ ।
ଜୁହାର ତୋତେ ବଡାମ୍
ହଳ ଲଙ୍ଗଳ ଧରିବା ନକ୍ଷ୍ମୀମା ଚାହିଁନେ
ବର୍ଷର ଦୁଃଖ ଯିବ ଧାନ ପାଇଲେ
ଜୁହାର ତୋତେ ବଡାମ୍" ।

ଉପରୋକ୍ତ ଲୋକଗୀତଟିକୁ ବର୍ଣ୍ଣିତ ହୋଇଥିବା ପ୍ରକୃତି, ପରିବେଶ, ଅରଣ୍ୟରୁ ସଂଗୃହୀତ ଫୁଲ ଫଳ, ମାସ ବର୍ଷ ଋତୁ, ଚାଙ୍ଗୁ ନୃତ୍ୟ ପ୍ରଭୃତି ସବୁ କିଛି ବଡାମ୍ ଠାକୁରଙ୍କ ଦାନ ବୋଲି ବିଶ୍ୱାସ କରାଯାଇଅଛି ଏବଂ ଏଠାରେ ଶିମିଳିପାଳର ଜୈବବିବିଧତାର ଆଧାର ବିଷୟରେ ଉଲ୍ଲେଖ କରାଯାଇଅଛି ।

**ସାନ୍ତାଳ, କୋହ୍ଲ, ମୁଣ୍ଡା**

ହୋ, ସାନ୍ତାଳ, ପ୍ରଭୃତି କୋହ୍ଲ ଓ ମୁଣ୍ଡା ମାନଙ୍କଠାରୁ ଅର୍ଥନୈତିକ ଓ ସାମାଜିକ ଦିଗରୁ ବହୁତ ଆଗରେ ଅଛନ୍ତି । ପ୍ରକୃତି ଓ ପରିବେଶ ସେମାନଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ସେମାନଙ୍କ ଲୋକଗୀତରୁ କେତୋଟି ଉଦାହରଣ ଦିଆଯାଇପାରେ ।

ହୋ-
ମାରାଂବୁରୁ ରେ ୟାଃ ସାରଜମ୍‌ବାଳା
ଦିଉରୀ ରାଚା ରୋକ ସଜେଇତାଡା
ହୁଲିଂ ବୁରୁଗେୟାଃ ସାରଜମ୍ ବାଳା
ଦିଉରୀ ରରା ରେକ ଆଗୁତାଡା
ମାରାଂବୁରୁ ରେୟା ସାରଜମ୍ ବାଳା
ଇଲିଡିୟାଂ ତେକ ଦିଲିତାଡା
ହୁଡିଂ ବୁରୁ ରେୟାଃ ସାରଜମ୍ ବାଳା ।
ସାରଜମ୍ ବାଳା ତ ଲେବେର ଲେବେର ।

ଏହାର ଭାବାର୍ଥ ହେଉଛି, ଦେହୁରିଙ୍କ ଅଗଣାରେ ଶାଳଫୁଲ ପହଞ୍ଚିଲେ, ସାନ ଜଙ୍ଗଲରୁ ମଧ୍ୟ ଶାଳଫୁଲ ଆସିଲା । ବଡ ଜଙ୍ଗଲର ଶାଳଫୁଲକୁ ସଂଖୋଳି ହାଣ୍ଡିଆ ଓ ରସି ପରଶିଲେ । ସାନଫୁଲ ମାନେ କିଛି ଆଳ ଲୋଡିଲେ ନାହିଁ । ସାନ ନୁହେଁ ଫୁଲ ବୋଲି ସେମାନେ ଭାରିକଅଁଳ ।

**ମୁଣ୍ଡା ସଂପ୍ରଦାୟ**

ମୁଣ୍ଡା ସଂପ୍ରଦାୟ ଉଭୟ ପାହାଡ ଉପତ୍ୟକା ଓ ନଦୀ କୂଳ ସମତଳ ଅଞ୍ଚଳରେ ମଧ୍ୟ ବସବାସ କରିଥାଆନ୍ତି । ତାଙ୍କ ସଂପ୍ରଦାୟର ବିଭନ୍ନ ପର୍ବପର୍ବାଣୀ ଗୁଡିକରେ ଏବଂ ସାଧାରଣ ଭାବେ କୃଷି କର୍ମବେଳେ ସେମାନେ ବିଭିନ୍ନ ପ୍ରକାର ଗୀତ ବୋଲିଥାଆନ୍ତି ଯଥା -

> **ପ୍ରକୃତି ଓ ପରିବେଶ ସେମାନଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ ।**

ଜେଟେସିଙ୍ଗି ତେବାଃ ଲେନା
ତେଟେ ଦୁଲା ଅଟାଂଲେନା
ଜାର୍‌ଗି ଦାଃ ତେବାଃ ଲେନା
ଜାର ଗି ଲସଦ୍ ପାସିରଲେନା ।
ଅକଏ ଗେସୀତାନ୍
ତେଟେ ଦୁଲା ଅଟାଂଲେନା
ଚିମାଏଗେ ଖାରାତାନ୍
ଜାରଗି ଲସଦ୍ ପାସିର ଲେନା ।

ଅର୍ଥାତ୍ ଖରାଦିନେ ଧୂଳି ପଟଳ ଉଡେ । ମେଘ ଦିନେ ଛିଟା କାଦୁଅ ପଡେ । ଧୂଳି ଉଡି ଯାଉଥିବା ଓ ହଳ ହେଉଥିବା ଦୃଶ୍ୟ ଚିହ୍ନିତ । ଝଡି ବରଷାରେ କାଦୁଅ ଛିଟିକେ, କିଏ କୁରାଳରେ ଜମି ହାଣି ମାଟି ସମାନ କରେ । ପାଣିପାଗ ଓ ପ୍ରକୃତି, କୃଷି ପରିବେଶ ସବୁ ଲୋକଗୀତ ଗୁଡିକରେ ଭରପୂର ହୋଇସାରିଛି ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଲୋକଗୀତ ନୁହେଁ ଅନ୍ୟାନ୍ୟ ଲୋକକଥା ତଥା ପ୍ରବାଦ ଗୁଡିକରେ ମଧ୍ୟ ପ୍ରକୃତି ଓ ପରିବେଶ ଏକାଧାରାରେ ପ୍ରତିଫଳିତ ।

□□

ଲେଖକଙ୍କ ଇ-ମେଲ ଠିକଣା:
bimbadhar.behenra@gmail.com



ଶିଶୁ ସାହିତ୍ୟ

# ଠୁସି ଚଢ଼େଇ ଓ ସ୍ଥଳପଦ୍ମ

ରବୀନ୍ଦ୍ରନାଥ ମାଝୀ

ଠୁସି ଚଢ଼େଇ କେଉଁଠି ଥାଏ, ସକାଳ ହେଲେ ଗଛ ଡାଳରେ ଆସି ଡିଏଁ। ପତର ହେଉ କି ଫୁଲ ହେଉ.... ପଡି ରହିଥିବା କାକର ଶୋଷି ନିଏ। କାକର ପିଉଥାଏ। ଗୀତ ଗାଉଥାଏ। ବୁଢ଼ା ଆଙ୍ଗୁଠିଠୁ ଟିକେ ବଡ ଏଇ କୁନି ଚଢ଼େଇଟି। ଟାଉଁ ଟାଉଁ ଗୀତରେ ସକାଳ ଉଚ୍ଛୁଳିପଡେ।

ସ୍ଥଳ ପଦ୍ମ ଗଛରେ ଫୁଲ ଫୁଟିଥିଲା। ଧଳା ରଙ୍ଗର ଫୁଲଟିଏ। ଠୁସି ମା' ତା ଛୁଆକୁ ଚିହ୍ନେଇ ଦେଲା ଏ ଫୁଲକୁ। ଛୁଆଟି ଚିହ୍ନିଲା ଯେ ସେ ଗଛର ଫୁଲ ବଡ଼ ଧଳା ଫୁଲଟିଏ। ମାଆ ଛୁଆ କାକର ଶୋଷି ଛାଇ ଗହଳରେ ଯାଇ ଲୁଚିଗଲେ। ସେମାନେ ଖରା ସହି ପାରନ୍ତି ନାହିଁ।



ଆକାଶରେ ସୂର୍ଯ୍ୟ ଉପରକୁ ଉଠିଲା। ଖରା ତେଜରେ ମାଆଠୁ ଅଳ୍ପ ଦୂରରେ ବସି ଦେଖିଲା ଦେଖିଥିବା ଫୁଲ ଗଛଟି ଗୋଲାପି ଗୋଲାପି ଦିଶୁଛି। ସେ ଆଶ୍ଚର୍ଯ୍ୟ ହୋଇଗଲା। ଫୁଲଟିକୁ କେହି ତ ତୋଳି ନାହିଁ। ଯେଉଁଠି ଧଳା ଫୁଲଟି ଥିଲା ସେଠିକି ଗୋଲାପି ଫୁଲଟି କେଉଁଠୁ ଆସିଲା ?

ମାଆକୁ ପଚାରିଲା, "ଧଳା ଫୁଲଟିକୁ କିଏ ନେଇଗଲା। ଠିକ୍ ସେଇଠି ସେହିଭଳି ଗୋଲାପି ଫୁଲଟି ରଖି ଦେଇଗଲା ? କେହି ଆସିବା ତ ସେ ଦେଖିନାହିଁ।" ମାଆ କହିଲା, "ଖରା ବଢୁଛି। ବଡ ବଡ ପକ୍ଷୀ ଉଡି ଆସିଲେଣି। ଛଆଣ କେଉଁଠି ଲୁଚିଥିବ। ପାଟି ଶୁଣିଲେ ଏଠିକି ଉଡିଆସିବ।" ଠୁସି ଛୁଆ ଚୁପ୍ ହୋଇଗଲା।

ଛାଇ ଗହଳରେ ଦି' ପହର କଟିଗଲା। ଛାଇ ଲେଉଟିଲା, ସୂର୍ଯ୍ୟ ପଶ୍ଚିମ ଦିଗକୁ ଆସିଗଲେ। ବୁଡିବାକୁ ଗଲାବେଳେ ଠୁସି ଛୁଆଟି ଦେଖିଲା ପୁଣି ଏକ ବିଚିତ୍ର କଥା। ଗୋଲାପି ଫୁଲଟି ଲାଲ୍ ଦିଶୁଛି। ଆଖି ମଳି ଆଉ ଥରେ ଚାହିଁଲା। ସେହି ଧଳା ଫୁଲଟି ଗୋଲାପି ହୋଇଯାଇଥିଲା। ଏତେ ଲାଲ ହେଲା କେମିତି ?

ଠୁସି ଚଢ଼େଇ ଛୁଆକୁ କହିଲା, "ଧନରେ! ସଞ୍ଜ ବୁଡିବ, ଘୁମେଇ ଯା' ସକାଳ ହେଲେ ସେ ଗଛ ମୂଳକୁ ଉଡିଯିବା। ପଚାରିବା ତାକୁ। ତା' ଫୁଲ ଏମିତି ରଙ୍ଗ ବଦଳେଇ ପାରୁଛି କେମିତି ?"

ସ୍ଥଳପଦ୍ମ ଫୁଲ ଦିନକ ଭିତରେ ରଙ୍ଗ ବଦଳାଇଥାଏ। ସକାଳ ଧଳା ହୋଇ ଫୁଟେ, ଅଧା ଦିନରେ ଗୋଲାପି ହୁଏ ଓ ଦିପହରୁ ସଞ୍ଜ ଭିତରେ ଲାଲ ପଡିଯାଇ ଫୁଲ ନାଡରେ ଝୁଲି ରହେ। ବଡ଼ ବିଚିତ୍ର ଏହି ଫୁଲଟି। ସୂର୍ଯ୍ୟମୁଖୀ ସୂର୍ଯ୍ୟକୁ ଦେଖି ସକାଳେ ପୂର୍ବକୁ ମୁହଁ କରିଥାଏ। ସଞ୍ଜବେଳକୁ ଚାହେଁ ବୁଡିଲା ସୂର୍ଯ୍ୟକୁ। ପଶ୍ଚିମକୁ ଥାଏ ମୁହଁ। ହାଲକା ହଳଦିଆ ମନ୍ଦାର ଖରା ତାତିରେ ଧଳା ପଡିଯାଏ। ମାତ୍ର ସ୍ଥଳପଦ୍ମର ଫୁଲ କିପରି ରଙ୍ଗ ବଦଳାଇପାରେ... ସେ କଥା ଜାଣିବା ପାଇଁ ଠୁସି ଚଢ଼େଇର ଛୁଆଟି ମାଆକୁ ବାରମ୍ବାର ପ୍ରଶ୍ନ କରୁଥାଏ।

ମାଆ ଜାଣିଛି କାକର ପାଣି ସବୁଠୁ ଶୁଦ୍ଧ ଓ ପରିଷ୍କାର। ନଈ କି ଗାଡିଆରୁ ସେ ପାଣି ପିଏ ନାହିଁ କାରଣ ସେଠାକାର ପାଣି ଅପରିଷ୍କାର। କାହାକୁ ପଚାରିବ ? ଡାଳରେ ବସି ଭାବୁଛି ଗୁଣ୍ଡୁଚି 'ଚିରଚିଟ୍ ଚିରଚିଟ୍' କରି ଏ ଡାଳରୁ ସେ ଡାଳକୁ ଡେଇଁ ପଡିଲା।


ଠୁସି ଚଢ଼େଇ 'ଟାଉଁ ଟାଉଁ' ବୋବାଇବା ଦେଖି ଗୁଣ୍ଡୁଚି

ରହିଯାଇ ଠୁସି ଓ ତା' ଛୁଆ ଆଡେ ଚାହିଁଲା।

ଠୁସି ପଚାରିଲା, "ଗୁଣ୍ଡୁଚି ଭାଇ ! ଏ ସ୍ଥଳପଦ୍ମ କେମିତି ଏତେ ରଙ୍ଗ ବଦଳାଇ ପାରୁଛି ?"

ଗୁଣ୍ଡୁଚି କହିଲା, "ମୁଁ କେମିତି ଜାଣିବି ? କୁନାକୁ ପଚାରିବା।"

କୁନାର ସ୍କୁଲ ଛୁଟି ହେଲା। ସେ ଘରକୁ ଯାଇ ଜଳଖିଆ ଖାଇ ଖେଳିବାକୁ ବାହାରିବା ବେଳେ ଗୁଣ୍ଡୁଚି ପୁଣି 'ଚିରଚିଟ୍ ଚିରଚିଟ୍' କଲା।



କୁନା ଉପରକୁ ଚାହିଁଲା। ଦେଖିଲା ଗୁଣ୍ଡୁଚି ତାକୁ ଚାହିଁ କହୁଛି, ସ୍ଥଳପଦ୍ମ ଧଳା ହୋଇ ଫୁଟେ, ଗୋଲାପି ହୁଏ, ସଞ୍ଜ ଆଗରୁ ଲାଲ୍ ହୁଏ କେମିତି ?

କୁନା ଏ କଥା ଆଗରୁ ସାରଙ୍କ ଠାରୁ ବୁଝିସାରିଥିଲା। କହିଲା, "ରଙ୍ଗକଣିକା ଯୋଗୁ ଫୁଲରେ ରଙ୍ଗ ଧରେ। ଗୋଟିଏ ରଙ୍ଗକଣିକା ଅଛି। ନାଁ ତାର 'ଆନ୍ଥୋସିନ୍'। ପାଣିରେ ମିଶି ଗଛର ଚେରରୁ ଫୁଲ କଢ଼ ଆଡକୁ ଏହା ଉଠିଆସେ। ଥଣ୍ଡା ସମୟରେ ଏହା ଯୋଗୁ ପାଖୁଡାରେ ଧଳା ଓ ହାଲୁକା ଗୋଲାପି ରଙ୍ଗ ହୁଏ। ସୂର୍ଯ୍ୟ ନଇଁ ଗଲେ ପାଖୁଡାକୁ ଲାଲ ପକେଇଦିଏ। ମାତ୍ର ଫୁଲ ଝଡେ ନାହିଁ। ତା'ପରଦିନ ଲାଲ ପାଖୁଡାକୁ ବୁଜି ଫୁଲ ଗଛରେ ରହିପାରେ।"

ଆନ୍ଥୋସିନ୍ ସହଜରେ ପାଣିରେ ମିଶେ। ଖରା ବଢ଼ିଲେ କି କମିଲେ ଏହାର ପରିମାଣ ବଢ଼େ ବା କମେ। 'ଆନ୍ଥୋ' କହିଲେ ଫୁଲ, ସିଆନିନ୍ କହିଲେ ନୀଳ। ମାତ୍ର ଆନ୍ଥୋସିନ୍ ସବୁବେଳେ ନୀଳରଙ୍ଗ ହୋଇ ନ ଥାଏ। ଏହି ରଙ୍ଗକଣିକା ଯୋଗୁ ସ୍ଥଳପଦ୍ମର ପାଖୁଡା ଧଳା, ଗୋଲାପି ଓ ଲାଲ୍ ରଙ୍ଗରେ ବଦଳି ଯାଇଥାଏ।

ଠୁସି ଚଢ଼େଇ କହିଲା, 'ଟାଉଁ ଟାଉଁ'। ଛୁଆକୁ କହିଲା, "ବୁଝିଲୁ ! ପ୍ରକୃତରେ ଏମିତି କେତେ କାରଣରୁ କେତେ କେତେ ବିଚିତ୍ର କଥା ଆମେ ଦେଖୁ। ପ୍ରକୃତି ସୁନ୍ଦର...। ତା ଭିତରେ ଲୁଚି ରହିଛି ଅଜଣା ଏମିତି କେତେ କୌଶଳ...।"

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ସାହିତ୍ୟାନୁରାଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏନାହିଁ।

୭. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୮. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୯. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକର ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




ପୁସ୍ତକ ସମୀକ୍ଷା

# ବୋଉ ହଜିଲା ଓ ମିଳିଲା

**ଲେଖକ: କମଳାକାନ୍ତ ମହାପାତ୍ର**
**ପ୍ରକାଶକ: ଫୋର କର୍ନର୍ସ୍, ଭୁବନେଶ୍ୱର**
**ନବୀନ ସଂସ୍କରଣ: ୨୦୨୨, ମୂଲ୍ୟ: ଟ. ୩୯୯/-**

‘୧୯୮୪ ଡିସେମ୍ବର ଷୋହଳ ତାରିଖ ରବିବାର ଦିନ ମୋ ବୋଉ ହଜିଗଲା। ସମୟ ସନ୍ଧ୍ୟା ପାଞ୍ଚଟା ବେଳୁ ପରଦିନ ଉପରବେଳା ପାଞ୍ଚଟା ପର୍ଯ୍ୟନ୍ତ ପ୍ରାୟ। ଯେଉଁ ସଂସାରରେ ସୃଷ୍ଟି ନାଶ ଯିବାକୁ ନିମିଷକେ ମାତ୍ର ଢେର, ସେଠି ଚବିଶ ଘଣ୍ଟା ତ ବହୁତ ବେଶି, ଚବିଶ ମିନିଟ୍ ମଧ୍ୟ ଅନନ୍ତ କାଳ।’ ଭାଷାବିନ୍ୟାସର ଏହି ଅନ୍ତରଙ୍ଗ ସ୍ୱରରୁ ହିଁ ପାଠକେ ଅନୁଭବ କରିପାରୁଥିବେ ଆଲୋଚିତ ପୁସ୍ତକଟିର ନିଆରା ସ୍ୱାଦ।

ଏହାକୁ ଲେଖକଙ୍କର ପୂର୍ବ ପ୍ରକାଶିତ ଆତ୍ମଜୀବନୀ ‘ଜନମରୁ ମରଣ’ର ପରବର୍ତ୍ତୀ ଭାଗ ବୋଲି କୁହାଯାଇପାରେ। କିନ୍ତୁ ଏହି ‘ବୋଉ ହଜିଲା ଓ ବୋଉ ମିଳିଲା’ ବହି ଟିକୁ କେବଳ ଆତ୍ମଜୀବନୀ ବୋଲି କହିଲେ ଏଥିପ୍ରତି ଯଥାର୍ଥ ନ୍ୟାୟ କରିହେବନାହିଁ। କ’ଣ ନାହିଁ ଏଥିରେ ? ଉପନ୍ୟାସ, ଗଦ୍ୟାକାରର କବିତା, କ୍ଷୁଦ୍ରଗଳ୍ପ - ଏସବୁର ପୁଲକଭରା ସମ୍ମିଶ୍ରଣ ଯେମିତି ରୂପାୟିତ ହୋଇଛି ପୁସ୍ତକଟିରେ।

ଜଣେ ସୃଜନଶୀଳ ରଚନାକାର ଯେତେବେଳେ ନିଜ ବୋଉଙ୍କର ସ୍ମୃତିଚାରଣ କରନ୍ତି, କେମିତି ବିଭୋର ଓ ପ୍ରଗଳ୍ଭ ହୋଇଉଠେ ତା’ଙ୍କର କଲମ ଏହା ହେଉଛି ତାହାର ପ୍ରକୃଷ୍ଟ ନିଦର୍ଶନ। ପାଠକକୁ ମନ୍ତ୍ରମୁଗ୍ଧ କରିରଖିବାପାଇଁ ଏଥିରେ ଅଛି କିଛି ନିଆରା ଉପାଦାନ, ଯାହା ଫଳରେ ଏଇଟିକୁ ଥରେ ପଢିବା ଆରମ୍ଭ କରିବାପରେ ଶେଷ ନକରିପାରିଲେ ମନଟି ତାହାରି ପାଖରେ ମନଟି ଅଟକି ରହିଥାଏ। କାହିଁକି ହୁଏ ଏମିତି ? କାରଣଟି ସ୍ପଷ୍ଟ। ଆମେ ସମସ୍ତ ପାଠକ ନିଜ ନିଜ ବୋଉର ଏକ ଯଥାର୍ଥ ପ୍ରତିଫଳନ ଦେଖିପାରୁ ଏହାର ପ୍ରତିଟି ପୃଷ୍ଠାରେ। ମନେହୁଏ, ଲେଖକ ଯେମିତି ଆମ ବୋଉଙ୍କ କଥା କହୁଛନ୍ତି। ତା’ବି ବୋଉ ଆମକୁ ଯେଉଁ ଭାଷାରେ କଥା କହେ, ଠିକ୍ ସେମିତି। ଭାଷା ବିନ୍ୟାସରେ ଟିକିଏ ବି କୃତ୍ରିମତା ଅନୁଭବ କରିହୁଏ ନାହିଁ। ଯେମିତି ଆମେ ଅଧ୍ୟାୟ ପରେ ଅଧ୍ୟାୟ ଆଗକୁ ମାଡିଚାଲୁ ବୋଉକୁ ନେଇ ଘଟିଥିବା ଘଟଣା ଓ ଅଘଟଣାମାନଙ୍କ ସମ୍ପର୍କରେ ଉତ୍କଣ୍ଠା ଆହୁରି ବଢୁଥାଏ। ଯେମିତି, “ଥରେ କଲେଜ ଛୁଟିରେ ମୁଁ ଘରକୁ ଫେରିଥାଏ। ବୋଉ ମାଡ଼ ଖାଇବାକୁ ମୋର ଭାରି ଇଚ୍ଛା ହେଲା। ମୁଁ ବୋଉକୁ ଯେତେ କହିଲି ସେ ମୋଟେ ଶୁଣିଲା ନାହିଁ, ଖାଲି ହସିଲା, କହିଲା, ‘ଇଏ କି ଅଭିଲା କଥା’।”

ଏବର ଯୁଗରେ ବହି ବୋଧହୁଏ ଆଉ ମଣିଷର ଆଦରର ସାମଗ୍ରୀ ହୋଇ ରହିନାହିଁ। ଏଣୁ ପାଠକୀୟତା ତୀବ୍ର ଭାବରେ ହ୍ରାସ ପାଇଛି। କିନ୍ତୁ ଆମର ବିଶ୍ୱାସ ଯେ ‘ବୋଉ ହଜିଲା ଓ ମିଳିଲା’ ଭଳି ପ୍ରକାଶନ, ବହି ପଢ଼ିବା ପ୍ରତି ପାଠକର ରୁଚିକୁ ପୁନଃଜାଗରିତ କରିବାରେ ମୂଲ୍ୟବାନ ଭୂମିକା ନେବେ।

ଆମେ ଆମର ଏହି କ୍ଷୁଦ୍ର ସମୀକ୍ଷାଟିର ପରିସମାପ୍ତି କରିବାକୁ ଚାହିଁବୁ ବହିଟି ସଂପର୍କରେ ବିଶିଷ୍ଟ ସମୀକ୍ଷକ ଶ୍ରୀ ଭାସ୍କର ପରିଛାଙ୍କ ଏକ ଟିପ୍ପଣୀକୁ ଉଦ୍ଧୃତ କରି :

‘ଏଥିରେ ସାହିତ୍ୟ ଅଛି, ଭୂଗୋଳ ଅଛି, ମନସ୍ତତ୍ତ୍ୱ ଅଛି ... ହଜିଲା ଦିନର ଆଲେଖ୍ୟ କେବଳ ନୁହେଁ ... କେବଳ ଜୀବନୀ ଦୃଷ୍ଟିରୁ ବିଚାର ନକରି ଏଥିରେ ଥିବା ସମସାମୟିକତାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ ... ଏକ ଜବରଦସ୍ତ ଆତ୍ମକାହାଣୀ ...।’

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଖୋରଧାରେ ଅନୁଷ୍ଠିତ ହେଲା ଅନୁବାଦ ସାହିତ୍ୟ ଉପରେ ଆଲୋଚନା ଚକ୍ର




ଖୋରଧାରୁ ନିୟମିତ ଭାବେ ପ୍ରକାଶ ପାଉଥିବା 'ଆମରି ସତ୍ୟ' ପତ୍ରିକା ତରଫରୁ ଅନୁବାଦ ସାହିତ୍ୟ ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ ବିଶ୍ୱାମିତ୍ର ସେବା ଟ୍ରଷ୍ଟ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ 'ଆମରି ସତ୍ୟ'ର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଅଧକ୍ଷତା କରିବା ସହିତ ଅନୁବାଦ ସାହିତ୍ୟର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦକ ଶ୍ରୀଯକ୍ତ ସୁଭାଷ ଶତପଥୀ ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ବୋଲି କହିଥିଲେ।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶିଷ କୁମାର ରାୟ ନିଜ ବକ୍ତବ୍ୟ ଉପସ୍ଥାପିତ କରି କହିଥିଲେ ଯେ ଓଡ଼ିଆ ଭାଷାର ସାହିତ୍ୟକୁ ଅଧିକ ସଂଖ୍ୟାରେ ଅନ୍ୟ ଭାଷାରେ ଅନୁବାଦ କରାଯିବା ନିହାତି ଆବଶ୍ୟକ। ଅନ୍ୟତମ ବକ୍ତା ଭାବେ ଉପସ୍ଥିତ ରହି କବି, ଅନୁବାଦକ ତଥା ରେଡିଓ ନାଟକ ଶିଳ୍ପୀ ସମରଜିତ ପଟ୍ଟନାୟକ କହିଲେ ଯେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ପ୍ରଥମରୁ ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

## ବିଶିଷ୍ଟ ସାହିତ୍ୟିକ ଗଗନେନ୍ଦ୍ର ନାଥ ଦାଶଙ୍କ ମହାପ୍ରୟାଣ



ଓଡିଶାର ଖ୍ୟାତନାମା ଭାଷାବିତ୍, ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ଡ଼. ଗଗନେନ୍ଦ୍ର ନାଥ ଦାଶ ନଭେମ୍ବର ୧୯ ତାରିଖ ଦିନ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ବ୍ୟାଧିରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ।

କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ତଥା ଓଡିଶା ସରକାରଙ୍କର ଅତିବଡି ଜଗନ୍ନାଥ ଦାସ ସମ୍ମାନରେ ଭୂଷିତ ହୋଇଥିବା ଡ. ଦାଶ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ ଭାବରେ ପରିଗଣିତ ହେଉଥିଲେ। ସେ ୨୦୦୦ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପଦବୀରୁ ଅବସର ଗ୍ରହଣ କରିଥିଲେ। ସେ ବହୁ ପ୍ରବନ୍ଧ ଓ ସମାଲୋଚନା ମୂଳକ ତଥା ଭାଷା ବିଜ୍ଞାନ ଭିତ୍ତିକ ପୁସ୍ତକମାନ ରଚନା କରିଯାଇଛନ୍ତି। ତନ୍ମଧ୍ୟରେ 'ନବଦିଗନ୍ତର ସନ୍ଧାନରେ' (୨୦୧୬), 'ଓଡ଼ିଆ ବ୍ୟାକରଣ' (୧୯୯୫), 'ନିର୍ବାଚିତ ପ୍ରବନ୍ଧ ସଂକଳନ' (୨୦୦୫) ଓ ନବ ଦିଗନ୍ତର ସନ୍ଧାନରେ (୨୦୧୬) ଅନ୍ୟତମ। ତାଙ୍କର ସର୍ବଶେଷ ପୁସ୍ତକ 'ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି – ବୀକ୍ଷା ଓ ସମୀକ୍ଷା', ଚଳିତ ବର୍ଷ ପ୍ରକାଶିତ ହୋଇ ପାଠକଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇଛି। ଡ. ଦାଶଙ୍କ ବିୟୋଗରେ ଓଡ଼ିଶାର ସାହିତ୍ୟିକ ମହଲରେ ଗଭୀର ଶୋକର ଛାୟା ଖେଳି ଯାଇଛି।

## ଶେଷ ପୃଷ୍ଠା



# ରତ୍ନୋଦଧି *

"ଅମନ୍ତ୍ରମକ୍ଷରଂ ନାସ୍ତି ନାସ୍ତି ମୂଳମନୌଷଧମ୍।
ଅଯୋଗ୍ୟଃ ପୁରୁଷୋ ନାସ୍ତି ଯୋଜକସ୍ତତ୍ର ଦୁର୍ଲଭଃ।।"

ଏହି ସୁଭାଷିତ ଏକ ସମୟୋଚିତ ପଦ୍ୟମାଳିକା ଆମ ସଭିଙ୍କ ଜୀବନଯାତ୍ରାକୁ ପ୍ରଜ୍ଞାମୟ କରିବା ନିମନ୍ତେ। ଉପରୋକ୍ତ ଦୁଇପଦ ସେଇ ସୁଭାଷିତରୁ ପାଇଥିଲି। ଅନେକ ଥର ପଢ଼ିଛି; ଘୋଷି ବୁଝି ଜାଣି ରଖିଛି ଏହାର ମର୍ମ :

"ପ୍ରତ୍ୟେକ ଶବ୍ଦରେ ମଧୁରତା, ପ୍ରତ୍ୟେକ ଉଦ୍ଭିଦରେ ଗୁଣକାରିତା, ତଥା ପ୍ରତ୍ୟେକ ମାନବରେ ସକ୍ଷମତା ଅଛି; ହେଲେ ସେଇ ଆସକ୍ତିର ଆତ୍ମପ୍ରତ୍ୟୟ ହିଁ ବିରଳ।"

ଏଇ ସବୁରି ପାଇଁ ଜ୍ଞାନ ଆହରଣ ଏକାନ୍ତ ଅପରିହାର୍ଯ୍ୟ। ହେଲେ ଜ୍ଞାନ କ'ଣ ହାଟରେ ମିଳେ ନା ବାଟରେ ଗଡ଼େ। ଜ୍ଞାନ ମିଳେ ଗୁରୁଙ୍କ ଠାରୁ, ହେଲେ ଏଇ ସମାଜର ଏକଲବ୍ୟଙ୍କୁ ସମୟ ସମୟରେ ନଶ୍ୱର ଗୁରୁଟିଏ ମିଳେନା। ଏଣୁ କେତେ ଏକଲବ୍ୟ, କେତେ ଧ୍ରୁବ ଏହି ଭଳି ଗୁରୁ ଓ ଗୋବିନ୍ଦଙ୍କୁ ଖୋଜିବାକୁ ସଂସାର ଅରଣ୍ୟରେ ହଜିଯାନ୍ତି। ଆଉ ସେମାନଙ୍କ ପାଇଁ ଆବିର୍ଭାବ ହୁଏ, ବହିଟିଏ। ହଁ, ବହିଟିଏ। ଅଳପ ଥାନରେ ନିର୍ଦ୍ୱନ୍ଦ୍ୱରେ ନିରାଡ଼ମ୍ବରରେ ରହିପାରୁଥିବା ବହିଟିଏ; ଜ୍ଞାନର ଭଣ୍ଡାରଟିଏ। ଆଉ ଏହି ବହି କେତେବେଳେ, କେଉଁଠି, କାହାପାଇଁ, କେଉଁମତେ ମିଳିଥାଏ। ମିଳିଥାଏ; ପୋଥି, ପୁରାଣ, କାବ୍ୟ, ଗ୍ରନ୍ଥ, ପ୍ରଭୃତି ରୂପରେ। ସେଇ ଭିତରେ ଘରର ବୋହୂଠାରୁ ଆରମ୍ଭ କରି ଦାଣ୍ଡପିଣ୍ଡାରେ ଅଳସ ମାରୁଥିବା ବୁଢ଼ାଜେଜେ ମଧ୍ୟ ହଜିଯାନ୍ତି। ପଢ଼, ଦିନ-ଆଲୁଅରେ ଅବା ସନ୍ଧ୍ୟାଦୀପରେ; ପଢ଼, ସିଂହାସନ ଉପରେ ଅବା କ୍ଷେତମୁଣ୍ଡାଳିରେ; ପଢ଼, ଜ୍ଞାନୀଗୁଣୀଙ୍କ ସହ ଅବା ଅଜ୍ଞାନମେଳରେ; ସମସ୍ତଙ୍କ ପାଇଁ ବହିଟିଏ; ଏକ ଧ୍ରୁବାଙ୍କ। ଭେଦଭାବ ସେ କରେ ନାହିଁ ଇତର ଅବା ବ୍ରହ୍ମଜ୍ଞାନୀରେ; ସେଇ ଅବବୋଧରେ ସମସ୍ତଙ୍କୁ ଜ୍ଞାନ ବାଣ୍ଟିଥାଏ। ସେ କାମଧେନୁଟିଏ ସମାଜ ପାଇଁ।

ଗାଁ ଗାଁରେ ଏବେ ଅନେକ କିଛି ଭାଙ୍ଗୁଛି, ହଜୁଛି, ପଡୁଛି, ଛିଡ଼ୁଛି; ଆଉ ସେଇ ଭିତରେ ହଜିଗଲାଣି ଭାଗବତ ଟୁଙ୍ଗି। ଶୁଭପର୍ବ ଦିନମାସରେ ଆଉ ଶୁଣାଯାଉନି କାର୍ତ୍ତିକ ମାହାତ୍ମ୍ୟ ଚିନି ଆଉ ଇଟିମଲା ଗୁଡ଼ଚିନି ସହ। ଭାଗବତ ପଢ଼ିବା ପାଇଁ ଦାଦିବୁଢ଼ା ଆଉ ତା' ଚଷମା ଖୋଜୁନି। ଝିଅର ପେଡ଼ିରେ ଆଉ ଶାଶୁଘରକୁ ଉପନ୍ୟାସ ବହିଟିଏ ଯାଉନି। ସବୁ ଧୀର ପଡ଼ିଗଲାଣି।

ସୁଧୀବୃନ୍ଦ, ପୁସ୍ତକଟିଏ ପଢ଼ନ୍ତୁ; ଜ୍ଞାନ ଆହରଣ କରନ୍ତୁ। ପାଠାଗାରଟିଏ; ଗାଁ ଗାଁରେ ପ୍ରତିଷ୍ଠା କରନ୍ତୁ; ଜ୍ଞାନର ମନ୍ଦିରର ଦୁଆର ଖୋଲି ଦିଅନ୍ତୁ। ଏଣୁ ଦୁଇପଦ ଅନୁରୋଧ କରି ଓଡ଼ିଶାର ଭାଇ ଓ ଭଉଣୀଙ୍କ ପାଇଁ ଲେଖିଥିଲି;

ବହିଟିଏ କିଣି ପଢ଼ି ବୁଝି ଜାଣି
କହିବା ଆନକୁ ପଦେ।
ତେବେ ତ ସଭିଏଁ ବୁଝିଯିବେ ମୂଳ
ପାଠାଗାର ପାଇଁ ଯିବେ।

ପ୍ରଶ୍ନ ପଚାରିଥିଲି ସଞ୍ଚାର ମାଧ୍ୟମରେ ସଭିଙ୍କୁ; ବହିଟିଏ କିଣିଲେ କି ଆଜି, ଗତକାଲି, ଗତମାସ, ଗତବର୍ଷରେ! ଯଦି ବହିଟିଏ କିଣି ନାହାନ୍ତି; କିଣନ୍ତୁ। ପଢ଼ି ନାହାନ୍ତି; ପଢ଼ନ୍ତୁ। ବନ୍ଧୁବାନ୍ଧବଙ୍କ ଘରକୁ ଯାଉଛନ୍ତି କି; ବହିଟିଏ କିଣିନିଅନ୍ତୁ। ଜନ୍ମଦିନ ଓ ଶୁଭଦିନ ନିମନ୍ତେ ବାହାରିଛନ୍ତି କି! ପୁସ୍ତକାଳୟରୁ ବହି ଖଣ୍ଡିଏ ଶ୍ରଦ୍ଧାରେ ଦିଅନ୍ତୁ। ପିଲାଏ ବହିଟିକୁ ଆଦରି ନେଲେ; ସଂସାର ଉଦ୍ଧାର ହେବ; ମହାର୍ଦ୍ଦ ହେଉଛି ବହିଟିଏ ସେଇ ଅମୃତପ୍ରାଣଙ୍କ ନିମନ୍ତେ।

ଆସନ୍ତୁ ପ୍ରତିଷ୍ଠା କରିବା ପାଠାଗାରଟିଏ ସଭିଙ୍କ ପାଇଁ; ଆପଣା ଓଡ଼ିଶାବାସୀଙ୍କ ପାଇଁ। 'ଗାଁଟିଏ - ପାଠାଗାରଟିଏ'।


**-ପ୍ରଭୂ**

* **ରତ୍ନୋଦଧି** : 'ନାଳନ୍ଦା' ବିଶ୍ୱବିଦ୍ୟାଳୟର ସୁବିଶାଳ ପୁସ୍ତକାଗାର।




Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner



We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar – 751024, Odisha
Contact – 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers





RECOGNISED BY:

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

# Destination Unlimited

tour and travels

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...

Personalise Exp.
World Class Exp.
Save Money
Safety and Security
Save Time
One Stop Shoping
Peace of Mind
Travel Documents
Customer Supporting
Expert Advice



## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

**Head Office :** T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776

**Bhubaneswar Office :** Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143

**Kerala Office :** Venice Nogan-30, Lajanath Ward, Alappugha, Kerala-01 | Mob.: 9037179598




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy